₹: 25

# ଆମରି ସତ୍ୟ

# AMARI SATYA

ସପ୍ତମ ବର୍ଷ, ସପ୍ତମ ସଂଖ୍ୟା,
ମାସିକ, ଜାନୁୟାରୀ-୨୦୧୭
ପୃଷ୍ଠା ସଂଖ୍ୟା ୫୨

RNI Regn. No. - 107608/2010
Postal Regd. No. : PRI-33/2016-18



# 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ



ଡାଃ. ବିଜୟ କୁମାର ଦାଶ
ପାତ୍ରପଡା



ପ୍ରଫେସର ଗଙ୍ଗାଧର ରାଉତ
ଖୋରଧା



ଡ. ଗୀତାଶ୍ରୀ ମିଶ୍ର
ଭୁବନେଶ୍ୱର



ଅଧ୍ୟାପିକା ଅନ୍ନପୂର୍ଣ୍ଣା ବେହେରା
ଭୁବନେଶ୍ୱର



ଶ୍ରୀଯୁକ୍ତ ମାଧବାନନ୍ଦ ଦାସ
ଜଟଣୀ



ଅଧ୍ୟାପକ ସୁବାସ ଚନ୍ଦ୍ର ପାଣିଗ୍ରାହୀ
ତାଳଚେର



ଶ୍ରୀମତି ସୁମତୀ ଦେଈ
ଅସରଳା




ଶ୍ରୀଯୁକ୍ତ ରତ୍ନାକର ସ୍ୱାଇଁ
ଦିଗପହଣ୍ଡି



ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ
କେଗୁଳିଆ



ଶ୍ରୀଯୁକ୍ତ ତାରାଗୁପ୍ତ ଜେନା
ଭୁବନେଶ୍ୱର



ପ୍ରାଧ୍ୟାପକ ଅଲେଖ ଚରଣ ଭୂୟାଁ
ଖୋରଧା



ଡ. ଅଜୟ କୁମାର ସ୍ୱାଇଁ
ଖୋରଧା



ଅଧ୍ୟାପକ ଅଜୟ କୁମାର ମିଶ୍ର
ଖୋରଧା



ଶ୍ରୀଯୁକ୍ତ ମନୋଜ କୁମାର ପଶୁପାଳକ
ସେରଗଡ



ଶ୍ରୀଯୁକ୍ତ ଜଗନ୍ନାଥ ପଶୁପାଳକ
ସେରଗଡ



ଶ୍ରୀମତୀ ସଂଯୁକ୍ତା ସାହୁ
କେଗୁଳିଆ

# ଆମରି ସତ୍ୟ

## AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...


**ସପ୍ତମ ବର୍ଷ - ସପ୍ତମ ସଂଖ୍ୟା -ଜାନୁଆରୀ, ୨୦୧୭**

**RNI Regn. No. - 107608/2010 / Postal Regd. No. - PRI-33/2016-18**



**ସମ୍ପାଦକ ଓ ପ୍ରକାଶକ**

ଡଃ ପ୍ରସନ୍ନ କୁମାର ଜେନା

୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**

**ଡଃ ପ୍ରମୋଦ ଚନ୍ଦ୍ର ଦାଶ**

୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**

ସତ୍ୟବାଦୀ ବଳିଆରସିଂହ

୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**

ତ୍ରିଲୋଚନ ମହାପାତ୍ର

ସତ୍ୟନାରାୟଣ ସାମନ୍ତରାୟ

ଡ. ଅଜୟ କୁମାର ସ୍ୱାଇଁ

ଭବାନୀ ଶଙ୍କର ଦାଶ

**ସଂଯୋଜକ**

ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**

**ଡ. ପ୍ରେମଚନ୍ଦ ମହାନ୍ତି**

**ପଶ୍ଚିମ ଓଡ଼ିଶା (ସମ୍ବଲପୁର)**

**ପରିଚାଳନା ସଂଯୋଜକ**

ସର୍ବେଶ୍ୱର ମହାପାତ୍ର

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

**ରାକେଶ ସାହୁ**



**ଯୋଗାଯୋଗ:**

'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**

ଶ୍ରୀମତୀ ଗୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦


**ଗ୍ରାହକମାନଙ୍କ ପାଇଁ ସୂଚନା**

୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୪୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।

**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।

**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।

**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।

**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧକ୍ଷ, ରମାମଣୀ ମହାବିଦ୍ୟାଳୟ,କଣ୍ଟାବାଡ଼।

**ଡ. ଧୀରେନ୍ଦ୍ର ନନ୍ଦ**
ସମାଜସେବୀ , ଖୋରଧା

**ସ୍ୱାମୀ ଜୟଦେବ ଭାରତୀ**
ଶାନ୍ତିଧାମ ଆଶ୍ରମ, ଧଣ୍ଡାମୁଣ୍ଡା, ବଲାଙ୍ଗୀର

**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଇଭିନିଂ ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। **IFSC-SBIN0012027, MICR-752002151**


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ନବବର୍ଷର ଅନୁଚିନ୍ତା | ଡକ୍ଟର ବସନ୍ତ କିଶୋର ସାହୁ | ୦୪ |
| ୨. | ସମ୍ପାଦକୀୟ | | ୦୫ |
| ୩. | ହିତ ବାଣୀ | | ୦୬ |
| ୪. | ବିଚିତ୍ରା | | ୦୭ |
| ୫. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୦୯ |
| ୬. | ସଂଜପ୍ରାର୍ଥନା | ରମେଶ ମଙ୍ଗରାଜ | ୧୧ |
| ୭. | କୃତଜ୍ଞତା ଓ କୃତଘ୍ନତା | ଇଂ ଯଜ୍ଞପ୍ରକାଶ ଦାସ | ୧୧ |
| ୮. | ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ... | ରତ୍ନାକର ଦାସ | ୧୨ |
| ୯. | ଜାତୀୟ ଗ୍ରନ୍ଥାଳୟ | ରବୀନ୍ଦ୍ରକୁମାର ବଳୀୟାରସିଂହ | ୧୩ |
| ୧୦. | ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର | ପ୍ରଫେସର ବସନ୍ତ କୁମାର ସାମନ୍ତ | ୧୫ |
| ୧୧. | ଜଗଦ୍‌ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ.. | ଡ.ପ୍ରଫୁଲ୍ଲ କୁମାର ରଥ | ୧୭ |
| ୧୨. | ତିନୋଟି | ଶକ୍ତିଶଙ୍କର ମିଶ୍ର | ୧୯ |
| ୧୩. | ବାରମ୍ବାର ସଂକ୍ରମଣ ଶିକାର... | ଡ଼କ୍ଟର ମୁରାରି ମୋହନ ଦାଶ | ୨୦ |
| ୧୪. | କାଶତଣ୍ଡୀ | ନାରାୟଣ ଦାସ | ୨୩ |
| ୧୫. | ମୋ ବଂଶ ବଢ଼ାଅ | ନିରଞ୍ଜନ ପଟ୍ଟନାୟକ | ୨୩ |
| ୧୬. | ଅଭୁଲା ଡ଼ାକ ଆଉ ଅଲିଭା ସ୍ମୃତି | ଯୁଗଳ କିଶୋର ଷଡ଼ଙ୍ଗୀ | ୨୪ |
| ୧୭. | ଜୀବନ - ୭ | ଅଧ୍ୟାପକ ଗୁରୁପ୍ରସାଦ ମହାପାତ୍ର | ୨୫ |
| ୧୮. | ଉଚିତ ଶିକ୍ଷା | ବନମାଳୀ ବେହେରା | ୨୭ |
| ୧୯. | ସ୍ୱାଗତଂ - ୨୦୧୭ | ଶାନ୍ତିଲତା ସାହୁ | ୨୮ |
| ୨୦. | ବାଟ | ଡ଼ ଶରତ କୁମାର ଦୋରା | ୨୮ |
| ୨୧. | ବ୍ୟକ୍ତି ଚେତନାର ଉର୍ଦ୍ଧ୍ୱାରୋହଣ | ତୁଳସୀ ଜୈନ | ୨୯ |
| ୨୨. | ନୂଆ ବରଷ | ଗୋବିନ୍ଦ ଚନ୍ଦ୍ର ମହାରଣା | ୩୦ |
| ୨୩. | ଭାଗବତ ଓ ସଂସ୍କୃତି | ଅଜୟ କୁମାର ସାହୁ | ୩୧ |
| ୨୪. | କଥା ରହିଗଲା କାଳକାଳକୁ | ରବୀନ୍ଦ୍ରନାଥ ପ୍ରଧାନ | ୩୨ |
| ୨୫. | ଟିକି ଫଉଜ | ଯଜ୍ଞଦତ୍ତ ସାମନ୍ତରାୟ | ୩୩ |
| ୨୬. | ବାଟ ଆମ ନାହିଁ ନାହିଁ | ଧ୍ରୁବ ରଣା | ୩୩ |
| ୨୭. | ନୈତିକ ଶିକ୍ଷା ଆଜିର ଅନୁଚିନ୍ତା | ସତ୍ୟବାଦୀ ବଳିଆରସିଂହ | ୩୪ |
| ୨୮. | ଜାତୀୟ ସଂହତି | ନାମଯଜ୍ଞ ମିଶ୍ର | ୩୬ |
| ୨୯. | ପ୍ରତିଶ୍ରୁତି | ସତ୍ୟଭାମା ଆଚାର୍ଯ୍ୟ | ୩୮ |
| ୩୦. | କଳିକତରା | ଅଧ୍ୟାପକ ମନୋଜ କୁମାର ମହାପାତ୍ର | ୩୯ |
| ୩୧. | ଜୁନିଅର ବିଶ୍ୱକପ୍ ହକିରେ ଭାରତ.. | ଆଶିଷ କୁମାର ରାୟ | ୪୦ |
| ୩୨. | ଅଲିଭା ବତି | ପୂର୍ଣ୍ଣଚନ୍ଦ୍ର ସେଠୀ | ୪୧ |
| ୩୩. | ସାଧାରଣ ଜ୍ଞାନ | | ୪୨-୫୦ |




## ନୂଆବର୍ଷର ଅଭିନନ୍ଦନ

## ନବବର୍ଷର ଅନୁଚିନ୍ତା




ଡକ୍ଟର ବସନ୍ତ କିଶୋର ସାହୁ

ନୂତନ ବର୍ଷ ନୂଆ ଭାବନା ମନଟି ପୁଲକିତ
ଭୋଜି ଭାତରେ ନାଚ ଗୀତରେ ସଭିଏଁ ଉଲ୍ଲସିତ ।
ପୁରୁଣା ଦୁଃଖ ଭୁଲିବା ପାଇଁ ମନରେ ବାନ୍ଧି ଆଶା
କେତେ ଯୋଜନା କରନ୍ତି ସବୁ ସପନ ଦେଖି ଖାସା ॥

ସପନ ଦେଖି ଶୁଅନା କେହି ନକରି ନିଜ କାମ
କାମ ପଛରେ ରୁହଇ ସଦା ମଣିଷର ସୁନାମ ।
କରମ କର ଧରମ କର ମଣିଷ ହୁଅ ଭଲ
ତେବେ ଜଗତ ବୁଝିବ ଯାଇଁ ତୁମ ଜନମ ମୂଲ ॥

ଭଲ ମଣିଷ ସଭିଙ୍କୁ କର ହେ ପ୍ରଭୁ ଜଗନ୍ନାଥ
ନୂଆ ବରଷେ ସବୁ ମଣିଷ ବରନ୍ତୁ ଭଲ ପଥ ।
ନୂଆ ଆସିବ ପୁରୁଣା ଯିବ ଏହା ଜଗତ ରୀତି
ମଣିଷ ମନୁ ଦୂରେଇ ଦିଅ ଯେତେ ସଂକଟ ଭୀତି ॥

କୁସୁପୁର, କଟକ-୭୫୪୨୦୫
ଜି-କଟକ (ଓଡ଼ିଶା)
ମୋ : ୯୪୩୭୫୨୬୨୦୧



# ସମ୍ପାଦକୀୟ....



ବିଶ୍ୱରେ ଅହରହ ପରିବର୍ତ୍ତିତ ମାନବିକ, ମାନସିକ, ସାମାଜିକ, ଅର୍ଥନୈତିକ ଅବସ୍ଥା ଭିତରେ ଭାରତରେ ଏଇ ସଦ୍ୟ ଘଟିଥିବା ବିମୁଦ୍ରାକରଣ ଏସବୁ ପରିବର୍ତ୍ତନର ଏକ ସାମଗ୍ରିକ ଉଦାହରଣ। ଏହା ସବୁ ସ୍ତରରେ, ସମସ୍ତଙ୍କୁ, ସବୁ ସମୟ ପାଇଁ ଚକିତ କରିଦେବାଭଳି ଏକ ଘଟଣା। ଏହି ପରିବର୍ତ୍ତନ ଫଳରେ କେହି କେହି ଖୁସି ଥିବାବେଳେ ଅନ୍ୟ କେହି ଏପରି ଅବସ୍ଥାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ମୋଟାମୋଟି ଭାବରେ ବିମୁଦ୍ରାକରଣକୁ ନେଇ ଏକ ମିଶ୍ର ପ୍ରତିକ୍ରିୟା ଏ ଯାବତ୍ ବଳବତ୍ତର ରହିଛି।

ଏଭଳି ପରିସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ନଗଦ ବିହୀନ ବା କ୍ୟାସ୍‌ଲେସ୍ ଦେଣନେଣ ବ୍ୟବସ୍ଥା ପ୍ରତି ଗୁରୁତ୍ୱାରୋପ ଭାରତୀୟ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱର ଅନ୍ୟ ଅନେକ ଦେଶରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବାବେଳେ, ଭାରତରେ ଏହାକୁ ଲାଗୁ କରିବା ପାଇଁ ଏବେ ଜନ ସଚେତନତା ଆରମ୍ଭ ହୋଇଛି। ଏହା ଫଳରେ ଅର୍ଥନୈତିକ କ୍ଷେତ୍ରରେ ସ୍ୱଚ୍ଛତା ଆସିପାରିବ ଓ କଳାଟଙ୍କାର କାରବାର କ୍ଷେତ୍ରରେ ରୋକ୍ ଲଗାଯାଇପାରିବ ବୋଲି କୁହାଯାଉଛି। ଏହା ଯଦି ସମ୍ଭବ ହୋଇପାରିବ, ତେବେ ଅର୍ଥନୀତି କ୍ଷେତ୍ରରେ ଏକ ସ୍ୱଚ୍ଛ ଓ ସକାରାତ୍ମକ ଭାରତବର୍ଷର କଳ୍ପନା କରାଯାଇପାରିବ। ତେବେ, ଏସବୁକୁ ଭାରତଭଳି ଏକ ରାଷ୍ଟ୍ରରେ ବିନା ବାଧାରେ କାର୍ଯ୍ୟକାରୀ କରାଯାଇପାରିବ କି ? କାରଣ. ଏଥିପାଇଁ ଦୁଇଟି ମୁଖ୍ୟ ଅସୁବିଧା ରହିଛି। ପ୍ରଥମଟି ହେଉଛି ଇଣ୍ଟରନେଟ୍‌ର ବେଗ ଓ ଦ୍ୱିତୀୟଟି ହେଉଛି ଏହାର ନିରାପତ୍ତା। ଭାରତରେ ଇଣ୍ଟରନେଟ୍‌ର ବେଗ ସେତେ ଉନ୍ନତମାନର ନୁହେଁ। ବିଶ୍ୱ ମାନଦଣ୍ଡରେ ଏହା ୯୬ତମ ସ୍ଥାନରେ ରହିଛି। ଏପରିକି ଏହା ବାଙ୍ଗଲାଦେଶ ଓ ନେପାଳଠାରୁ ମଧ୍ୟ ପଛରେ। ଅନ୍ୟପକ୍ଷରେ, ଇଣ୍ଟରନେଟ୍ ନିରାପତ୍ତା ହେଉଛି ସର୍ବାଧିକ ସ୍ପର୍ଶକାତର ବିଷୟ। ଇଣ୍ଟରନେଟ୍ ବ୍ୟବହାରକାରୀ ଓ ଏହାର ବିଶେଷଜ୍ଞମାନେ ଦିନକୁଦିନ ବଢୁଥିବା ସାଇବର କ୍ରାଇମ୍ ପାଇଁ ଚିନ୍ତାପ୍ରକଟ କରୁଛନ୍ତି। କାରଣ, ଏଥିରେ ହ୍ୟାକିଂର ସମ୍ଭାବନାକୁ ଅବହେଳା କରାଯାଇନପାରେ। ବିଶେଷଜ୍ଞମାନଙ୍କ ମତରେ, ଜନସାଧାରଣ ଇଣ୍ଟରନେଟ୍‌ରେ ଦେଣନେଣ କରି ନିଜର ବ୍ୟକ୍ତିଗତ ତଥ୍ୟକୁ ହରାଇ ଅଯଥାରେ ହରକତ ହେବାକୁ ଚାହିଁନପାରନ୍ତି।

ଏପରି ସ୍ଥିତିରେ, ନଗଦବିହୀନ ଦେଣନେଣ ବ୍ୟବସ୍ଥା ଭାରତରେ ବର୍ତ୍ତମାନ ପାଇଁ ହୁଏତ ସମ୍ଭବ ନୁହେଁ। ଏହା ସମୟକ୍ରମେ ସମ୍ଭବ ହେବ। ସେଥିପାଇଁ ଦ୍ରୁତ ଇଣ୍ଟରନେଟ୍ ବ୍ୟବସ୍ଥାର ବନ୍ଦୋବସ୍ତ କରାଯିବା ଉଚିତ୍। ସରକାରୀ ସ୍ତରରେ ଜନ ସଚେତନତା ଯେତେ ନୁହେଁ, ଇଣ୍ଟରନେଟ୍ କ୍ଷେତ୍ରରେ ଯେଉଁ ଅସୁବିଧାସବୁ ରହିଛି, ତାକୁ ସୁଧାରିବାକୁ ଚେଷ୍ଟା କରାଯିବା ଉଚିତ୍। ସାଇବର କ୍ରାଇମ୍ କୋଉଭାବରେ ଘଟିପାରେ ଓ ତା’ ପ୍ରତି କିପରି ସଚେତନ ରହିବାକୁ ପଡ଼ିବ, ତାହା ଜନସାଧାରଣଙ୍କୁ ବୁଝାଇବାର ଦାୟିତ୍ୱ ସରକାର ମୁଣ୍ଡକୁ ନେବା ଉଚିତ୍। ଜନସାଧାରଣ ସନ୍ଦେହମୁକ୍ତ ଓ ଭୟମୁକ୍ତ ହେଲେ, ସେମାନେ ସେମାନଙ୍କ କଷ୍ଟଲବ୍ଧ ଧନକୁ ଇଣ୍ଟରନେଟ୍ ମାଧ୍ୟମରେ ଦେଣନେଣ କରିବାକୁ ସାହସ କରିବେ। ଅନ୍ୟଥା, ନଗଦବିହୀନ ଅର୍ଥବ୍ୟବସ୍ଥା ଭାରତଭଳି ଏକ ରାଷ୍ଟ୍ରରେ କାର୍ଯ୍ୟକାରୀ ହେବାକୁ ଅନେକ ସମୟ ଲାଗିବ। କାରଣ, ଜଣାଯାଇଛି, ଆମେରିକାଭଳି ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ରରେ ମଧ୍ୟ ଏ ଯାବତ୍ ମାତ୍ର ୪୦ ରୁ ୪୫ ପ୍ରତିଶତ ଲୋକ ନଗଦବିହୀନ ଅର୍ଥବ୍ୟବସ୍ଥାରେ ସାମିଲ ହୋଇଛନ୍ତି। ଯଦି ଆମେରିକାର ଅବସ୍ଥା ଏଇଆ, ତେବେ ଭାରତ ଏଭଳି ଅର୍ଥ ଦେଣନେଣ ବ୍ୟବସ୍ଥାକୁ ସାକାର କରିବାକୁ କେତେକାଳ ଲାଗିବ ?

**ଡ. ପ୍ରସନ୍ନ କୁମାର ଜେନା**



## ଗୀତା

ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।
ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ । (୧୬/୨)

ଅର୍ଥ – ଅସତ୍ ବସ୍ତୁର ଅସ୍ତିତ୍ୱ ନାହିଁ ଏବଂ ସତ୍‌ବସ୍ତୁର ଅଭାବ ନାହିଁ। ଉକ୍ତ ଦୁଇଟିଯାକର ତତ୍ତ୍ୱ ତତ୍ତ୍ୱଜ୍ଞାନୀ ପୁରୁଷଙ୍କ ଦ୍ୱାରା ଦେଖାଯାଇଛି।

## ହିତୋପଦେଶ

ଯନ୍ନବେ ଭାଜନେ ଲଗ୍ନଃ ସଂସ୍କାରୋ ନାନ୍ୟଥା ଭବେତ୍।
କଥାଛଳେନ ବାଳାନଂ ନୀତିସ୍ତଦିହ କଥ୍ୟତେ ।।

ଅର୍ଥ : କେବଳ ଉପଦେଶ ପାଇଁ ଉପଦେଶ ଦେଲେ ତାହା ନୀରସ ଏବଂ ବିରକ୍ତିକର ହୋଇଥାଏ । କିନ୍ତୁ ଗଳ୍ପ ମାଧ୍ୟମରେ ଉପଦେଶ ଦେଲେ ତାହା ରୁଚିକର ତଥା ଗ୍ରହଣୀୟ ହୋଇଥାଏ। କାରଣ ଗଳ୍ପ ପ୍ରତି ଆବାଳବୃଦ୍ଧବନିତା ସମସ୍ତଙ୍କର ଦୁର୍ବଳତା ରହିଛି।

## ଭାଗବତ ବାଣୀ

ଉତ୍ତମ ସଙ୍ଗେ ସଙ୍ଗ ଯାର
ସେ କରେ ଉତ୍ତମ ବେଭାର
ହୀନ ସଙ୍ଗତେ ହୀନଗତି
ହସି କହନ୍ତି ଯଦୁପତି। (୧୫/୧୮/୧୧)


## ବିବେକାନନ୍ଦଙ୍କ ବାଣୀ

ବିଶ୍ୱାସ, ବିଶ୍ୱାସ, ବିଶ୍ୱାସ – ନିଜ ଉପରେ ବିଶ୍ୱାସ- ଈଶ୍ୱରଙ୍କଠାରେ ବିଶ୍ୱାସ – ଏହାହିଁ ଉନ୍ନତିଲାଭର ଏକ ମାତ୍ର ଉପାୟ।

## ଓଡ଼ିଆ ଲୋକବାଣୀ

ଅଙ୍ଗୁଳି ପ୍ରବେଶେ, ବାହୁ ପ୍ରବେଶଇ କରୁ ଯେବେ ଅବହେଳା।
କ୍ଷୁଦ୍ର ଛିଦ୍ର ପଥେ, ଜଳ ପଶି ପଶି, ବୁଡ଼ାଇ ଦିଏଟି ଭେଳା।

## ଚାଣକ୍ୟ ନୀତି



ଧନହୀନୋ ନ ହୀନଶ୍ଚ ଧନିକଃ ସଃ ସୁନିଶ୍ଚୟଃ।
ବିଦ୍ୟାରତ୍ନେନ ହୀନୋ ଯଃ ସ ହୀନଃ ସର୍ବ ବସ୍ତୁଷୁ।।

ଅର୍ଥ : ଧନ ରହିତ ହେବାରୁ କିଏ ନିର୍ଧନ ହୁଏ ନାହିଁ। କିନ୍ତୁ ଯେ ଧନୀ ହୋଇ ମଧ୍ୟ ବିଦ୍ୟାରତ୍ନ ପାଇବାରୁ ରହିତ ହୋଇଥାଏ, ସେ ହିଁ ସବୁ ବସ୍ତୁମାନଙ୍କ ମଧ୍ୟରେ ହୀନ ହେବା କାରଣରୁ ନିର୍ଧନ ଅଟେ।

## ନୀତିଶ୍ଳୋକ

ଜୀବିତେ ଯସ୍ୟ ଜୀବନ୍ତି ବିପ୍ରା ମିତ୍ରାଣି ବାନ୍ଧବାଃ।
ସଫଳଂ ଜୀବିତଂ ତସ୍ୟ ଆତ୍ମାର୍ଥେ କୋ ନ ଜୀବତି ?।।

ଅର୍ଥ : ଯିଏ ବଞ୍ଚିବା ଦ୍ୱାରା ତାର ବନ୍ଧୁ ବାନ୍ଧବ ଏବଂ ବ୍ରାହ୍ମଣମାନେ ଉପକୃତ ହୁଅନ୍ତି, ସେହି ବ୍ୟକ୍ତିର ଜୀବନ ହିଁ ସଫଳ ଅଟେ। ନିଜ ପାଇଁ କିଏ ବା ନ ବଞ୍ଚେ ?

## ଢଗଢମାଳି

ଅଳ୍ପ ରକ୍ଷ କୁଟୁମ୍ବ ପୋଷ,
ବହୁ ରକ୍ଷ ସର୍ବନାଶ।

## ଖନା ବଚନ / ଦନେଇ ବଚନ

ଉଇଁ ନଦିଶେ, ହସି ପଶେ,
ଉତ୍ତର ମେଘ ଦକ୍ଷିଣ ଆସେ।
ସଜ ଗୋବରରେ ଅଂଶେଇ ବସେ
ଡାକ ବୋଲେ ପୁତା ନିଶ୍ଚେ ବରଷେ।

.......... ●● ...........

ବାପ ସ୍ଥାବର ପୁଅ ମୂରୁଖ,
ଡାକ କହଇ ଏ ବଡ଼ ଦୁଃଖ।

ଅନ୍ୟ ଗୋଟିଏ ଭଲକାମ ପାଇଁ ଉନ୍ମାଦନା ଆସିଗଲା ବୋଲି ଯେଉଁ କାମକୁ ପୂର୍ବରୁ ହାତ ଦେଇଛ, ତାକୁ ଯେପରି ଛାଡ଼ି ନଦିଅ।

# ବିଚିତ୍ର

## ଫେବୃଆରୀ୪ରୁ ପାଞ୍ଚ ରାଜ୍ୟ ଭୋଟ୍

**ଫେବୃଆରୀ ୪ରୁ ମାର୍ଚ୍ଚ ୮ମଧ୍ୟରେ ମୋଟ ୭ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ଉତ୍ତରପ୍ରଦେଶ ସହିତ ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁର ଆଦି ୫ଟି ରାଜ୍ୟର ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ମାର୍ଚ୍ଚ ୧୧ରେ ଫଳାଫଳ ପ୍ରକାଶ ପାଇବ। ଭାରତର ନିର୍ବାଚନ ଆୟୋଗ ଏ ସମ୍ପର୍କରେ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏଥିସହିତ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିବା ମୁଖ୍ୟ ନିର୍ବାଚନ ଆୟୁକ୍ତ ଡଃ. ନାସିମ ଜୟିଦି କହିଛନ୍ତି।**

## ବ୍ୟାଙ୍କିଂ ବ୍ୟବସ୍ଥାକୁ ଫେରିଲା ୯୦% ପୁରୁଣା ନୋଟ୍




ଡିସେମ୍ବର ୩୦ ତାରିଖ ଅଚଳ ଘୋଷଣା ହୋଇଥିବା ପୁରୁଣା ୫୦୦ ଓ ୧୦୦୦ଟଙ୍କିଆ ନୋଟ୍ ଜମା କରିବାର ଶେଷ ତାରିଖ। ପୁରୁଣା ଜମା ପାଇଁ ଅବଧି ପୂରି ଆସୁଥିବା ବେଳେ ୯୦ ପ୍ରତିଶତ ଅର୍ଥ ବ୍ୟାଙ୍କରେ ଜମା ହୋଇ ସାରିଛି। ପୁରୁଣା ଟଙ୍କା ଫେରିବା ନେଇ ପୂର୍ବରୁ ହୋଇଥିବା ସରକାରୀ ଆକଳନଠାରୁ ଏହା ଅଧିକା ବୋଲି ଜଣାପଡିଛି। ବିମୁଦ୍ରାୟନ ପୂର୍ବରୁ ବଜାରରେ ୧୫.୪ ଲକ୍ଷ କୋଟି ଟଙ୍କା ପ୍ରଚଳିତ ଥିବାବେଳେ ପ୍ରାୟ ୧୪ଲକ୍ଷ କୋଟି ଟଙ୍କା ବ୍ୟାଙ୍କ ବ୍ୟବସ୍ଥାକୁ ଫେରି ଆସିଛି।

## ଅନିଲ ବଇଜାଲ ଦିଲ୍ଲୀ ଉପରାଜ୍ୟପାଳ



ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଦିଲ୍ଲୀ ଉପରାଜ୍ୟପାଳ ପଦରୁ ନଜିବ ଜଙ୍ଗ୍‌ଙ୍କ ଇସ୍ତଫା ପତ୍ର ବୁଧବାର ଗ୍ରହଣ କରିନେଇଛନ୍ତି। ଜଙ୍ଗ୍ ଗତ ୨୨ତାରିଖରେ ଅଚାନକ ନିଜ ପଦରୁ ଇସ୍ତଫା ଦେଇଥିଲେ। ଅପରପକ୍ଷରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିଲ ବଇଜାଲଙ୍କୁ ଦିଲ୍ଲୀ ଉପରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି।


## ଆଧାରରେ କିଣାବିକା

ଡିସେମ୍ବର ୨୫ତାରିଖ ବଡ଼ଦିନଠାରୁ ଡିଜିଟାଲ କାରବାରର ଏକ ନୂଆଯୁଗ ଆରମ୍ଭ ହେବାକୁ ଯାଉଛି। ହାତରେ ସ୍ମାର୍ଟଫୋନ କିମ୍ବା ପକେଟ୍‌ରେ କାର୍ଡ ଧରି ନଥିଲେ ସୁଦ୍ଧା କେବଳ ଆଧାର କାର୍ଡ ନମ୍ବର ଜାଣିଥିଲେ ନଗଦ ଚିନ୍ତାରୁ ମୁକ୍ତି ମିଳିବ। ବାୟୋମେଟ୍ରିକ ଚିହ୍ନଟ ପରେ ଆଧାରକାର୍ଡ ସଂଯୋଗ ଥିବା ବ୍ୟାଙ୍କ ଆକାଉଣ୍ଟରୁ ଦେୟ ପ୍ରଦାନ କରାଯାଇ ପାରିବ।

## ଘରୋଇ ସିବିଏସ୍‌ଇ ଅଧ୍ୟକ୍ଷ ନିଯୁକ୍ତି ପାଇଁ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ।

ଘରୋଇ ସିବିଏସ୍‌ଇ(କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ) ବିଦ୍ୟାଳୟଗୁଡ଼ିକ ଏଣିକି ନିଜସ୍ୱ ଅଧ୍ୟକ୍ଷ ନିଯୁକ୍ତ କରିପାରିବେ ନାହିଁ। ଏ କ୍ଷେତ୍ରରେ ରହିଥିବା ସେମାନଙ୍କ ସ୍ୱାଧୀନତାକୁ ପରିଷଦ ହ୍ରାସ କରିଛି। ବିଶେଷକରି ସିବିଏସ୍‌ଇ ବା ରାଜ୍ୟ ସରକାରଙ୍କ ଦ୍ୱାରା ଅଯୋଗ୍ୟ ବିବେଚିତ ପ୍ରାର୍ଥୀ ସିବିଏସ୍‌ଇ ଦ୍ୱାରା ଅନୁବନ୍ଧିତ କୌଣସି ଘରୋଇ ବିଦ୍ୟାଳୟରେ ଅଧ୍ୟକ୍ଷ ନିଯୁକ୍ତ ହୋଇପାରିବେ ନାହିଁ। ଖୋଦ୍ ସିବିଏସ୍‌ଇ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଅଧ୍ୟକ୍ଷ ନିଯୁକ୍ତ ହେବାକୁ ଥିବା ଶିକ୍ଷକଙ୍କୁ ପରିଷଦ ବା ଏହାର ପ୍ରତିନିଧିତ୍ୱ କରୁଥିବା ସଂସ୍ଥା ବା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ।

## ଗୋରୁଙ୍କୁ ମିଳିବ ପରିଚୟପତ୍ର



ଚଳିତବର୍ଷ କେନ୍ଦ୍ର ସରକାର ୮କୋଟି ୮୦ଲକ୍ଷ ଗୋରୁଙ୍କୁ ଏହି ପରିଚୟ ପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୧୪୮ କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରତି ପରିଚୟପତ୍ର ପାଇଁ ଗୋରୁଙ୍କ ମାଲିକଙ୍କୁ ୮ ଟଙ୍କା ଦେବାକୁ ପଡ଼ିବ। ଏହି ପରିଚୟପତ୍ରର ଓଜନ ମାତ୍ର ୮ ଗ୍ରାମ୍ ଓ ହଳଦିଆ ରଙ୍ଗର ହେବ। ପରିଚୟ ପତ୍ର ପ୍ରଦାନ କରାଯାଇଥିବା ଗାଈ-ଗୋରୁଙ୍କ ବିଷୟରେ ସମସ୍ତ ତଥ୍ୟ ଅନ୍‌ଲାଇନ୍ ଡାଟାବେସ୍‌ରେ ଉପଲବ୍ଧ ହେବ। ସେହପରି ମାଲିକଙ୍କୁ ଏକ 'ପ୍ରାଣୀ ସ୍ୱାସ୍ଥ୍ୟ କାର୍ଡ଼' ମଧ୍ୟ ପ୍ରଦାନ କରାଯିବ।

## ଏଣିକି ୮ ଭାଷାରେ 'ନିଟ୍'

ବିଭିନ୍ନ ମେଡିକାଲ କଲେଜରେ ନାମଲେଖା ପାଇଁ ଆସନ୍ତା ଶିକ୍ଷାବର୍ଷଠାରୁ ନିଟ୍ (ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ) ୮ଟି ଭାଷାରେ ଅନୁଷ୍ଠିତ ହେବ। ଇଂରାଜୀ, ହିନ୍ଦୀ ସହ ବଙ୍ଗାଳୀ, ଗୁଜୁରାଟୀ, ମରାଠୀ, ଅହମିୟା, ତେଲୁଗୁ ଓ ତାମିଲ ଭାଷାରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।

## ୨୦୧୮ରୁ ସିବିଏସଇ ୧୦ମ ବୋର୍ଡ ବାଧ୍ୟତାମୂଳକ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ଅଧୀନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ୧୦ମ ବୋର୍ଡ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି।

୨୦୧୭-୧୮ ଶିକ୍ଷାବର୍ଷରେ ହେବାକୁ ଥିବା ପରୀକ୍ଷାରେ ଏହାକୁ ବାଧ୍ୟତାମୂଳକ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ୮୦ପ୍ରତିଶତ ନମ୍ବର ବୋର୍ଡ ପରିଚାଳିତ ପରୀକ୍ଷା ଦ୍ୱାରା ଧାର୍ଯ୍ୟ କରାଯିବ ଓ ୨୦% ନମ୍ବର ବିଦ୍ୟାଳୟ ଦ୍ୱାରା ଧାର୍ଯ୍ୟ ହେବ। ୨୦୧୧ରୁ ସିବିଏସଇ ୧୦ମ ବୋର୍ଡ ପରୀକ୍ଷା ପିଲାମାନଙ୍କ ପାଇଁ ଇଚ୍ଛାଧୀନ ଥିଲା।

## ଆଧାର କାର୍ଡ ସଂଯୋଗ ହେବ ସମସ୍ତ ଜମାଖାତା

ସାରା ଦେଶରେ ଡିଜିଟାଲ କାରବାରକୁ ବୃଦ୍ଧି ପରିପ୍ରେକ୍ଷୀରେ ସମସ୍ତ ଜମାଖାତାକୁ ଆଧାର କାର୍ଡ ସଂଯୋଗ କରାଯିବ। ଏ ନେଇ କେନ୍ଦ୍ର ସରକାର ଖୁବ୍ ଶୀଘ୍ର ଏକ କାର୍ଯ୍ୟକ୍ରମ ଆରମ୍ଭ କରିବେ। ଏହା ଦ୍ୱାରା ଆଧାର ଆଧାରିତ ଦେଣନେଣ ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରିବ। ଏହାସହ ଡିଜିଟାଲ କାରବାରକୁ ଅଧିକ ସୁରକ୍ଷିତ କରିବା ପାଇଁ ମୋବାଇଲ୍ ୱାଲେଟ୍‌ରେ ହେଉଥିବା ଦେଣନେଣରେ ଓଟିପି (ୱାନ ଟାଇମ ପାସୱାର୍ଡ) ବ୍ୟବସ୍ଥା ଲାଗୁ କରାଯିବ।

## ରାଜସ୍ଥାନରେ ଆରମ୍ଭ ହେଲା 'ଅନ୍ନପୂର୍ଣ୍ଣା ରୋଷେଇ'



ତାମିଲନାଡୁର 'ଆମ୍ମା କ୍ୟାଣ୍ଟିନ୍' ଓ ଓଡ଼ିଶାର 'ଆହାର' ଯୋଜନା ଭଳି ରାଜସ୍ଥାନରେ ଆରମ୍ଭ ହୋଇଛି 'ଅନ୍ନପୂର୍ଣ୍ଣା ରୋଷେଇ'। ଏହି ଯୋଜନାରେ ବସୁନ୍ଧରା ରାଜେ ସରକାର ୫ଟଙ୍କାରେ ଗରିବଙ୍କୁ ଖାଦ୍ୟ ଯୋଗାଇ ଦେବେ।

## ବିଶ୍ୱ ଚିନ୍ତାନାୟକ ତାଲିକାରେ ସୁଷମା ସ୍ୱରାଜ



ବିଶ୍ୱର ପ୍ରମୁଖ ଚିନ୍ତାନାୟକଙ୍କ ତାଲିକାରେ ସ୍ଥାନ ପାଇଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ଇଣ୍ଟରନ୍ୟାସନାଲ ଫରେନ ପଲିସି ମାଗାଜିନ ପକ୍ଷରୁ ପ୍ରକାଶିତ ବିଶ୍ୱର ୧୫ଜଣ ଚିନ୍ତାନାୟକଙ୍କ ତାଲିକାରେ ସୁଷମା ସ୍ଥାନ ପାଇଛନ୍ତି।

## 'ବଳାତ୍କାରରୁ ଜନ୍ମିତ ସନ୍ତାନ କ୍ଷତିପୂରଣ ପାଇବାକୁ ହକ୍‌ଦାର'

ବଳାତ୍କାରରୁ ଜନ୍ମ ହୋଇଥିବା ସନ୍ତାନ ତାର ମା' ଭଳି ସମସ୍ତ କ୍ଷତିପୂରଣ ପାଇବାକୁ ହକ୍‌ଦାର ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ବିଚାରପତି ଗୀତା ମିତ୍ତଲ ଓ ଆର କେ ଗୌବାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ବଳାତ୍କାରରୁ ଜନ୍ମିତ ସନ୍ତାନ ତାର ମା' ଭଳି ଜଣେ ପୀଡିତ। ତେଣୁ ସେ ତାର ମା' ପରି କ୍ଷତିପୂରଣ ପାଇବାକୁ ହକ୍‌ଦାର। ବଳାତ୍କାର ପୀଡିତା ନାବାଳିକା କିମ୍ବା ସାବାଳିକା ହୋଇଥାନ୍ତୁ ଉଭୟ କ୍ଷେତ୍ରରେ ଏହି କ୍ଷତିପୂରଣ ପ୍ରଦାନ କରାଯିବ। ବଳାତ୍କାର ପୀଡିତାକୁ ଯେଉଁ ପରିମାଣର ଅର୍ଥ କ୍ଷତିପୂରଣ ମିଳିବ ତାର ସନ୍ତାନକୁ ସେହି ପରିମାଣର କ୍ଷତିପୂରଣ ମିଳିବ।

## ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ବାର୍ଷିକ ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟର ବାର୍ଷିକ ପରୀକ୍ଷା ଜାନୁଆରୀ ୧୮ରୁ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାୟ ୧୧୦୦ କେନ୍ଦ୍ରରେ ୩,୬୩,୩୧୮ ଛାତ୍ରଛାତ୍ରୀ ପରୀକ୍ଷାଦେବେ ବୋଲି ଅଧ୍ୟକ୍ଷ ବାସୁଦେବ ଛାଟୋଇ ସୂଚନା ଦେଇଛନ୍ତି। ଜାନୁଆରୀ ୧୮ରୁ ୨୫ ପର୍ଯ୍ୟନ୍ତ ପ୍ରାକ୍ଟିକାଲ୍ ପରୀକ୍ଷା ଅନୁଷ୍ଠିତ ହେବ ଏବଂ ଥିଓରୀ ପରୀକ୍ଷା ମାର୍ଚ୍ଚ ୬ରୁ ୨୮ ପର୍ଯ୍ୟନ୍ତ କରାଯିବ। ଚଳିତ ବର୍ଷ ୩,୬୩,୩୧୮ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ।

## ରେଷ୍ଟୋରାଁ ବିଲ୍‌ରେ ସେବା ଶୁଳ୍କ ଇଚ୍ଛାଧୀନ

ରେଷ୍ଟୁରାଣ୍ଟ କିମ୍ବା ହୋଟେଲର ଖାଦ୍ୟ ବିଲ୍‌ରେ ସେବା ଶୁଳ୍କ ବାଧ୍ୟତାମୂଳକ ନୁହେଁ; ଜଣେ ଗ୍ରାହକ ସେବାରେ ସନ୍ତୁଷ୍ଟ ନ ହେଲେ ଏହାକୁ ବାଦ୍ ଦେଇପାରିବ। ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟ ଅଭ୍ୟାସଗତ ଭାବେ ୫ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ସେବା ଶୁଳ୍କ ଗ୍ରାହକମାନଙ୍କଠାରୁ ବାଧ୍ୟତାମୂଳକ ଭାବେ ସଂଗ୍ରହ କରୁଥିବା ଅଭିଯୋଗ ପରିପ୍ରେକ୍ଷୀରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ସେବା ଶୁଳ୍କ ପାଇଁ କୌଣସି ରେଷ୍ଟୁରାଣ୍ଟ କିମ୍ବା ହୋଟେଲରେ ବାଧ୍ୟ କରାଗଲେ ଗ୍ରାହକ ଚାହିଁଲେ କଞ୍ଜ୍ୟୁମର ଫୋରମ୍‌ରେ ମାମଲା ରୁଜୁ କରି ପାରିବେ ବୋଲି ପ୍ରକାଶ କରାଯାଇଛି।

## ଭାରତର ସବୁଠାରୁ ଭଲ ବନ୍ଧୁ ଟ୍ରମ୍ପ ହେବେ: ଆରଏଚସି

ଆମେରିକାର ରିପବ୍ଲିକାନ ହିନ୍ଦୁ କୋଆଲିସନ (RepublicanHindu Coalition (RHC)ର ଆମ୍ବାସାଡର ଓ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହଯୋଗୀ ମାନସାଭି ମାମଗାଏ କହିଛନ୍ତି ଯେ, ଆଜି ପର୍ଯ୍ୟନ୍ତ ଆମେରିକାର ଯେତେ ରାଷ୍ଟ୍ରପତି ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଡୋନାଲ୍ଡ ଟ୍ରମ୍ପ ଭାରତ ପାଇଁ ସବୁଠାରୁ ଭଲ ବନ୍ଧୁ ସାବ୍ୟସ୍ତ ହେବେ । ସେ କହିଛନ୍ତି ଯେ, ଟ୍ରମ୍ପ ପାକିସ୍ତାନର ଦୋହରା ଚେହେରାକୁ ଭଲ ଭାବେ ଚିହ୍ନି ସାରିଛନ୍ତି । ଏହାକୁ ସେ ଆଦୌ ବରଦାସ୍ତ କରିବେ ନାହିଁ।

## ଜାତି ଓ ଧର୍ମ ଆଧାରରେ ଭୋଟ ମାଗିବା ମନା: ସୁପ୍ରିମକୋର୍ଟ

ସୁପ୍ରିମକୋର୍ଟ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି ଯେ, କେହି ଜାତି,ଧର୍ମ,ଭାଷା,ବଂଶ କିମ୍ବା ସମ୍ପ୍ରଦାୟ ଆଧାରରେ ଭୋଟ ମାଗିପାରିବେ ନାହିଁ। ଏହା ଜନପ୍ରତିନିଧି ଆଇନ ଧାରା ୧୨୩(୩)ର ଉଲ୍ଲଂଘନ କରୁଛି । ନିର୍ବାଚନ ଏକ ଧର୍ମ ନିରପେକ୍ଷ ପ୍ରକ୍ରିୟା ।କୌଣସି ଦଳ ଧର୍ମ କିମ୍ବା ଜାତି ଆଧାରରେ କୌଣସି ପ୍ରାର୍ଥୀ ଭୋଟ ମାଗିପାରିବେ ନାହିଁ । ମଣିଷ ଓ ଭଗବାନଙ୍କ ସମ୍ପର୍କ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ।

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଏକ ଶଲ୍ୟ ଚିକିତ୍ସା ପାଇଁ ଶିଶୁଟିର ହୃତପିଣ୍ଡକୁ ୧୫ ଘଂଟାପାଇଁ ବନ୍ଦ କରି ଦିଆଗଲା:**

ଲଣ୍ଡନର ଏକ ଡାକ୍ତରଖାନାକୁ ୯ ମାସର ଏକ ଶିଶୁ ଚିକିତ୍ସାପାଇଁ ଆସିଥିଲା ଯାହାର ହୃତପିଣ୍ଡରେ ଏକ ବଡ ଛିଦ୍ର ଥିଲା ଏବଂ ଅପରେସନ ନିହାତି ଜରୁରୀ ହେତୁ ହୃତପିଣ୍ଡକୁ ଦୀର୍ଘ ୧୫ ଘଂଟାପାଇଁ ବନ୍ଦ ରଖିବାକୁ ଦରକାର ପଡିଲା। ଏହି ଶିଶୁଟିର ନାମ ଥିଲା ନାଥନ୍ ବାଇର୍ନ। ପ୍ରଥମେ ଡାକ୍ତର ଅପରେସନକୁ ୭ ଘଂଟା ଲାଗିପାରେ ବୋଲି କହିଥିଲେ କିନ୍ତୁ ଅବସ୍ଥା ଜଟିଳ ହେବାରୁ ଏହାଟୁ ୧୫ ଘଂଟା ଲାଗିଗଲା। ଏହି ସମୟ ମଧ୍ୟରେ ଶିଶୁଟିକୁ ଏକ ଲାଇଫ୍ ସପୋର୍ଟିଙ୍ଗ୍ ଡିଭାଇସ୍ ସହ ସଂଯୁକ୍ତ କରି ରଖା ହୋଇଥିଲା। ଶିଶୁଟିର ଏହି ଅବସ୍ଥାକୁ Tetralogy of fallot ବୋଲି କୁହାଯାଏ। ଏଥିଯୋଗୁ ପଲମୋନାରୀ ଆର୍ଟେରିର ଆକାର କମି କମି ଯାଏ। ଆଶ୍ଚର୍ଯ୍ୟର କଥା ଏହି ୧୫ ଘଂଟାଧରି ହୃତପିଣ୍ଡ ଓ ଫୁସଫୁସ୍ ବନ୍ଦ ଥିଲେ ହେଁ ଏକ ଯନ୍ତ୍ର ସାହାଯ୍ୟରେ ଶରୀରର ବିଭିନ୍ନ ଅଙ୍ଗକୁ ରକ୍ତ ସଂଚାଳନ ଅବ୍ୟାହତ ରଖାଯାଇଥିଲା। ଟିକିଏ ସୁସ୍ଥ ହେଲାପରେ ଏକ ସାଂଘାତିକ ସଂକ୍ରମଣ ଯୋଗୁଁ ଏହି ଶିଶୁଟିକୁ ୧୦ ଦିନଧରି ଖାଇବାକୁ ଦିଆଯାଇ ନ ଥିଲା ତଥାପି ଶିଶୁଟି ସୁସ୍ଥ ହୋଇ କିଛିଦିନ ପରେ ଘରକୁ ଫେରିଲା । ସେଥିପାଇଁ କଥାରେ ଅଛି ରଖେ ହରି ତ ମାରେ କିଏ ?

**ଆରବ ସାଗର ବକ୍ଷରୁ ବାହାରୁଥିବା ଏକ ଅଜଣା ଏବଂ ରହସ୍ୟଜନକ ବେତାର ତରଙ୍ଗ** ;-ଦୀର୍ଘ ୫ ମାସ ହେଲା ଭାରତୀୟ ନୌବାହିନୀର ପ୍ରାୟ ୭୦ ଜଣ ରେଡିଓ ଅପରେଟର୍ ନିଜ ନିଜର ଭି ଏଚ୍ ଏଫ୍ ସେଟରେ ଏକ ପ୍ରକାର ଅଜଣା ଏବଂ ଅଦ୍ଭୁତ ବେତାର ସଙ୍କେତ ପାଉଛନ୍ତି। ସେମାନେ ଏ ବାବଦରେ ପୋଲିସ ,ଟେଲିକମୁନିକେସନ୍ ମନ୍ତ୍ରଣାଳୟ ଏବଂ ପ୍ରଧାନମନ୍ତ୍ରୀଙ୍କ ଦପ୍ତରକୁ ଜଣାଇ ସାରିଲେଣି। ଯଦିଓ ଦିନରେ ବି ଏହା ଶୁଣାଯାଉଛି ତଥାପି ରାତିରେ ଏହା ବେଶୀ ଶୁଣା ଯାଉଛି। ମହାରାଷ୍ଟ୍ର ଓ ଗୁଜୁରାଟ ଉପକୂଳର ପଶ୍ଚିମ ଦିଗରେ ପ୍ରାୟ ୧୦୦ ନଟିକାଲ ମାଇଲ ଦୂରରୁ ଏହା ଶୁଣା ଯାଉଥିବା ଜଣାଯାଇଛି। ଆମକୁ ଦିଆଯାଇଥିବା ଦ୍ୱିପଥିୟ ବ୍ୟାଣ୍ଡ ୧୪୪.୧୪୬ ମେଗାହର୍ଜ ତରଙ୍ଗ ସୀମା ମଧ୍ୟକୁ ଜବରଦସ୍ତି ପଶିଆସି ସେମାନେ ଏହି ତରଙ୍ଗକୁ ଛାଡୁଛନ୍ତି ଯାହାର ଭାଷା ମଧ୍ୟ ବୁଝି ହେଉନାହିଁ। ସେମାନେ କମ୍ପଲସରି କଲ୍ ସାଇନକୁ ବି ବ୍ୟବହାର କରୁନାହାନ୍ତି। ଆମ ବୈଜ୍ଞାନିକଙ୍କ ମତରେ ସେମାନେ ଓପନହେଣ୍ଡ ବେତାରସେଟ୍‌ରୁ ୨୫ ରୁ ୫୦ ୱାଟ୍‌ର ଉଚ୍ଚ କ୍ଷମତାସମ୍ପନ୍ନ ତରଙ୍ଗ ଛାଡୁଛନ୍ତି ଯାହା ୧୩୬.୧୭୪ ମେଗାହର୍ଷ ମଧ୍ୟରେ ରହିଥିବା ଯେ କୌଣସି ସେଟ୍ ଦ୍ୱାରା ଗ୍ରହଣ କରାଯାଇ ପାରିବ। ଅନୁମାନ କରାଯାଏ ଯେ ଏହାକୁ ପ୍ରେରଣ କରୁଥିବା ବ୍ୟକ୍ତିଗଣ କିଛି ଦୁଷ୍ଟ ପ୍ରକୃତିର ଲୋକ କିମ୍ବା ଜଳଦସ୍ୟୁ ହୋଇଥାଇପାରନ୍ତି ଯେଉଁମାନଙ୍କ ହାତରେ ଏପରି ମେରାଇନ୍ ରେଡିଓ ଯନ୍ତ୍ର ପଡିଯାଇଛି। ଆମର ନୌସେନାବାହିନୀ ଏପରି ସେଟ୍‌ର ବ୍ୟବହାରକୁ ନିଷିଦ୍ଧ କରିବାକୁ ଦାବୀ କରିଛନ୍ତି।

**ଥାଲକୁଡି ପ୍ରକୃତିର ଏକ ଅନବଦ୍ୟ ଦାନ**; -ଏହାର ବୈଜ୍ଞାନିକ ନାମ Centella asiatica ଯାହା ବାଲିଆ କିମ୍ବା ଦୋରସା ମାଟିରେ ଝଙ୍କାଳିଆ ବୁଦା ଆକାରରେ ବଢିଥାଏ। ଅଳିଆଗଦା, ନଦୀପଠା, ସନ୍ତସନ୍ତିଆ ଯାଗାରେ ଏହା ବଢିଥାଏ। ଭାରତ, ଚୀନ୍ ଓ ମାଲେସିଆରେ ଏହା ବହୁଳ ପରିମାଣରେ ଦେଖିବାକୁ ମିଳିଥାଏ। ଏହାକୁ ଓଡିଆରେ ଥାଲକୁଡି, ତେଲୁଗୁରେ ସାରସ୍ୱତକା, ତାମିଲରେ ଭଲ୍ଲାରାଇ,ଆସାମୀରେ ମଣିମୁନି, ମଣିପୁରୀ ଭାଷାରେ ପେରୁକ୍ ଓ ସଂସ୍କୃତରେ ମଣ୍ଡୁକପର୍ଣି ବୋଲି କୁହାଯାଏ।ଏହାକୁ ବିଭିନ୍ନ ବ୍ୟକ୍ତି ଶାଗ, ଚଟନି, ତରକାରି ଓ ଚା ଆକାରରେ ଖାଇଥାନ୍ତି। ଏହାର ପତ୍ରକୁ ବାଟି ଚିନି ଓ ଲେମ୍ବୁ ମିଶାଇ ସର୍ବତ ଆକାରରେ ବି ପାନ କରାଯାଇପାରେ।ଏଥିରେ ରହିଥିବା ଫାଇଟୋକେମିକାଲ୍ସ ଯଥା asiaticoside ,madecassoside & polyphenols ଯୋଗୁ ଏହା ଏକ ଆଂଟିଅକ୍ସିଡେଂଟ ଭଳି କାର୍ଯ୍ୟ କରେ। ଏହାକୁ ପୁରାତନକାଳରେ ଯୋଗୀଋଷୀମାନେ ସ୍ମୃତିଶକ୍ତି ବୃଦ୍ଧି ,ମସ୍ତିଷ୍କର ବାମ ଓ ଡାହାଣଭାଗର ସନ୍ତୁଳନ ବଜାୟ ରଖିବାପାଇଁ ବ୍ୟବହାର କରୁଥିଲେ।ଏହି ପତ୍ରରୁ ମିଳୁଥିବା ଆସିଆଟିକୋସାଇଡ୍ ନାମକ ଗ୍ଲାଇକୋସାଇଡକୁ ଯକ୍ଷ୍ମା ଓ କୁଷ୍ଠ ରୋଗ ନିଦାନରେ ବ୍ୟବହାର କରାଯାଏ। ଚୀନ ଦେଶରେ ଏହାକୁ ଅବସାଦ ଏବଂ ମାନସିକ ଚାପ ହ୍ରାସ କରିବାକୁ ଏକ ବ୍ରେନ୍ ଟନିକ ରୂପେ ଗ୍ରହଣ କରାଯାଏ। ସେମାନଙ୍କ ମତରେ ଏଥିରେ ରହିଥିବା ଅଣୁପୋଷକ ବୃଦ୍ଧାବସ୍ଥାରେ ମଧ୍ୟ ସକ୍ରିୟ କରି ରଖେ। ଏହାର ପତ୍ରକୁ ବାଟି ପ୍ରଲେପ ଆକାରରେ ବାତ, ଗୋଦର ଗୋଡ ଓ ହାଇଡ୍ରୋସିଲ୍‌ର ଉପଶମପାଇଁ ବ୍ୟବହୃତ ହୁଏ। ଅଦା,ଗୋଲମରିଚ ସହ ଏହାର ରସକୁ ଥଣ୍ଡା , କାଶ , ଶ୍ୱାସ , ବୃକକ୍ ଜନିତ ସମସ୍ୟା , ପେଟରୋଗ ଓ ଡ୍ରସ୍ପି ଭଳି ରୋଗର ଚିକିତ୍ସାରେ ଲଗାଯାଏ। ଏହା ରକ୍ତରେ ଶର୍କରା ଏବଂ କୋଲେଷ୍ଟେରଲର ମାତ୍ରା ବୃଦ୍ଧି କରୁଥିବାହେତୁ ମଧୁମେହ, ରକ୍ତଚାପ ରୋଗୀ ଏବଂ ଗର୍ଭବତୀ ନାରୀଙ୍କୁ ଦେବାକୁ ବାରଣ କରାଯାଇଛି।

**ଧବଳକୁଷ୍ଠ ଭୋଗୁଥିବା ରୋଗୀଙ୍କ ପାଇଁ ଏକ ସୁଖବର**; -ଜଣେ ସାଧାରଣ ମଣିଷର ଦେହର ରଙ୍ଗ ଧୀରେ ଧୀରେ ଧଳା ପଡିଯିବା ପ୍ରକ୍ରିୟାକୁ ଭିଟିଲିଗୋ ବା ଧବଳକୁଷ୍ଠ ବୋଲି କୁହାଯାଏ। ଚର୍ମରୁ ମେଲାନିନ୍ ନାମକ କଣିକା ଲୋପ ପାଇଯିବାଯୋଗୁଁ ଏପରି ହୋଇଥାଏ। ୟାଲ୍ ସ୍କୁଲ ଅଫ

ମେଡିସିନର ଡାକ୍ତରମାନେ ଏହାର ଏକ ନିଦାନକୁ ଜାଣିପାରିଛନ୍ତି। ନିଜ ହାତ , ମୁହଁ , ଦେହ ଆଦି ଧଳା ପଡିଯାଇଥିବା ଏକ ୫୩ ବର୍ଷୀୟ ରୋଗୀକୁ ସେମାନେ ର୍ୟୁମାଟଏଡ୍ ଆର୍ଥାଇଟିସ୍ ପାଇଁ ଦିଆଯାଉଥିବା ଟୋଫାସିଟିନିବ୍ ନାମକ ଔଷଧ ଦେଲେ। ୨ ମାସ ପରେ ରୋଗୀଜଣକ ଲକ୍ଷ୍ୟକଲେ ତାଙ୍କ ଶରୀରର ଧଳା ପଡିଯାଇଥିବା ଅଂଶରୁ କିଛି ଅଂଶ ତାର ପୂର୍ବାବସ୍ଥାକୁ ଫେରି ଆସିଛି। ୫ ମାସପରେ କିଛିଟା ଜାଗାକୁ ଛାଡିଦେଲେ ସମ୍ପୂର୍ଣ୍ଣ ଶରୀରର ରଙ୍ଗ ପୂର୍ବପରି ହୋଇଯାଇଛି। ଖୁସିର ଖବର ଏହିକି ଯେ ଏହି ଔଷଧର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ।

**ମୃତ ସାଗର**; -କୌଣସି ଜୀବଜନ୍ତ ଅମ୍ଳଜାନ ବିନା ଜୀବନଧାରଣ କରିବା ଅସମ୍ଭବ। ସମୁଦ୍ରରେ ବାସ କରୁଥିବା ଜଳଚରଜୀବ ମଧ୍ୟ ଜଳରେ ଦ୍ରବୀଭୂତ ଅମ୍ଳଜାନ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଧୀରେ ଧୀରେ ଜଳ ପ୍ରଦୂଷିତ ହେଉଥିବା ହେତୁ ଏଥିରେ ଦ୍ରବୀଭୂତ ଅକ୍ସିଜେନ୍‌ର ସ୍ତର କମି କମି ଯାଉଛି ଯାହା ଫଳରେ ଏହା ଜୀବଜନ୍ତୁଙ୍କ ବାସୋପଯୋଗୀ ହୋଇ ପାରୁନାହିଁ। କେବଳ ସେତିକି ନୁହଁ ଏହାଦ୍ୱାରା ଆମ ଜୈବ ବିବିଧତାର ସନ୍ତୁଳନ ମଧ୍ୟ ନଷ୍ଟ ହେଉଛି। ଦିନ ଥିଲା ଆରବ ମହାସାଗରର ଜଳରାଶି ଶୀତ ଦନରେ ଏକ ମାଇକ୍ରୋପ୍ଲାଙ୍କଟନ୍ ନକ୍ଟିଲ୍ୟୁକା ସିଂଟିଲାନ୍‌ର ଉପସ୍ଥିତି ଯୋଗୁଁ ପୁରା ସବୁଜ ରଙ୍ଗ ଧାରଣ କରେ। ଏହା ଆକାଶରୁ ମଧ୍ୟ ଦୃଶ୍ୟମାନ ହୋଇଥାଏ କିନ୍ତୁ ବିଗତ ୪୦ ବର୍ଷ ମଧ୍ୟରେ ଏକବିରାଟ ପରିବର୍ତ୍ତନ ଘଟି ଏହି ସାମୁଦ୍ରିକ ଜୀବ ଓ ଉଦ୍ଭିଦଙ୍କ ସଂଖ୍ୟା ପ୍ରାୟ ଅଧାକୁ ହ୍ରାସ ପାଇଲାଣି। ଏହାର କାରଣ ହେଲା ବିଭିନ୍ନ କଳକାରଖାନା ଓ ଚାଷଜମିରୁ କ୍ରମାଗତଭାବେ ଅଶୋଧିତ ଜଳରାଶିକୁ ସମୁଦ୍ର ବକ୍ଷକୁ ନିର୍ବିକାରରେ ଛଡାଯିବା। ଏହାର ପୋଷକତତ୍ୱକୁ ଗ୍ରହଣ କରି ଆଲୋକ ସଂଶ୍ଲେଷଣ ଯୋଗ୍ୟ ପ୍ଲାଙ୍କଟନ୍ ସବୁ ନିଜ ବଂଶ ବିସ୍ତାର କରି ଚାଲନ୍ତି। ଏମାନଙ୍କ ମୃତ୍ୟୁ ପରେ ତାଙ୍କୁ ବିଘଟିତ କରୁଥିବା ଅଣୁଜୀବଙ୍କ ସଂଖ୍ୟା ବଢିଚାଲେ। ଏହି ବୀଜାଣୁମାନେ ପରୋକ୍ଷରେ ଜଳରେ ଦ୍ରବୀଭୂତ ଅମ୍ଳଜାନକୁ ଶୋଷିନେଇ ଏହି ଜଳଭଣ୍ଡାରକୁ ଜୀବଜଗତ ଶୂନ୍ୟ କରିଦିଅନ୍ତି। ଏହାକୁ ମୃତ ସାଗର କୁହାଯାଏ। ଏଠିକାର ଜୀବଜନ୍ତୁ ସେହି ସ୍ଥାନ ଛାଡି ପଳାନ୍ତି କିମ୍ବା ସେଠି ମରିଯାଆନ୍ତି। ଆଜି ସାରା ପୃଥିବୀରେ ୪୦୦ ଟି ଏପରି ସ୍ଥାନ ଚିହ୍ନଟ ହେଲାଣି। ଏହି ଅଂଚଳମାନଙ୍କୁ ଅକ୍ସିଜେନ ମିନିମମ୍ ଜୋନ୍ ବା ଓଏମ୍ ଜେଡ୍ ବୋଲି କୁହାଯାଏ। ପୃଥିବୀରେ ଓଏମ୍ ଜେଡ୍ ଭାବେ ଆରବ ମହାସାଗରର ୨ ମିଲିଅନ୍ ବର୍ଗ କିମି ଅଂଚଳ ସାରା ପୃଥିବୀରେ ୧ମ ସ୍ଥାନ ଅଧିକାର କରିଛି। ଏହା ମୁଖ୍ୟତଃ ଜନବହୁଳ କରାଚି ଓ ମୁମ୍ବାଇରୁ ନିର୍ଗତ ବର୍ଜ୍ୟ ଜଳ ଯୋଗୁଁ ପ୍ରଦୂଷିତ ହୋଇଛି। ସେପ୍ଟେମ୍ବର ଅକ୍ଟୋବର ମାସରେ ଏଠାକାର ଜଳ ସଲଫାଇଡ୍ ଯୁକ୍ତ ହୋଇଯାଏ, ଯାହାର ମୂଖ୍ୟ ଉତ୍ସ ରାସାୟନିକ ସାର ଅଟେ। ଏହି କ୍ରମରେ ୨ୟ ସ୍ଥାନ ଅଧିକାର କରିଛି ଆମେରିକାର ଦକ୍ଷିଣରେ ଥିବା ମେକ୍ସିକୋ ଉପସାଗର। ଏହା ପ୍ରାୟ ୧୪,୨୦୦ ବର୍ଗ କିମି ଅଂଚଳକୁ ଘେରି ରହିଛି। ବର୍ଷର ଅଧିକାଂଶ ସମୟ ଏଠାରେ ମାଛ ଓ ଜଳଚର ଜୀବ ମରି ପଡିଥିବା ଦେଖାଯାଉଛି। କିନ୍ତୁ ଆମେରିକାର ପୂର୍ବପଟେ ଥିବା ଚେସାପିକ୍ ଉପସାଗରକୁ ଏକ ମିଳିତ ପ୍ରଚେଷ୍ଟାରେ ତାର ପୂର୍ବାବସ୍ଥାକୁ ଫେରାଇଆଣିବା ଯୋଜନା ଫଳବତୀ ହୋଇଛି। ଏଠାକାର ଅମ୍ଳଜାନ୍ ସ୍ତରକୁ ୧୦% ବଢାଯାଇ ପାରିଛି। ଅବଶ୍ୟ ଏପରି ଅଂଚଳ ସୃଷ୍ଟିରେ ଆଉ କେତେକ କାରଣ ଯଥା ପବନର ବେଗ , ଗତି ବର୍ଷା, ଝଡ ତୋଫାନ୍ ଘୁର୍ଣିବାତ୍ୟା ଆଦି ମଧ୍ୟ ସମ ପରିମାଣରେ ଦାୟୀ ଅଟନ୍ତି। ଅବଶ୍ୟ ଏଥଯୋଗୁଁ ସୃଷ୍ଟ ଅଂଚଳର ସୀମା ଛୋଟ ଅଟେ। କିନ୍ତୁ ଆଉ କେତେକ କାରଣ ଯେପରିକି ଜଳବାୟୁ ପରିବର୍ତ୍ତନ, ସମୁଦ୍ର ପତନର ବୃଦ୍ଧି, ସମୁଦ୍ର ଜଳ ଅମ୍ଳୀୟ ହୋଇଯିବା ଏହି ଚିନ୍ତାକୁ ଆହୁରି ବଢାଇ ଦେଉଛି। ଏହାର ସମ୍ଭାବ୍ୟ ନିରାକରଣର ଉପାୟ ଗୁଡିକ ହେଲା ସୋପାନ ଚାଷକୁ ପ୍ରୋତ୍ସାହିତ କରିବା, ପ୍ରତ୍ୟେକ ଜଳଉତ୍ସର ଚତୁଃପାର୍ଶ୍ୱକୁ ସବୁଜ ବନାନୀରେ ଘେରିବା ଓ ଜଳବକ୍ଷକୁ ସାର ଓ ରାସାୟନିକ ବର୍ଜ୍ୟବସ୍ତୁ ପରିତ୍ୟାଗର ପରିମାଣକୁ କମ୍ କରିବା ଆଦି।

**ବିବର୍ତ୍ତନବାଦର ଷଷ୍ଠ ସୋପାନ**;-ପୃଥିବୀ କେବେ ସୃଷ୍ଟି ହେଲା କେହି ଜାଣି ନାହାନ୍ତି। ତେବେ କାଳର କରାଳ ସ୍ରୋତରେ କେତେ ଜୀବ ଆସିଛନ୍ତି ଏବଂ ତା ମଧ୍ୟରୁ କେତେ ଚାଲି ଯାଇଛନ୍ତି ତାହା କେବଳ ଇତିହାସର ବିଷୟ ହୋଇ ରହିଯାଇଛି। ଆମେରିକା ଓ ମେକ୍ସିକୋର କେତେଜଣ ବୈଜ୍ଞାନିକ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ଜଙ୍ଗଲ କ୍ଷୟ, ଜୀବଜନ୍ତୁଙ୍କ ବାସ ସ୍ଥାନ ନଷ୍ଟ ଆଦି କାରଣ ଦର୍ଶାଇ ଜୀବଜଗତର ବିଲୁପ୍ତିକୁ ୬ ଟି ସ୍ତରରେ ବିଭକ୍ତ କରି ଏହାର ନାମକରଣ କରିଛନ୍ତି। ସେମାନଙ୍କ ଅନୁସାରେ ୪୪୦ ମିଲିଅନ୍ ବର୍ଷତଳେ ଓର୍ଡୋଭିସିଆନ୍-ସିଲୁରିଆନ ବିଲୁପ୍ତିରେ ପ୍ରଥମେ ସାମୁଦ୍ରିକ ଜୀବ ଯଥା ତାରକାମାଛ, ସ୍କୁଇଡ୍ସ, ବ୍ରାକିଓପଡ୍ସ ଓ ଟ୍ରାଇଓବାଇଟ୍ସଙ୍କ ବିଲୁପ୍ତି ଘଟିଥିଲା। ୩୫୯ ମିଲିଅନ୍ ବର୍ଷତଳେ ଲେଟ ଡିଭୋନିଆନ୍ ବିଲୁପ୍ତିରେ କୋରାଲ୍ ରିଫ୍ ଇକୋ ସିଷ୍ଟମର ବିଲୟ ଘଟି ପ୍ଲାକୋଡର୍ମ ନାମକ ମାଛ ଲୁପ୍ତ ହୋଇଗଲେ। ୩ୟ ସ୍ତରର ବିଲୁପ୍ତି ୨୫୨ ମିଲିଅନ୍ ବର୍ଷତଳେ ଏଣ୍ଡ୍ ପର୍ମିଆନ୍ ବିଲୁପ୍ତି ନାମରେ ବିଶାଳକାୟ ସମୁଦ୍ର ବିଛା, ସ୍ତନ୍ୟପାୟୀ ସରିସୃପ ଓ ଟ୍ରାଇଓବାଇଟସ୍‌ମାନଙ୍କୁ ପୃଥିବୀରୁ ମୁଳପୋଛ କରିଦେଲା। ୪ର୍ଥ ସ୍ତରର ବିଲୁପ୍ତି ୨୦୧ ମିଲିଅନ୍ ବର୍ଷତଳେ ଏଣ୍ଡ୍ ଟ୍ରିଆସିକ୍ ବିଲୁପ୍ତି ନାମରେ ଇଲ୍ ପରି କନୋଡଂଟ୍ସ ଓ ଅନେକ ପ୍ରକାର ଡାଇନୋସରଙ୍କୁ ପୃଥିବୀ ପୃଷ୍ଠରୁ ଅପସାରିତ କରିନେଲା। ଏଣ୍ଡ କ୍ରିଟାସିଅସ୍ ବିଲୁପ୍ତି ନାମରେ ୬୫ ମିଲିଅନ୍ ବର୍ଷପୂର୍ବେ ଡାଇନୋସର, ମୋସାସର୍ସ ଓ କେତେକ ଗେଣ୍ଡା, ଶାମୁକା ଜାତିର ପ୍ରାଣୀ ପୃଥିବୀରୁ ବିଦାୟ ନେଇଗଲେ। ଏବେ ଆମେ ଆସି ପହଂଚିଛୁ ୬ଷ୍ଠ ବିଲୁପ୍ତି ହଲୋସିନ୍‌ର ଦ୍ୱାରଦେଶରେ। ଏବେ କାହାର ପାଳି ଆସୁଛି ତାର ପ୍ରୟାସ କଲାବେଳକୁ ଦେଖାଗଲା ଯେ ଏ ପର୍ଯ୍ୟନ୍ତ ଥାଇଲାସିନ ନାମକ ସ୍ତନ୍ୟପାୟୀ, କୋଷ୍ଟାରିକା ଗୋଲଷ୍ଟେନ୍ ଟୋଡ, ୟାଙ୍ଗଜେ ନାମକ ଡଲଫିନ୍ ଓ ପେସେଞ୍ଜର ପିଜିଅନ୍ ନାମକ ପାରା ବିଲୁପ୍ତ ହୋଇ ସାରିଲେଣି । ତେବେ ପ୍ରଶ୍ନ ଉଠୁଛି ଏହାର ପର ପାଳି ମଣିଷର ନୁହେଁ ତ ?

**ବିଭାଗୀୟ ମୁଖ୍ୟ(ରସାୟନ ବିଜ୍ଞାନ )**
**ଏନ୍ ଏ ସି ମହାବିଦ୍ୟାଳୟ ,**
**ବୁର୍ଲା ମୋ -୯୪୩୭୧୨୭୮୨୦**

# କୃତଜ୍ଞତା ଓ କୃତଘ୍ନତା



ଇଂ ଯଜ୍ଞପ୍ରକାଶ ଦାସ

ଆମେ ସମସ୍ତେ କିଛି ନା କିଛି ଯନ୍ତ୍ରଣାର ଶିକାର ହେଉଅଛେ। ଆମର ପ୍ରାଚୀନ ଋଷିମୁନିଗଣ କହିଛନ୍ତି- 'ଯନ୍ତ୍ରଣାର କାରଣ ହେଉଛି- କୃତଘ୍ନତା।' ଯାହାଠାରୁ ଆମେ କିଛି ପାଇଛୁ, ତାଙ୍କୁ ଧନ୍ୟବାଦ ଦେବା, ତାଙ୍କର ଅସୁବିଧା ସମୟରେ ସାହାଯ୍ୟ କରିବା, ଦୁଃଖର ବେଳାରେ ଧୈର୍ଯ୍ୟ ପ୍ରଦାନ କରିବା- କୃତଜ୍ଞତା ଅଟେ। ତାହା ନକରିବା କୃତଘ୍ନତା ଅଟେ। ବେଦ, ଉପନିଷଦ୍ ଆଦି ସତ୍‌ଶାସ୍ତ୍ର ମନୁଷ୍ୟକୁ କୃତଜ୍ଞ ହେବାପାଇଁ ଉପଦେଶ ଦେଇଛନ୍ତି। କୃତଜ୍ଞତା ହେଉଛି ପୁଣ୍ୟ। କୃତଘ୍ନତା ହେଉଛି ପାପ।

ଆମେ ଯେତେବେଳେ ଜନ୍ମ ହେଉ, ସେତେବେଳେ ଆମ୍ଭମାନଙ୍କୁ ପାଣି, ପବନ, ସୂର୍ଯ୍ୟକିରଣ, ଖାଦ୍ୟପଦାର୍ଥ ଆଦି ଅନାୟାସରେ ମିଳେ। ପରମପିତା ପରମାତ୍ମା ଆମକୁ ଅନେକ ଅଦ୍ଭୁତ ଯନ୍ତ୍ର ଖଞ୍ଜା ହୋଇଥିବା ମନୁଷ୍ୟ ଦେହ ଦେଇଛନ୍ତି। ବୃକ୍ଷଲତା, ଔଷଧି, ବନସ୍ପତି ଆଦି ପ୍ରଦାନ କରିଛନ୍ତି। ଏସବୁ ଆମକୁ ମାଗଣା ମିଳିଛି। ଯେଉଁ ମନୁଷ୍ୟ ପରମାତ୍ମାଙ୍କ ପ୍ରତି କୃତଜ୍ଞ ନହୋଇ ତାଙ୍କ ପ୍ରଦତ୍ତ ପଦାର୍ଥଗୁଡ଼ିକ ଭୋଗକରେ- ସେ କୃତଘ୍ନ। ଈଶ୍ୱର ଭକ୍ତିର ଅର୍ଥ କ'ଣ ? ଈଶ୍ୱର ଭକ୍ତି ହେଉଛି- ମହାଦାନୀ ପରମେଶ୍ୱରଙ୍କ ପ୍ରତ୍ୟେକ ଦାନକୁ ଗ୍ରହଣ କରିବାବେଳେ ତାଙ୍କପ୍ରତି ପ୍ରଣିପାତ ହେବା। କହିବା- "ହେ ପ୍ରଭୋ ! ତୁମର ଦାନପାଇଁ କି ବା ପ୍ରତିଦାନ ଦେବି ? ମୋ ହୃଦୟରେ ପ୍ରେମ ଓ ଭକ୍ତିର ଯେଉଁ ସୁଗନ୍ଧି ରହିଛି ତାହା ହିଁ ମୋର ନଗଣ୍ୟ ପ୍ରତିଦାନ। ମୋତେ ଶକ୍ତିଦିଅ ଯେପରି ମୁଁ ଅନ୍ୟର ଜୀବନନିର୍ବାହରେ ସହାୟକ ହେବି। ମୋର ମନୋବଳ ଦୃଢ଼ହେଉ ଯେ ମୁଁ ପ୍ରତ୍ୟେକ ମୁହୂର୍ତ୍ତରେ ତୁମର ପ୍ରଦତ୍ତ ପଦାର୍ଥ ଭୋଗ କରୁଅଛି ବୋଲି ସ୍ମରଣ ରଖିବି। ପୁଣି ଅନୁଭବ କରିବି ଯେ ତୁମେ ଦେଇଥିବା ପଦାର୍ଥ ଏହି ଜୀବନପାଇଁ ଉଦ୍ଦିଷ୍ଟ। ତେଣୁ ଦେହ ତ୍ୟାଗ କରିବା ସମୟରେ ସେସବୁ ମଧ୍ୟ ତ୍ୟାଗ କରିବି।"

ଅନ୍ୟର ଦାନ ଗ୍ରହଣକରି କୃତଜ୍ଞତା ଜ୍ଞାପନ ନକରିବା ପାପ। ସେହି ପାପକୁ କୃତଘ୍ନତା କୁହାଯାଏ। ଆମ ଚାରିପଟେ ଥିବା ପଶୁପକ୍ଷୀମାନେ ମୁହଁ ତଳକୁ କରିଚାଲିଥାନ୍ତି। ସେମାନେ ଲଜ୍ଜିତ ଅଟନ୍ତି। ମନୁଷ୍ୟ ଯଦି ସେମାନଙ୍କ ହୃଦୟର ଭାଷାକୁ ଜାଣିପାରନ୍ତା, ସେ ବୁଝିପାରନ୍ତା ଯେ ସେମାନେ ପୂର୍ବ ଜନ୍ମରେ ଅନ୍ୟମାନଙ୍କ ଦାନକୁ ମାଗଣା ଗ୍ରହଣକରି ସେମାନଙ୍କ ପ୍ରତି କୃତଜ୍ଞ ହୋଇନାହାନ୍ତି। ଆବଶ୍ୟକ ସମୟରେ ଅନ୍ୟକୁ ସାହାଯ୍ୟଦେଇ ନାହାନ୍ତି। ସେଥିପାଇଁ ସେ ଅନ୍ଧକାରମୟ ବନ୍ଦୀଶାଳାକୁ ଆସିଛନ୍ତି। ପଶୁପକ୍ଷୀଙ୍କ ଦେହ ବନ୍ଦୀଶାଳା ନୁହେଁ ତ ଆଉ କ'ଣ ?

**ସହାୟକ ମହାପ୍ରବନ୍ଧକ**
**ରାଉରକେଲା ଇସ୍ପାତ କାରଖାନା**

ସକାଳ ବନ୍ଦନା

# ସଂଜପ୍ରାର୍ଥନା



**ରମେଶ ମଙ୍ଗରାଜ**



ହେ' ଈଶ୍ୱର ତୁମେ ବିଶ୍ୱନିୟନ୍ତା
ମୁଁ ଏକ ସଂସାରି ଜୀବ
ତୁମ ଯୋଗୁ ମୋର ରହିଅଛି ସ୍ଥିତି
ତୁମ ବିନା ମୁହିଁ ଶବ।।୦।।
ସଂସାର ଦେଖିଛି ତୁମରି ପାଇଁକି
ମଣିଷ ଜନମ ପାଇ
ମଣିଷ ହୋଇବି ଭୁଲିଯାଉଅଛି
ମଣିଷପଣିଆ ମୁହିଁ
ପ୍ରାର୍ଥନା କରୁଛି ଦୁଇହାତ ଯୋଡ଼ି
ପ୍ରଭୁ କ୍ଷମା କରିଦେବ।।୧।।
ହେ' ଈଶ୍ୱର ତୁମେ ......

ପାଞ୍ଚମନ ସହ ପଚିଶି ପ୍ରକୃତି
ବୋଲ ମାନୁନାହିଁ ମୋର
ତୁମରି ନାମକୁ ଭରସା କରିଛି
ପ୍ରଭୁ ତୁମେ ରକ୍ଷାକର
କ୍ଷମାଗୁଣେ ପ୍ରଭୁ କ୍ଷମାକରିଦେଇ
ଚରଣେ ଆଶ୍ରୟ ଦେବ।।୨।।
ହେ' ଈଶ୍ୱର ତୁମେ .....

**କବି ଓ କବିତା ଭବନ**
**ମହୁଲ / ଅଙ୍ଗାରପଡ଼ା / ଖୋର୍ଦ୍ଧା - ୭୫୨୦୫୪**
**ମୋ - ୯୧୭୮୬୨୬୨୮୦**

ଜାଲ ଭିତରେ ମାଛ ପଶିଗଲେ ତା'ର ଯେଉଁ ଦଶାହୁଏ, ଦରିଦ୍ର ଲୋକ ନ୍ୟାୟ ପାଇବା ପାଇଁ ଅଦାଲତ ଭିତରେ ପଶିଗଲେ , ତାର ମଧ୍ୟ ସେଇ ଦଶାହୁଏ।

# ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ

**ରତ୍ନାକର ଦାସ**

ଯୁବକ ବୟସରେ ସ୍ତ୍ରୀକୁ ହରାଇଥିବା ଅନ୍ତର୍ଦାହ ତାଙ୍କୁ ବେଶ୍ କିଛିଦିନ ଭାରାକ୍ରାନ୍ତ କରିପକାଇଥିଲା । ତାଙ୍କର ମାନସିକ ଅବସ୍ଥାକୁ ଦେଖି ପଡ଼ିଶା ଲୋକେ, ଆଉ କିଏ କେମିତି ଆତ୍ମୀୟ ବି ତାଙ୍କୁ ପ୍ରବର୍ତ୍ତାଇଲେ ଦ୍ୱିତୀୟ ବିବାହ କରିବାପାଇଁ । କିନ୍ତୁ ଭାବନ କିଶୋର ବୟସର ପୁଅ ଝିଅ ଦୁହିଙ୍କ ମୁହଁକୁ ଚାହିଁ ଭୁଲି ଯାଇଥିଲେ ନିଜର ଦୈହିକ ସୁଖ ସ୍ୱାଚ୍ଛନ୍ଦ୍ୟକୁ । ଦ୍ୱିତୀୟ ସଂସାରରେ ମାତି ପିଲା ଦୁହିଙ୍କୁ ଅଣଦେଖା କରିବାକୁ ସେ ତିଳେମାତ୍ର ପସନ୍ଦ କଲେନାହିଁ । ପିଲା ଦୁହିଙ୍କ ପାଇଁ ନିଜେ ବାପ ଆଉ ମା'ର ଭୂମିକା ନିଭାଇ ଜୀବନକୁ ଅଜାଡ଼ି ଦେଇଥିବା ଅଠସ୍ତୋରୀ ବର୍ଷ ବୟସର ବୁଢ଼ା ଭାବନ ଆଜି ଝିଅ ଘରେ ଆଶ୍ରିତ । ଏଇକଥା ତାଙ୍କୁ ଅନେକ ବେଳେ ଆଘାତ ଦିଏ ଛାତିରେ ହାତୁଡ଼ି ପିଟିହେଲା ଭଳି । ଝିଅ ଜ୍ୱାଇଁ ନ ଦେଖିଲା ଭଳି ଅନେକ ବେଳେ ଆଖିରୁ ନିଗିଡ଼ି ପଡୁଥିବା ଲୁହକୁ ଲୁଗା କାନିରେ ଲୁଚାଇ ରଖି ଦିନ ବିତାନ୍ତି ଭାବନ ।

ପୁଅ ନରେନ୍ଦ୍ରର ଡ଼ାକ ନାଆଁ ନଣ୍ଡା । ଯେତେବେଳେ ସିଏ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା, ଅନେକ ଲୋକ କହିଲେ – "ତୋ ପୁଅ ତ ଶିଆଣିଆ ହେଇଗଲାଣି, ଏବେ ତାକୁ ତୋ କାମରେ ଲଗା । ତୋରି ଭଳି ମିସ୍ତ୍ରୀଟିଏ ହେଲେ ତାକୁ ଅଭାବ ଛୁଇଁ ପାରିବ ନାହିଁ । କଲେଜ ପଢ଼ି ସିଏ କ'ଣ ଯେ କରିବ, ବରଂ କୁଳ ବେଉଷା କଲେ ସମ୍ମାନ ବଢ଼ିବ ।"

ଏପରିକି ନିଜ ସ୍ତ୍ରୀ 'ପୁଅଟାକୁ ତମ ସାଙ୍ଗରେ ନେଇ ଖଟାଅ' ବୋଲି ଅନେକ ଥର ମଧ୍ୟ କହିଥିଲା ସ୍ୱାମୀ ଭାବନକୁ । କିନ୍ତୁ ଭାବନ ସମସ୍ତଙ୍କୁ ଶୁଣି, ନ ଶୁଣିଲା ଭଳି ଆଡ଼େଇ ଦେଲା, ସିଏ ଦେଖିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ।

ସେ ରାତିର ସ୍ୱପ୍ନ ଦେଖା ନିଦ ଭାଂଗିଯିବା ପରେ ବିଚରା ଆଉ ଶୋଇ ପାରିଲାନି ସୂର୍ଯ୍ୟ ଉଠିବା ଯାଏଁ । ସ୍ୱପ୍ନ କଥାଟାକୁ କାହା ଆଗରେ ବି କହି ନ ଥିଲା, ସେମାନେ ତାକୁ ହସରେ ଉଡ଼ାଇ ଦେବେ ବୋଲି । ସେଇ କଥାକୁ ଭାବି ଭାବି ଭାବନ ଖୁବ୍ ଭାବ ଗମ୍ଭୀର ଭାବେ ଦିନ ବିତେଇଥିଲା । ଏପରିକି ନିଜ ସ୍ତ୍ରୀକୁ କହିବା ପାଇଁ ଅନୁଚିତ ମଣିଥିଲା ସେ ତିର୍ଲା ଲୋକ ଭାବି ।

– "ସେ ତା'ର ସ୍ୱପ୍ନକୁ ସାକାର କରିବା ପାଇଁ ଜୀବନକୁ ଅଜାଡ଼ି ଦେଲା ଦିନକୁ ବାର ଚଉଦ ଘଣ୍ଟା ଅଜସ୍ର ପରିଶ୍ରମ କରି ।"

– "ଆଂଜୁଳା ଆଂଜୁଳା ଦୁଃଖକୁ ପିଇ, ସେଦିନର ସେଇ ବଣି ଚଢ଼େଇ

ବୋଧହୁଏ ସେଠାକାର ସର୍ବନିମ୍ନ ତାପମାତ୍ରା ହେତୁ ସେଦିନ ଏକ ଶୀତୁଆ ସକାଳର ସୂର୍ଯ୍ୟ ଫିକା ଦିଶୁଥିଲେ । ସମସ୍ତେ ଯେମିତିକି ବିକଳ ହେଉଥିଲେ ଉତ୍ତାପ ପାଇବା ପାଇଁ । କିନ୍ତୁ ବଣି ଚଢ଼େଇଟିର ସେ ସବୁକୁ ଖାତିର ନ ଥିଲା ତିଳେମାତ୍ର । ତାଳଗଛ ବାହୁଂଗା କୋରଡ଼ରେ ଥିବା ଶାବକଙ୍କ ପାଇଁ ସିଏ ତା ଜୀବନକୁ ବାଜି ଲଗାଇ ଦେଇଥିଲା ।

ଅଧାର କାମୁଡ଼ି ଫେରୁଥିଲା ଯେ ତ'। ଛୁଆ ଦୁହେଁ କୁରୁଳି ଉଠୁଥିଲେ ଖୁସିରେ । ଭାଗ ମାପ କରି ତା'ଛୁଆଙ୍କ ପାଟିରେ ଅଧାରକୁ ଖୁଆଇ ଦେବା ପରେ, ନିଜେ ସ୍ୱର୍ଗୀୟ ସୁଖ ଅନୁଭବ କରୁଥିଲା ସେଇଠି ଝାଡ଼ିଝୁଡ଼ି ହେଇ । ଛୁଆଙ୍କୁ ବୋଧହୁଏ କହୁଥିଲା ନୀତି ଆଦର୍ଶର କଥା । ଶିଖାଉଥିଲା ବାଟ କ'ଣ ଆଉ ଅବାଟରେ ଗଲେ କ'ଣ ସବୁ ଭୋଗିବାକୁ ହୁଏ ଇତ୍ୟାଦି ।

ଝିଅ ଜ୍ୱାଇଁଙ୍କ ଭଡ଼ାଘର ପୋର୍ଟିକୋରେ ବସିଥିବା ଭାବନ ଭାରୁଆ ପାଇଁ ଏଇମିତି ଏକ ଆତ୍ମିକ ଅନୁଶୀଳନ ଦୃଶ୍ୟକୁ ଅବଲୋକନ କରିବାର ମୁହୂର୍ତ୍ତଟା ବୋଧହୁଏ ଅଶୁଭ ଥିଲା । ସିଏ ବାଷଠି ବର୍ଷ ପଛକୁ ଫେରିଯାଇ ନିଜ ରୋଜନାମଚାକୁ ଓଲଟାଉଥିଲେ ।

– ମାପୁଥିଲେ, କର୍ମରେ ନିହିତ ପାପ-ପୁଣ୍ୟର ଆୟତନକୁ ।

– ତଉଲୁଥିଲେ ଭୁଲ୍ ଠିକ୍‌ର ପରିମାଣକୁ ଆଉ ଭାବି ହେଉଥିଲେ ଦାନ ବଦଳରେ ପ୍ରତିଦାନ ମିଳେ କି ନାହିଁ । ଯଦି ମିଳେ ତେବେ ଏଇ ଜନ୍ମରେ ନା ମୃତ୍ୟୁପରେ ।

ଝିଅ ସୁମନୀର 'ବାପା ଘରକୁ ଆସ' ଡ଼ାକରେ ପ୍ରକୃତିସ୍ଥ ହେଲେ ଭାବନ। ଆଖିରୁ ଜକେଇ ଆସୁଥିବା ଲୁହ କେଇ ଟୋପାକୁ, ଘୋଡ଼େଇ ହେଇଥିବା ଶୀତ ଚଦରରେ ପୋଛି କାଠ ଚଉକିରୁ ଉଠିଲେ ସିଏ ହାତ ବାଡ଼ିକି ଆଶ୍ରା କରି ।

ଏଇ ଭାବନ ଭାରୁଆ । ବେଶି ପାଠ ପଢ଼ି ନ ଥିଲେ ବି ମୂର୍ଖ ବୋଲି କୁହାଯାଇ ପାରିବନି । ସେଇବେଳେ ତାଙ୍କର ଜନ୍ମ, ପ୍ରବାହିତ ପରାଧୀନତାର ପାଣି ପବନରେ ଏ ମାଟି ଅଣନିଶ୍ୱାସୀ ହେଉଥିଲା ଯେତେବେଳେ । କୌଳିକ ବୃତ୍ତିକୁ ଆଦରି ନେଇଥିଲେ କିଶୋର ବୟସରୁ। କାଠରେ ସିଏ ଏତେ ସୂକ୍ଷ୍ମ କାରୁକାର୍ଯ୍ୟ କରିପାରନ୍ତି ଯେ ବର୍ତ୍ତମାନର ଯନ୍ତ୍ର ସେ ସବୁ କରିବା ସତେ ଯେମିତି ସହଜ ସାଧ୍ୟ ନୁହେଁ । ଭାବନ ମିସ୍ତ୍ରୀ କହିଲେ କେବଳ ନିଜ ଜିଲ୍ଲା ନୁହେଁ ପଡ଼ୋଶୀ ଜିଲ୍ଲାର ଲୋକେ ମଧ୍ୟ ଜାଣନ୍ତି ।

ଜ୍ୱଳନ୍ତା ଗୃହରୁ ଯେପରି ଯଥାଶୀଘ୍ର ବାହାରି ପଳାଇବା ଆବଶ୍ୟକ, ସେହିପରି ହିଂସା ପରାୟଣ ଓ ଚରିତ୍ରହୀନ ବ୍ୟକ୍ତିର ସଂସର୍ଗକୁ ଯଥା ସମ୍ଭବ ତ୍ୟାଗ କରିବା ଉଚିତ୍।

ଭଳି ମାଘମାସ ଜାଡ଼ରେ ଦେହରୁ ଝାଳ ନିଗାଡ଼ି ଭାବନ ଚବିଶ ଘଣ୍ଟା ଭାବି ଚାଲିଲା, ପୁଅ କେମିତି ପାଠ ପଢ଼ିବ ।"

- "କେହି ଲୋକ ଯେମିତି ନ କହିବେ, ଭାବନ ମିସ୍ତ୍ରୀର ପୁଅ ନଣ୍ଡା ମିସ୍ତ୍ରୀ ବୋଲି ।"

ପୁଅ ନଣ୍ଡାକୁ ସମାଜରେ ଭିନ୍ନ ଏକ ପରିଚୟରେ ଠିଆ ହେବାକୁ ଦେବି' ଏଇ ଚିନ୍ତା ଏଇ ଭାବନାରେ ଅନବରତ ଘାରି ହେଉଥିବା ଭାବନ ଭାରୁଆର ସ୍ୱପ୍ନ ଆଉ ସମ୍ଭାବନା ବର୍ଷ କେଇଟା ପରେ ଅଜି ଫଳପ୍ରସୂ ହୋଇଛି ।

- "ସେ ଆଉ ଭାରବାହୀ କାଠ ମିସ୍ତ୍ରୀ ଭାବନ ଭାରୁଆର ପୁଅ ଭାବେ ପରିଚିତ ନୁହେଁ ।"
- "ସେ ଆଉ ନୁହେଁ ଅଖ୍ୟାତ ପଲ୍ଲୀ ଗାଆଁର ଜନ୍ମିତ ନଣ୍ଡା ।"
- "ସିଏ ଆଜି ସମଗ୍ର ଉପଖଣ୍ଡର ମାନ୍ୟଗଣ୍ୟ ବ୍ୟକ୍ତି, ଆଗଧାଡ଼ିର ମଣିଷ ।"
- "ମେସଲରେ ବସି ଦୋଷୀ ନିର୍ଦ୍ଦୋଷ ବିଚାର କରୁଥିବା ହାକିମ ।"
- "ନିଜ ଇଚ୍ଛାରେ ବିବାହିତ ପୁରୁଷ, ସରକାରୀ କ୍ୱାର୍ଟରରେ ଦାମ୍ପତ୍ୟ ଜୀବନ ଅତିବାହିତ କରୁଥିବା କନିଷ୍ଠ ହାକିମ ନରେନ୍ଦ୍ର ପ୍ରସାଦ ଭାରୁଆ ।"

ଏଇ ଗାମୁଛା ପିନ୍ଧା ପରିଣତ ବୟସର ମଣିଷ ଭାବନ ମିସ୍ତ୍ରୀ ପାଇଁ, ସେଇ ମାନ୍ୟତାପ୍ରାପ୍ତ ମଣିଷଟି ଯେମିତିକି ଗୋଟେ ପଥରୋଦ୍ଧକାରୀ ପାଚେରି ନିର୍ମାଣ କରିଛି । କଳା ମଚମଚ ଚେହେରା ସାଙ୍ଗକୁ ପାଚିଲା ବାଳଯୁକ୍ତ ବୁଢ଼ାଟା ଆଜି ଘୃଣିତ ହେଇ ଯାଇଛି ସେମାନଙ୍କ ପାଇଁ । ଜନ୍ମିତଙ୍କ ମୁହଁକୁ ଚାହିଁ ଯେଉଁ ଭାବନ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ନ ଥିଲା, ସେଇ ଜନ୍ମିତ ପାଖରେ ଭାବନ ଆଜି ଅଲୋଡ଼ା ହେଇଯାଇଛି । ଝିଅ ଜ୍ୱାଇଁ ଯେତେ ବୁଝାଇଲେ ବି ଭାବନ ଭାବି ହେଉଛି ବଣି ଚଢ଼େଇର ଆତ୍ମୀୟ ଅନୁଶୀଳନ ଭଳି ନିଜର ଅଂଗୀକାରକୁ । ଖୋଜି ଚାଲିଛି ଉତ୍ତରକୁ, ଦାନ ବଦଳରେ ପ୍ରତିଦାନ ମିଳେ କି ନାହିଁ ।

ଠିକ୍ ଏଇ ବେଳକୁ ଝିଅ ସୁମୁନୀ ବାପା ଭାବନର ହାତଧରି ଗେଟ୍ ସମ୍ମୁଖରେ ଠିଆ ହୋଇଥିବା କାର୍ ଆଡ଼କୁ ନେଇ ଯାଇଥିଲା ଯେ, କେଉଁଠିକି ଯିବା ବୋଲି ପଚାରି ହେଉଥିଲା ବାପ ଭାବନ ।

ଝିଅ ସୁସୁନୀ ନିଜ ଆଖିର ଲୁହ ଓ ଛାତିର କୋହକୁ ଚାପିରଖି କହୁଥିଲା, ଆମେ ସେଇଠିକି ଯିବା, ନଣ୍ଡା ଅଚେତ ଅବସ୍ଥାରେ ଯେଉଁ ଆଇ.ସି.ୟୁରେ ଅଛି ।

ବାପ ଭାବନ ଉପରକୁ ଚାହୁଁଥିଲା, ଆକାଶଟା ତା' ମୁଣ୍ଡ ଉପରେ ଖସି ପଡ଼ିବାର ଭୟରେ । ଗାଡ଼ି ଭିତରେ ବସିବା ପରେ ତା'ର ସେଇ ନିହାଣ ମୁଗୁର ଧରା ଟାଣ ଚମଡ଼ାଯୁକ୍ତ ହାତ ପାପୁଲି ଦୁହେଁ ସ୍ୱତଃ ଯୋଡ଼ି ହେଇ ଯାଇଥିଲେ  ନଣ୍ଡାର ମଂଗଳ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଉଦ୍ଦେଶ୍ୟରେ ।

**ସଭାପତି - ଉତ୍କଳମଣି ଶିଶୁ ସାହିତ୍ୟ ସମିତି**

**ଶଂଖୋ, ଆନନ୍ଦପୁର, କେନ୍ଦୁଝର-୨୨**

# ଜାତୀୟ ଗ୍ରନ୍ଥାଳୟ

ରବୀନ୍ଦ୍ରକୁମାର ବଳୀୟାରସିଂହ

ଭାରତରେ ଗ୍ରନ୍ଥାଳୟ ବିଜ୍ଞାନର ଜନକ ଡ଼କ୍ଟର ଶିଆଲୀ ରାମାମୃତ ରଙ୍ଗନାଥଙ୍କ ମତରେ ଗ୍ରନ୍ଥାଳୟ ହେଉଛି ଏକ ସାମାଜିକ ଅନୁଷ୍ଠାନ ; ଏକ ପବିତ୍ର ଗୃହ , ଜ୍ଞାନ ଭଣ୍ଡାର ଯେଉଁଥିରେ ପୁସ୍ତକ ଓ ପତ୍ର-ପତ୍ରିକା ମାଧ୍ୟମରେ ଅସରନ୍ତି ଜ୍ଞାନର ସଂଗ୍ରହ , ସଂରକ୍ଷଣ କରାଯାଇଥାଏ ଓ ଲୋକମାନଙ୍କର ଆବଶ୍ୟକତା ଅନୁଯାୟୀ ଜ୍ଞାନର ପ୍ରସାରଣ ପାଇଁ ବିତରଣ କରାଯାଇଥାଏ। ଆମେ ଜାଣିଛେ ଯେ ଗ୍ରନ୍ଥାଳୟ , ଏକ ପାଠାଗାର ଏକ ଶିକ୍ଷାନୁଷ୍ଠାନିକ କେନ୍ଦ୍ର , କେବଳ ସ୍କୁଲ , କଲେଜ ଏବଂ ବିଶ୍ୱବିଦ୍ୟାଳୟମାନଙ୍କରେ ଥାଏ ଏବଂ ପାଠପଢ଼ା କାର୍ଯ୍ୟ ସହିତ ସଂପୃକ୍ତ ସମସ୍ତ ଛାତ୍ରଛାତ୍ରୀ; ଶିକ୍ଷକ ଶିକ୍ଷୟତ୍ରୀ ଓ ଅନୁଷ୍ଠାନରେ କାର୍ଯ୍ୟରତ ଗବେଷକ ଓ କର୍ମଚାରୀଙ୍କୁ ସେବାପ୍ରଦାନ କରିଥାଏ। ଏହି ସ୍ତରରେ ପାଠାଗାରଟି କେବଳ ଶିକ୍ଷିତ ସମୂହଙ୍କୁ ସାହାଯ୍ୟ କରିଥାଏ। କିନ୍ତୁ , ଏକ- ଚତୁର୍ଥାଂଶରୁ ଅଧିକ ଲୋକ ନିରକ୍ଷର ଯେଉଁମାନେ ଲେଖାପଢ଼ା ଜାଣି ନାହାଁନ୍ତି। ସେମାନଙ୍କୁ ସାକ୍ଷର କରିବା ଦାୟିତ୍ୱ ସରକାରୀ ପଦକ୍ଷେପଗୁଡ଼ିକ ଦବାରା ସଂଚାଳିତ ହେଉଥିଲେ ହେଁ, ତନ୍ମଧ୍ୟରେ ଗ୍ରନ୍ଥାଳୟର ଏକ ପ୍ରମୁଖ ସ୍ଥାନ ରହିଥାଏ। ସମାଜରେ ବସବାସ କରୁଥିବା ବିଭିନ୍ନ ବର୍ଗର ଲୋକମାନଙ୍କର ପଠନଚାହିଦାକୁ ଦୃଷ୍ଟିରେ ରଖି ଗ୍ରନ୍ଥାଳୟ ପ୍ରଣାଳୀକୁ ନିମ୍ନମତେ ବିଭକ୍ତ କରାଯାଇଛି।

ଯଥା :-

୧. ଜାତୀୟ ଗ୍ରନ୍ଥାଳୟ ପ୍ରଣାଳୀ (National Library System)
୨. ସର୍ବସାଧାରଣ ଗ୍ରନ୍ଥାଳୟ ପ୍ରଣାଳୀ (Public Library System)
୩. ଶିକ୍ଷାନୁଷ୍ଠାନିକ ଗ୍ରନ୍ଥାଳୟ ପ୍ରଣାଳୀ (Academic Library System)
୪. ବିଶେଷ - ବିଷୟଭିତ୍ତିକ ଗ୍ରନ୍ଥାଳୟ ପ୍ରଣାଳୀ (Special Library System)

ଜାତୀୟ ସ୍ତରରେ ସାମଗ୍ରିକ ପ୍ରଗତି ଓ ବିକାଶ ଦେଶର ନିର୍ବାଚିତ ସରକାରଙ୍କ ବିଭିନ୍ନ ପ୍ରଶାସନିକ ବିଭାଗଦ୍ୱାରା ପରିଚାଳିତ। ସେଥିପାଇଁ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରାଯାଇଥାଏ। ସାମାଜିକ - ଅର୍ଥନୈତିକ , ଶିକ୍ଷା ଓ ସଂସ୍କୃତି , ବାଣିଜ୍ୟ ଓ ବ୍ୟବସାୟ , ଶିଳ୍ପ , ବିଜ୍ଞାନ ଓ ଯାନ୍ତ୍ରିକ ବିଦ୍ୟା ସମ୍ବଳିତ ଅନେକ ଜ୍ଞାନ ଦୈନନ୍ଦିନ ଭିନ୍ନଭିନ୍ନ ପଠନ ସାମଗ୍ରୀ ରୂପରେ ପ୍ରକାଶିତ ଓ ପ୍ରସାରିତ ହେଉଛି। ସମୟ ଓ ସୁବିଧାର ବିନିମୟରେ କେହି କେହି ପାଠ କରିଥାନ୍ତି। ଏମିତି ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ ଦୈନିକ ଖବରକାଗଜ ପଢ଼ିବାପାଇଁ ସୁଯୋଗ ପାଇନଥାନ୍ତି। ଏହିସବୁ କାରଣରୁ ଗ୍ରନ୍ଥାଳୟର ପଠନସାମଗ୍ରୀ ସଂଗ୍ରହ ଓ ସଂରକ୍ଷଣ ପକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଜାତୀୟ ସ୍ତରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଗ୍ରନ୍ଥାଳୟ ଅଥବା ପାଠାଗାର, କିମ୍ବା ପଠନଗୃହ ଇତ୍ୟାଦି ସର୍ବସାଧାରଣଙ୍କ ବ୍ୟବହାର ଉଦ୍ଦେଶ୍ୟରେ

ଖୋଲାଯାଇଛି, ଯେଉଁ ପ୍ରଣାଳୀର ଶୀର୍ଷରେ ଥିବା ଗ୍ରନ୍ଥାଳୟକୁ ଜାତୀୟ ଗ୍ରନ୍ଥାଳୟ ବୋଲି ନାମିତ କରାଯାଇଛି।

ଅବଶ୍ୟ ଜାତୀୟ ଗ୍ରନ୍ଥାଳୟର ପରିକଳ୍ପନା ବିଗତ କିଛି ଶତାବ୍ଦୀ ଆଗରୁ ହୋଇଥିଲେ ହେଁ, ପାଶ୍ଚାତ୍ୟ ଦେଶ ସମୂହ ଏପରି ଗ୍ରନ୍ଥାଳୟର ଉତ୍ପତ୍ତି ପାଇଁ ବିଶେଷ ଭାବରେ ଶିଳ୍ପସମୃଦ୍ଧି, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ବୈଜ୍ଞାନିକ ବିକାଶ ଓ ପ୍ରଗତିକୁ ଗୁରୁତ୍ୱ ଦେଇଥାଆନ୍ତି। ୟୁରୋପୀୟ ଦେଶଗୁଡ଼ିକର ସଂସ୍କରଧର୍ମୀ ନବଜାଗରଣ ଆନ୍ଦୋଳନହିଁ ଆଜିର ଜାତୀୟ ଗ୍ରନ୍ଥାଳୟର ଉତ୍ପତ୍ତି ପାଇଁ ମୁଖ୍ୟତଃ ଦାୟୀ ଅଟେ। ବାଣିଜ୍ୟ, ପରିବହନ, ଯାନ୍ତ୍ରିକ ଯୋଗାଯୋଗ ଦ୍ୱାରା ଏହି ଗ୍ରନ୍ଥାଳୟ ପ୍ରଣାଳୀକୁ ବିଶେଷ ସମୃଦ୍ଧ କରିପାରିଛି ଯଦିଓ ସାର୍ବଜନୀନ ଗ୍ରହଣଯୋଗ୍ୟ ସଂଜ୍ଞା ଜାତୀୟ ଗ୍ରନ୍ଥାଳୟ ପାଇଁ ବାହାରି ନାହିଁ, ତଥାପି ସର୍ବସମ୍ମତ ଏହାର ଲକ୍ଷ୍ୟ, କାର୍ଯ୍ୟ ଓ ଉଦ୍ଦେଶ୍ୟ ନିରୂପିତ ହୋଇପାରିଛି। ଏଣୁ ଏହି ଲକ୍ଷ୍ୟରେ ପ୍ରତ୍ୟେକ ଦେଶ ସେମାନଙ୍କର ଐତିହ ଓ ସଂସ୍କୃତିକୁ ସାଇତି ରଖିବାକୁ ଜାତୀୟ ସ୍ତରରେ ଏକ ଜାତୀୟ ଗ୍ରନ୍ଥାଳୟ ସ୍ଥାପନ କରିବାପାଇଁ ଉଦ୍ୟମ କରିଛନ୍ତି। କେତେକ ପ୍ରମୁଖ ଜାତୀୟ ଗ୍ରନ୍ଥାଳୟ ମଧ୍ୟରେ ଆମେରିକାର ଲାଇବ୍ରେରୀ ଅଫ୍ କଂଗ୍ରେସ; ବ୍ରିଟେନ୍‌ର ବ୍ରିଟିଶ ମିଉଜିୟମ୍; ଋଷିଆର ମସ୍କୋ ଷ୍ଟେଟ୍ ଲେନିନ୍ ଲାଇବ୍ରେରୀ ଇତ୍ୟାଦି ଉଲ୍ଲେଖନୀୟ ଅଟେ। ସେହିପରି ଆମ ଭାରତରେ ଭାରତୀୟ, ଜାତୀୟ, ଗ୍ରନ୍ଥାଳୟ ପଶ୍ଚିମବଙ୍ଗ ରାଜ୍ୟର କଲିକତା ସହରରେ ଅବସ୍ଥିତ।

ଜାତୀୟ ଗ୍ରନ୍ଥାଳୟର ପ୍ରାରମ୍ଭିକ ବୈଶିଷ୍ଟ୍ୟ ଏହି ଯେ, ଏହା କୌଣସି ଦେଶର ଶୀର୍ଷରେ ଅର୍ଥାତ୍ ଦେଶର କେନ୍ଦ୍ରସ୍ଥଳୀ ରାଜଧାନୀରେ ଦୃଶ୍ୟମାନ ହୁଏ। ଏହାର ମୂଳଲକ୍ଷ୍ୟ ଦେଶର ବୌଦ୍ଧିକ ଓ ସାଂସ୍କୃତିକ ଐତିହକୁ ସଂଗ୍ରହ କରିବା, ସଂରକ୍ଷଣ ଓ ବିତରଣ କରିବା ସହିତ ଆଗାମୀ ବଂଶଧରଙ୍କ ପାଇଁ ସାଇତି ରଖିବା। ବିଶେଷକରି ଏହି ଗ୍ରନ୍ଥାଳୟରେ ଗଚ୍ଛିତ ଜ୍ଞାନକୁ କଳା, ବିଜ୍ଞାନ, ସାମାଜିକ ବିଜ୍ଞାନ ସହିତ ସଂପୃକ୍ତ ବିଦ୍ୱାନ ଓ ଗବେଷକମାନେ ବ୍ୟବହାର କରିଥାନ୍ତି। ତଥାପି ଦେଶ ଭିତରେ ଓ ବାହାରେ ପ୍ରକାଶିତ ଓ ଆଦୃତ ସମସ୍ତ ଦସ୍ତାବିଜ୍‌କୁ ସଂଗ୍ରହ ଓ ସଂରକ୍ଷଣ କରିବା ସମ୍ଭବପର ହୋଇନଥାଏ। ତେଣୁ ଦେଶର ସ୍ୱତ୍ତ୍ୱାଧିକାର ଆଇନ୍ ବଳରେ ସମସ୍ତ ପ୍ରକାଶକ ଓ ଲେଖକମାନଙ୍କୁ ସେମାନଙ୍କ ଦ୍ୱାରା ପ୍ରକାଶିତ ପଠନସାମଗ୍ରୀର ପ୍ରଥମ ଦୁଇଖଣ୍ଡ ପୁସ୍ତକ ପୁସ୍ତିକାକୁ ମାଗଣାରେ ଏହି ଗ୍ରନ୍ଥାଳୟକୁ ଯୋଗାଇବା ପାଇଁ ବାଧ କରାଯାଇଛି। ଅତଏବ୍ ଦେଶରେ ପ୍ରଚଳିତ ସ୍ୱତ୍ତ୍ୱାଧିକାର ଆଇନ ସାହାଯ୍ୟରେ ପ୍ରକାଶିତ ପଠନସାମଗ୍ରୀ ସ୍ୱତଃ ଗ୍ରନ୍ଥାଳୟରେ ପହଞ୍ଚିଥାଏ। ଲେଖକ ଓ ପ୍ରକାଶକଙ୍କର ଏହା ଏକ ଆଇନ ସମ୍ମତ ଅଧିକାର ଓ ଏପରି କରିବାକୁ ବିଫଳ ହେଲେ ସେମାନଙ୍କୁ ଦଣ୍ଡିତ ହେବାକୁ ପଡ଼ିଥାଏ।

Gj ò_eò_Êẁe (UNESCO) ୧୯୭୦ ମସିହାରେ ଜାତୀୟ ଗ୍ରନ୍ଥାଳୟର ଏକ ସୁବିସ୍ତୃତ ସଂଜ୍ଞା ନିରୂପଣ କରି ଲେଖିଛନ୍ତି ଯେ ଜାତୀୟ ଗ୍ରନ୍ଥାଳୟ ହେଉଛି ,

୧. ଯାହାକି ଦେଶ ଭିତରେ ପ୍ରକାଶିତ ସବୁ ପଠନସାମଗ୍ରୀକୁ ସଂଗ୍ରହ ଓ ସଂରକ୍ଷଣ କରେ ;
୨. ଏହା ଏକ ଆଇନ ସମ୍ମତ ଗଚ୍ଛିତ ପୁସ୍ତକାଳୟ ହୋଇପାରେ ;
୩. ଏହା ଜାତୀୟ ଗ୍ରନ୍ଥ ବିବରଣୀ ଓ ସୂଚୀ ପ୍ରସ୍ତୁତ କରେ;
୪. ନିଜ ଦେଶ ସମ୍ବନ୍ଧରେ ବିଦେଶରେ ପ୍ରସ୍ତୁତ ପୁସ୍ତକାଦିକୁ ସଂଗ୍ରହ କରେ ;
୫. ଜାତୀୟ , ଗ୍ରନ୍ଥସୂଚୀ ଓ ଗ୍ରନ୍ଥବିବରଣୀ ସମ୍ବନ୍ଧରେ ସୂଚନା କେନ୍ଦ୍ରର ଭୂମିକା ଗ୍ରହଣ କରେ ;
୬. ମିଳିତ ସୂଚୀକରଣ ଓ ସୂଚୀପତ୍ର ସଂକଳନ କରେ ; ଏବଂ
୭. ଅତୀତ – ଆଲୋଚନା ଭିତ୍ତିକ ଗ୍ରନ୍ଥବିବରଣୀ ପ୍ରକାଶକରେ।

ଉପରୋକ୍ତ ସଂଜ୍ଞାଟି ସୁବିସ୍ତୃତ ଢ଼ଙ୍ଗରେ ଜାତୀୟ ଗ୍ରନ୍ଥାଳୟର ପ୍ରମୁଖ କାର୍ଯ୍ୟଧାରାକୁ ପରିପ୍ରକାଶ କରୁଥିବାରୁ ଏହାକୁ ସହଜରେ ଗ୍ରହଣ କରାଯାଇଛି। ଆବଶ୍ୟକ ଅନୁଯାୟୀ ଜାତୀୟ ଗ୍ରନ୍ଥାଳୟର ପ୍ରମୁଖ କାର୍ଯ୍ୟ ହେଲା : –

- ସଂଗ୍ରହ ଓ ସଂରକ୍ଷଣ ପକ୍ରିୟା ବିକାଶକୁ ତ୍ୱରାନ୍ୱିତ କରିବା;
- ଜ୍ଞାନ ବିତରଣ ଓ ଏହାର ବିସ୍ତାର କାର୍ଯ୍ୟ ବ୍ୟାପକ କରିବା;
- ଜାତୀୟ ଗ୍ରନ୍ଥ ବିବରଣୀ ପ୍ରସ୍ତୁତ କରିବା; ଏବଂ ସର୍ବୋପରି
- ପାଠକୀୟ ସେବାକୁ ପ୍ରାଧାନ୍ୟ ଦେବା।

ମୋ-୯୯୩୭୮୪୨୬୪୨

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

## ସୁ-ଡୋକୁ ଉତ୍ତର ୩୦ ପୃଷ୍ଠାରେ

| | | | | | | | | |
|---|---|---|---|---|---|---|---|---|
| 7 | | 8 | | | | | 4 | 2 |
| | | | 6 | 7 | 2 | | | 3 |
| 6 | 5 | 2 | | | | | 1 | 9 |
| | 9 | | 7 | | | | 8 | 6 |
| 2 | | 7 | 9 | | 6 | 5 | | 1 |
| 1 | 8 | | | | 5 | 4 | | |
| 8 | | 9 | | 2 | | 1 | 6 | 4 |
| 4 | | | | 6 | 1 | | | |
| 5 | 6 | | 4 | | | 3 | 2 | 8 |

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ରଷ୍ଟା ରାମଚନ୍ଦ୍ର ମର୍ଦ୍ଦରାଜ



ପ୍ରଫେସର ବସନ୍ତ କୁମାର ସାମନ୍ତ



**ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁ ମହାପୁରୁଷମାନେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ, ସେମାନଙ୍କ ମଧ୍ୟରେ ରାଜା ବାହାଦୁର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଥିଲେ ଅନ୍ୟତମ। ତାଙ୍କ ବ୍ୟକ୍ତିତ୍ୱର ପଟାନ୍ତର ନାହିଁ କହିଲେ ଚଳେ।**

ଏହି ମହାସଂଗ୍ରାମର ଅୟମାରମ୍ଭ ଓ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଜନ୍ମ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ସଦୃଶ । ଓଡ଼ିଶାର ରାଜନୈତିକ,ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଧାର୍ମିକ ପରମ୍ପରାକୁ ଋଦ୍ଧିମନ୍ତ କରିବାରେ ଖଲ୍ଲିକୋଟ ମର୍ଦ୍ଦରାଜ ବଂଶର ଭୂମିକା ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ଏହି ରାଜବଂଶର ସୁଯୋଗ୍ୟ ସନ୍ତାନଙ୍କ କର୍ମମୟ ଜୀବନ ଓ ସେମାନଙ୍କ ସମ୍ପତ୍ତି ଓଡ଼ିଶାର ଜନକଲ୍ୟାଣ ପାଇଁ ଉତ୍ସର୍ଗୀକୃତ। ଏହିପରି ଏକ ମହାନ ପରମ୍ପରା ବହନ କରୁଥିବା ରାଜବଂଶର ୩୧ତମ ଦାୟାଦ - ରାମଚନ୍ଦ୍ର ୧୩ ଜାନୁୟାରୀ ୧୯୦୦ରେ ରାଜା ହରିହର ଓ ରାଣୀ କନକ ମଞ୍ଜରୀଙ୍କ କୋଳ ମଣ୍ଡନ କରିଥିଲେ । ତାଙ୍କର ଦ୍ୱିତୀୟ ସ୍ୱନକ୍ଷତ୍ର ପାଳନ ଅବସରରେ ପିତା ହରିହର ମର୍ଦ୍ଦରାଜ ଓଡ଼ିଶାର ପ୍ରମୁଖ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରିଥିଲେ ରମ୍ଭା ରାଜ ପ୍ରାସାଦକୁ । ସେଠାରେ ଆଲୋଚନା ମାଧ୍ୟମରେ ଜନ୍ମ ନେଇଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରିକରଣ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଭିତ୍ତିଭୂମି । ଏହିଠାରେ ହିଁ ଜନ୍ମ ନେଇଥିଲା ଉତ୍କଳ ସମ୍ମିଳନୀ ଯାହାକି ସ୍ୱତନ୍ତ୍ର ଓଡ଼ିଶା ଗଠନରେ ପ୍ରମୁଖ ଭୁମିକା ଗ୍ରହଣ କରିଥିଲା । ତେଣୁ ଏତିକି କୁହାଯାଇପାରେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରକ୍ରିୟା ଓ ରାମଚନ୍ଦ୍ରଙ୍କ ଜୀବନ ପ୍ରବାହ ଏକ ସଙ୍ଗେ ଚାଲିଥିଲା ।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତାଙ୍କ ପିତା ମାତାଙ୍କର ଏକମାତ୍ର ସନ୍ତାନ। ପିଲାଟି ଦିନରୁ ସେ ଥିଲେ ଶାନ୍ତ ତଥା ମାର୍ଜିତ। ତା ସଙ୍ଗେ ସେ ମଧ୍ୟ ଅସ୍ତ୍ର ଚାଳନା ଓ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଥିଲେ । ପିତାମାତାଙ୍କ ଏକମାତ୍ର ସନ୍ତାନ ହେବା ସତ୍ତ୍ୱେ, ସେ ଅତି ମାତ୍ରାରେ ଅଳିଅଳ ନଥିଲେ । ମାତ୍ର ୯ ବର୍ଷ ବୟସରେ ପିତା ହରିହରଙ୍କ ବିୟୋଗ ଘଟିଥିଲା। ମାତା କନକ ମଞ୍ଜରୀ ଏବଂ କୋର୍ଟ ଅଫ ୱାର୍ଡସଙ୍କ ତତ୍ତ୍ୱାବଧାନରେ ସେ ମାନ୍ଦ୍ରାଜଠାରେ ମାଧ୍ୟମିକ ଓ ଉଚ୍ଚଶିକ୍ଷା କୃତିତ୍ୱର ସହ ସମ୍ପନ୍ନ କରିଥିଲେ। ସେ ଛାତ୍ର ଥିବା ସମୟରେ ୧୯୧୯ରେ ଗଞ୍ଜାମରେ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ଦେଖାଦେଇଥିଲା । ଏହି ଖବର ପାଇ ସେ ଅତ୍ୟନ୍ତ ବିଚଳିତ ହୋଇ ପଡିଥିଲେ ଓ ସଂଗେ ସଂଗେ ନିଜ ରାଜ୍ୟକୁ ଫେରିଆସି ଘୋଡା ପିଠିରେ ବସି ଖାଦ୍ୟ କ୍ଳିଷ୍ଟ ଜନସାଧାରଣଙ୍କ ଦୁଃଖ ମୋଚନ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରି ଜନତାଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ । ମାନ୍ଦ୍ରାଜ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ନିଜ ରାଜ୍ୟକୁ ମରୁଡି ଘୋଷଣା ଏବଂ ସରକାରଙ୍କ ତରଫରୁ ରିଲିଫ୍ ସାହାଯ୍ୟ ଯୋଗାଣ କରାଇ ପାରିଥିଲେ । ରାଜା ହେବା ପୂର୍ବରୁ ରାଜ୍ୟବାସୀଙ୍କ ପାଇଁ ଏହି କାର୍ଯ୍ୟ ତାଙ୍କୁ ଅତ୍ୟନ୍ତ ଲୋକପ୍ରିୟ ତଥା ପ୍ରଜାବତ୍ସଳ କରାଇଥିଲା । ୧୯୨୧ରେ ସାବାଳକ ରାମଚନ୍ଦ୍ର ଉଚ୍ଚଶିକ୍ଷା ସମାପ୍ତପରେ, ନିଜ ରାଜ୍ୟର ଶାସନ ଦାୟିତ୍ୱ ବହନ କରିଥିଲେ । ରାଜମାତା କନକ ମଞ୍ଜରୀଙ୍କ ପ୍ରଭାବ ଓ ପରାମର୍ଶ ଏବଂ ଦେଓ୍ୱାନ ଉଡସଓ୍ୱାର୍ଥଙ୍କ କାର୍ଯ୍ୟକୁଶଳତା, ରାଜା ରାମଚନ୍ଦ୍ରଙ୍କୁ ନିଜ ରାଜ୍ୟ ଶାସନରେ ଅନେକ ସାହାଯ୍ୟ କରିଥିଲା। ଶାସନଭାର ଗ୍ରହଣ କଲାପରେ ସେ ନିଜ ରାଜ୍ୟ ଖଲ୍ଲିକୋଟ, ଆଠଗଡ ଓ ବିରୁଳି ଗସ୍ତ କରି ଲୋକଙ୍କ ଅସୁବିଧା ବୁଝିଥିଲେ । ସେ ହୃଦୟଙ୍ଗମ କରିଥିଲେ ଯେ ଜଳସେଚନ ଓ ଶିକ୍ଷା ତାଙ୍କ ରାଜ୍ୟବାସୀଙ୍କ ପ୍ରମୁଖ ସମସ୍ୟା । ନିଜ ରାଜ୍ୟରେ ଜଳ ସେଚନ ସୁବିଧା ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ପୋଖରୀ ଓ କେନାଲ ଏବଂ ଅନେକ କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ଯୋଜନା ଆରମ୍ଭ କରିଥିଲେ । ସେ ସମୟର ଅନେକ ଜଳସେଚନ ପ୍ରକଳ୍ପ ଅଦ୍ୟାବଧି ଗଞ୍ଜାମ ଜିଲାରେ ସୁଚାରୁ ରୂପେ କାର୍ଯ୍ୟକାରୀ ହେଉଛି ଏବଂ ବର୍ତ୍ତମାନ ଓଡ଼ିଶାର ସମସ୍ତ

କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ଅଧିକାଂଶ ଗଞ୍ଜାମ ଜିଲାରେ ଅବସ୍ଥିତ। ସେଥି ମଧ୍ୟରୁ ଅର୍ଦ୍ଧାଧିକ ଖଲ୍ଲିକୋଟ ବ୍ଲକରେ କାର୍ଯ୍ୟକାରୀ ହେଉଛି। ଶିକ୍ଷାର ଉନ୍ନତି ଓ ଅଭିବୃଦ୍ଧି ପାଇଁ ରାଜା ରାମଚନ୍ଦ୍ରଙ୍କର ଅବଦାନ କିଛି କମ୍ ନୁହେଁ । ଏ କ୍ଷେତ୍ରରେ ରାଜମାତା କନକମଞ୍ଜରୀଙ୍କ ସୁଚିନ୍ତିତ ଉପଦେଶ ପୁତ୍ର ରାମଚନ୍ଦ୍ରଙ୍କୁ ଅନେକ ସାହାଯ୍ୟ କରିଥିଲା । ତାଙ୍କ ଶାସନ କାଳରେ ଗଞ୍ଜାମର ବିଭିନ୍ନ ଗ୍ରାମରେ ସଂସ୍କୃତ ଟୋଲମାନ ପ୍ରତିଷ୍ଠା କରାଯାଇଥିଲା । ସେ ଓଡ଼ିଶାରେ ଚିତ୍ରକଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ ବିଦ୍ୟାର ଉତ୍କର୍ଷତା ଆଣିବା ସକାଶେ ଖଲ୍ଲିକୋଟ ସ୍ଥିତ ନିଜ ଉଆସରେ ଏକ ସରକାରୀ କଳା ଓ ସ୍ଥାପତ୍ୟ ମହାବିଦ୍ୟାଳୟ ୧୯୫୭ରେ ସ୍ଥାପନ କରିଥିଲେ । ସମଗ୍ର ଦକ୍ଷିଣ ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ବ୍ରହ୍ମପୁରରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ବିଧାନସଭାରେ ଯୁକ୍ତିଯୁକ୍ତ ତଥା ବଳିଷ୍ଠ ଦାବୀ ଉପସ୍ଥାପିତ କରିଥିଲେ । ତାର ପ୍ରତିଫଳନ ହୋଇଥିଲା ଯେତେବେଳେ ସରକାର ନିଯୁକ୍ତ କରିଥିଲେ ପରିଜା କମିଟି । ଏହି କମିଟିର ମତାମତ ସହ ଏକମତ ହୋଇ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ଓ ଖଲ୍ଲିକୋଟଠାରେ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ଖଲ୍ଲିକୋଟ କଲେଜିଏଟ ପରିଚାଳନା ଟ୍ରଷ୍ଟ ଗଠନ କରିଥିଲେ। ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତାଙ୍କ ଜମିଦାର ଶାସନ ଦାୟିତ୍ୱ ନେବା ଦିନଠାରୁ ପରଲୋକ ଗମନ ପର୍ଯ୍ୟନ୍ତ ଓଡ଼ିଶାର ରାଜନୈତିକ ପଟ୍ଟଚିତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଜିଲ୍ଲାବୋର୍ଡ ସଭାପତି ହିସାବରେ ଗଂଜାମ ଜିଲ୍ଲାର ସାମଗ୍ରିକ ସମୃଦ୍ଧି ଓ ବିକାଶ ପ୍ରକ୍ରିୟାକୁ ରାଜା ରାମଚନ୍ଦ୍ର ତ୍ୱରାନ୍ୱିତ କରିଥିଲେ। ସେ ମାନ୍ଦ୍ରାଜ୍ ଲେଜିସଲେଟିଭ୍ କାଉନସିଲର ସଭ୍ୟ ଥିଲେ । ଓଡ଼ିଶା ପ୍ରଦେଶ ଗଠନ ଆରମ୍ଭରୁ ସେ ବିଧାନ ସଭାର ସଦସ୍ୟ ରହି ଆସିଥି। ଡ. ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳରେ ସେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ରହିଥିଲେ । ରାଜ୍ୟ ବିଧାନସଭା ଭୁବନେଶ୍ୱରରେ ନିଜ ଅଟ୍ଟାଳିକା ବିଧାନ ସୌଧକୁ ସ୍ଥାନାନ୍ତରିତ ହେବା ପରେ ରାଜା ରାମଚନ୍ଦ୍ର ତାଙ୍କର ରାଜ ପ୍ରସାଦରୁ ଏକ ଚୌକି ବାଚସ୍ପତିଙ୍କ ପାଇଁ ଦାନ କରିଥିଲେ । ବର୍ତ୍ତମାନ ବାଚସ୍ପତି ସେହି ଚୌକିରେ ବସି ବିଧାନ ସଭାର କାର୍ଯ୍ୟ ପରିଚାଳନା କରୁଛନ୍ତି ଯାହାର ପଶ୍ଚାତ ଭାଗରେ ଏକ ତାମ୍ରଫଳକରେ ଲେଖାଅଛି – ବିଧାନସଭାକୁ ଖଲ୍ଲିକୋଟ ଓ ଆଠଗଡ ଜମିଦାରିର ରାଜ ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଦ୍ୱାରା ପ୍ରଦତ୍ତ (ଓଡିଆରେ ଅନୁଦିତ)। ୧୯୪୧ରୁ ୧୯୪୫ ଯାଏଁ ଜାତୀୟ ପ୍ରତିରକ୍ଷା ପରିଷଦରେ ଭାରତର ଭାଇସରାୟଙ୍କ ମନୋନୀତ ସଭ୍ୟଭାବେ, ୧୯୪୫ ରୁ ୧୯୫୦ ଯାଏଁ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାର ସଦସ୍ୟ ଭାବେ ମନୋନୀତ ହୋଇ ସେ ସୁଚାରୁ ରୂପେ କାର୍ଯ୍ୟ ସମ୍ପନ୍ନ କରିଥିଲେ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ରାମଚନ୍ଦ୍ରଙ୍କ ଅବଦାନର ପଟ୍ଟାନ୍ତର ନାହିଁ କହିଲେ ଚଳେ। ନିଜ ଜମିଦାରୀର ଶାସନ ଦାୟିତ୍ୱ ନେବା ଦିନଠାରୁ ୧୯୩୬ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କରି ଚାଲିଥିଲେ ରାଜା ରାମଚନ୍ଦ୍ର। ୧୯୨୩ରେ ମାନ୍ଦ୍ରାଜ ବିଧାନ ପରିଷଦର ସଦସ୍ୟ ଭାବରେ ସମଗ୍ର ଓଡିଆ ଭାଷୀ ଅଞ୍ଚଳକୁ ଗୋଟିଏ ଶାସନାଧିନ କରବାକୁ ସେ ତତକାଳୀନ ଇଂରେଜ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ। ୧୯୨୪ରେ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ସି.ଏଲ. ଫିଲିପ ଓ ଏ.ସି.ଡଫ୍ କମିଟି ସମ୍ମୁଖରେ ଗଞ୍ଜାମ, କନ୍ଧମାଳ ଏବଂ କୋରାପୁଟରେ ବସବାସ କରୁଥିବା ଓଡିଆ ଭାଷୀ ଅଞ୍ଚଳକୁ ମାନ୍ଦ୍ରାଜ ପ୍ରେସିଡେନସିରୁ ଭିନ୍ନ କରି ଓଡିଶା ଶାସନାଧିନ କରିବା ପାଇଁ ବଳିଷ୍ଠ ଯୁକ୍ତି ଉପସ୍ଥାପିତ କରଥିଲେ। ଏହି କାର୍ଯ୍ୟକ୍ରମରେ ରାଜା ରାମଚନ୍ଦ୍ରଙ୍କୁ ପାରଳା ଗଜପତି, ଚିକିଟି ରାଜା ଗୌରଚନ୍ଦ୍ର ମର୍ଦ୍ଦରାଜ, ଆସିକାର ନିକୁଞ୍ଜ ପଟ୍ଟନାୟକ ପ୍ରମୁଖ ସାହାଯ୍ୟ କରିଥିଲେ। ୧୯୩୧ରେ ସାର୍ ସାମୁଏଲ ପି. ଓଡୋନେଲ କମିଟି ସମ୍ମୁଖରେ ଓଡିଶାର ସୀମା ନିର୍ଦ୍ଧାରଣ ପାଇଁ ସେ ସାକ୍ଷ୍ୟ ଦେଇଥିଲେ। ୧୯୩୨ରେ ମାନ୍ଦ୍ରାଜ ବିଧାନ ପରିଷଦରେ ପୁନର୍ବାର ଓଡିଆଙ୍କ ଦାବି ସେ ଉପସ୍ଥାପନ କରିଥିଲେ । ସେହି ବର୍ଷ ସେ ଲଣ୍ଡନଠାରେ ତୃତୀୟ ଗୋଲ ଟେବୁଲ ବୈଠକରେ ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ଭାଷଣ ପ୍ରଦାନ କରିଥିଲେ । ଏହି ବୈଠକରେ ଭାରତ ସଚୀବ ସାର୍ ସାମୁଏଲ ହୋର୍ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସଂପର୍କରେ ଘୋଷଣା କରିଥିଲେ। ପୁନଶ୍ଚ ୧୯୩୩ ସମିହାରେ ଯୁଗ୍ମ ପାର୍ଲାମେଣ୍ଟାରି କମିଟିରେ ସାକ୍ଷ୍ୟ ଦେବା ପାଇଁ ରାଜା ରାମଚନ୍ଦ୍ର ଲଣ୍ଡନ ଯାତ୍ରା କରିଥିଲେ । ଏହି କମିଟି ଲର୍ଡ ଲିନଲିଥଗୋଙ୍କ ନେତୃତ୍ୱରେ ଗଠିତ ହୋଇଥିଲା। ଏହି କମିଟି ସମ୍ମୁଖରେ ପାରଳାଖେମୁଣ୍ଡି, ଜୟପୁର ଆଦି ଓଡିଆଭାଷୀ ଅଞ୍ଚଳକୁ ଓଡିଶାରେ ମିଶ୍ରଣ ପାଇଁ ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ ରାଜା ରାମଚନ୍ଦ୍ର। ଏହି ଦୀର୍ଘ ବର୍ଷର ଚେଷ୍ଟା ଓ ସଂଗ୍ରାମର ଫଳସ୍ୱରୂପ ୧୯୩୬ ଅପ୍ରେଲ ୧ରେ ଉତ୍କଳ ପ୍ରଦେଶ ଗଠନ ହୋଇଥିଲା ଯାହାକି ତତକାଳୀନ ଭାରତର ଏକାଦଶ ପ୍ରଦେଶ ଥିଲା ଏବଂ ଯାହାର ମୋଟ ଆୟତନ ଥିଲା ୩୧, ୬୯୫ ବର୍ଗ ମାଇଲ୍। ୧୯୩୬ ଅପ୍ରେଲ ପହିଲାରୁ ୧୯୩୭ ମସିହା ମାର୍ଚ୍ଚ ୩୧ ତାରିଖ ଯଏଁ ରାଜା ରାମଚନ୍ଦ୍ର ଓଡିଶା ପ୍ରଶାସନ ସକାଶେ ଗଠିତ ଉପଦେଷ୍ଟା ପରିଷଦର ସଦସ୍ୟ ଥିଲେ । ସେହି ବର୍ଷ ଜୁନ୍ ୨୩ ତାରିଖରେ ଭାରତର ଭାଇସରାୟ ଏବଂ ଗଭର୍ଣ୍ଣର ଜେନେରାଲ ବ୍ୟକ୍ତିଗତ ବୈଶିଷ୍ଟ୍ୟ ପାଇଁ ରାଜା ରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ ରାଜବାହାଦୂର ଉପାଧି । ଏହି ମହାନ ବ୍ୟକ୍ତିଙ୍କ ପରଲୋକ ଘଟିଥିଲା ଜାନୁୟାରୀ ୧୯୬୩ରେ ବ୍ରହ୍ମପୁରରେ।

ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଜଣେ ଉଚ୍ଚଶିକ୍ଷିତ, ବହୁଗୁଣର ଅଧିକାରୀ, ପ୍ରଜା ବତ୍ସଳ, ମାନବପ୍ରେମୀ, ଉଚ୍ଚକୋଟୀର ରାଜନୀତିଜ୍ଞ, ଦେଶପ୍ରେମୀ, ସୁବକ୍ତା, ଓଡିଶା ପ୍ରଦେଶ ଗଠନର ପ୍ରମୁଖ ସାରଥି ଭାବେ ପ୍ରତ୍ୟେକ ଓଡିଆଙ୍କ ମାନସପଟ୍ଟରେ ସେ ଚିର ଉଦଭାସିତ ହୋଇ ରହିଥିବେ । ଓଡିଶାର ଏହି ପ୍ରମୁଖ ବ୍ୟକ୍ତିତ୍ୱଙ୍କର ରାଜ୍ୟବାସୀଙ୍କ ପାଇଁ ଅସାଧାରଣ ଅବଦାନର ନିଦର୍ଶନ ସ୍ୱରୁପ ଓଡିଶା ବିଧାନ ସଭାର ଏକ ପ୍ରମୁଖ ସ୍ଥାନରେ ତାଙ୍କର ପୂର୍ଣ୍ଣାବୟବ ପଟ୍ଟଚିତ୍ର ସ୍ଥାନ ପାଇଛି । ଏହି ମହାନ ଜନନାୟକଙ୍କ ୧୧୭ ତମ ପୁଣ୍ୟ ଜନ୍ମତିଥିରେ ରାଜ୍ୟବାସୀଙ୍କ ସହ ଲେଖକଙ୍କ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

**ନେହେରୁ ପାର୍କ**
**ହିଲପାଟଣା, ବ୍ରହ୍ମପୁର**
**ମୋବାଇଲ-୯୪୩୭୯୪୫୫୨୦**

# ଜଗଦ୍‌ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ



ଡ.ପ୍ରଫୁଲ୍ଲ କୁମାର ରଥ

ମିଥିଳା ନରେଶଙ୍କର ରାଜପଣ୍ଡିତ ଶ୍ରୀ ଲାଲବଂଶୀ ଝା ଏବଂ ଶ୍ରୀମତୀ ଗୀତା ଦେବୀଙ୍କ କୋଳମଣ୍ଡନ କରି ତୃତୀୟ ତନୟ ଶ୍ରୀ ନୀଳାମ୍ବର ଝା ଭୂମିଷ୍ଠ ହୋଇଥିଲେ। ତୁଳସୀ ଦୁଇପତ୍ରରୁ ବାସିବା ଭଳି ବାଲ୍ୟକାଳରୁ ହିଁ ନୀଳାମ୍ବରଙ୍କଠାରେ ବିଭିନ୍ନ ଅଲୌକିକ ଲକ୍ଷଣମାନ ଦେଖାଯାଉଥିଲା। ସେ ରାତିରେ ଶୋଇଥିବା ବେଳେ ଅନେକ ଅଦ୍ଭୁତ ସ୍ୱପ୍ନ ଦେଖୁଥିଲେ। କଳାରଙ୍ଗର ଶାଢୀ ପିନ୍ଧି କୌଣସି ନାରୀ ଖଡ୍ଗ ଧରି ତାଙ୍କୁ ପ୍ରହାର କରୁଛନ୍ତି, ନିଦ୍ରିତ ଅବସ୍ଥାରେ ଏହି ସ୍ୱପ୍ନ ଦେଖି ସେ ଚମକି ପଡୁଥିଲେ। ଏଭଳି ସ୍ୱପ୍ନ କାରଣରୁ ନିଦ୍ରିତ ଅବସ୍ଥାରେ ସେ କ୍ରନ୍ଦନ କରୁଥିଲେ। ଏହିପରି ପ୍ରାୟ ଏକବର୍ଷ ଅତିକ୍ରାନ୍ତ ହେଲା। ହଠାତ ଦିନେ ରାତ୍ରିରେ ସୁଷୁପ୍ତି ଅବସ୍ଥାରେ ଏକ ଦିବ୍ୟବାଣୀ ତାଙ୍କ ମନରେ ଜାଗ୍ରତ ହେଲା, "ମୁଁ ମୃତ୍ୟୁ ନୁହେଁ, ମୁଁ ମୃତ୍ୟୁଞ୍ଜୟୀ।" ତା'ପରଠାରୁ ସେହି ଭୟଙ୍କର ସ୍ୱପ୍ନଦର୍ଶନ ବନ୍ଦ ହୋଇଗଲା।

ଖୁବ୍ ବାଲ୍ୟକାଳରୁ ପଦ୍ମାସନରେ ଘଂଟା ଘଂଟା ବସି ତପସ୍ୟା କରିବାକୁ ନୀଳାମ୍ବର ଖୁବ୍ ଭଲ ପାଉଥିଲେ। ଛାତ୍ର ଅବସ୍ଥାରେ ସେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପାଠ ପଢୁଥିଲେ। ସମସ୍ତ ପାଠରେ ସେ ଖୁବ୍ ନିପୁଣ ଥିଲେ ଏବଂ ସହପାଠୀମାନଙ୍କୁ ସମସ୍ତ ବିଷୟ ପ୍ରାଞ୍ଜଳଭାବରେ ବୁଝାଇ ଦେଉଥିଲେ। ଷାଣ୍ମାସିକ ତଥା ବାର୍ଷିକପରୀକ୍ଷାରେ ସହପାଠୀମାନଙ୍କ ପରୀକ୍ଷାଖାତା ସେ ନିର୍ଭୁଲ ଭାବରେ ମୂଲ୍ୟାୟନ କରିପାରୁଥିଲେ। ନୀଳାମ୍ବରଙ୍କର ପ୍ରାରମ୍ଭିକ ଶିକ୍ଷା ନିଜ ଗ୍ରାମ 'କୁଲଆହୀ' ଏବଂ 'ଲୋହା' ରେ ହୋଇଥିଲା। ଏହି ସମୟରେ ସେ ମାସିକ ଦଶଟଙ୍କା ଛାତ୍ରବୃତ୍ତି ପାଉଥିଲେ। ବାଲ୍ୟକାଳରୁ ନୀଳାମ୍ବର ଥିଲେ କୁଶାଗ୍ରବୁଦ୍ଧି, ପ୍ରତ୍ୟୁତ୍ପନ୍ନମତି, ଅତ୍ୟନ୍ତ ମେଧାବୀ ତଥା ଅନେକ ଅଦ୍ଭୁତ ଗୁଣର ଅଧିକାରୀ। ତାଙ୍କର ଉଚ୍ଚଶିକ୍ଷା ପାଇଁ ବଡଭାଇ ତାଙ୍କୁ ନିଜ ପାଖକୁ ଦିଲ୍ଲୀ ନେଇଗଲେ। ଦିଲ୍ଲୀରେ ତାଙ୍କର ନାମ ଲେଖା ହେଲା ।

ବାଲ୍ୟକାଳରୁ ନୀଳାମ୍ବରଙ୍କୁ ଯଥେଷ୍ଟ ପାରିବାରିକ ସୁସଂସ୍କାର ମିଳିଥିଲା। ସେହି ବୟସରୁ ହିଁ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ ସମ୍ପର୍କରେ ସୂଚନା ମିଳୁଥିଲା। ଦିନେ ଜନୈକ ସହପାଠୀ ବିନୋଦାନନ୍ଦ ଝାଙ୍କ ସହ ନଦୀ କୂଳରେ ବୁଲିବା ବେଳେ ପ୍ରସଙ୍ଗକ୍ରମେ ଭବିଷ୍ୟତ ଜୀବନ ସମ୍ପର୍କରେ ଆଲୋଚନା ହେଲା। ବିନୋଦାନନ୍ଦ ଝା ଥିଲେ ସଙ୍ଗୀତପ୍ରେମୀ। ଭବିଷ୍ୟତ ଜୀବନରେ ସେ ସଙ୍ଗୀତ ବିଦ୍ୟାଳୟରେ ଚାକିରି କରି ସଙ୍ଗୀତ ବିଦ୍ୟାର ବିକାଶ କରାଇବେ ବୋଲି କହିଲେ। କିନ୍ତୁ ନୀଳାମ୍ବର କହିଲେ - "ମୋ ମନ କହୁଛି, ମୁଁ ବେଶୀ ଦିନ ଘରେ ରହି ପାରିବି ନାହିଁ। ଖୁବ୍ ଶୀଘ୍ର ଗୃହତ୍ୟାଗ କରି ସନ୍ନ୍ୟାସୀ ହେବି।" ମାତ୍ର ସତର ବର୍ଷ (୧୭ ବର୍ଷ) ବୟସରେ ତରୁଣ ନୀଳାମ୍ବର ସନ୍ନ୍ୟାସଗ୍ରହଣ ଲକ୍ଷ୍ୟରେ ଗୃହତ୍ୟାଗ କରି ଦିଲ୍ଲୀ ଚାଲିଗଲେ।

ଦିଲ୍ଲୀର ଶ୍ରୀରାମକୃଷ୍ଣ ଡାଲ୍‌ମିଆଙ୍କର 'ବଗଳାମୁଖୀ' ଅନୁଷ୍ଠାନରେ ଜ୍ୟେଷ୍ଠଭ୍ରାତା ଶ୍ରୀ ଶ୍ରୀଦେବ ଝା ଥିଲେ ଜଣେ ଅଧ୍ୟାପକ, ଚିକିତ୍ସାଳୟର ଚିକିତ୍ସକ ତଥା ପାଠାଗାରର ଅଧ୍ୟକ୍ଷ। ମଧ୍ୟମଭ୍ରାତା ଶ୍ରୀ ଶୁକଦେବ ଝା ମଧ୍ୟ ଦିଲ୍ଲୀରେ ରହୁଥିଲେ। ଦୁଇ ଅଗ୍ରଜଙ୍କ ସହିତ ନୀଳାମ୍ବରଙ୍କର ସାକ୍ଷାତ ହେଲା। ତାହା ପରଠାରୁ ହିଁ ତାଙ୍କ ଜୀବନର ଧାରା ବଦଳିବାକୁ ଲାଗିଲା।

ଦିଲ୍ଲୀରେ 'ଧର୍ମସଂଘ ମହାଧିବେଶନ' ଆନୁକୂଲ୍ୟରେ 'ସର୍ବବେଦ ଶାଖାସମ୍ମିଳନୀ' ଅନୁଷ୍ଠିତ ହେଲା। ସେହି ସମ୍ମିଳନୀରେ କାଶ୍ମୀରରୁ କନ୍ୟାକୁମାରୀ ତଥା କାଠମାଣ୍ଡୁ ପ୍ରଭୃତିସ୍ଥାନରୁ ବହୁସଂଖ୍ୟକ ସାଧୁସନ୍ଥ ଯୋଗଦେବେ ବୋଲି ଚାରିଆଡେ ଖବର ପ୍ରଚାରିତ ହେଲା। ସେହି ସନ୍ଥମାନଙ୍କ ମଧ୍ୟରେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ସନ୍ଥ ଶିରୋମଣି ଧର୍ମସମ୍ରାଟ୍ ଶ୍ରୀମଦ୍‌ସ୍ୱାମୀ ଶ୍ରୀଶ୍ରୀକରପାତ୍ରଜୀ ମହାରାଜ ଓରଫ୍ ଶ୍ରୀମଦ୍‌ସ୍ୱାମୀ ଶ୍ରୀଶ୍ରୀହରିହରାନନ୍ଦ ସରସ୍ୱତୀ ଏବଂ ତତ୍ କାଳୀନ ଜ୍ୟୋତିଷ୍ପୀଠାଧୀଶ୍ୱର ଶ୍ରୀମଜ୍ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀକୃଷ୍ଣବୋଧାଶ୍ରମଜୀ ମହାରାଜ। ଜଣେ ସନ୍ଥଙ୍କର ବାଣୀରେ ତାଙ୍କର ମନ ବନ୍ଧା ପଡିଗଲା। ତାଙ୍କୁ ହିଁ ଗୁରୁଭାବରେ ସେ ମନେ ମନେ ଗ୍ରହଣ କରିନେଲେ। ସେହି ସନ୍ଥ ଥିଲେ ଶ୍ରୀମଦ୍ ସ୍ୱାମୀ ଶ୍ରୀଶ୍ରୀ କରପାତ୍ରଜୀ ମହାରାଜ।

ଏହି ଅବସରରେ ଦେଶରେ ଗୋମାତାର ସୁରକ୍ଷା ପାଇଁ ସାଧୁସମାଜ ବୈଠକର ଆହ୍ୱାନରେ ଦିଲ୍ଲୀରେ ବିଶାଳ ସାଧୁସଭା ଆୟୋଜିତ ହେଲା। ମହାତ୍ମା ସନ୍ଥସମାଜର ବାଣୀ ତାଙ୍କ ହୃଦୟକନ୍ଦରକୁ ସ୍ପର୍ଶ କଲା। ଗୋମାତା ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉଠାଇ ଗୋସୁରକ୍ଷା-ଅଭିଯାନରେ ସକ୍ରିୟ ଅଂଶ ଗ୍ରହଣ କଲେ ଏବଂ ତା. ୯.୧୧.୧୯୬୬ ରିଖରୁ ଦୀର୍ଘ ୫୨ ଦିନ ପର୍ଯ୍ୟନ୍ତ ତିହାରଜେଲରେ ବନ୍ଦୀ ଜୀବନଯାପନ କଲେ।

ତା ୧୮.୦୪.୧୯୭୪ ରିଖରେ ଧର୍ମସମ୍ରାଟ୍ ସନ୍ଥଶିରୋମଣି ଶ୍ରୀମଦ୍ ସ୍ୱାମୀ ଶ୍ରୀଶ୍ରୀକରପାତ୍ରଜୀ ମହାରାଜଙ୍କଠାରୁ ହରିଦ୍ୱାରରେ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ପରିଚିତ ହେଲେ ଶ୍ରୀନିଶ୍ଚଳାନନ୍ଦସରସ୍ୱତୀ ନାମରେ। ତା'ପରଠାରୁ ସନ୍ନ୍ୟାସଜୀବନର ସିଦ୍ଧିଲାଭ ପଥରେ ସେ କ୍ରମଶଃ ଅଗ୍ରସର ହେଲେ। ଜ୍ଞାନର ପରିସୀମାକୁ ବିସ୍ତାରିତ କଲେ। ୧୯୭୪ ରୁ ୧୯୮୧ ପର୍ଯ୍ୟନ୍ତ ପୂଜ୍ୟ ଗୁରୁଦେବଙ୍କଠାରୁ ପ୍ରସ୍ଥାନତ୍ରୟୀ, ପଂଚଦଶୀ, ବେଦାନ୍ତ ପରିଭାଷା, ନ୍ୟାୟ,

ମୀମାଂସା, ତନ୍ତ୍ର ଓ ଅଦ୍ୱୈତସିଦ୍ଧି ଆଦି ଶାସ୍ତ୍ର ମନଯୋଗପୂର୍ବକ ଅଧ୍ୟୟନ କଲେ। ୧୯୮୨ ରୁ ୧୯୮୭ ପର୍ଯ୍ୟନ୍ତ ତତ୍କାଳୀନ ପୁରୀ ଶଙ୍କରାଚାର୍ଯ୍ୟମଠର ୧୪୪ତମ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଅନନ୍ତଶ୍ରୀବିଭୂତି ଶ୍ରୀମଦ୍‌ସ୍ୱାମୀ ଶ୍ରୀଶ୍ରୀ ନିରଞ୍ଜନ ଦେବତୀର୍ଥ ମହାରାଜଙ୍କଠାରୁ ଖଣ୍ଡନ ଖଣ୍ଡ ଖାଦ୍ୟ ଏବଂ ଯଜୁର୍ବେଦାଦି ଶାସ୍ତ୍ର ଅଧ୍ୟୟନ କଲେ। ଶ୍ରୀମଦ୍ ସ୍ୱାମୀ ଶ୍ରୀଶ୍ରୀ ନିରଞ୍ଜନ ଦେବତୀର୍ଥ ମହାରାଜ ନିଜର ଅନ୍ତିମସମୟ ଉପଗତ ଜାଣି ସ୍ୱୀୟ ଚିନ୍ମୟ କରକମଳରେ ତା. ୯.୨.୧୯୯୨ ରିଖ ମାଘ ଶୁକ୍ଳ ଶ୍ରୀପଂଚମୀ ରବିବାର ଶୁଭମୁହୂର୍ତ୍ତରେ ପୁରୀ, ଗୋବର୍ଦ୍ଧନପୀଠର ୧୪୫ତମ ପୀଠାଧୀଶ୍ୱର ପଦବୀରେ ଅଭିଷିକ୍ତ କରି ମଠର ଅଧ୍ୟକ୍ଷ ଦାୟିତ୍ୱ ଅର୍ପଣ କଲେ।

ପୁରୀ, ଗୋବର୍ଦ୍ଧନପୀଠର ପୀଠାଧୀଶ୍ୱର ଦାୟିତ୍ୱ ଗ୍ରହଣ କରିବା ପରେ ଜଗତ୍‌ଗୁରୁ ଦେଶରେ ବାସ କରୁଥିବା ଅନ୍ୟ ସମସ୍ତ ସମ୍ପ୍ରଦାୟର ହିତ ତଥା ସ୍ୱାର୍ଥକୁ ଧ୍ୟାନରେ ରଖି ସନାତନ ହିନ୍ଦୁଧର୍ମର ପ୍ରତ୍ୟେକ ମାନବିନ୍ଦୁର ଆଦର୍ଶ, ଅସ୍ତିତ୍ୱ ତଥା ସୁରକ୍ଷାକୁ ସୁସଂସ୍କୃତ କରିବା ପାଇଁ ସମଗ୍ର ଭାରତବର୍ଷରେ ଆଦିଗୁରୁଙ୍କ ସଦୃଶ ଅବିଶ୍ରାନ୍ତ ପରିଭ୍ରମଣ କରିଅଛନ୍ତି। ଦେଶର ଏକତା ତଥା ଅଖଣ୍ଡତା ସହିତ ସୀମା-ସୁରକ୍ଷା, ଗୋମାତାର ସୁରକ୍ଷା, ମହିଳାଜାଗରଣ, ପର୍ଯ୍ୟାବରଣ ସୁରକ୍ଷା, ଗଙ୍ଗା-ସୁରକ୍ଷା-ଅଭିଯାନ, ରାମସେତୁ ସୁରକ୍ଷା, ଧର୍ମାନ୍ତରୀକରଣ-ବନ୍ଦ-ଅଭିଯାନ, ଆଇନସମ୍ମତ-ଆର୍ଥିକସମତା-ଅଭିଯାନ, ଶିକ୍ଷା ତଥା ସ୍ୱାସ୍ଥ୍ୟ-ଅଭିଯାନ, ପ୍ରତ୍ୟେକ ଭାରତୀୟଙ୍କୁ ସୁଶିକ୍ଷିତ, ସୁରକ୍ଷିତ, ସୁସଂହତ, ସୁସଂସ୍କୃତ, ସ୍ୱାବଲମ୍ବୀ, ସତ୍ୟସହିଷ୍ଣୁ, ସେବାପରାୟଣ, ସମୃଦ୍ଧ, ସୁସ୍ଥ, ସୁସମ୍ପନ୍ନ, ଶୋଷଣବିନିର୍ମୁକ୍ତ, ଧର୍ମନିୟନ୍ତ୍ରିତ, ପକ୍ଷପାତବିହୀନ ମାର୍ଗରେ ଗଢି ତୋଳିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ତାଙ୍କର ସୁଦୃଢ, ସୁଚିନ୍ତିତ, ଅକାଟ୍ୟ ତଥା ବାସ୍ତବ ଯୁକ୍ତିପାଟବତାକୁ ସ୍ୱୀକାର କରି ବିଶ୍ୱବ୍ୟାଙ୍କ ମଦର ଟେରେସାଙ୍କ ସଂସ୍ଥାକୁ ଅନୁଦାନ ବନ୍ଦ କରିଅଛନ୍ତି। ତାଙ୍କର ନିର୍ଭୀକ ତଥା ଦୃଢ ବିରୋଧର ସମ୍ମୁଖୀନ ହୋଇ 'ଦଲାଇଲାମା' ଭାରତବର୍ଷରେ ଆଶ୍ରୟ ନେଇ ହିନ୍ଦୁମାନଙ୍କୁ ବୌଦ୍ଧଧର୍ମରେ ଧର୍ମାନ୍ତରୀକରଣକାର୍ଯ୍ୟରୁ ନିବୃତ୍ତ ରହିବାକୁ ବାଧ୍ୟ ହୋଇଛନ୍ତି ଏବଂ ଗୁରୁଜୀଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ବଶ୍ୟତା ସ୍ୱୀକାର କରିଅଛନ୍ତି। ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ବିଷୟରେ ସେ ନିଜର ମୌଳିକ ବିଚାର ଦ୍ୱାରା ସାଧାରଣ ଜନତାର ଜିଜ୍ଞାସା ଦୂର କରୁ ଅଛନ୍ତି। ତାଙ୍କର ପ୍ରଚଣ୍ଡ ଜ୍ଞାନ, ଦିବ୍ୟ ମେଧାଶକ୍ତି, ଅତୁଳନୀୟ ଯୁକ୍ତିପାଟବତା, ଦୂରଦୃଷ୍ଟିପୂର୍ଣ୍ଣବିଚାର ତଥା ଅସୀମ ଦେଶପ୍ରେମକୁ ଉପଲବ୍ଧି କରି ଦେଶର ଅଗଣିତ ବୁଦ୍ଧିଜୀବୀ ଆଶୀର୍ବାଦଭିକ୍ଷାପୂର୍ବକ ତାଙ୍କ ସହିତ ସୁସମ୍ପର୍କ ରକ୍ଷା କରୁଅଛନ୍ତି। ପ୍ରାଚୀନ ମହିମାମଣ୍ଡିତ ଶ୍ରୀକ୍ଷେତ୍ର, ପୁରୀର ମହିମାକୁ ସହସ୍ରଗୁଣରେ ବୃଦ୍ଧି କରିବା ତଥା ଶ୍ରୀଶ୍ରୀଜଗନ୍ନାଥଧାମକୁ ବିଶ୍ୱର "ଆଧ୍ୟାତ୍ମିକ-ଜ୍ଞାନକେନ୍ଦ୍ର"ରେ ପରିଣତ କରିବାକୁ ପରିଣତ ବୟସରେ ମଧ୍ୟ ସେ ଯୁବସୁଲଭ ଉତ୍ସାହରେ ଅବିଶ୍ରାନ୍ତ ତଥା ଅଦମ୍ୟ ଚେଷ୍ଟା ଜାରି ରଖିଛନ୍ତି। ଜଗଜ୍ଜନନୀ ମା' ମହାଲକ୍ଷ୍ମୀଙ୍କର ପିତା ବରୁଣଦେବତାଙ୍କର ବାସସ୍ଥଳୀ ମହାତୀର୍ଥ ମହୋଦଧିଙ୍କର ନିତ୍ୟ-ଆଳତୀ-ପରମ୍ପରା ସୃଷ୍ଟିକରି କଳିକଳୁଷିତ ଲୋକମନରେ ଭକ୍ତି ଭାବ ଉଦ୍ରେକ କରାଇଛନ୍ତି। ତ୍ରେତାଯୁଗରେ ନିର୍ମିତ ବିଶ୍ୱର ସର୍ବପ୍ରାଚୀନ ରାମସେତୁକୁ ଭାଙ୍ଗିବା ପାଇଁ କେନ୍ଦ୍ର ସରକାରଙ୍କ ଗଠିତ "ସେତୁ-ସମୁଦ୍ରମ୍-ପ୍ରୋଜେକ୍ଟ"କୁ ସମଗ୍ର ପୃଥିବୀରେ ପ୍ରଥମ ବ୍ୟକ୍ତିଭାବରେ ଘୋର ବିରୋଧ କରି ଏଭଳି ଅନୁଚିତ, ଦୁଃସହ, ଦୁର୍ବିନୀତ ତଥା ଜନସ୍ୱାର୍ଥବିରୋଧୀ କାର୍ଯ୍ୟରୁ କେନ୍ଦ୍ରସରକାରଙ୍କୁ ନିରସ୍ତ କରିଅଛନ୍ତି। ବାଲ୍ୟବିବାହ, କନ୍ୟାଭ୍ରୁଣହତ୍ୟା ଇତ୍ୟାଦି କାର୍ଯ୍ୟକୁ ମୁକ୍ତକଣ୍ଠରେ ଘୋର ସମାଲୋଚନା କରି ଆସୁଛନ୍ତି। ଭୌତିକ ତଥା ସାଂସାରିକ ସୁଖ ବିନିମୟରେ ମାନବିକତାର ସୁରକ୍ଷାରେ ଆପଣଙ୍କର ସାମଗ୍ରିକ ଜୀବନକାଳ ଉତ୍ସର୍ଗୀକୃତ। ପବିତ୍ର ଭାରତବର୍ଷର ପ୍ରକୃତ ସାଧୁସନ୍ଥ, ମହାତ୍ମା ତଥା ଧର୍ମଗୁରୁମାନଙ୍କ ପ୍ରତି ଆଧୁନିକ ସମାଜରେ ଯେଉଁ ଅନୁଚିତ ଆଚରଣ କରାଯାଉଛି, ତାକୁ ମୁକ୍ତ କଣ୍ଠରେ ବିରୋଧ କରୁଅଛନ୍ତି। କେତେକ ସଂକୀର୍ଣ୍ଣମନା, କ୍ଷମତାଲୋଲୁପୀ ତଥା ଅନଭିଜ୍ଞ ନେତୃବୃନ୍ଦଙ୍କର ବ୍ୟାସଗାଦି ପ୍ରତି ଅମାର୍ଜିତ ଅଙ୍ଗୁଳିନିର୍ଦ୍ଦେଶକୁ ଶାସ୍ତ୍ରୀୟ ପ୍ରମାଣ ବଳରେ ଆପଣ ଭ୍ରମାତ୍ମକ, ବିଭ୍ରାନ୍ତିକର, ତ୍ରୁଟିପୂର୍ଣ୍ଣ, ଅନୁଚିତ ତଥା ଅହିତକର କାର୍ଯ୍ୟ ବୋଲି ପ୍ରତିପାଦନ କରି ଏ ପ୍ରକାର ସମାଲୋଚନାରୁ ନିବୃତ୍ତ ରହିବାକୁ ସେମାନଙ୍କୁ ବାଧ୍ୟ କରୁଅଛନ୍ତି। କ୍ଷତ୍ରିୟଶ୍ରେଷ୍ଠ ଶାନ୍ତିପ୍ରିୟ ଓଡିଶାର ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କଠାରୁ ସର୍ବଦା ଶାନ୍ତି ... ଶାନ୍ତି ... ଶାନ୍ତି ... ଶୁଣି ଶୁଣି ବର୍ତ୍ତମାନର ଧର୍ମସଂକଟ ସମୟରେ ଦେଶରେ ଆଧ୍ୟାତ୍ମିକତାର ସୁରକ୍ଷା ପାଇଁ ବ୍ରାହ୍ମଣ ହୋଇ ମଧ୍ୟ କ୍ରାନ୍ତି ... କ୍ରାନ୍ତି ... କ୍ରାନ୍ତି କହି, 'କ୍ରାନ୍ତି' ହିଁ ଜୀବନର ସଂକଳ୍ପ ମନେ କରି ବର୍ଷକ ୩୬୫ ଦିନରୁ ପ୍ରାୟ ୨୫୦ ଦିନ ବହୁ ସ୍ଥାନ ବୁଲି ସନାତନ ହିନ୍ଦୁଧର୍ମର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରୁଅଛନ୍ତି। 'ଅଖଣ୍ଡ ଭାରତ'ର ସ୍ୱପ୍ନ ଦେଖୁଥିବା ଅଦ୍ୱିତୀୟ ବ୍ୟକ୍ତି ଭାବରେ ଗୁରୁଜୀ ହିଁ ସର୍ବମାନ୍ୟ ଅଟନ୍ତି। ସମଗ୍ର ଦେଶରେ ସାଂସ୍କୃତିକ, ଧାର୍ମିକ, ଦାର୍ଶନିକ, ଆଧ୍ୟାତ୍ମିକ ତଥା ଭୌଗୋଳିକ-ସୂତ୍ରଧରଭାବରେ ଆପଣ ସମଗ୍ର ମାନବଜାତିକୁ ଏକତାସୂତ୍ରରେ ବାନ୍ଧି ରଖିବାକୁ ଅନବରତ ପ୍ରୟାସ ଜାରି ରଖିଛନ୍ତି। ଦୁର୍ଜନ ସଜ୍ଜନରେ ପରିଣତ ହେଉ, ସଜ୍ଜନ ଶାନ୍ତସ୍ୱଭାବସମ୍ପନ୍ନ ହେଉ, ଶାନ୍ତସ୍ୱଭାବ ବ୍ୟକ୍ତି ଜୀବନ୍ମୁକ୍ତ ଅବସ୍ଥାକୁ ପ୍ରାପ୍ତ ହେଉ ଏବଂ ଜୀବନ୍ମୁକ୍ତ ବ୍ୟକ୍ତି ଅନ୍ୟମାନଙ୍କୁ ମୋକ୍ଷମାର୍ଗର ପଥପ୍ରଦର୍ଶକ ହେଉ, ଏହାହିଁ ତାଙ୍କର ଜୀବନାଦର୍ଶ।ଭାରତୀୟ ଆଧ୍ୟାତ୍ମିକ ଚେତନାର ପୁରୋଧା, ଋଗ୍ ବେଦର ଅନୁପାଳନ, ଶ୍ରୀଜଗନ୍ନାଥସଂସ୍କୃତିର ଆଦର୍ଶସ୍ୱରୂପ ତଥା ଭାରତୀୟ-ଯୁବ-ସମାଜର ବିବେକ-ନିର୍ମାତା ରୂପରେ ସେ ସୁପରିଚିତ ଅଟନ୍ତି।

ଆନ୍ତର୍ଜାତୀୟ ସ୍ୱୀକୃତି :-

ଗୌରବର ବିଷୟ ଏହିକି ଯେ ଆଧୁନିକ ଯୁଗର ସର୍ବୋଚ୍ଚ ବୈଧାନିକ ସଂଗଠନ "ସଂଯୁକ୍ତ ରାଷ୍ଟ୍ରସଂଘ" ଏବଂ "ବିଶ୍ୱ ବ୍ୟାଙ୍କ" ବିଭିନ୍ନ ଆନ୍ତର୍ଜାତୀୟ ସମସ୍ୟା ସଙ୍କ୍ରାନ୍ତରେ ପୁରୀ ଗୋବର୍ଦ୍ଧନପୀଠାଧୀଶ୍ୱର ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ଠାରୁ ମାର୍ଗଦର୍ଶନ ପ୍ରାପ୍ତ ହୋଇ ଥାଆନ୍ତି।

"ସଂଯୁକ୍ତ ରାଷ୍ଟ୍ରସଂଘ" ଦିନାଙ୍କ ୨୮ ରୁ ୩୧ ଅଗଷ୍ଟ ୨୦୦୦ରେ ନିୟୁଅର୍କରେ ଆୟୋଜିତ "ବିଶ୍ୱଶାନ୍ତି ଶିଖର ସମ୍ମେଳନ" ତଥା "ବିଶ୍ୱ ବ୍ୟାଙ୍କ" ଓ୍ୱାସିଙ୍ଗଟନଠାରେ ଆୟୋଜିତ "ଓ୍ୱାର୍ଲଡ ଫେଥ୍ସ୍ ଡେଭେଲପମେଂଟ ଡାଏଲଗ -୨୦୦୦" ଅବସରରେ ଗୁରୁଜୀଙ୍କଠାରୁ ଲିଖିତ ମାର୍ଗଦର୍ଶନ ଗ୍ରହଣ କରି ଥିଲେ ଓ ତାହାକୁ ସଫଳ କାର୍ଯ୍ୟକ୍ରମ ବୋଲି ମାନ୍ୟତା ଦେଇଥିଲେ। ଏହି ଲେଖା "ବିଶ୍ୱଶାନ୍ତିର ସନାତନ ସିଦ୍ଧାନ୍ତ" ଏବଂ "ସୁଖମୟ ଜୀବନର ସନାତନ ସିଦ୍ଧାନ୍ତ" ନାମକ ଦୁଇଟି ପୁସ୍ତକ ଆକାରରେ ଗୋବର୍ଦ୍ଧନ ପୀଠ ପକ୍ଷରୁ ପ୍ରକାଶିତ ହୋଇଅଛି। ଏତଦ୍ ବ୍ୟତୀତ ବିଶ୍ୱର ୨୦୦ ଦେଶର କମ୍ପ୍ୟୁଟର, ମୋବାଇଲ ଫୋନ ଆଦି ଯାନ୍ତ୍ରିକ ଉପକରଣଠାରୁ ଆରମ୍ଭ କରି ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ନିଜସ୍ୱ ପରିଚୟ ସୃଷ୍ଟି କରିଥିବା ଆଧୁନିକ ଉଦ୍ଭାବକ ବୈଜ୍ଞାନିକମାନେ ଗୁରୁଜୀଙ୍କ ଦ୍ୱାରା ଅନୁଶୀଳିତ ଓ ରଚିତ 'ସ୍ୱସ୍ତିକ ଗଣିତ', 'ଅଙ୍କପଦୀୟମ୍' ଏବଂ 'ଗଣିତଦର୍ଶନମ୍' ଆଦିରେ ଦିଆଯାଇଥିବା ବୈଦିକ ଗାଣିତିକ ସିଦ୍ଧାନ୍ତର ପ୍ରୟୋଗପ୍ରଣାଳୀକୁ ଉପଯୋଗ କରି ଭାରତୀୟ ପ୍ରଚୀନ ବିଜ୍ଞାନର କୌଶଳକୁ ଏବେ ବ୍ୟବହାର କରୁଛନ୍ତି। ୧୯୮୯ ମସିହାରୁ ବିଭିନ୍ନ ସମୟରୁ "ବିଶ୍ୱ ବ୍ୟାଙ୍କ" ଗୁରୁଜୀଙ୍କର ପରାମର୍ଶ ନେଇ ଆନ୍ତର୍ଜାତୀୟ ଆର୍ଥିକ ସମସ୍ୟାର ସମାଧାନ କରୁଛନ୍ତି।

ସାମାଜିକ ଦୃଷ୍ଟିଭଙ୍ଗୀ

ଉଲ୍ଲେଖଯୋଗ୍ୟ ଯେ ଗୁରୁଜୀ ଦୃଢ଼ ମତ ଦେଇ କହନ୍ତି, ଭାରତର ଶିକ୍ଷା. ରକ୍ଷା, ଉତ୍ସବ, ବିବାହ, କୃଷି, ଜଳସଂସାଧନ, ଭୋଜନ, ବସ୍ତ୍ର, ଆବାସ, ନ୍ୟାୟ, ଯାତାୟାତ, ସେବା, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟାବରଣ ଆଦି ଦାର୍ଶନିକ, ବୈଜ୍ଞାନିକ ଓ ବ୍ୟବହାରିକ ଦୃଷ୍ଟିରୁ ସମଗ୍ର ବିଶ୍ୱରେ ସମୁନ୍ନତ ଅଟେ। କେବଳ ଏଥିପାଇଁ ଭାରତ ସାରା ବିଶ୍ୱରେ ଗୁରୁ ତୁଲ୍ୟ ଏବଂ ବୈଦିକ ସିଦ୍ଧାନ୍ତ ଆଧାରିତ ଭାରତୀୟ ଜୀବନଧାରା ପୁନରାୟ ଭାରତକୁ ବିଶ୍ୱରେ ଗୁରୁ ପଦରେ ଅଭିଷିକ୍ତ କରିବାର ସମୟ ଆସୁଛି। ଗୁରୁଜୀ ମତ ଦିଅନ୍ତି ଯେ ଅତୀତରେ ଧର୍ମାଚାର୍ଯ୍ୟମାନେ ଶାସନତନ୍ତ୍ରକୁ ଶୋଧନ କରୁଥିଲେ। ଏହା ଭାରତର ଇତିହାସରୁ ପ୍ରମାଣ ମିଳେ। ତେଣୁ ସେହି ପରମ୍ପରାରେ ଆଜି ମଧ୍ୟ ଭାରତର ଶାସନତନ୍ତ୍ର ଧର୍ମ ନିୟନ୍ତ୍ରିତ ହେବା ଲୋଡ଼ା ଯାହା ଫଳରେ ଶୋଷଣବିନିର୍ମୁକ୍ତ, ପକ୍ଷପାତବିହୀନ ସର୍ବହିତପ୍ରଦ ଶାସନ ସମସ୍ତଙ୍କୁ ସୁଲଭ ହେବ ଓ ସୁସଂସ୍କୃତ, ସୁରକ୍ଷିତ, ସୁଶିକ୍ଷିତ, ସୁସ୍ଥ, ସେବାପରାୟଣ, ସମ୍ପନ୍ନ ପରିବାର ଓ ସମାଜରେ ମଣିଷ ଆନନ୍ଦରେ ଜୀବନ ଅତିବାହିତ କରି ପାରିବ। ଶାସନତନ୍ତ୍ର କ୍ଷମତାଲୋଲୁପତା ଓ ଅଦୂରଦର୍ଶିତା ଆଦିରୁ ମୁକ୍ତ ହେବା ପ୍ରଥମ ଆବଶ୍ୟକତା।

**ପୂର୍ବତନ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ**
**୩୪୫, ବରମୁଣ୍ଡା (ଗାଁ), ଭୁବନେଶ୍ୱର-୩,**
**ମୋ. ୯୯୩୭୦୧୪୫୮୪**

ଫର କ......

# ଡିନୋଟି

ଶକ୍ତିଶଙ୍କର ମିଶ୍ର



ଜର୍ମାନୀର ଫ୍ରାଙ୍କଫୁଟ ସହର । ଚଳ ଚଞ୍ଚଳ ସହରବାସୀ ନାଗରିକମାନଙ୍କର ସଚେତନତା ନିମନ୍ତେ ସମାଜରୁ ସହର ସବୁ ସମୃଦ୍ଧ। ଜୁନ ୧୦ ତାରିଖ ସଂଧ୍ୟା ୬ଘଣ୍ଟାରେ ପ୍ରଚାରିତ ଏକ ଖବର ସମସ୍ତ ପାଇଁ ନୂଆ ଉନ୍ମାଦନା ସୃଷ୍ଟି କରିଛି । ଦୂର ଦର୍ଶନରେ ରାଜ୍ୟ ମୁଖ୍ୟଙ୍କର ବାର୍ତ୍ତାଟି ପ୍ରଚାରିତ  ହେବାପରେ ସମସ୍ତେ ନିରବ । ଆଲୋଚନାର ଆବଶ୍ୟକତାଠାରୁ ସମସ୍ୟାର ସମାଧାନ ନିମନ୍ତେ ସହଯୋଗଙ୍କୁ ଶ୍ରେୟ ମଣିଛନ୍ତି ସହରବାସୀ ତେବେ ନାଗରିକମାନଙ୍କର ସହଯୋଗରେ ସମସ୍ୟାର ସମାଧାନ କରିବାକୁ ଅଧିକ ଦୃଢ଼ତା ପ୍ରକାଶ ପାଇଲା। ପ୍ରତ୍ୟେକ ନାଗରିକମାନଙ୍କ ମନରେ।

ଜୁନମାସ ୧୦ତାରିଖ ସଂଧ୍ୟାରୁ ସମ୍ବାଦ ଶୁଣି ରାଜ୍ୟ ମୁଖ୍ୟଙ୍କ ପ୍ରସ୍ତାବକୁ ଅନ୍ତରରେ ଗ୍ରହଣ କରିସାରିଥିବା ସମସ୍ତ ନାଗରିକ  ସମସ୍ୟା ସମାଧାନ ପାଇଁ ନିଜର କର୍ତ୍ତବ୍ୟକୁ ମୁଖ୍ୟ ଭାବରେ ଗ୍ରହଣ କରିସାରି ଥିବାରୁ ସମସ୍ୟାଟି  ଗୌଣ ହୋଇଯିବା ସ୍ୱାଭାବିକ । ହଠାତ୍ ଡିସେମ୍ବର ୮ତାରିଖରେ ସହର ଖବରରେ ଘୋଷିତ ସମ୍ବାଦ ସମସ୍ତଙ୍କୁ ଗୌରବାନ୍ୱିତ ହେବାକୁ ବାଧ କଲା । ରାଜ୍ୟମୁଖ୍ୟଙ୍କ ବାର୍ତ୍ତାଟି ଥିଲା ଏହିପରି ।

ବିଦେଶରୁ ରାଜ୍ୟର ଆଗାମୀ ଏକବର୍ଷ ପାଇଁ ଆବଶ୍ୟକ ଚିନି ଆମଦାନୀ ହୋଇ ପଣ୍ୟାଗାରରେ ପହଞ୍ଚିସାରିଛି । ରାଜ୍ୟରେ ଆଜି ଦିନରେ  ଗଚ୍ଛିତ ଥିବା ଚିନି ଏକମାସରୁ ଅଧିକ ସମୟର ଆବଶ୍ୟକତାକୁ ପୂରଣ କରିପାରିବ । ଏଣୁ ରାଜ୍ୟବାସୀ ମିତବ୍ୟୟିତାରୁ ଦୂରେଇ ରହିବାକୁ ଅନୁରୋଧ । ସମ୍ବାଦ ପରିବେଷଣ ପରେ ସେହିଦିନ ସଂଧ୍ୟାରେ ଟାଉନ କ୍ଲବରେ ବେଶ୍ ଖୁସି ମନାଇଲେ ସହରବାସୀ ପରସ୍ପରକୁ ଆଲିଙ୍ଗନ କରି ଓ ଧନ୍ୟବାଦ ମାଧ୍ୟମରେ ।

ତେବେ ଜୁନ ୧୦ତାରିଖର ସମ୍ବାଦଟି ଥିଲା  ପ୍ରିୟ ନାଗରିକ ଗଣ ରାଜ୍ୟରେ ଗଚ୍ଛିତ ଥିବା ଚିନି ତିନିମାସ ପାଇଁ ଯଥେଷ୍ଟ। କିନ୍ତୁ ବିଡ଼ମ୍ବନାର କଥା କେତେକ ଅନିବାର୍ଯ୍ୟ  କାରଣ ଯୋଗୁଁ ବିଦେଶରୁ ଚିନି ଆମଦାନୀ ହୋଇ ରାଜ୍ୟରେ ପହଞ୍ଚିବାକୁ ଅତି କମରେ ୧୬୦ଦିନ  ଲାଗିବ। ଏଣୁ ଚିନିର ବ୍ୟବହାରରେ ମିତ ବ୍ୟୟିତା ପ୍ରତ୍ୟେକ ନାଗରିକ ଅବଲମ୍ବନ କରିବାକୁ ଅନୁରୋଧ ।

**ଆମଘର, ଖୋରଧା**
ମୋ : ୯୪୩୭୭୧୪୯୦୦

# ବାରମ୍ବାର ସଂକ୍ରମଣ ଶିକାର ହେଉଥିଲେ...



ଡ଼କ୍ଟର ମୁରାରି ମୋହନ ଦାଶ

ଆପଣଙ୍କ ନାକରେ ଓ ଫୁସ୍‌ଫୁସ୍‌ରେ ବାରମ୍ବାର ସଂକ୍ରମଣ ହେଉଛି କି ? ସାଧାରଣ ଭୂତାଣୁ ଜନିତ ଜ୍ୱର, ତଣ୍ଟିରେ ଘା' ଓ ଥଣ୍ଡା ନିମୋନିଆରେ ପରିବର୍ତ୍ତିତ ହୋଇଯାଉଛି କି ? ଆପଣ ଝାଡ଼ା ଓ ଉଦର ବିଶୃଙ୍ଖଳା ରୋଗ ପ୍ରବଣ କି ? ଉପରୋକ୍ତ ଲକ୍ଷଣଗୁଡ଼ିକ ଯଦି ବହୁଦିନ ଧରି ଲାଗିରହେ ତେବେ ଚିକିତ୍ସକମାନେ ତା'କୁ ରୋଗ ପ୍ରତିରୋଧକ ଶକ୍ତି ଅଭାବ ଜନିତ ବିଶୃଙ୍ଖଳା (Immuno Deficiency Disorder) ବୋଲି ଚିହ୍ନଟ କରିଥାନ୍ତି। ରୋଗ ପ୍ରତିରୋଧକ ଶକ୍ତିର ଅଭାବରେ ଭୂତାଣୁ, କବକ ଓ ବୀଜାଣୁ ଜନିତ ସଂକ୍ରମଣ ଶରୀରରେ ଦେଖାଯାଏ।

୦ ରୋଗ ପ୍ରତିରୋଧକ ଶକ୍ତି ଅଭାବ ଜନିତ ବିଶୃଙ୍ଖଳା ସାଧାରଣତଃ ପିଲା ଓ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ବେଶି ଦେଖାଯାଏ। ଡ଼ାଇବେଟିସ୍ ରୋଗୀ, ଅଙ୍ଗ ପ୍ରତିରୋପଣ ରୋଗୀ, ହେପାଟାଇଟିସ୍ 'ବି' ରୋଗୀ ଓ ଏଚଆଇଭି ସଂକ୍ରମିତ ରୋଗୀଙ୍କଠାରେ ମଧ୍ୟ ଏହି ବିଶୃଙ୍ଖଳା ଦେଖାଦେଇଥାଏ।

୦ ଯେଉଁ ବ୍ୟକ୍ତିମାନଙ୍କର ରୋଗ ପ୍ରତିରୋଧକ ଶକ୍ତିର ଅଭାବ ଥାଏ ସେମାନଙ୍କଠାରେ କାନସର ଅର୍ବୁଦ ଦେଖାଯାଇପାରେ।

୦ ସେହି ବ୍ୟକ୍ତିମାନେ ଜ୍ୱର, ଥଣ୍ଡା ରୋଗରେ ଆକ୍ରାନ୍ତ ହୁଅନ୍ତି, ସେମାନଙ୍କର ଭୋକ ମରିଯାଏ ଓ ଶରୀରର ଓଜନ ହ୍ରାସପାଏ।

୦ ସେମାନଙ୍କର ପାକସ୍ଥଳୀରେ ଯନ୍ତ୍ରଣା ହୁଏ, ଯକୃତ ଓ ପ୍ଲୀହା ବୃଦ୍ଧି ହୋଇଥାଏ।

୦ ପାଟିରେ ଘା' ହେବା କାରଣରୁ ସେମାନେ ଗରମ ଖାଦ୍ୟ ଖାଇପାରନ୍ତି ନାହିଁ ଓ ସେମାନଙ୍କ ମାଡ଼ିରେ ଦୀର୍ଘକାଳୀନ ରୋଗ ଦେଖାଯାଏ। ସେମାନଙ୍କର କାନ ଓ ଚର୍ମରେ ବାରମ୍ବାର ସଂକ୍ରମଣ ହୁଏ।

ରୋଗ ପ୍ରତିରୋଧକ ଶକ୍ତି ଅଭାବ ଜନିତ ବିଶୃଙ୍ଖଳାରେ ଶ୍ୱେତରକ୍ତ କଣିକା ଠିକ୍ ଭାବେ କାର୍ଯ୍ୟ କରେନାହିଁ। ଅର୍ଥାତ୍ ଶରୀରରେ ଯେତିକି ଆଣ୍ଟିବଡ଼ି ପ୍ରସ୍ତୁତ ହେବାକଥା ସେତିକି ହୋଇନଥାଏ। ଭାରତରେ ପ୍ରାୟ ୧୦ଲକ୍ଷ ଲୋକ ଏହି ରୋଗରେ ଆକ୍ରାନ୍ତ ହେବାର ଏକ ସର୍ବେକ୍ଷଣରୁ ଜଣାଯାଏ। ରୋଗରେ ଆକ୍ରାନ୍ତ ଅଧିକାଂଶ ଲୋକ ଡ଼ାକ୍ତରଙ୍କ ପାଖକୁ ଯାଆନ୍ତି ନାହିଁ। ସେମାନେ କେଉଁ କାରଣରୁ ରୋଗ ଭୋଗ କରୁଛନ୍ତି ସେ ବିଷୟରେ ଜାଣିବା ପାଇଁ ମଧ୍ୟ ଆଗ୍ରହ ନଥାଏ। ସେମାନେ ଯଦି ପ୍ରତି ୨/୩ ମାସରେ ଥରେ ସଂକ୍ରମଣ ଜନିତ ରୋଗରେ ପୀଡ଼ିତ ହେଉଛନ୍ତି ତେବେ ସେମାନେ ଡ଼ାକ୍ତରଙ୍କ ସହିତ ପରାମର୍ଶ କରିବା ନିହାତି ଜରୁରି।

ଆମ ରୋଗ ପ୍ରତିରୋଧକ ତନ୍ତ୍ର ବିଭିନ୍ନ ପ୍ରକାରର ଶ୍ୱେତରକ୍ତ କଣିକା ଓ ଇମ୍ୟୁନୋଗ୍ଲୋବ୍ୟୁନ୍‌ସକୁ ନେଇ ଗଠିତ। ସେମାନଙ୍କର ପ୍ରଧାନକାର୍ଯ୍ୟ ହେଲା ଅଣୁଜୀବମାନଙ୍କର ପ୍ରବେଶକୁ ପ୍ରତିରୋଧ କରିବା। ଯଦି ପ୍ରତିରୋଧକ ତନ୍ତ୍ରରେ କିଛି ଅଭାବ ରହିଯାଏ ତେବେ ଥରକୁ ଥର ଶରୀର ସଂକ୍ରମଣର ଶିକାର ହୁଏ। ଯେଉଁ ବ୍ୟକ୍ତିମାନେ ଦ୍ୱିତୀୟ ଥର ରୋଗ ପ୍ରତିରୋଧକ ଶକ୍ତିର ଅଭାବରେ ରୋଗ ଭୋଗ କରନ୍ତି ସେମାନେ ଚିକିତ୍ସାପାଇଁ ଡ଼ାକ୍ତରଖାନାରେ ଭର୍ତ୍ତି ହେବାର ଆଶଙ୍କା ଥାଏ। ସେମାନଙ୍କର ଶାରୀରୀକ ଓ ସାମାଜିକ ସକ୍ରିୟତା ଲୋପପାଏ। ସେହି ବ୍ୟକ୍ତିମାନେ ଅଣୁଜୀବ ପ୍ରତି ବହୁତ ସ୍ପର୍ଶ କାତର ହୋଇଥାନ୍ତି ଓ ଶୀଘ୍ର ରୋଗଗ୍ରସ୍ତ ହୁଅନ୍ତି। ବାରମ୍ବାର ସଂକ୍ରମଣ ଫଳରେ ସେମାନଙ୍କର କେତେକ ଅଙ୍ଗ ନଷ୍ଟ ହୋଇଯାଏ। କେତେକଙ୍କ କ୍ଷେତ୍ରରେ ନିମୋନିଆଁ ଯୋଗୁଁ ଫୁସ୍‌ଫୁସ୍ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଥାଏ। ସେମାନଙ୍କୁ ସ୍ୱପ୍ରତିରୋଧୀ ରୋଗ ବା କାନସର ମଧ୍ୟ ଆକ୍ରମଣ କରିଥାଏ। ତେଣୁ ପ୍ରତିରୋଧକ ଶକ୍ତି ଅଭାବ ଜନିତ ବିଶୃଙ୍ଖଳା ଭୋଗ କରୁଥିବା ବ୍ୟକ୍ତିମାନେ ଡ଼ାକ୍ତରଙ୍କ ପାଖକୁ ଯାଇ ରୋଗର ଚିକିତ୍ସା କରେଇନେବା ବିଧେୟ।

ବାରମ୍ବାର ରୋଗ ଭୋଗ କରୁଥିବା ବ୍ୟକ୍ତିଙ୍କ ଠାରେ ଡ଼ାଇବେଟିସ୍ ଓ ପୁଷ୍ଟି ଅଭାବ ଜନିତ ରୋଗ ଦେଖାଯାଇପାରେ। ବହୁଦିନ ଧରି ଡ଼ାକ୍ତରଖାନାରେ ରହି ଚିକିତ୍ସିତ ହେଲେ ପ୍ରତିରୋଧକ ଶକ୍ତି ଆହୁରି ନଷ୍ଟ ହୋଇଯାଏ। ଡ଼ାକ୍ତରମାନେ ଆଣ୍ଟିବାୟୋଟିକ୍‌ସ ଓ ଆଣ୍ଟିଭାଇରାଲ୍ ଔଷଧ ù\ A PKöòKepþùö ùi cÙ ue鬤 ^àcüKùKú (Pneumo-coccal) ଓ ଫ୍ଲୁ ପାଇଁ ଟୀକା ଦିଆଯାଏ। ଏହି ଟୀକାଗୁଡ଼ିକ ବର୍ଷରେ ଥରେ ନେବାକୁ ହୋଇଥାଏ। ଟୀକା ନେବା ଫଳରେ ଶରୀରରେ ନିର୍ଦ୍ଦିଷ୍ଟ ବୀଜାଣୁ ଓ ଭୂତାଣୁ ପାଇଁ ଆଣ୍ଟିବଡ଼ି ପ୍ରସ୍ତୁତ ହୁଏ।

ଯଦି ଆପଣ ରୋଗ ପ୍ରତିରୋଧକ ଶକ୍ତି ଅଭାବ ଜନିତ ବିଶୃଙ୍ଖଳାରେ ପୀଡ଼ିତ ତେବେ ଆପଣ ସୁଷମ ଖାଦ୍ୟ ଖାଆନ୍ତୁ, ଦରସିଝା ଖାଦ୍ୟ ଖାଆନ୍ତୁ ନାହିଁ, ପାଣି ଫୁଟାଇ ପିଅନ୍ତୁ, ଯେଉଁ ଲୋକମାନଙ୍କୁ ସଂକ୍ରମଣ ହୋଇଛି ସେମାନଙ୍କ ସହିତ ମିଳାମିଶା କରନ୍ତୁ ନାହିଁ, ଦନ୍ତର ଉପଯୁକ୍ତ ଯତ୍ନ ନିଅନ୍ତୁ ଓ ନିଜ ଶରୀରକୁ ସଫାସୁତୁରା ରଖିବାକୁ ଚେଷ୍ଟା କରନ୍ତୁ।

**ଲାକପ୍ରିୟ ବିଜ୍ଞାନ ସଂଚାରକ**
**ଜି/ଏଲ୍- ୧, ଭି.ଏସ୍.ଏସ୍.ନଗର**
**ଭୁବନେଶ୍ୱର- ୭୫୧୦୦୭**
**ମୋ- ୯୪୩୭୧୧୦୭୧୫**



## ସ୍ୱାସ୍ଥ୍ୟ

# ଜାପାନିଜ ଏନସେଫାଲାଇଟିସ

ଡ଼ା: ଧନେଶ୍ୱର ସାହୁ ଏମ.ବି.ବି.ଏସ.ଏମ.ଏସ



ଏହା କଣ ?

ଏହା ଏକ ଭୂତାଣୁ ଜନିତ ମାରାତ୍ମକ ମସ୍ତିଷ୍କ ରୋଗ। ଏହାକୁ ଜାପାନୀ ଜ୍ୱର କୁହାଯାଏ।

ଏହାର କାରଣ ?

ଜାପାନିଜ ଏନସେଫାଲାଇଟିସ ଭୂତାଣୁ।

ଏହାର ଇନକୁବେସନ ପିରିଅଡ଼ କେତେ ?

୫- ୧୫ ଦିନ।

ଭୂତାଣୁ ଶରୀରରେ ପ୍ରବେଶ କରିବାଠାରୁ ରୋଗ ହେବା ପର୍ଯ୍ୟନ୍ତ ସମୟକୁ ଇନକୁବେସନ ପିରିଅଡ଼ କୁହାଯାଏ।

ଏହା କେମିତି ବ୍ୟାପେ ?

ଜାପାନିଜ ଏନସେଫାଲାଇଟିସ ଭୂତାଣୁ ସାଧାରଣତଃ ଘୁଷୁରି ଓ ବଗପରି କେତେକ ପକ୍ଷୀଙ୍କୁ ଆକ୍ରମଣକରି ତାଙ୍କ ଦେହରେ ବଂଶ ବିସ୍ତାର କରନ୍ତି। ଘୁଷୁରି ଓ ବଗପରି ପକ୍ଷୀମାନଙ୍କୁ ଏହି ଭୂତାଣୁର ରିଜରଭଏର ବୋଲି କୁହାଯାଏ। କ୍ୟୁଲେକ୍ସ ମଶା ଯାହାକୁ ଭେକ୍ଟର କୁହାଯାଏ ସିଏ ଜାପାନିଜ ଏନସେଫାଲାଇଟିସ ଭୂତାଣୁ ଦ୍ୱାରା ଆକ୍ରାନ୍ତ ଏହି ଘୁଷୁରି ଓ ବଗପରି ପକ୍ଷୀମାନଙ୍କୁ କାମୁଡ଼ି ଭଲ ମଣିଷକୁ କାମୁଡ଼ିଲେ ଏହି ରୋଗ ହୁଏ।

ଏହାର ଇତିହାସ କଣ ?

୧୮୭୧ ମସିହାରେ ଏହାର ପ୍ରଥମ ରୋଗୀ ଜାପାନରେ ଆବିଷ୍କାର କରାଯାଇଥିଲା ବୋଲି ଏହାର ନାମ ଜାପାନିଜ ଏନସେଫାଲାଇଟିସ ରଖାଯାଇଛି।

ଏହି ରୋଗ କାହାକୁ ବେଶୀ ହୁଏ ?

ବୟସ୍କ ଲୋକଙ୍କ ଅପେକ୍ଷା ୧୫ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ବେଶୀ ଏହି ରୋଗ ହୁଏ। କାରଣ ପିଲାମାନଙ୍କ ଦେହରେ ପ୍ରତିଷେଧକ ଶକ୍ତି କମିଥାଏ।

ପରିସଂଖ୍ୟାନ ଅନୁସାରେ ବୟସ୍କଙ୍କ ଅପେକ୍ଷା ପିଲାମାନଙ୍କ ମୃତ୍ୟୁହାର ଅଧିକ।

ଏହି ରୋଗ କେଉଁ ଅଞ୍ଚଳରେ ବେଶୀ ହୁଏ ?

ମେଡ଼ିକାଲ ତଥ୍ୟ ଅନୁସାରେ ଏସିଆ ମହାଦେଶରେ ଏହି ରୋଗର ପ୍ରାଦୁର୍ଭାବ ଅଧିକ। ଭାରତ , ଚାଇନା , ଜାପାନ , ବାଂଲାଦେଶ, ଶ୍ରୀଲଙ୍କା , ନେପାଳ , ସିଙ୍ଗାପୁର , ପାକିସ୍ଥାନ ଆଦି ଦେଶରେ ଏହି ରୋଗ ଅଧିକ ଦେଖାଯାଏ। ଭାରତରେ ଆସାମ , ବିହାର , ପଶ୍ଚିମବଙ୍ଗ , ମହାରାଷ୍ଟ୍ର , ଓଡ଼ିଶା ଆଦି ରାଜ୍ୟରେ ଏହା ବହୁଳ ଭାବରେ ଦେଖାଦେଉଛି।

ଏହି ରୋଗ କେଉଁ ସମୟରେ ବେଶୀ ଦେଖାଯାଏ ?

ଏହି ରୋଗ ଜୁନମାସରୁ ଅକ୍ଟୋବର ମାସ ମଧ୍ୟରେ ବେଶୀ ଦେଖାଦେଇଥାଏ।

ସଂକେତ ଓ ଲକ୍ଷଣ :-

- ଜ୍ୱର ହେବା।
- କଂପ ଶୀତ ଲାଗିବା।
- ମୁଣ୍ଡ ବ୍ୟଥାହେବା।
- ମୁଣ୍ଡ ବୁଲେଇ ହେବା।
- ବାନ୍ତି ଲାଗିବା , ବାନ୍ତି ହେବା।
- ଦେହର ମାଂସପେଶୀ ଦରଜ ହେବା।
- ପତଳା ଝାଡ଼ା ହେବା।
- ଦୁର୍ବଳ ଅନୁଭବ କରିବା।
- ନିଦ ନିଦିଆ ଲାଗିବା।
- ସାଧାରଣ କାମକରି ନପାରିବା।
- ବାତ ମାରିବା।
- ବେକ ସ୍ଟିଫ୍‌ଂ ହେବା।
- ଥରିବା।
- ବାଉଳି ଚାଉଳି ହେବା।
- ଚଳପ୍ରଚଳ କରିବାକୁ କଷ୍ଟ ଅନୁଭବ କରିବା।
- ପାରାଲିସିସ୍ ହେବା।
- କନଫ୍ୟୁଜନ୍ ହେବା।
- କୋଅର୍ଡ଼ିନେସନ୍ ଅଭାବ ହେବା।

୦ ଓଜନ କମିଯିବା।
୦ ଶରୀରର ଦୁଇପଟର ଗତିବିଧି ଅଲଗା ହେବା।
୦ କିଛି ନଜାଣିବା ପରି ଅନେଇ ରହିବା।
୦ ଜୋରରେ ଶ୍ୱାସପ୍ରଶ୍ୱାସ ନେବା ଆଣିବା କରିବା।
୦ ଅଚେତ ହେବା।

ନିଦାନ :-

୦ ସଂକେତ ଓ ଲକ୍ଷଣ ଦେଖି।
୦ ସିରିବ୍ରୋସ୍ପାଇନାଲ ଫ୍ଲୁଇଡ଼ ପରୀକ୍ଷା କରି ଜାପାନିଜ ଏନସେଫାଲାଇଟିସ୍ ଭାଇସ ଚିହ୍ନଟ କରାଯାଏ।
0 eqùe Igm ପରୀକ୍ଷା କରି ।
Igm Capture ଏଲିସା ଟେଷ୍ଟ।
୦ ଜାପାନିଜ ଏନସେଫାଲାଇଟସ ଭାଇସ କ୍ୱାଲିଟି ଆସେସମେଣ୍ଟ କରି।
୦ ଏନଂଜାଇମ ଇମ୍ୟୁନ ଆସେ।
୦ ମସ୍ତିଷ୍କର ସିଟି ସ୍କାନ।
୦ ମସ୍ତିଷ୍କର ଏମ ଆର ଆଇ।
୦ ରେଡ଼ିଓଡ଼ାଇଗ୍ନୋସିସ।

ଜଟିଳତା :-

୦ ଜାପାନିଜ ଏନସେଫାଲାଇଟିସ ଟୀକାଯୋଗୁଁ ମ୍ୟୁକୋକ୍ୟୁଟାନିଅସ ଆଲରଜିକ ରିଆକସନ।
୦ ଦୁର୍ବଳ ଲାଗି ରହିବା।
୦ ମାଂସପେଶୀ ଦୁର୍ବଳ ହେବା।
୦ ମାଂସପେଶୀର କୋଅର୍ଡ଼ିନେସନ ଅଭାବ ହେବା।
୦ ପରସନାଲିଟି ପରିବର୍ତ୍ତନ ହେବା।
୦ ମନେରଖିବା ଅସୁବିଧା ହେବା।
୦ ପାରାଲିସିସ ହେବା।
୦ ଶାରୀରିକ ଓ ମାନସିକ ବିକଳାଙ୍ଗ ହେବା।
୦ ଶୁଣିବାରେ ଅସୁବିଧା ହେବା।
୦ ଦେଖିବାରେ ଅସୁବିଧା ହେବା।
୦ କଥା କହିବାରେ ଅସୁବିଧା ହେବା।
୦ ମେଣ୍ଟାଲ ରିଟାର୍ଡ଼େସନ ହେବା।
୦ ଅପସ୍ମାରୁ ମାରିବା।
୦ ଡ଼ିକୁବିଟସ ଅଲସର ହେବା।
୦ ଆକ୍ୟୁଟ ଅବସ୍ଟ୍ରକଟିଭ ହାଇଡ୍ରୋସେଫାଲସ ହେବା।
୦ ବାକ୍ଟେରିଆଲ ଇନଫେକସନ ହେବା।
୦ କୋମା।
୦ ମୃତ୍ୟୁ।

ଜାପାନିଜ ଏନସେଫାଲାଇଟିସ ପରି ଦେଖାଯାଉଥିବା ରୋଗ :-

୦ ଆରବୋଭାଇରାଲ ରୋଗ।
୦ ନିଷାହ ଭାଇରସ ଇନଫେକସନ।
୦ କାଲିଫରନିଆ ଏନସେଫାଲାଇଟିସ।
୦ ଡ଼େଙ୍ଗୁଜ୍ୱର।
୦ ପାଇଓଜେନିକ ଫୋକାଲ ମସ୍ତିଷ୍କ ପୂଜ।
୦ ମେନିଂଜାଇଟିସ।
୦ ମାଇକୋପ୍ରାଜମା ମେନିଜାଇଟିସ।
୦ ମାଲାରିଆ।
୦ ସି ଏନ ଏସ ଟ୍ୟୁମର।
୦ ଟୋକ୍ସୋପ୍ଲାଜମୋସିସ।
୦ ଓ୍ୱେଷ୍ଟ ନାଇଲ ଏନସେଫାଲାଇଟିସ।
୦ ଓ୍ୱେଷ୍ଟର୍ଣ୍ଣ ଇକ୍ୱିନ ଏନସେଫାଲାଇଟିସ।
୦ ଲେପ୍ଟୋସ୍ପାଇରୋସିସ।
୦ ସେଂଟ ଲୁଇସ ଏନସେଫାଲାଇଟିସ।

ପ୍ରତିଷେଧକ :-

୦ ଟୀକାକରଣ : - ୨ଟି ଟୀକା ଏକମାସ ଅନ୍ତରରେ ଦିଆଯାଏ।
୦ ଯେଉଁଲୋକମାନେ ଜାପାନିଜ ଏନସେଫାଲାଇଟିସ ଏଣ୍ଡେମିକ ଅଞ୍ଚଳକୁ ଯିବେ, ସେମାନେ ନିଜକୁ ଯେମିତି ମଶା ନ କାମୁଡ଼ିବେ ସେଥିପ୍ରତି ସତର୍କ ରହିବେ।
୦ ଘୁଷୁରିମାନଙ୍କୁ ଜନବସତି ଠାରୁ ଦୂରରେ ରଖିବା।
୦ କ୍ୟୁଲେସ୍କ ମଶା ବଂଶ ସୃଷ୍ଟିହେବା ଘରଚାରିପାଖ ପରିବେଶକୁ ସଫାସୁତୁରା ରଖିବା। ପାଣି ଜମା ହେବାକୁ ଦେବାନି।
୦ ମଶା ବଂଶ ବୃଦ୍ଧି କମେଇବାକୁ ଇନସେକ୍ଟିସାଇଡ଼ ଓ ଲାରଡ଼ାମରା ଔଷଧ ବ୍ୟବହାର କରିବା।
୦ ମଶା କବଳରୁ ରକ୍ଷା ପାଇଁ ମସକିଟୋ ରିପେରାଣ୍ଟାସ ବ୍ୟବହାର କରିବା ଉଚିତ। ପୂରା ଶରୀରକୁ ଘୋଡ଼ାଇ ହେଉଥିବା ପୋଷାକ ବ୍ୟବହାର କରିବା ଉଚିତ।
୦ ଶୋଇଲାବେଳେ ମଶାରି ଟାଙ୍ଗି ଶୋଇବେ। ଘରେ ମଶା ନପଶିବା ପାଇଁ ଦୁଆର ଓ ଝରକାରେ ମଶାଜାଲି ଲଗାଇବା ଉଚିତ୍।

ଚିକିତ୍ସା :-

ବର୍ତ୍ତମାନ ସୁଦ୍ଧା ଏହାର ସଫଳ ଚିକିତ୍ସା ନାହିଁ। ତଥାପି ଲକ୍ଷଣ ଅନୁସାରେ ଚିକିତ୍ସା କରାଯାଏ। ହସପିଟାଲରେ ଆଡ଼ମିସନକରି ଚିକିତ୍ସା କରିବା ଉଚିତ୍।
୦ ଜ୍ୱର, ବ୍ୟଥା, ବାନ୍ତି, ଝାଡ଼ା, ବାତ ଆଦି ପାଇଁ ଔଷଧ ଦେବା।
୦ ଜଳୀୟ ଅଂଶ କମିଥିଲେ ଆଇଭି ଫ୍ଲୁଇଡ଼ ଦେବା।
୦ ଠିକ ପରିମାଣରେ ଖାଦ୍ୟ ଖାଇବାକୁ ଦେବା। ଯଥେଷ୍ଟ ପାଣି ପିଇବାକୁ ଦେବା।

○ ଶ୍ୱାସନଳୀ ଖୋଲାରଖିବା।

○ ମସ୍ତିଷ୍କରେ ଅଧିକ ଚାପ କମେଇବାକୁ ଔଷଧ ଦେବ। ମାନିଟଲ ଦିଆଯାଏ।

○ ଅନ୍ୟାନ୍ୟ ଲକ୍ଷଣ ଅନୁସାରେ ମଧ୍ୟ ଚିକିତ୍ସା ଦିଆଯାଏ।

○ ଏକ୍ସପେରିମେଣ୍ଟାଲ ଚିକିତ୍ସା : -

- ଇଣ୍ଟରଫେରନ ଆଲଫା।
- ଇଣ୍ଟାଭେନସ ଇମ୍ୟୁନୋଗ୍ଲୋବୁଲିନ।
- ସୁରାମିନ ଓ ଡ଼ାଇଥାଇଲ ଥାଇଓକାରବୋନେଟ।
- ଆରଟିଜେନିମ।
- ମିନୋସାଇକ୍ଲିନ।
- ଟେଟ୍ରାସାଇକ୍ଲିନ ଓ ଆମିନୋଗ୍ଲାଇକୋସାଇଡ଼।

○ ରିଲାପ୍ସ କେସରେ ରହିଯାଇଥିବା ସ୍ନାୟୁଜନିତ ଅସୁବିଧା ଦୂର କରିବାକୁ ଦୀର୍ଘମିଆଦି ସେବା ଦିଆଯାଏ। ରିହାବିଲିଟେସନ କରାଯାଏ।

ଯଦି କୌଣସି ଲୋକଙ୍କୁ କଂପ ଶୀତ ଜ୍ୱର ହୁଏ, ମୁଣ୍ଡ ବୁଲାଏ, ବାନ୍ତି ଲାଗେ କି ବାନ୍ତି ହୁଏ, ଦେହର ମାଂସପେଶୀ ଦରଜ ହୁଏ, ପତଳା ଝାଡ଼ା ହୁଏ, ବେକ ଟାଣ ହୁଏ, ବାତ ମାରେ, ଦୁର୍ବଳ ଲାଗେ ଓ ଘର ନିକଟରେ ଘୁଷୁରି ବସବାସ କରୁଥିବେ, ସେମାନେ ସଙ୍ଗେ ସଙ୍ଗେ ଡ଼ାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରିବା ଦରକାର। କାରଣ ଜାପାନିଜ ଏନସେଫାଲାଇଟ ରୋଗରେ ଆକ୍ରାନ୍ତ ହୋଇଥିଲେ ଜୀବନ ପତି ବିପଦ ଅଧିକ ଥାଏ।

**ପୂର୍ବତନ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ,**
**ଖୋର୍ଦ୍ଧା**




# କାଶତଣ୍ଡୀ

ନାରାୟଣ ଦାସ

ଗଭୀର ଜଳରେ ଶାମୁକା ଯେତେ,
ନୀଳ ଆକାଶରେ ତାରକା ସେତେ। (୧)
ଭସା ବାଦଲକୁ ଗଣିବା ଯେତେ,
ଦରିଆ ବୁକୁରେ ଲହରୀ ସେତେ (୨)
ଫୁଟନ୍ତା ପୁଷ୍ପର ମହକ ଯେତେ,
ପୂନିଅଁ ଚାନ୍ଦର ଜୋଛନା ସେତେ । (୩)
ତୁଠ ପଥରର ସହଣି ଯେତେ,
ମା' ହୃଦୟର ମମତା ସେତେ। (୪)
ମକ୍ଷିକା ମଧୁରେ ମଧୁର ଯେତେ,
ପ୍ରେମର ପ୍ରୀତିରେ ସେନେହ ସେତେ। (୫)
କାଶତଣ୍ଡୀ ଯିଏ ଦେଖିଛ ଯେତେ,
ମନଭରି ହେଜ ଅନ୍ତରେ ସେତେ। (୬)
ତନୁଟି କୋମଳ ତାହାର ଯେତେ,
ସୂତ୍ର ପୁଷ୍ପପରି ଲାଗଇ ସେତେ। (୭)
ତାର ମୋର ଭାବ ହୃଦୟେ ଯେତେ,
ସୁନ୍ଦର ତୃପ୍ତିରେ ଆନନ୍ଦ ସେତେ।(୮)
ସାଦରେ ଗ୍ରହଣ ସନ୍ତୋଷ ଯେତେ,
ସହସା ସାକ୍ଷାତେ ମିଳଇ ସେତେ। (୯)
ଏକ ଆରକେକୁ ପଚାର ଯେତେ,
ଉତ୍ତର ପାଇବ ତାଠାରୁ ସେତେ। (୧୦)

**ନବିନାବାଗ, ଖୋରଧା**



# ମୋ ବଂଶ ବଢ଼ାଅ

ନିରଞ୍ଜନ ପଟ୍ଟନାୟକ

ଭକ୍ତି ମଣ୍ଡପ, ବୁର୍ଲା, ସମ୍ବଲପୁର
ମୋ : ୯୪୩୮୫୯୨୭୬୭

ବୃକ୍ଷ ମୁଁ ସକଳ ଜୀବ ହିତକାରୀ, ନୁହଇଁ ମୁଁ ଅହଙ୍କାରୀ,
ଯିଏ ଯେଉଁଭାବେ ଲୋଡୁଥାଏ ମୋତେ, ତା ଭାବେ ଉଭା ହୁଅଇ।
ସୁଶୀତଳ ଛାୟା ପ୍ରାଣୀକୁ ଯୋଗାଏ, ନିଜେ ଟାଣ ଖରା ଖାଇ,
ଅଙ୍ଗାରକୁ ନେଇ ଅମ୍ଳଜାନ ଦେଇ, ସଭିଙ୍କୁ ବଞ୍ଚାଇ ଥାଇ।
ବସାବାନ୍ଧି ପକ୍ଷୀ ହରଷେ ଉଡଇ, ଏ ଡାଳୁ ସେ ଡାଳ ହୋଇ,
ସଭିଙ୍କର କଥା ବୁଝୁଥାଏ ନିତି, ନୀରବେ ନିଶ୍ଚଳେ ଥାଇ।
ଫୁଲ ଫଳ ଫଳି ସଭିଙ୍କୁ ଚଖାଇ, ଦେଇ ହୁଏ ମୁହିଁ ଖୁସି
କବାଟ ଝରକା ଖଟ ପଲଙ୍କରେ, ଆଦର ମୋହର ବେଶି।
ବାଆ ବତାସକୁ ଖାତିର ନକରି, ଦମ୍ଭେ ହୋଇଥାଏ ଠିଆ,
ହାଣି କାଟି ନେଇ ଜାଳାଇଲେ ମୋତେ, ହୁତୁ ହୁତୁ ଜଳେ ନିଆଁ।
ଏଣୁତି ଶାଳରୁ ସ୍ୱର୍ଗଦ୍ୱାର ଯାଏ, ଯୁଇରେ ମୁଁ ଜଳୁଥାଏ,
ଦୁନିଆଁର ଦୁଇ ନିଆଁରେ ଜୀବନ, ଆରମ୍ଭ ଓ ଶେଷ ହୁଏ।
ଦାରୁବ୍ରହ୍ମ ରୂପେ ଉଭା ଦେଉଳରେ, ଭକ୍ତ ଦରଶନ ପାଇଁ,
ବଡ ଦାଣ୍ଡେ ଗଡେ ତିନି ରଥ ହୋଇ, ବରଷକେ ଥରେ ମୁହିଁ।
ନଉକା ହୋଇ ମୁଁ ନଈରେ ଭାସଇ, ବୋଇତ ହୋଇ ସାଗରେ,
ଧନ୍ୟ ହୋଇଛି ଜନମ ମୋହର, ଲାଗି ସବୁରି ସେବାରେ।

# ଅଭୁଲା ଡ଼ାକ ଆଉ ଅଲିଭା ସ୍ମୃତି

ଯୁଗଳ କିଶୋର ଷଡ଼ଙ୍ଗୀ

ଦିନେ ମୁଁ ଖାଇବାକୁ ଯାଉଥିଲି । ହଠାତ୍ ବାହାରରୁ ଡ଼ାକ ଶୁଣାଗଲା, ବାବୁ! ଏ ବାବୁ !!। କବାଟ ଖୋଲି ଦେଖିଲି ବୁଢ଼ାଟିଏ ଠିଆ ହୋଇଛି, ଭିକାରୀ ବୋଲି ଭାବି ମୁଁ ଭିକ ଦେବାକୁ ଗଲି । ସେ ଭିକ ନେବାକୁ ମନାକଲା । କହିଲା - 'ବାବୁ! ମୁଁ ଭିକ ମାଗିବା ପାଇଁ ଆସିନାହିଁ। ଯଦି କୌଣସି କାମ କରାଇବାର ଅଛି ତ କୁହ, କରିଦେବି ।'

ମୁଁ ପଚାରିଲି - ବୁଢ଼ା ! ତୁ କଣ କାମ କରିପାରିବୁ ?

ସେ କହିଲା - 'ଖଟ ବୁଣିପାରିବି, ଘରର ଛାତ ସଜାଡ଼ି ପାରିବି' । ମୁଁ କିଛି ସମୟ ଚିନ୍ତାକରି କହିଲି - 'ବର୍ତ୍ତମାନ ମୋର ଏଇ ଦୁଇଟି କାମ କରାଇବାର ନାହିଁ । ଆଉ ଅନ୍ୟଦିନ ଆସିବୁ । ମୁଁ ଖଣ୍ଡେ ଖଟ ଓ କିଛି ଦଉଡ଼ି ବଜାରରୁ କିଣି ଆଣିଦେବି । ତୁ ଆସି ଖଟ ଖଣ୍ଡେ ବୁଣିଦବୁ ।'

ବୁଢ଼ା କହିଲା - 'ଠିକ୍ ଅଛି ବାବୁ! ମୁଁ ଯାଉଛି । ବୁଢ଼ା ଚାଲିଯିବା ବେଳେ ତାକୁ ଟଙ୍କାଟିଏ ଦେଲି, କିନ୍ତୁ ନେଲା ନାହିଁ ।'

କିଛିଦିନ ପରେ ବଜାରରୁ ଖଟ ଖଣ୍ଡେ ଓ ଦଉଡ଼ି କିଣି ଆଣି ଘରେ ରଖିଲି । କିଣିଲା ଉତାରୁ ଭାବିଲି ଯେ ବୁଢ଼ା ଆଉ ଆସିବ ନାହିଁ । କିନ୍ତୁ ତିନିଦିନ ପରେ ସେହି ପରିଚିତ ଡ଼ାକ ଶୁଣିବାକୁ ମିଳିଲା, 'ବାବୁ' । କବାଟ ଖୋଲିକରି ବୁଢ଼ାକୁ ଦେଖିଲି, ଘରକୁ ଡ଼ାକିଲି । ଖଟ ଓ ଦଉଡ଼ି ଦେଖି ବୁଢ଼ା ଖୁସିହେଲା । ଦିନ ଦୁଇ ପହର ଯାକ ଖଟ ବୁଣିବାରେ ଲାଗିଲା । ବୁଣା ସରିଲାବେଳକୁ ତାର ହାତ ଥରୁଥିଲା । ମୁଁ ମନା କରିବା ସତ୍ତ୍ୱେ କାମଟି ପୁରାଇବା ପାଇଁ ସେ ଲାଗିପଡ଼ିଥିଲା । କାମ ସରିବାପରେ ତାର ପାରିଶ୍ରମିକ ବାବଦରେ ପାଞ୍ଚ ଟଙ୍କା ଦେଲି । ଗଲା ସମୟରେ ସଂକୋଚ ହୋଇ କହିଲା ବାବୁ! ତୁମ ଘରେ ବାସି ପଖାଳ ଥିବ, ମୋତେ ମୁଠାଏ ମିଳିବ କି ?

ବୁଢ଼ାର କଥାଶୁଣି ମୋର ମନ ତରଳିଗଲା । ତା'କୁ କହିଲି 'ତୁ ପ୍ରତିଦିନ ମୋ ଘରକୁ ଆସିବୁ । କିଛି ପେଜ ତୋରାଣି ପେଟରେ ପୂରାଇବୁ । ତାପରେ ତୁ ତୋର ନିଜ କାମରେ ଯିବୁ ।'

ତାପରେ ବୁଢ଼ା ମଝିରେ ମଝିରେ କାଁଭାଁ ମୋ ଘରକୁ ଆସୁଥିଲା । ଠିକ୍ ଦୁଇ ପହରର ବାରଟା ସମୟରେ ସେହି ଡ଼ାକ ପକାଏ 'ବାବୁ! ଏ ବାବୁ!' ବୋଲି ବୁଢ଼ା ଯେଉଁଦିନ ଆସିଥାଏ, କିଛି ପେଜ ତୋରାଣି ଦେବା ମୋର କାମ ହୋଇଥାଏ । ପେଜତୋରାଣି ଟିକକ ସେ ପରମ ଆନନ୍ଦ ଅନୁଭବ କରୁଥିଲା । ମୋର ସ୍ତ୍ରୀ କେବେକେବେ କଞ୍ଚାଲଙ୍କା, ଲୁଣ ଓ ପିଆଜ ଦେଲେ ବୁଢ଼ାପାଇଁ ଏହା ରାଜଭୋଗ ହୋଇଥାଏ । ଯେଉଁଦିନ ଗରମ ପଖାଳ ମୁଠାଏ ମିଳିଲେ ବୁଢ଼ା କହୁଥିଲା - 'ବାବୁ!' ତୁମେ ଭଲ ମଣିଷ । ମୋତେ ଗରମ ପେଜ ତୋରାଣି ଦେଉଛ । ମୋର ଅନ୍ତରକୁ ଚିହ୍ନିପାରିଛ । ବାବୁ ! ଆମେ ଗରିବ ଲୋକ । 'ଗରିବ ଘର ଗରବ, ଯେଉଁଦିନ ମୁଠେ ତତଲା ଭାତ ଯେ , ସେ ଦିନ ଆମ ପରବ । ବାବୁ! ଯାହାର ମନଟି ନିର୍ମଳ ଓ ହୃଦୟ ମଣିଷ ପଣିଆରେ ଭରପୂର , ଈଶ୍ୱର ତାକୁ ଭଲ ପାଆନ୍ତି । ସେ ଏକା ହିଁ ତୁମର ମଙ୍ଗଳ କରିବେ । ମୁଁ ତୁମକୁ ଆଉ କଣ ଦେଇପାରିବି, ତୁମ ଲାଗି ମୋର ଛୋଟିଆ ବଗିଚାରୁ କିଛି ଫଳ ଆଣି ଖୁଆଇବି । ଫଳ ପାଚିଯାଉ, ପିଲାଛୁଆଙ୍କ ପାଇଁ ନିଶ୍ଚୟ ଆଣିବି' । ମୁଁ ମନେମନେ ଭାବୁଥିଲି ଟିକିଏ ପେଜ ତୋରାଣି ପାଇଁ ଏ କି କୃତଜ୍ଞତା ।

ମଝିରେ ମଝିରେ ମୁଁ ତାକୁ ତାର ପରିବାର ସମ୍ବନ୍ଧରେ ପଚାରୁଥିଲି । ଦିନେ ବୁଢ଼ା କହିଲା - 'ବାବୁ! ମୋର ଗୋଟିଏ ପୁଅ । ସେ ବିବାହିତ । ଆଜିକାଲିକା ପୁଅ ବୋହୂର କଥା ତ ଜାଣିଛ । ସେମାନେ ଖୁସିରେ ରୁହନ୍ତୁ । ଭାତ ମୁଠାଏ ଲାଗି ମୁଁ କାହା ଉପରେ ନିର୍ଭର କରୁନାହିଁ । ପୁଅର କମ୍ପାନୀ ଚାକିରିକଥା, ଆଉ ଏଇ ଇଂରାଜୀ ବିଦ୍ୟାଳୟମାନଙ୍କରେ ତ ନାତିନାତୁଣୀଙ୍କର ଛୁଟି ସହଜରେ ମିଳେନାହିଁ । ଗତବର୍ଷ ବୁଢ଼ୀ ଚାଲିଗଲା । ତୁମେ ଚିନ୍ତାକର ବାବୁ, ସେମାନଙ୍କ ଉପରେ ମୁଁ କାହିଁକି ଗୋଟାଏ ବୋଝ ହେବି ? ପାଞ୍ଚ ଡ଼େସିମିଲ୍‌ର ସାମାନ୍ୟ ବାଡ଼ି ଖଣ୍ଡେ ଅଛି । ତାକୁ ମୁଁ ବଗିଚା କରିଛି । ସଜନା, କଦଳୀ, ଲେମ୍ବୁ , ଅମୃତଭଣ୍ଡା କିଛି ଫଳଗଛ ଲଗାଇଛି । ଫଳ ଫଳିଲେ ବଜାରକୁ ନେଇ ବିକୁଛି । ଅନ୍ୟ ସମୟ ଦେଖି ମୂଲ ଲାଗି ପେଟ ପୋଷୁଅଛି । ବାବୁ! ମୋ ବଗିଚାର କିଛି ଫଳ ନିଶ୍ଚୟ ଆଣିବି ।'

ଏହିପରି ଭାବରେ ଦୁଇତିନି ମାସ ଗଡ଼ିଗଲା । ବୁଢ଼ାର ଆସିବାର ବନ୍ଦ ହେଲା । ବହୁତ ଦିନ ପର୍ଯ୍ୟନ୍ତ ତାର ଚେହେରା ଦେଖିବାକୁ ମିଳିଲା ନାହିଁ । କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମୁଁ ମଧ୍ୟ ବୁଢ଼ାକୁ ଭୁଲିବାରେ ଲାଗିଲି ।

ଇତି ମଧ୍ୟରେ ମୋ ଝିଅର ଦେହ ଖରାପ ହେଲା । ଦୁର୍ବଳ ହୋଇପଡ଼ିଲା । ଡ଼ାକ୍ତର ଅମୃତଭଣ୍ଡା ଓ କାଗଜି ଲେମ୍ବୁ ଖାଇବାକୁ କହିଲେ । ସେ ସମୟରେ ବଜାରରେ ସେଗୁଡ଼ିକ ମିଳିବା କଷ୍ଟକର ହେଉଥିଲା । ମୁଁ ବଜାରକୁ ଯାଇ ଏ ଫଳଗୁଡ଼ିକ ନପାଇ ଦିନେ ନିରାଶରେ ଫେରୁଥିଲି । ଠିକ୍ ସେତିକିବେଳେ ବୁଢ଼ା ମୋ ଘର ସାମନାରେ ବସିଥିଲା । ସେ ଅତ୍ୟନ୍ତ ଦୁର୍ବଳ ଦିଶୁଥିଲା । ମୋତେ ଦେଖିବା ପରେ ସେ ଥରିଥରି ଉଠିଲା ଓ ନମସ୍କାରଟିଏ ଜଣାଇଲା । ତାପରେ ତାର ଗଣ୍ଠିଲି ଫିଟାଇ ଅମୃତଭଣ୍ଡା ଓ କାଗଜିଲେମ୍ବୁ ମୋତେ ଦେଲା । ଫୁଙ୍ଗୁଳା ଶରୀରର ମଳିନ ମୁହଁରୁ ହସ ବାହାର କରି କହିଲା - 'ବାବୁ! ଆଗରୁ କଥା ଦେଇଥିଲି । ଛୁଆମାନଙ୍କ ପାଇଁ ଏଇଟା ଆଣିଛି । ବଜାରରେ ବିକ୍ରି ନହେବା ପୂର୍ବରୁ ପ୍ରଥମେ ତୁମକୁ

ଦେଉଛି, ଯେହେତୁ ତୁମେ ମୋର ଭଗବାନ। ତୁମେ ମୋର ମନକୁ ଚିହ୍ନିପାରିଛ। ମୋ ପାଇଁ ବହୁତ କିଛି କରିଛ ବାବୁ!'।

ମୋତେ ବହୁତ ସଙ୍କୋଚ ଲାଗିଲା। ବୁଢ଼ାକୁ ପଚାରିଲି ଆଚ୍ଛା ବୁଢ଼ା! ଏଇ ଫଳ ବାବଦରେ କେତେ ପଇସା ଦେବି? ମୋର ପ୍ରଶ୍ନ ଶୁଣି ବୁଢ଼ାର ଆଖିରୁ ଲୁହ ଝରିବାରେ ଲାଗିଲା। ସେ କହିଲା - ନାଇଁ ବାବୁ! ପଇସା କଣ? ଦେବା ନେବାରେ କିଛି ନାହିଁ ବାବୁ, ଭାବ ଥିଲେ ହେଲା। ମୁଁ ଆଣିଥିବା କିଛି ଫଳ ତୁମ ପିଲାଛୁଆଙ୍କ ପାଇଁ ମୋର ଉପହାର। ମୁଁ ଗରିବ ବାବୁ, ଯାହା ଅନ୍ତରରୁ ଦେଉଛି ତାକୁ ତୁମେ ଆଦରର ସହ ଗ୍ରହଣ କରିବାକୁ ହିଁ ପଡ଼ିବ। ତୁମେ ତ ପଢ଼ାଲେଖା ଲୋକ ବାବୁ। ସୁଦାମାର ଖୁଦଭଜା ତ କୃଷ୍ଣ ନେଇଥିଲେ।' ବୁଢ଼ାର ଅନୁରୋଧକୁ ମୁଁ କାଟିପାରିଲି ନାହିଁ। ତଥାପି ଆଉଥରେ କହିଲି - କିଛି ମୂଲ୍ୟ ତ ନେବାକୁ ହିଁ ପଡ଼ିବ। ଏହା କହି ବୁଢ଼ାର ଥରିଲା ହାତରେ ଜବରଦସ୍ତି ଗୋଲ ପାଞ୍ଚଟଙ୍କାଟି ଗୁଞ୍ଜିଦେଇ ତାର ଦେଇଥିବା ଫଳ ନେଇଗଲି। ତାପରେ ବୁଢ଼ା ଦୀର୍ଘନିଶ୍ୱାସ ପକାଇ କହିଲା - 'ବାବୁ! ଏହା କଣ କଲ? ତୁମେ ଟଙ୍କା କାହିଁକି ଦେଲ?' ଏହା କହି କହି ଅଭିମାନ ଭରା ହୃଦୟରେ ଘରଛାଡ଼ି ଚାଲିଗଲା। ପ୍ରକୃତରେ ଆପଣାର ବୋଲାଉଥିବା ମଣିଷ ନିକଟରେ ଅଭିମାନ କରିବା ସ୍ୱାଭାବିକ ବୋଲି ମୁଁ ଭାବିଲି।

ଠିକ୍ ସେହିଦିନ ସନ୍ଧ୍ୟାରେ ମୁଁ କୌଣସି କାମସାରି ଫେରୁଥିଲି। ହଠାତ୍ ଛକ ସ୍ଥାନରେ ଭିଡ଼ ହେବାର ଦେଖିଲି। କିଛି ଦୁର୍ଘଟଣା ଘଟିଥିବାର ଅନୁମାନ କଲି। ଭିଡ଼ ଭିତରେ ପଶି ଦେଖିଲି। ଗଛତଳେ ବୁଢ଼ାଟିଏ ମରିପଡ଼ିଥିଲା। ଦୁର୍ବଳ ଶରୀର, ପାଚିଲା ବାଳ, ଲେଙ୍ଗୁଟି ପିନ୍ଧା ବୁଢ଼ା। ଭଲକରି ଲକ୍ଷ୍ୟକଲି ମୋ ଘରକୁ ଆସୁଥିବା ସେହି ବୁଢ଼ା ଛଡ଼ା ଅନ୍ୟ କେହି ନୁହେଁ। ଏହି ସମୟରେ ପୋଲିସ୍ ଭ୍ୟାନ୍ ଆସି ଶବକୁ କୁଆଡ଼େ ନେଇଗଲା। ବିଶେଷ ଦୁଃଖିତ ହେଲି। ଅନ୍ୟର ଭରସାରେ ନରହି ନିଜେ ବଞ୍ଚିବା ପାଇଁ ପ୍ରୟାସୀ ବୁଢ଼ାର ଗୁଣକୁ ମନେମନେ ପ୍ରଶଂସା କଲି। ମରିଗଲା ସିନା, ଅନ୍ୟଠାରେ ହାତପତେଇ ନଥିଲା। ଏପରି ଲୋକହିଁ ସମାଜପାଇଁ ଗୋଟିଏ ଗୋଟିଏ ଉଦାହରଣ। ଏମାନଙ୍କଠାରୁ କିଛି ଶିଖିବାର ଅଛି'।

ତାପରେ ମୁଁ ମର୍ମାହତ ହୋଇ ଘରକୁ ଚାଲିଲି। ରାସ୍ତାରେ ଆସୁଥିବା ବେଳେ ମୋର ମନେ ପଡୁଥିଲା ବୁଢ଼ାର ଚେହେରା ଓ ମୋର ଦେଇଥିବା ଚକଚକିଆ ଗୋଲ ପାଞ୍ଚଟଙ୍କା। ସେହିଦିନଠାରୁ ବୁଢ଼ାଟି ମୋ ଜୀବନରେ ଅଭୁଲା ହୋଇ ରହିଲା। କେବେ କେମିତି କୌଣସି ଆଡୁ ଡ଼ାକ ଶୁଭିଲେ ମନେପଡ଼େ ସତେ କି ସେହି ବୁଢ଼ା ମୋତେ ସ୍ନେହରେ ଡ଼ାକୁଛି, ବାବୁ! ଏବାବୁ!! ଆଃ କି' ଅଭୁଲା ଡ଼ାକ ଆଉ ଅଲିଭା ସ୍ମୃତି।

**ଗବେଷକ - ଶିଶୁ - ସାହିତ୍ୟ ଓ ସଂସ୍କୃତିଗବେଷକ**
**- ଶିଶୁ - ସାହିତ୍ୟ ଓ ସଂସ୍କୃତି**
**ନୀଳଚକ୍ର ନଗର, ଟିଟିଲାଗଡ଼, ଜି: ବଲାଙ୍ଗିର**
**ମୋ ନଂ - ୯୮୫୩୪୩୪୧୪୬**

# ଜୀବନ - ୭



ଅଧ୍ୟାପକ ଗୁରୁପ୍ରସାଦ ମହାପାତ୍ର

ଆଦରର ପିଲାମାନେ ,

ତୁମ ସମସ୍ତଙ୍କୁ "ନୂତନ ବର୍ଷର ଆନ୍ତରିକ ଶୁଭାଭିନନ୍ଦନ"। ସାଦରରେ ଗ୍ରହଣ କରିବ। ଆଶା ଈଶ୍ୱରୀୟ ଆଶୀର୍ବାଦର ବିସ୍ତୃତ ଛତ୍ରଛାୟା ତଳେ ସପରିବାର ନିଶ୍ଚୟ କୁଶଳରେ ଥିବ। ମୋର ଏଠାରେ ପ୍ରାୟ ସବୁଭଲ। ଗତବର୍ଷର ପାରିବାରିକ ଜଂଜାଳ , ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ କିଛି ବ୍ୟକ୍ତିଗତ କାର୍ଯ୍ୟ ବ୍ୟସ୍ତତା ମୋର ସମସ୍ତ ଅବସର ସମୟ ଚୋରାଇ ନେଇଗଲା। ଏପରିକି ତୁମମାନଙ୍କ ପାଖକୁ ନିୟମିତ ଚିଠି ଲେଖିବାର ଅଭ୍ୟାସରେ ମଧ୍ୟ ବାଡ଼ ପଡ଼ିଗଲା। ଅନେକଦିନ ଧରି ଘଟଣାମାନଙ୍କର ପ୍ରତିକୂଳତାରେ ଶଂକିଯାଇଛି ..... ଆକ୍ରମଣରେ ଆଘାତ ପାଇଛି ...... ତାଡ଼ନାରେ ଦୋହଲି ଯାଇଛି। କିନ୍ତୁ , ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ପ୍ରାପ୍ତ ଧୈର୍ଯ୍ୟ ଓ ସାହସକୁ ପୁଞ୍ଜିକରି, ସୁସମୟର ଆଗମନିକୁ ଅପେକ୍ଷା କରିଛି। ଏବେ ଟିକେ ହାଲ୍କା ଅଛି। ଯନ୍ତ୍ରଣାର ସଂକୀର୍ଣ୍ଣ ଗଳିଟି ପାରହେଲାପରେ, ପୁଣିଥରେ ପୁରୁଣା ସମ୍ପର୍କ ସବୁକୁ ଯୋଡ଼ିବାକୁ ଚେଷ୍ଟା କରୁଛି।

ଦୁନିଆଁ ଦାଣ୍ଡରେ ସମୟ ଶଗଡ଼ି
    ଗଡ଼ିଯାଏ ଧିରେ ଧିରେ,
ଛାଡ଼ିଦେଇ ଯାଏ ସ୍ମୃତି ଅନୁଭୂତି
    ଲକ୍ଷ୍ୟ ତା'ର ବହୁଦୂରେ,
ସେ ଲାଗି ମାସ ବରଷ,
    ଆସେ ନୂଆହୋଇ ପୁରୁଣା ହୁଅଇ
କିଛି ଲେଖେ ଇତିହାସ।

ସମୟ ଏକ ପ୍ରବହମାନ ଧାରା। ଆମ ଜୀବନରେ ହେଉ ବା ସମାଜରେ ହେଉ ଘଟିଯାଉଥିବା ପ୍ରତ୍ୟେକ ଘଟଣାର ସାକ୍ଷୀ ସେ । ଘଟଣାମାନଙ୍କର ପ୍ରତ୍ୟେକ ଦୃଶ୍ୟକୁ ସେ ଦେଖେ, କିନ୍ତୁ ଆଚମ୍ବିତ ହୁଏନା କି ଅଟକି ଯାଏନା। ନୂଆ ସଂଭାବନାର ଆଶା .... ନୂଆ ସଫଳତାର ଆକାଂକ୍ଷା ..... ନୂଆ ସ୍ୱପ୍ନର ଆବେଗ ସମୂହକୁ ସାଥିରେ ଧରି, ସମୟ ପୁଣି ପାଦ ବଢ଼ାଏ। ଆଗକୁ .... ଆହୁରି ଆଗକୁ।

ସବୁଠାରୁ ଚମତ୍କାର ବିଚାରଟି ଏହିକି ଯେ, ଏ ପୃଥିବୀରେ ମଣିଷ ହିଁ ଏକମାତ୍ର ସାମାଜିକ ପ୍ରାଣୀ, ଯିଏ ସମୟର ଗତିଶୀଳତା ସମ୍ପର୍କରେ ସଚେତନ ଥାଏ। ବର୍ତ୍ତମାନରେ ବଞ୍ଚୁଥିବା ମଣିଷଟି, ନିଜ ଅତୀତକୁ ମନେପକାଏ ...... ଅତୀତ ସହ ବର୍ତ୍ତମାନର ସ୍ଥିତିକୁ ତୁଳନାକରେ ...... ନିଜର ଉତ୍ଥାନ ବା ପତନର କାରଣ ଖୋଜେ ଏବଂ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରେ।

ଏହା ମଧ୍ୟ ସ୍ୱାଭାବିକ। ରାତ୍ରିର ଅନ୍ଧକାରକୁ ଦୂରେଇବା ପାଇଁ ଆଲୋକର ଆବଶ୍ୟକତା, ଉଦରରେ କ୍ରମବର୍ଦ୍ଧିଷ୍ଣୁ କ୍ଷୁଧାକୁ ଦମନ କରିବା

ପାଇଁ ଭୋଜନର ଆବଶ୍ୟକତା ଏବଂ ଜୀବନକୁ ସୁନ୍ଦର କରିବା ପାଇଁ ସୁଚିନ୍ତିତ ଯୋଜନାର ଆବଶ୍ୟକତା ଯୁଗେ ଯୁଗେ ରହିଆସିଛି।

ବିନା ଆଲୋକରେ ହଟେ କି ଅନ୍ଧାର
ବିନା ଭୋଜନରେ ଭୋକ,
ବିନା ସୂତାରେ କି ଗୁନ୍ଥାହୁଏ ଫୁଲ
ବିନା ଲେଖାରେ ଲେଖକ,
ବିନା ଅକ୍ଷରରେ ବହି,
ବିନା ଯୋଜନାରେ ସରସ ଜୀବନ
କେବେ ଦେଖାଶୁଣା ନାହିଁ।

ଆମେ ସମସ୍ତେ ସିଲିଂ ଫ୍ୟାନ୍ ଦେଖିଛେ। ଏହାର ଗତିଶୀଳତାକୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ରେଗୁଲେଟର ଥାଏ। ଏହି ରେଗୁଲେଟରଟିକୁ ଯେତେବେଳେ ଆମେ ଡାହାଣକୁ ଘୂରାଉ ଫ୍ୟାନ୍‌ଟିର ଗତି ବଢ଼ିବାକୁ ଲାଗେ। ଯେତେବେଳେ ରେଗୁଲେଟରଟିକୁ ବାମ ଦିଗରେ ଘୂରେଇଦେଉ, ଫ୍ୟାନ୍‌ଟିର ଗତି ଆପେ କମିଯାଏ। ଏଇଟି ଆମର ପ୍ରାୟ ସବୁଦିନର ଅନୁଭୂତି। ନୁହେଁ କି ?

ଫ୍ୟାନ୍‌ର ଗତିକୁ ଏକ ରେଗୁଲେଟର୍ ଦ୍ୱାରା ନିୟନ୍ତ୍ରଣ କରିବାପରି, ଆମେ ଆମ ଜୀବନର ଗତିପଥକୁ ଶୃଙ୍ଖଳିତ ଯୋଜନା ମାଧ୍ୟମରେ ନିୟନ୍ତ୍ରଣ କରିବା ନିତ୍ୟାନ୍ତ ପ୍ରୟୋଜନ। ଅନେକ ଫୁଲ ଯୋଗାଡ଼ କରିଦେଲେ ଯେ ଫୁଲହାରଟି ସୁନ୍ଦର ହୋଇଯିବ, ତା'ନୁହେଁ। ଫୁଲହାରଟି ସୁନ୍ଦର ହେବାପାଇଁ ଯେପରି ନିର୍ଦ୍ଦିଷ୍ଟ ଶୈଳୀ ବା ପ୍ରଣାଳୀ ଅଛି, ଜୀବନକୁ ସୁନ୍ଦର କରିବାପାଇଁ, ସେଇମିତି ନିର୍ଦ୍ଦିଷ୍ଟ ଉପାୟ ଅଛି। ସେ ଉପାୟମାନଙ୍କୁ ଜାଣିବା ପାଇଁ ମହାପୁରୁଷମାନଙ୍କର ଉଦାହରଣମାନ ମଧ୍ୟ ଅଛି।

ତୁମେମାନେ ମହାତ୍ମାଗାନ୍ଧୀଙ୍କ ବିଷୟରେ ଅଳ୍ପେ ବହୁତେ ନିଶ୍ଚୟ ଜାଣିଥିବ। ଓକିଲାତି ପାଠପଢ଼ିବା ପାଇଁ, ସେ ବିଲାତ ଗଲେ। ସେଠାରେ ଲୋକମାନଙ୍କର ଜୀବନଧାରା, ପ୍ରାଥମିକ ସ୍ତରରେ ଗାନ୍ଧୀଙ୍କୁ ଭାରି ଆକୃଷ୍ଟ କଲା। ଇଂରେଜମାନଙ୍କ ପୋଶାକ ପିନ୍ଧିବା .... କେଶ ବଢ଼ାଇବା.... ଷ୍ଟାଇଲ କରିବା.... ଇତ୍ୟାଦି ଆଡ଼କୁ ତାଙ୍କ ମନ ବଳିଲା। ଏପରିକି ଏକଦା ସେ ଇଂରେଜମାନଙ୍କର ସଂଗୀତ ଶିକ୍ଷା କରିବାପାଇଁ ବେହେଲାଟିଏ କିଣି, ସେଠାରେ ସଂଗୀତ ଶିକ୍ଷା ଦେଉଥିବା ମିଷ୍ଟର ବେଲ୍‌ଙ୍କ ସଂଗୀତ ବିଦ୍ୟାଳୟରେ ନାମ ଲେଖାଇଦେଲେ।

ଏହି ସମୟରେ ଗୋଟିଏ ସୁନ୍ଦର ଘଟଣା ଘଟିଲା। ମିଷ୍ଟର ବେଲ୍ ଯେତେବେଳେ ଜାଣିଲେ ଯେ ଗାନ୍ଧୀ ହେଉଛନ୍ତି ଭାରତୀୟ, ସେ ଗାନ୍ଧୀଙ୍କୁ ପାଖକୁ ଡ଼ାକିଲେ ଏବଂ ପଚାରିଲେ - "ତୁମେ ଏଠାକୁ କାହିଁକି ଆସିଛ ?" ଅତ୍ୟନ୍ତ ନମ୍ରତାର ସହ ଗାନ୍ଧୀ ଉତ୍ତର ଦେଲେ, "ପାଠ ପଢ଼ିବାକୁ"।

- "କି ପାଠ ? ସଂଗୀତ ସମ୍ବନ୍ଧୀୟ ପାଠ ନା ଆଉ କିଛି ?"
- "ଆଇନ୍ ସମ୍ବନ୍ଧୀୟ ପାଠ ପଢ଼ିବାକୁ ମୁଁ ଏଠାକୁ ଆସିଛି।"

ଗାନ୍ଧୀଙ୍କର ଏ ଉତ୍ତର ଶୁଣି ମିଷ୍ଟରବେଲ୍ ଆଶ୍ଚର୍ଯ୍ୟ ହେଲେ। କହିଲେ - "ତୁମେ ଆଇନ୍‌ର ପାଠପଢ଼ିବାକୁ ଆସି, ମୋ ସ୍କୁଲରେ କାହିଁକି ?"

ଗାନ୍ଧୀ ଉତ୍ତର ଦେଲେ, "ମୋତେ ଏ ପାଶ୍ଚାତ୍ୟ ସଂଗୀତ ଭଲ ଲାଗୁଛି।"

- "ତୁମେ କ'ଣ ସଂଗୀତଜ୍ଞ ହେବ ?"
- "ନା। ଓକିଲ ହେବି।"
- "ଭାରତଛାଡ଼ି ଏଇ ଦେଶରେ ରହିବ ?"
- "ନା। ଭାରତକୁ ଫେରିଯିବି।"
- "ଭାରତରେ ଏ ସଂଗୀତ ପରିବେଷଣ କରି ତୁମେ କଣ ତୁମର ଜୀବନରେ ଲକ୍ଷ୍ୟ ପୂରଣ କରିପାରିବ ?"

ଗାନ୍ଧୀ କଣ କହିବେ ଜାଣିପାରିଲେନି। ତାଙ୍କର ବୁଦ୍ଧି ଗୁଡୁମ୍ ହୋଇଗଲା। ଧିରେ ଧିରେ ମିଷ୍ଟର ବେଲ୍ ଗାନ୍ଧୀଙ୍କୁ ବୁଝାଇଦେଲେ , "ତୁମେ ଲକ୍ଷ୍ୟ ଭ୍ରଷ୍ଟ ହୁଅନା ଗାନ୍ଧୀ। ଆଇନ୍ ପଢ଼ିବାକୁ ଆସିଛ। ସେଥିରେ ସମ୍ପୂର୍ଣ୍ଣ ମନୋନିବେଶ କର। ସେଇଥିରେ ହିଁ ତୁମ ଜୀବନର ସଫଳତାର ମଂଜିଟି ଗୋପନୀୟ ହୋଇରହିଛି। ସଂଗୀତ ଶିକ୍ଷାରେ ସମୟର ଅପଚୟ କରି ନା ତୁମେ ଇଂରେଜ ହୋଇପାରିବ ନା ଭାରତୀୟର ସ୍ୱାଦ ଅନୁଭବ କରିପାରିବ। ନିଜର ଲକ୍ଷ୍ୟ ସ୍ଥିର କରି, ତଦନୁଯାୟୀ ଯୋଜନା ପ୍ରସ୍ତୁତ କର।"

ଏହିପରି କେଇଧାଡ଼ି କଥା, ଗାନ୍ଧୀଙ୍କର ଚିନ୍ତାଚେତନାକୁ ଦୋହଲାଇଦେଲା। ଘରକୁ ଫେରି ବେହେଲାକୁ ବିକିଦେଲେ। ସଂଗୀତ ଦିଗରୁ ସମ୍ପୂର୍ଣ୍ଣ ମନ ଫେରାଇଆଣି, ଆଇନ୍ ଶିକ୍ଷାରେ ମଜ୍ଜିଗଲେ।

ଏହି କାହାଣୀର ଅବତାରଣା ପରେ ଏତିକି କୁହାଯାଇପାରେ, ପିଲେ ! ନିଜର ଜୀବନରେ କିଛି ସଫଳତା ସାଂଉଟିବା ପାଇଁ ଆମେ ଚେଷ୍ଟିତ ହେବା। ଆମ ପାଖରେ ଆମକୁ ସୁନ୍ଦର ସୁନ୍ଦର ଉପଦେଶ ମାଧ୍ୟମରେ ପଥପ୍ରଦର୍ଶନ କରିବା ପାଇଁ ପିତାମାତା ଅଛନ୍ତି...., ଗୁରୁଜନ ଅଛନ୍ତି ....., ଶିକ୍ଷକ ଅଛନ୍ତି ...., ସେମାନଙ୍କର ସାହାଯ୍ୟ ନେବା। ଅତୀତ ଯାହା ହୋଇଛି ହୋଇଥାଉ। ସେ ବିଷୟରେ ବିଶେଷ ଭାରାକ୍ରାନ୍ତ ନହୋଇ, ବର୍ତ୍ତମାନର ସଦୁପଯୋଗ କରିବା। ମନେରଖିବା -

ଅତୀତେ କାହାର ନାହିଁ ଅଧିକାର
ବେଶି ଭାବିବାନି ତାହା,
ଆଜିର ଦିନରେ ବଞ୍ଚିଛେ ବଞ୍ଚିବା
ବିଚାର, ଈଶ୍ୱର ସାହା,
ଭବିଷ୍ୟତ ବହୁ ଦୂରେ,
ସ୍ଥିର ଲକ୍ଷ୍ୟନେଇ ଯୋଜନା ସହିତେ
ଜୀବନ ଗଢ଼ିବା ଥରେ।

ଏ ନୂଆବର୍ଷ ତୁମମାନଙ୍କ ପାଇଁ ସ୍ୱପ୍ନ ତଥା ସମ୍ଭାବନାମୟ ହେଉ। ଜୀବନ ଗଢ଼ିବାର ସଂକଳ୍ପ ତୁମମାନଙ୍କ ମଧ୍ୟରେ ଜାଗ୍ରତ ହେଉ। ପ୍ରଭୁ ଶ୍ରୀ ଜଗନ୍ନାଥ ତୁମମାନଙ୍କର ଚଲାପଥ କୁସୁମିତ କରନ୍ତୁ। ଏଇମିତି ଟିକିଟିକି କାମନା ସହ ରହୁଛି। ପୁଣି ଆରଥରକୁ।

**ତୁମର ସ୍ନେହର**
**ଗୁରୁ ସାର୍**
**୯୪୩୭୧୩୦୮୪୮**

# ଉଚିତ ଶିକ୍ଷା



ବନମାଳୀ ବେହେରା

ଆମର ପଡ଼ୋଶୀ ଦେଶ ବାଂଲାଦେଶ ଆଗରୁ ପୂର୍ବ ବଙ୍ଗ ନାମରେ ନାମିତ ଥିଲା। ଭାରତ ସ୍ୱାଧିନ ହେବା ଆଗରୁ ଏହା ଭାରତର ଅଂଶ ବିଶେଷ ଥିଲା। ସେତେବେଳେ କାହାଣୀଟିଏ ତୁମମାନଙ୍କୁ କହୁଛି। ପୂର୍ବବଙ୍ଗରେ ସେତେବେଳେ ଲୋକମାନେ ସରଳ ବିଶ୍ୱାସୀ ଓ ଅଶିକ୍ଷିତ ଥିଲେ। କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଆପଣେଇ ନେଇ ଚଳୁଥିଲେ। ଏହାର ସୁଯୋଗ ନେଇ ଅନେକ ଧୂର୍ତ୍ତ , ଚାଲାକ୍ ଲୋକ ସେମାନଙ୍କୁ ଠକି, ଭୟ ଦେଖାଇ ଅର୍ଥ ଉପାର୍ଜ୍ଜନ କରୁଥିଲେ। ସେହିପରି ଜଣେ ଧୂର୍ତ୍ତ ପଣ୍ଡିତଙ୍କର କଥା ଆସ ଶୁଣିବା।

ପୂର୍ବ ବଙ୍ଗର ସେହି ଗାଆଁଟିର ତିନିପାଖରେ ନଦୀ, ନାଳ, ଠିକ୍ ଆମ କଟକ ସହର ପରି। ଏହି ଉପଦ୍ୱୀପ ଗାଁରେ ଜଣେ ପଣ୍ଡିତ ରହୁଥିଲେ। ତାଙ୍କ ନାମ ସଦାନନ୍ଦ ମିଶ୍ର। ସେ ସ୍ୱଳ୍ପ ପାଠପଢ଼ି ନିଜକୁ ଜଣେ ସଂସ୍କୃତ ପଣ୍ଡିତ ବୋଲି ସମସ୍ତଙ୍କୁ କହୁଥିଲେ। ମୁଣ୍ଡରେ ଚିତାତିଳକ, ଚନ୍ଦନ, ସିନ୍ଦୂର ଧାରଣ କରି ବେକରେ ରୁଦ୍ରାକ୍ଷମାଳ ଧାରଣ କରୁଥିଲେ। ମୁଣ୍ଡରେ ଜଟା, ମୁହଁରେ ଦାଢ଼ି ଏବଂ ଗେରୁଆ ବସ୍ତ୍ର ପିନ୍ଧି ଗାଁ ଲୋକଙ୍କର ପୂଜା, ପାଠ, ବିବାହ, ବ୍ରତ କରି ବେଶ୍ ଦି ପଇସା ରୋଜଗାର କରୁଥିଲେ। ତାଙ୍କର ମନ୍ତ୍ର ଉଚ୍ଚାରଣ ମନେ ମନେ ହେଉଥିଲା। କାରଣ ସେ କୌଣସି ସଂସ୍କୃତ ମନ୍ତ୍ର, ତନ୍ତ୍ର ଜାଣିନଥିଲେ। ଦିନେ ଜଣେ ନୀଚ ଜାତିର ଲୋକଘରେ ପୂଜାକରି ମାନସିକ ବଳିଦେବାପାଇଁ ପଣ୍ଡିତଙ୍କୁ ନିମନ୍ତ୍ରଣ କଲା। ପଣ୍ଡିତେ ଅର୍ଥ ଲୋଭରେ ହଁ ଟେ ମାରିଦେଲେ। ପୂଜାପାଠ ପରେ ସେହି ଲୋକଟି ଗୋଟିଏ ହଂସ ବଳିଦେବାକୁ ଆଣିଲା। ପଣ୍ଡିତେ ବଡ଼ ଅଡୁଆରେ ପଡ଼ିଲେ। ସେ ତ ବଳି ମନ୍ତ୍ର ଜାଣନ୍ତିନି, କ'ଣ କରିବେ। ତେବେ ସାହାସ ବାନ୍ଧି କହିଲେ ହଂସଟିକୁ ସ୍ନାନ କରାଇ ନେଇଆସ। ତା'ପରେ ହଂସ ମୁଣ୍ଡରେ ସିନ୍ଦୂର, ଚନ୍ଦନ, ଫୁଲ ଦେଇ ମନ୍ତ୍ର ପଢ଼ିଲେ।

"ହଂସଂ, ହଂସଂ , ଢ଼ଂସଂ ଢ଼ଂସଂ , ଗେଣ୍ଡା ଶାମୁକା ଗିଳନ୍ତି।
ଗୋଟେ ଚୋଟରେ ତୋ ଚୌଦପୁରୁଷ ଝପାଂ କରି କାଟନ୍ତି।।"

ସମସ୍ତେ ଏହି ମନ୍ତ୍ର ଶୁଣି ପଣ୍ଡିତଙ୍କୁ ବାଃ ବାଃ କଲେ। ପଣ୍ଡିତେ ଖୁସିଟାଏ ହୋଇ ବଡ଼ ଅଙ୍କର ଦକ୍ଷିଣାଟେ ହାତେଇ ବୀର ଦର୍ପରେ ସେଠାରୁ ବିଦାୟ ନେଲେ। ଏ ଏକ ଉଦାହରଣ ମାତ୍ର। ପ୍ରକୃତରେ ପଣ୍ଡିତେ ତାଙ୍କର ରୋଜଗାର ପନ୍ଥା ଏହି ଉପାୟରେ କରିଆସୁଥିଲେ। ବେଶ୍ ଆନନ୍ଦରେ ଦିନ କାଟୁଥିଲେ। କିନ୍ତୁ ବେଳା ଖରାପ ଆସିଲା। ସତ କେବେ ଲୁଚି ରହେନା। ଦିନେ ନା ଦିନେ ମୁଣ୍ଡଟେକି ବାହାରେ।

ଦୈବାତ୍ ସେହି ଗାଁରେ ଜଣେ ଧନୀ ଲୋକଙ୍କର ପୁଅ ବିଭାପାଇଁ ବାହାର ଅଞ୍ଚଳରୁ ଜଣେ ଶାସ୍ତ୍ରଜ୍ଞ, ସଂସ୍କୃତ ଜାଣିଥିବା ପଣ୍ଡିତକୁ ଡ଼ାକରା ହେଲା। ଗାଁର ସେହି ପଣ୍ଡିତଙ୍କର ବିବାହ କର୍ମ ଏବଂ ଶ୍ଳୋକ ଉଚ୍ଚାରଣ ଶୁଣି ଭାବିଲେ, ଏ ସଂସ୍କୃତର ବିନ୍ଦୁ ବିସର୍ଗ ନଜାଣି ଲୋକମାନଙ୍କୁ ଭୂଆଁ ବୁଲାଇ ବେଶ୍ ଦିପଇସା ରୋଜଗାର କରୁଛି। ଏହାକୁ ପାନେ ଦେବାକୁ ହେବ। ଏହା ମନେ ମନେ ବିଚାରକରି ଗାଁ ଲୋକଙ୍କୁ କହିଲେ ଏ ଜଣେ ବଡ଼ ଜ୍ଞାନୀ। ଏହାଙ୍କ ସଙ୍ଗରେ ତର୍କ ସଭାରେ ମୁଁ ବସିଲେ ମୋର କିଛି ଜ୍ଞାନ ଅର୍ଜନ ସହ ଗ୍ରାମର ମଧ୍ୟ ମଙ୍ଗଳ ହେବ। ଗାଁ ଲୋକଙ୍କୁ ଅନୁରୋଧ କରି ଚଣ୍ଡୀ ମଣ୍ଡପରେ ଗୋଟିଏ ଜ୍ଞାନ ଚର୍ଚ୍ଚା ତର୍କ ସଭାର ଆୟୋଜନ କଲେ। ଗାଁ ପଣ୍ଡିତଙ୍କୁ ଯଥାବିଧି ନିମନ୍ତ୍ରଣ କରାଗଲା।

ଆଖପାଖ ଗାଁର ବହୁତ ଲୋକ ଦୁଇ ପଣ୍ଡିତଙ୍କର ବାକ୍ ଯୁଦ୍ଧ ଶୁଣିବାପାଇଁ ଜମା ହେବାକୁ ଲାଗିଲେ। ନବାଗତ ପଣ୍ଡିତେ ଆଗରୁ ହାଜର ହୋଇଯାଇଥିଲେ। କିନ୍ତୁ ଗାଁ ପଣ୍ଡିତଙ୍କର ଦେଖାନାହିଁ। ଦୂରରୁ ଦେଖାଗଲା ଗାଁ ପଣ୍ଡିତେ ହସି ହସି ଗାଁର ୭ / ୮ ଜଣ ଲୋକଙ୍କର ଗହଣରେ ସଭା ମଣ୍ଡପକୁ ଆସୁଛନ୍ତି। ଗାଁ ପଣ୍ଡିତେ ମଣ୍ଡପରେ ଉପସ୍ଥିତ ହୁଅନ୍ତେ ଆଗନ୍ତୁକ ପଣ୍ଡିତେ ଟିକିଏ ହସିଦେଇ କହିଲେ - ଆଗଚ୍ଛ ! ଅର୍ଥାତ୍ - ଆସନ୍ତୁ। କିନ୍ତୁ ଗାଁ ପଣ୍ଡିତେ ତ ସଂସ୍କୃତରେ ଅଜ୍ଞ। ସେ ନିଜର ମାନ ମହତକୁ ରଖିବାକୁ ଯାଇ ଧଡ଼ାସ୍ କରି ଉତ୍ତର ଦେଲେ - ହାଁ ଚୋ, ଫେଁ ଚୋ, ନେଁ ଚୋ, ଗୁଁ ଚୋ। ସମସ୍ତ ଏହାଶୁଣି ପାଟିକରି କହିଲେ, ବାଃ ବାଃ। ଆମ ପଣ୍ଡିତେ। ବାହାର ପଣ୍ଡିତେ ପଦେ କହିବାରୁ ଆମ ପଣ୍ଡିତେ ଏକାବେଳକେ ଚାରିପଦ ଝାଡ଼ିଲେ। ତା'ପରେ ଆଗନ୍ତୁକ ପଣ୍ଡିତ କହିଲେ, ଆସନଂ ଗ୍ରହଣଂ କୁର୍ଯ୍ୟାତ୍। ଅର୍ଥାତ୍ - ଆସନ ଗ୍ରହଣ କରନ୍ତୁ। ବସୁ ବସୁ ଗାଁ ପଣ୍ଡିତେ ଭାଷିଲେ, ସୂର୍ଯ୍ୟ ଗ୍ରହଣମ୍, ଚନ୍ଦ୍ର ଗ୍ରହଣମ୍ , ଗୃହ ଗ୍ରହଣମ୍। ଗାଁ ବାଲା ତାଳିମାରି କହିଲେ, ବାଃ ବାଃ, ଅମ ପଣ୍ଡିତଙ୍କର କି ଜ୍ଞାନ। ଏକାବେଳକେ ତିନିପଦ ଛାଡ଼ିଦେଲେ, ବିଜୟ ଦର୍ପରେ ଗଡ଼ ଜିଣିବା ପରି ଗାଁ ପଣ୍ଡିତେ ହସି ହସି ନିଜ ଦାଢ଼ିକୁ ସାଉଁଳିବାକୁ ଲାଗିଲେ, ତଳେ ୨ / ୩ଟା ଦାଢ଼ି କେଶ ପଡ଼ିଯିବା ସେ ଜାଣିପାରିଲେ ନାହିଁ।

ଏସବୁ କାଣ୍ଡ ଦେଖି ନବାଗତ ପଣ୍ଡିତେ ନମ୍ର ଭାବରେ କହିଲେ, କି ପାଣ୍ଡିତ୍ୟ, କି ଜ୍ଞାନୀ। ଯାହା ହେଉ ଏହାଙ୍କ ସାନ୍ନିଧ ପାଇ ମୋ ଜୀବନ ସାର୍ଥକ ହେଲା। ଏହାଙ୍କର ତଳୁ ଦାଢ଼ିକେଶ ଗୋଟିଏ ଉଠାଇ ଆଣି ନିଜ ମୁଣ୍ଡରେ ବାରମ୍ବାର ସ୍ପର୍ଶ କରିବାକୁ ଲାଗିଲେ ଏବଂ ଉଠିବାକୁ ଉଦ୍ୟତ ହେଲେ। ଗ୍ରାମବାସୀ ଏହାଦେଖି ପଚାରିଲେ, ପଣ୍ଡିତେ। ଦାଢ଼ିକେଶଟେ ନେଇ ମୁଣ୍ଡରେ କ'ଣ ମାରୁଛନ୍ତି। ପଣ୍ଡିତେ କହିଲେ ମାରିବିନି । ଏ ହେଲା ପବିତ୍ର କେଶ। ଏହାକୁ ପାଖରେ ରଖିଲେ ଭୂତ, ପ୍ରେତ, ଡ଼ାହାଣୀ, ରୋଗ ପାଖ ମାଡ଼ିବେ ନାହିଁ। ବରଂ ତୁମର ତଥା ପରିବାରର ଅଶେଷ ମଙ୍ଗଳ ହେବ। ଘରେ ଏହାକୁ ରଖିଲେ ଧନ, ଜନ, ଗୋପଲକ୍ଷ୍ମୀରେ ଘର ଭରିଯିବ। ଏହାକହି ଗାଁ ପଣ୍ଡିତଙ୍କୁ ନମସ୍କାର କରି ସଭାସ୍ଥଳରୁ ଉଠିଲେ।

ଦେଖ ଏତେ କାଣ୍ଡ। ଗାଁର ଲୋକମାନେ ଠେଲା ପେଲା ହୋଇ ଗାଁ ପଣ୍ଡିତଙ୍କ ଦାଢ଼ିକେଶରୁ ଖିଏ ନେବାକୁ ତାଙ୍କ ଉପରକୁ ଝାମ୍ପି ପଡ଼ିଲେ।

ଏଣେ ବିକଳରେ ଯନ୍ତ୍ରଣାରେ ଗାଁ ପଣ୍ଡିତେ 'ମା'ଲୋ, ବୋପାଲୋ' ଚିତ୍କାର କରି ତଳେ ଗଡ଼ିବାକୁ ଲାଗିଛନ୍ତି। କିନ୍ତୁ ଶୁଣୁଛି କିଏ। ଦାଢ଼ିତକ ଉପାଡ଼ି ମୁଣ୍ଡର କେଶ ଓ ଜଟାକୁ ମଧ୍ୟ ଟାଣିବାକୁ ଲାଗିଲେ ପବିତ୍ର କେଶଟିଏ ପାଇବା ପାଇଁ। ଘଡ଼ିକ ମଧ୍ୟରେ ଗାଁ ପଣ୍ଡିତଙ୍କର ଦାଢ଼ି କେରାକ ସହ ମୁଣ୍ଡରୁ କେଶ ତକ ଉପାଡ଼ି ଆଣିଲେ। ବିକଳ ଭାବରେ ଏଣେ 'ବଞ୍ଚାଅ' ଚିତ୍କାର। ପରିତ୍ରାଣ ପାଇଁ ଅପଚେଷ୍ଟା, କିନ୍ତୁ କିଏ କାହାକଥା ଶୁଣୁଛି।

ବି.ଦ୍ର. : ଧୂର୍ତ୍ତ, ଠକ, ଦଲାଲ ପାଇଁ ଏହା ଏକ ଶିକ୍ଷଣୀୟ ପାଠ।

**ଭଗବତୀ ସ' ମିଲ୍ ଲେନ୍, ଜଟଣୀ ଖୋର୍ଦ୍ଧା**
**ମୋ : ୯୪୩୭୭୬୨୧୫୦**

# ସ୍ୱାଗତଂ - ୨୦୧୭

ଶାନ୍ତିଲତା ସାହୁ

ସଜାଅ ସଜାଅ ଏବେ ବନ୍ଦାଣ ଥାଳୀ,
ଘରେ ଘରେ ଜାଳିଦିଅ ଶୁଭ ଦିପାଳୀ।
ପୁରୁଣା ଦିନ ଯେ ଏବେ ବିଦାୟ ନିଏ,
ନୂତନର ଆଗମନ କାନରେ କହେ।
ଗଲାଦିନ ଦୁଃଖ ସବୁ ମନୁ ଭୁଲିବା,
ସ୍ମରଣୀୟ ଦିନସବୁ ମନେରଖିବା।
ହସାଉଛି କନ୍ଦାଉଛି ଏଇ ବରଷ,
ନୂଆ ବରଷରେ ମନ ହେଉ ହରଷ।
ରାଗ - ହିଂସା - କ୍ରୋଧ କିଛି ନରଖି ମନେ,
ନିଜେ ହସି ହସେଇବା ଆପଣା ଜନେ।
ନୂଆ ବରଷର ଏଇ ନୂଆ ଶପଥ,
ରଖିବାକୁ ଶକ୍ତିଦିଅ ହେ ଜଗନ୍ନାଥ।

ତୁମ୍ଭ ପାଦପଦ୍ମ ତଳେ ମୋ ମନଥାଉ,
ଆଗାମୀ ବରଷ ସର୍ବ ଶୁଭରେ ଯାଉ।
ଏତିକି ମୋ ନିବେଦନ ଜଗତପତି,
ହସୁ ମୋ ଓଡ଼ିଶା ମାଟିହସୁ ଧରିତ୍ରୀ।
ସବୁ ହସ-ଲୁହ ପ୍ରଭୁ ତୁମରି ଦାନ,
ତୁମ ଇଚ୍ଛା ବିନା କିଛି ହୁଏନା ପୂର୍ଣ୍ଣ ।
ସେଥିପାଇଁ ସେ ପାଦରେ ଶରଣ ଗଲି,
ଶରଣ ରକ୍ଷକ ବୋଲି ଆଶରା କଲି
ମୋ ଦେଶବାସୀଙ୍କ ପାଇଁ ନୂଆ ବରଷ,
ସର୍ବ ସୁଖ ନେଇଆସୁ ଦିଅ ଆଶିଷ।

ରାଣୀହାଟ, କଟକ

# ବାଟ



ଡ଼ ଶରତ କୁମାର ଦୋରା

ସବୁବେଳେ ଭାବେ
ବାଦ୍ ଦେଇଦେବି
ସୁଖରୁ ଦୁଃଖ, ହସରୁ ଲୁହ
ଜିତିବାର ଅହଁକାର ଠୁଁ
ହାରିବାର ହା ହା କାର
ପାଇବାର ଲୋଭ ଠୁଁ
ହରାଇବାର କୋହ।
ପାରିନି।
ହାତ ପାପୁଲିରୁ ଲିଭେଇ ପାରିନି
ଭବିତବ୍ୟର ରେଖା
କପାଳରୁ ପୋଛି ପାରିନି
ସ୍ୱପ୍ନ ଭଙ୍ଗ ବେଳ
ଲିଭେଇ ପାରିନି
ଆଖିତଳର କଳାଦାଗ
ପାଦରୁ ଛିଣ୍ଡେଇ ପାରିନି ଶୃଙ୍ଖଳ
ଛାତି ଭିତରେ ଦବେଇ ପାରିନି
ସମ୍ମୋହନ
ଏକ୍ଲାପଣରେ ବେଶ୍ ଏକା ଏକା
ଆଗରେ ଲମ୍ବା ରାସ୍ତା
ଏଇତ ଆରମ୍ଭ
ଜଣାନାହିଁ କେଉଁଠି ତା'ର ଶେଷ
ରାସ୍ତା ସରିଗଲେ ଛୁଇଁ ହେବେ କି
ଦିଗ୍‌ବଳୟ
ଲେଖି ହୋଇଯିବ ନାଆଁ, ଗାଆଁ
ଯେତେ ଯାହା ଠିକଣା
ବ୍ୟଥା ଓ ବେଦନା
ପାହାଡ଼ କି ଆକାଶ ଛାତିରେ।
ରାସ୍ତା କଡ଼େ କଡ଼େ
ବୃକ୍ଷ, ଡ଼ାଳ, ଓହଳ
ହର ରଙ୍ଗୀ ଚଢ଼େଇଙ୍କ ସ୍ୱର
ଫେରିଲା ବେଳକୁ ଭେଟ ହେବକି
ସେମାନଙ୍କ ସହ
ଦେଖେଇ ହେବ ଫଟା ଗୋଇଠି
ଝାଲୁଆ ମୁହଁ
ନା ବୟସ୍କ ହୋଇପଡ଼ିଥିବା
ଗଛ ସନ୍ଧିରେ ଝୁଲୁଥିବ
ସେମାନଙ୍କ କଙ୍କାଳ
ଚାଲୁ ଚାଲୁ ଶେଷ ହୋଇଯିବ
ସାଇତା ଗୀତ
ସରୁ ନଥିବ ବାଟ କି ଇତିହାସ
ସରୁଥିବ ଆୟୁଷ, ବନବାସ
ଦୃଶ୍ୟ ସବୁ ଠେଲି ହୋଇଯିବ ଦୂରକୁ
ଆଖି ସାମ୍ନାରେ ନାଁ ଥିବ
ସ୍ପଷ୍ଟ ଆଲୋକ, ନାଁ
ବହଳ ଅନ୍ଧାର
ଦିନସରେ ବାଟ ଚଲା ବାକିଥାଏ
କିଏ ଜାଣେ
ଏବାଟ କେଉଁଠାରେ ସରେ।

**ପ୍ରାଣନାଥ ସ୍ୱୟଂଶାସିତ**
**ମହାବିଦ୍ୟାଳୟ, ଖୋରଧା**
**ମୋ : ୯୪୩୭୪୨୨୦୦୮**

# ବ୍ୟକ୍ତି ଚେତନାର ଉର୍ଦ୍ଧ୍ୱାରୋହଣ



ତୁଳସୀ ଜୈନ

ପାଶ୍ଚାତ୍ୟ ଦାର୍ଶନିକମାନେ କହିଥାନ୍ତି - "ଏକେ ତ' ଜୀବନରେ ସଫଳତା ପାଇ ହେବ ନତୁବା ଜୀବନକୁ ସାର୍ଥକ କରି ହେବ । ଗୋଟିଏ ଜୀବନରେ ଏକ ସଂଗେ ଉଭୟଙ୍କୁ ଚରିତାର୍ଥ କରିବା ସଂଭବ ନୁହେଁ । ଯେଉଁମାନେ ଜୀବନରେ ସଫଳତା ପାଇଛନ୍ତି, ସେମାନଙ୍କ ଜୀବନ କ୍ୱଚିତ ସାର୍ଥକ ହେବା ଦେଖାଯାଏ । ଏହା ମଧ୍ୟ ସତ୍ୟ ଯେ ଜୀବନକୁ ସାର୍ଥକ କରିବା ଦିଗରେ ପ୍ରଯତ୍ନରତ ଲୋକମାନଙ୍କୁ ବହୁଧା ଅସଫଳତାର ସ୍ୱାଦ ଚାଖିବାକୁ ପଡ଼ିଥାଏ ।" ତେବେ ମୁଁ ଏହାକୁ ବିନମ୍ରତାର ସହିତ ଅଗ୍ରାହ୍ୟ କରି ଆସିଛି । ମୋତେ ଜୀବନରେ ପ୍ରଚୁର ସଫଳତା ଦରକାର । ଏହା ସହିତ ମୁଁ ମୋର ଦୁର୍ଲଭ ମାନବଜୀବନକୁ ସବୁମନ୍ତେ ସାର୍ଥକ କରିବାକୁ ଚାହେଁ । ସଫଳତା ଓ ସାର୍ଥକତା ମଧ୍ୟରେ ସୁନ୍ଦର ସେତୁବନ୍ଧ ନିର୍ମାଣ କରିବା ଲକ୍ଷ୍ୟକୁ ସମ୍ମୁଖରେ ଥୋଇ ମୋର ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ସମନ୍ୱୟ ସ୍ଥାପନ କରିବାର ନିରନ୍ତର ଚେଷ୍ଟା କରିଛି । ଜୀବନଧାରଣ ଓ ପରିବାର ସଂପୋଷଣ ସକାଶେ ଆପଣା ବୃତ୍ତିକୁ କେବେ ବି ଅବହେଳା କରିନାହିଁ । କିନ୍ତୁ ସ୍ୱାଧ୍ୟାୟ ଓ ସୃଜନକୁ ଯଥୋଚିତ ସମ୍ମାନ ଦେଇ ମୋର ପ୍ରବୃତ୍ତିକୁ ପବିତ୍ର କରିବାର ପ୍ରୟାସ କରିଥାଏ । ଅନ୍ୟ ଶବ୍ଦରେ କହିଲେ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସାଧନାରେ ମୁଁ ଲେଶମାତ୍ର ପ୍ରଭେଦ କରି ନାହିଁ ।

ମୋତେ ଯେତେବେଳେ ୧୨ ବର୍ଷ, ଟମ କକାଙ୍କ କୁଟୀର ଭଳି ସଂବେଦନଶୀଳ ମହାଗ୍ରନ୍ଥର ଅଧ୍ୟୟନକୁ ମୁଁ ମୋର ସାହିତ୍ୟ ଯାତ୍ରାର ଶିଳାନ୍ୟାସ ରୂପରେ ଭାବିଥାଏ । କ୍ରୀତଦାସମାନଙ୍କ ପ୍ରତି ହେଉଥିବା ନିର୍ମମ ଅତ୍ୟାଚାର ସଂବନ୍ଧରେ ଜାଣି ବିଦ୍ରୋହୀ ହୋଇ ପାରି ନ ଥିଲି, କିନ୍ତୁ ଅସହାୟତାବୋଧ ଅବଶ୍ୟ କରିଥିଲି । ଏହାପରେ କାହ୍ନୁଚରଣଙ୍କ 'ବାଲିରାଜା' ମୋର କିଶୋରମନକୁ ଆବୋରି ନେଇଥିଲା । 'ହା' ଅନ୍ନ ପୁଣି ମୋତେ ଗଭୀର ପୀଡ଼ା ଦେଇଥିଲା । ୧୯୬୯ ମସିହାରେ ଚନ୍ଦ୍ରପୃଷ୍ଠରେ ମନୁଷ୍ୟର ପ୍ରଥମ ପଦସ୍ଥାପନର ପୁଲକକୁ ଅଭିବ୍ୟକ୍ତ କରିବାର ପ୍ରେରଣା ଦେଇଥିଲେ ସାରସ୍ୱତ ପୁରୁଷ ସ୍ୱ. ବିଧୁଭୂଷଣ ଗୁରୁ । ପ୍ରଥମ କରି କବିତାଟିଏ ଲେଖିଲି । ପରେ ଅବଶ୍ୟ କବିତା ଦିଗରେ ମୋ ଲେଖନୀ ଅବରୁଦ୍ଧ ହୋଇ ଯାଇଥିଲା ।

ଇତି ମଧ୍ୟରେ ସାଧାରଣ ପତ୍ର ପତ୍ରିକାଠାରୁ ଆରମ୍ଭ କରି ଓଡ଼ିଆ, ହିନ୍ଦୀ, ସଂସ୍କୃତ, ପ୍ରାକୃତ, ଇଂରାଜୀ ଆଦି ଭାଷାରେ ଗଭୀର ତତ୍ତ୍ୱ ଓ ଦର୍ଶନ ସଂବଳିତ ଗ୍ରନ୍ଥଗୁଡ଼ିକ ମୁଁ ନିୟମିତ ପଢ଼ି ଗଲି ଥାଏ । ଯେଉଁ ଦିନ ସମୟ ପାଏ ନାହିଁ, ସେ ଦିନ ବ୍ୟର୍ଥଗଲା ବୋଲି ଭାବେ । ଏହି ଅଧ୍ୟୟନ ଓ ସ୍ୱାଧ୍ୟାୟ ରୁଚି ହିଁ ପ୍ରକାରାନ୍ତରେ ମୋତେ କିଛି ଲେଖିବା ପାଇଁ ପ୍ରେରିତ କରି ଆସିଛି ।

ଜୈନ ଦର୍ଶନର ଆତ୍ମକର୍ତ୍ତୃତ୍ୱବାଦ ମୋତେ ପ୍ରଭାବିତ କରିଛି । ଭାଗ୍ୟ ସବୁବେଳେ କର୍ମର ଅନୁସରଣ କରିଥାଏ । ନିଜ ସୌଭାଗ୍ୟ କିଂବା ଦୁର୍ଭାଗ୍ୟର ଆମେ ନିଜେ ହିଁ ନିର୍ମାତା । ଆମ ସୁଖ-ଦୁଃଖ ଆମ ହାତରେ । ଦୁଦୁରା ଗଛ ଲଗାଇ ସେଠାରୁ ଆମ୍ବ ପାଇବାର କାମନା କ'ଣ କେବେ ଫଳବତୀ ହୋଇ ପାରିବ ? ମହାନ ସନ୍ଥ ସାହିତ୍ୟିକ ଆଚାର୍ଯ୍ୟ ତୁଳସୀ, ଆଚାର୍ଯ୍ୟ ମହାପ୍ରଜ୍ଞ ଏବଂ ସଂପ୍ରତି ଆଚାର୍ଯ୍ୟ ମହାଶ୍ରମଣଙ୍କ ଆଚରଣ ଓ ସୃଜନ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ମୁଁ ଏହି ମହାପୁରୁଷମାନଙ୍କ ଅନେକ ଗ୍ରନ୍ଥର ମୋ ମାତୃଭାଷା ଓଡ଼ିଆରେ ରୂପାନ୍ତରଣ ମଧ୍ୟ କରିଛି ।

ଅନେକ ବଂଧୁ ମୋ ସଂବନ୍ଧରେ ସାମୟିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ପ୍ରବନ୍ଧ ନିର୍ମାଣ କରିବାର ଅଭିଯୋଗ କରିଥାନ୍ତି । ଏହା କେତେକାଂଶରେ ସତ୍ୟ ହୋଇପାରେ । ଜାତିଗତ ଓ ସାଂପ୍ରଦାୟିକ ବିଦ୍ୱେଷ, ସଂରକ୍ଷଣ ସମସ୍ୟା, ରାଜନୀତିରେ ଅବକ୍ଷୟ, ଆତଙ୍କବାଦର ବିଷଦଂଶ, ସାଂସ୍କୃତିକ କ୍ଷରଣ ଆଦି ଆପଣ ସମସ୍ତଙ୍କ ଭଳି ମୋତେ ବି କ୍ଷତାକ୍ତ କରିଥାଏ । ତେବେ ଲେଖିବା ସମୟରେ ମୁଁ ଶାଶ୍ୱତ ଚେତନାର ସ୍ତରରେ ସମାଧାନର ମାର୍ଗ ଅନ୍ୱେଷଣ କରିଚାଲିଥାଏଁ ।

ଗଭୀର ଆଶାବାଦୀ ହୋଇଥିବା ସତ୍ତ୍ୱେ ନିରାଶା ବି କେବେ କେମିତି ମୋତେ ପ୍ରଭାବିତ ଓ ଉଦ୍‌ବେଳିତ କରିଥାଏ ଏହା ସ୍ୱୀକାର କରିବାରେ ମୋର ଜମା ଆପତ୍ତି ନାହିଁ । ଅବସାଦଜନିତ ପରିବେଶରେ ମୁଁ ନିଜକୁ ପ୍ରତ୍ୟାହାର କରିନିଏ । ରାସ୍ତାରେ ରହିଥିବା ପଥର ବା ଅବରୋଧକମାନଙ୍କ ସହିତ ମୁଣ୍ଡ ନ ବାଡ଼େଇ ରାସ୍ତା କାଢ଼ି ଆଗକୁ ବଢ଼ିଯାଏଁ । ମୋ ପ୍ରବନ୍ଧ ଓ କଥାମାନଙ୍କ ମଧ୍ୟରେ ନକାରାତ୍ମକତାର ମହିମାମଣ୍ଡନ ନ କରି ସର୍ବଦା ସକାରାତ୍ମକ ଦୃଷ୍ଟିଭଂଗୀ ଅଙ୍ଗୀକାର କରିଆସିଛି ।

ଆହାର, ନିଦ୍ରା, ଭୟ, ମୈଥୁନ, ସଂଗ୍ରହ, ସ୍ୱାର୍ଥ ଓ ଛଳନା ଆଦି ମଣିଷର ମୌଳିକ ମନୋବୃତ୍ତି ବା ଆଦିମ ସଂଜ୍ଞାଗୁଡ଼ିକର ପରିମାର୍ଜନ କରିବାର ସୃଜନର ବିଶେଷ ଭୂମିକା ରହିଛି । କିନ୍ତୁ ସ୍ରଷ୍ଟା ସମର୍ଥ ହେବା ଦରକାର । ତା'ର ଲେଖନ ବା ଉଚ୍ଚାରଣ ଓ ଆଚରଣ ମଧ୍ୟରେ ଏକ - ରୂପତା ରହିଥିବା ଉଚିତ୍ । ଜଣେ ସୃଜନଶିଳ୍ପୀକୁ ଆପଣା ସକାଶେ ନମନୀୟ ମାପଦଣ୍ଡ ନିର୍ଦ୍ଧାରଣ କରିବାର କୌଣସି ଅଧିକାର ନାହିଁ ।

ମଣିଷ ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରିବା ସହିତ ସୁସ୍ଥ ପରିବାର ଓ ସମୃଦ୍ଧ ବିଶ୍ୱଗଠନର ଆବଶ୍ୟକତାକୁ ସଦାବେଳେ ସ୍ମରଣ ରଖି ମସ୍ତିଷ୍କ ସହିତ ହୃଦୟକୁ ଯୋଡ଼ିବାର ବିନମ୍ର ପ୍ରୟାସ କରିଚାଲିଛି । ଶୈଶବ ସ୍ତରରେ ରହିଥିବା ଚିନ୍ତନକୁ ଯୌବନର ସ୍ପର୍ଶ ଦେବାପାଇଁ ନିରଳସ ସମାଧାନ କରିଥାଏ ।

ମୁଁ ସବୁବେଳେ ମନେ ରଖିଥାଏ ଯେ ମରି ଅମର ରହିବାର ଅଭିଳାଷ ରହିଥିଲେ ପଠନଯୋଗ୍ୟ ଲେଖନ କିଂବା ଅନ୍ୟମାନଙ୍କ ଦ୍ୱାରା ଲେଖନଯୋଗ୍ୟ କର୍ମ କରିବାକୁ ହେବ। ସାହିତ୍ୟ ବ୍ୟକ୍ତି କିମ୍ୱା ସମାଜକୁ ପ୍ରତ୍ୟକ୍ଷତଃ ବଦଳାଇପାରେ ନାହିଁ, କେବଳ ବଦଳିଯିବାର ଚେତନାଟିଏ ସୃଷ୍ଟି କରିଥାଏ। ଦେଶର ଅବ୍ୟବସ୍ଥା, ସମାଜର ରୁଗ୍ଣତା ଏବଂ ବ୍ୟକ୍ତିଚେତନାର ମଳିନତାକୁ ପରିଷ୍କାର କରିବା ସହିତ ତାର ଉର୍ଦ୍ଧ୍ୱାରୋହଣ ସକାଶେ ଜଣେ ଲେଖକମନରେ ଆଞ୍ଜୁଳାଏ ବ୍ୟାକୁଳତା ରହିଥିବା ଆବଶ୍ୟକ। ଅନ୍ୟଥା ଆମ ଶବ୍ଦ ଶିଳ୍ପ ସମୃଦ୍ଧ ହୋଇପାରେ କିନ୍ତୁ ତାହା ମଧରେ ପ୍ରାଣବତ୍ତାର ଅଭାବ ରହିବ। କେବଳ ଟାଇମ୍‌ପାସ୍ କିମ୍ୱା ଯଶ, ଖ୍ୟାତି, ପୁରସ୍କାର ବା ବୃତ୍ତି ଦୃଷ୍ଟିରୁ ନ ଲେଖି ଏକ ମହତ୍ତର ଉଦ୍ଦେଶ ରଖି ଲେଖିବା ଉଚିତ୍ ହେବ। ଏହି ଭାବନାର ଅଭାବ ହେତୁ ବୈଚାରିକ ସ୍ଥାଣୁତା ଉତ୍ପନ୍ନ ହେଉଛି। ମୂଲ୍ୟହୀନତାର ଅନ୍ଧାକାରକୁ ଦୂର କରି ନୈତିକା ଓ ଆଧ୍ୟାତ୍ମିକତାର ଆଲୋକ ବାଣ୍ଟିବାର ପ୍ରଚେଷ୍ଟା ଦ୍ୱାରା ମାନବିକତା କୃତକୃତ୍ୟ ହେବ। ଆମ ଲେଖନୀ ସାର୍ଥକ ହେବ ।

ପରିଶେଷରେ ମୋର ପ୍ରବୃତ୍ତି ପଛରେ ଯେଉଁ ବ୍ୟକ୍ତି ଓ ବିଚାର ସମୂହର ଅବଦାନ ରହିଛି, ସେମାନଙ୍କୁ ହାତ ଯୋଡ଼ି ପ୍ରଣିପାତ କରିବା ସହିତ ଆନ୍ତରିକ କୃତଜ୍ଞତା ଜଣାଉଛି ।

**ପୋ: ତୁଷୁରା, ଜି: ବଲାଙ୍ଗୀର**

**ମୋ : ୦୯୪୩୭୦୩୯୦୯୬**

### ସୁ-ଡୋକୁ ଉତ୍ତର ୧୪ ପୃଷ୍ଠାର

| | | | | | | | | |
|---|---|---|---|---|---|---|---|---|
| 7 | 3 | 8 | 1 | 5 | 9 | 6 | 4 | 2 |
| 9 | 1 | 4 | 6 | 7 | 2 | 8 | 5 | 3 |
| 6 | 5 | 2 | 3 | 4 | 8 | 7 | 1 | 9 |
| 3 | 9 | 5 | 7 | 1 | 4 | 2 | 8 | 6 |
| 2 | 4 | 7 | 9 | 8 | 6 | 5 | 3 | 1 |
| 1 | 8 | 6 | 2 | 3 | 5 | 4 | 9 | 7 |
| 8 | 7 | 9 | 5 | 2 | 3 | 1 | 6 | 4 |
| 4 | 2 | 3 | 8 | 6 | 1 | 9 | 7 | 5 |
| 5 | 6 | 1 | 4 | 9 | 7 | 3 | 2 | 8 |


# ନୂଆ ବରଷ



ଗୋବିନ୍ଦ ଚନ୍ଦ୍ର ମହାରଣା

ସ୍ୱାଗତ ତୁମକୁ ସୁସ୍ୱାଗତ ନୂଆ ବରଷ,
ଶୀତ ସକାଳରେ ଦେଲ ତୁମ ଉଷ୍ମ ପରଶ ।
ବିଶ୍ୱଜନ ମନେ ଖୁସିର ଲହରୀ ଖେଳାଇ,
ଆଶା ଆଶ୍ୱାସନା ଭରସା ପ୍ରଦୀପ ଜଳାଇ ।
ଆସିଅଛ ତୁମେ ମରତକୁ ଶୁଭ ସମୟେ,
ସରସତା ଭରିଦିଅ ସଭିଙ୍କର ହୃଦୟେ ।
ଆନନ୍ଦ ଉଲ୍ଲାସେ ମୁଖରିତ ଆଜି ଧରଣୀ,
ତୁମ ବରଣିରେ ସୁସଜ୍ଜିତ ସର୍ବ ସରଣୀ ।
ଷୋହଳ ମସିହା ବିଦାୟ ନେଲେଣି ଧରାରୁ,
ସତର ହେ ତୁମେ ଶୁଭଦିଅ ଭାଇଚାରାରୁ ।
ସୃଷ୍ଟିକର ସଦ୍‌ଭାବନା ପୂର୍ଣ୍ଣ ବାତାବରଣ ,
ଅନ୍ୟାୟ ଅନୀତି ହେଉ ଦେଶୁ ଦୂରୀକରଣ ।
ମୌସୁମୀ ବିଭ୍ରାଟ ନହେଉ କଦାପି ଏ ସନେ,
ଲକ୍ଷ୍ମୀମୁଖେ ହସ ଫୁଟିଉଠୁ ତୁମ ଶାସନେ ।
ଅପସଂସ୍କୃତିକୁ ସମାଜରୁ କର ବିନାଶ,
ବାସ୍ତବ ଧାରାରେ ସଭ୍ୟତାର ହେଉ ବିକାଶ ।
ଶାନ୍ତି, ମୈତ୍ରୀ, ପ୍ରୀତି ଗୀତି ଗାନ କର ସୁସ୍ୱରେ,
ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାଦିଅ ବିଶ୍ୱରେ ।
ପ୍ରତିଜନ ହୃଦେ ମଣିଷ ପଣିଆ ଜଗାଅ,
ମାନବବାଦର ରଙ୍ଗରେ ବିଶ୍ୱକୁ ରଙ୍ଗାଅ ।
ହେ ସମୟ ତୁମେ ବଡ଼ ବଳବାନ ସତରେ
ନ୍ୟାୟଦିଅ ସର୍ବଜନେ ନିରପେକ୍ଷ ମତରେ ।
ସତର ମସିହା ଘେନ ଆମ ଅଭିନନ୍ଦନ,
ବାସୁଥାଅ ବର୍ଷସାରା ହୋଇ ବାସ ଚନ୍ଦନ।

**ସମ୍ପାଦକ**
**ସମ୍ବାଦ ସାହିତ୍ୟ ଘର, ଖୋରଧା**
**ମୋ : ୯୪୩୮୭୩୪୬୪୪**



# ଭାଗବତ ଓ ସଂସ୍କୃତି



ଅଜୟ କୁମାର ସାହୁ

ବ୍ୟାସଦେବଙ୍କ ଦ୍ୱାରା ସଂସ୍କୃତରେ ଲିଖିତ ଶ୍ରୀମଦ୍ ଭାଗବତକୁ ଶୁକମୁନି ରାଜା ପରୀକ୍ଷିତଙ୍କୁ କଥାଛଳରେ ବହୁ ଉପଦେଶ ଓ ପରାମର୍ଶମାନ ଦେଇଛନ୍ତି। ଏହି ସଂସ୍କୃତ ଭାଗବତକୁ ମହାପୁରୁଷ ଜଗନ୍ନାଥ ଦାସ ସରଳ ଭାବରେ ଓଡ଼ିଆରେ ରଚନା କରିଛନ୍ତି। ଏହାର ବିଭିନ୍ନ ଅଧ୍ୟାୟରେ ଆମ ସମାଜର କଲ୍ୟାଣକାରୀ ଉପଦେଶ ତଥା ବିପଦ ଆପଦରେ ବିହିତ ପ୍ରତିକାର ପାଇଁ ବହୁବିଧ ଉପାୟ ଏବଂ ନୀତିମାନ ଉଲ୍ଲେଖ ରହିଛି। ଦଶମ ଅଧ୍ୟାୟରେ ଉଲ୍ଲେଖ ଥିବା ଅମୃତବାଣୀ ଆମର ଦୈନନ୍ଦିନ ଜୀବନରେ ପ୍ରଭାବ ପକାଇ ଆସୁଛି। ଏହା ମାନବ ସମାଜର ଏକ ସ୍ତମ୍ଭ କହିଲେ ଅତ୍ୟୁକ୍ତି ହେବନାହିଁ। ପାରମ୍ପରିକ ଭାବେ ଆମେ କିଛି ପୂର୍ବଜମାନଙ୍କଠାରୁ ଶୁଣି କିମ୍ବା ଦେଖି ଦୈନନ୍ଦିନ ଜୀବନରେ ଆବଶ୍ୟକତା ଅନୁଯାୟୀ ତାହାକୁ ପ୍ରୟୋଗକରି ବହୁ ଆରାଧ ରୋଗକୁ ଦୃଷ୍ଟି ଏବଂ ଭୂତ ପ୍ରେତମାନଙ୍କର ପ୍ରଭାବରୁ ମୁକ୍ତି ପାଇଥାଉ। ଏହାର ଦୃଷ୍ଟାନ୍ତ ଭାଗବତର ବିଭିନ୍ନ ଅଧ୍ୟାୟରୁ ଦେଖିବାକୁ ମିଳେ।

ମଥୁରା ନରପତି କଂସର ପ୍ରରୋଚନାରେ ପୁତନା ଅସୁରୀ ସଦ୍ୟଜନ୍ମିତ ସମସ୍ତ ଶିଶୁଙ୍କୁ ବଧ କରିବା ଉଦ୍ଦେଶ୍ୟରେ ଗୋପପୁରରେ ଶ୍ରୀକୃଷ୍ଣଙ୍କୁ ବିଷପୂର୍ଣ୍ଣ ଦୁଗ୍ଧପାନ କରାଉଥିବା ସମୟରେ ଶ୍ରୀକୃଷ୍ଣ ଅତି ଗାଢ଼ରେ ପୁତନାର ଦୁଗ୍ଧପାନ କରିବା ହେତୁ ପୁତନାର ପଞ୍ଚପ୍ରାଣ ଗୋବିନ୍ଦଙ୍କର ଅଙ୍ଗରେ ପ୍ରବେଶ କରିବା କାରଣରୁ ପୁତନାର ଜୀବ ଛାଡ଼ି ଯାଇଥିଲା। ପୁତନାର ପ୍ରକୃତ ଅସୁରୁଣୀ ରୂପଦେଖି ଗୋପପୁରର ନରନାରୀ ତଟସ୍ଥ ଓ ଭୟଭୀତ ହୋଇଯାଇଥିଲେ। ତେବେ ଶିଶୁର ରିଷ୍ଟ ଖଣ୍ଡନ ପାଇଁ ଯଶୋଦାଙ୍କୁ ଗୋପନାରୀମାନେ ବିଭିନ୍ନ ଉପଦେଶ ଯେପରିକି , ବାଛୁରୀ ଲାଞ୍ଜରେ ଝାଡ଼ିଦେବା , ଗୋମୂତ୍ରରେ ସ୍ନାନ କରାଇ ଗୋରଜ ଲେପନ କରିବା , ଗୋମୟରେ ଠିଆଚିତା ଦେବା , ଦୁବଘାସରେ ଝାଡ଼ିଦେବା ଇତ୍ୟାଦି। ଏପରିକି ବ୍ରାହ୍ମଣଙ୍କ ଦ୍ୱାରା ଗ୍ରହଶାନ୍ତି କରିବା , ବ୍ରାହ୍ମଣମାନଙ୍କୁ ଭୋଜନ ଓ ଦାନଧର୍ମ ଦେବାକୁ ପ୍ରବର୍ତ୍ତାଇ ଥିଲେ। ଦ୍ୱାପର ଯୁଗରେ ପ୍ରଚଳିତ ଏହି ବିଧି ଓ ନିୟମମାନ ସ୍ଥଳ ବିଶେଷରେ ଏବେ ମଧ ଆମେ ଗାଁଗଣ୍ଡା ଓ ସହରମାନଙ୍କରେ ପାଳନ କରୁଅଛୁ।

ସମାଜରେ କାହିଁ କେହିଁ ଯୁଗରେ ବିଭିନ୍ନ ଅନ୍ଧବିଶ୍ୱାସ ରହିଆସିଅଛି। ଏହି ଅନ୍ଧବିଶ୍ୱାସ ଯୋଗୁ କେବଳ ଅଶିକ୍ଷିତ ନୁହଁନ୍ତି ଶିକ୍ଷିତ ବ୍ୟକ୍ତିମାନେ ମଧ ସମାଜରେ ନାନାପ୍ରକାର ଅପ୍ରୀତିକର ଏବଂ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥାଆନ୍ତି। ଫଳସ୍ୱରୂପ ନିରୀହ ମନୁଷ୍ୟ , ପଶୁପକ୍ଷୀ ଇତ୍ୟାଦିଙ୍କର ପ୍ରାଣହାନୀ ଘଟିଥାଏ। ଗୋପବାସୀମାନଙ୍କର ଦୃଢ଼ବିଶ୍ୱାସ ଥିଲା ଯେ , ଦେବରାଜ ଇନ୍ଦ୍ରଙ୍କ କୃପାରୁ ଜଳ ବୃଷ୍ଟିହୁଏ। ଏଣୁ ବର୍ଷାପାଇଁ ପ୍ରତ୍ୟେକ ବର୍ଷ ସେମାନେ ଇନ୍ଦ୍ରଦେବତାଙ୍କୁ ପୂଜା ଅର୍ଚ୍ଚନା କରିଥାଆନ୍ତି। କିନ୍ତୁ ଶ୍ରୀକୃଷ୍ଣ ସେମାନଙ୍କୁ ପ୍ରକୃତିର ପ୍ରଭାବରୁ ବର୍ଷାହୁଏ ବୋଲି ବୁଝାଇ ଇନ୍ଦ୍ରଦେବତାଙ୍କୁ ପୂଜାନକରି ଗିରି ଗୋବର୍ଦ୍ଧନ ପୂଜା କରିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଭାଗବତରେ ବର୍ଣ୍ଣନା ଅଛି ଯେ , ଭଗବାନ କାହାରି ଗର୍ବ ଓ ଅହଂକାର ସହ୍ୟ କରନ୍ତି ନାହିଁ। ଭଗବାନ ଶ୍ରୀକୃଷ୍ଣ ଇନ୍ଦ୍ର , ବ୍ରହ୍ମା ଏବଂ କାଳୀୟ ସର୍ପର ଗର୍ବ ଓ ଦର୍ପ ଗଞ୍ଜନ କରିଥିବା ଭାଗବତରେ ସୁବିସ୍ତୃତ ବର୍ଣ୍ଣନା ଅଛି। ଭାଗବତରେ ବର୍ଣ୍ଣନା ଅଛି,

"ଗର୍ବ ଗଞ୍ଜନ ବାନା ମୋର  ଦୁଷ୍ଟ ଦଳନେ ଅବତାର
ଇନ୍ଦ୍ରର ଦର୍ପ କଲାଚୂର  ବାମେ ଟେକିଲା ଗିରିବର।।
ବ୍ରହ୍ମା ବୋଲି ମୁଁ ବହିଗର୍ବ  ତୋତେ ଭଣ୍ଡିଲି ପଦ୍ମନାଭ ,
ଏ ଅପରାଧ କ୍ଷମାକର  ଭୋନାଥ ଶରଣ ତୋହର।"

ପିତାମାତାହିଁ ଈଶ୍ୱର। ପୁତ୍ର ହିସାବରେ ସେମାନଙ୍କର ସେବା କରିବା ଆମର କର୍ତ୍ତବ୍ୟ। ମାତ୍ର ପରିସ୍ଥିତି ଚାପରେ ଶ୍ରୀକୃଷ୍ଣ ପିତା ବାସୁଦେବ ଏବଂ ମାତା ଯଶୋଦାଙ୍କର ସେବାକରି ପାରୁନଥିବାରୁ ଅତ୍ୟନ୍ତ ଅନୁତାପ କରିଥିଲେ। ଭଗବତରେ ଉଲ୍ଲେଖ ଅଛି ,

"ମାତା ପାଇଲା ବଡ଼ ଦୁଃଖ  ମୋର ଜୀବନ ହେଉଧିକ
ପିତା ଜନନୀ ଉପକାର  ଶୁଝିପାରିବ କେ କୁମର
ଯେ ପିତାମାତା ନସେବନ୍ତି  ଅନ୍ୟାୟ କର୍ମ ଆଚରନ୍ତି।।"

ଏହିପରି ଯୁଗଯୁଗ ଶ୍ରୀମଦ୍ ଭାଗବତର ଉପଦେଶାବଳୀ ସାମାଜିକ ସଂସ୍କୃତିରେ ପ୍ରଭାବ ପକାଇ ଆସୁଅଛି। ସଂପ୍ରତି ଗାଁଗଣ୍ଡାମାନଙ୍କରେ ତିଷ୍ଠି ରହିଥିବା ଭାଗବତ ପଢ଼ାଯାଉଅଛି, ଫଳରେ ଉକ୍ତ ସ୍ଥାନରେ ଏକ ପ୍ରକାର ଆଧ୍ୟାତ୍ମିକ ଭାବ ଓ ସଦ୍‌ଭାବନା ସୃଷ୍ଟିହୋଇ ପାରିପାର୍ଶ୍ୱର ଏହାର ସୁପ୍ରଭାବ ପଡୁଅଛି। ଅଲୌକିକ ଗ୍ରନ୍ଥ ଗୀତାପରି ଭାଗବତ ମଧ ସମାଜର ଅସାଧାରଣ କଲ୍ୟାଣ ସାଧନ କରିବା ସହ ଆମ ସାମାଜିକ ସଂସ୍କୃତି ଉପରେ ପ୍ରଭୂତ ପ୍ରଭାବ ପକାଉଅଛି।

**ଏନ୍-୫, ୨୨୩, ଆଇ.ଆର.ସି. ଭିଲେଜ୍**
**ଭୁବନେଶ୍ୱର-୧୫**
**ମୋ : ୯୪୩୭୩୦୭୨୬୪**

# କଥା ରହିଗଲା କାଳକାଳକୁ

ରବୀନ୍ଦ୍ରନାଥ ପ୍ରଧାନ



ଅନେକ ବର୍ଷ ତଳର କଥା। ସେତେବେଳେ ସାରା ଦେଶରେ ରାଜା ରାଜୁଡ଼ା ଶାସନ ଚାଲିଥାଏ। ଆମ ଓଡ଼ିଶା ବି ଅନେକ ଭାଗରେ ବିଭକ୍ତ ହୋଇଥିଲା। ଖଣ୍ଡେ ଖଣ୍ଡେ ଭାଗକୁ ଜଣେ ଜଣେ ରାଜ ଶାସନ କରୁଥାନ୍ତି। ସେତେବେଳେ ରାଜା ମର୍କତ କେଶରୀ ଏକ ଭୂଖଣ୍ଡକୁ ଶାସନ କରୁଥିଲେ। ତା'ର ରାଜଧାନୀ ଥିଲା କଟକ ସହର।

ରାଜା ମର୍କତ କେଶରୀ ପ୍ରଜାଙ୍କ ପଇସାରେ ବିଳାସ ବ୍ୟସନରେ ମାତିଥାନ୍ତି। ପ୍ରଜାଙ୍କ ଦୁଃଖଦୁର୍ଦ୍ଦଶା ପ୍ରତି ତାଙ୍କର ଧ୍ୟାନ ନଥାଏ।

ଅତୀତରେ କଟକ ସହର ଅବସ୍ଥା ସେତେ ଭଲ ନଥିଲା।

ଶୁଣ ସେ କଥା – "ବର୍ଷାଦିନେ ମହାନଦୀରେ ବଢ଼ି
ଆସି ଯେବେ ଯାଏ କଟକ ବୁଡ଼ି
ଧନ ଜୀବନ ବିପନ୍ନ
ହୁଏ କେତେ ରାଜା ଜାଣନ୍ତିନି କିଛି
ଚାଲେ ଏମିତି ଶାସନ।"

କଟକବାସୀଙ୍କ ବିପତ୍ତି କଥା ରାଜାଙ୍କୁ ଜଣେଇବା ପାଇଁ କେହି ସାହାସ କରନ୍ତି ନାହିଁ। କହିଲେ କାଳେ କଠୋର ଦଣ୍ଡ ମିଳିଯିବ। ଏଥିପାଇଁ ରାଜାଙ୍କର ବି ଚିନ୍ତା ନଥାଏ।

ଦିନକର କଥା। ସହରବାସୀଙ୍କ ଚିନ୍ତା ଜଣେ ଭିକାରୀ ମୁଣ୍ଡରେ ପଶିଲା। ସେ' କ'ଣ କଲା ଏବେ ସେକଥା ଶୁଣ –

"ବାଇମୁଣ୍ଡି ନାମେ ଭିକାରୀଟିଏ
କଟକବାସୀଙ୍କ ଚିନ୍ତାରେ ଥାଏ
ମନକୁ ନେଲା ଏକଥା
ଭାବିଲା ରାଜାଙ୍କୁ ଦେବ ମହାଶିକ୍ଷା
କଟିଯାଉ ପଛେ ମଥା।"

ବାଇମୁଣ୍ଡି ମନେ ମନେ ଭାବିଲା, ତା'ର ଘରଦ୍ୱାର କି ପିଲାଛୁଆ ନାହାଁନ୍ତି। କାହା ପାଇଁ ସେ ଲୋଭ କରିବ? ଦିନେନା ଦିନେ ନିଶ୍ଚୟ ତା'ର ମୃତ୍ୟୁ ହେବ। ପଛରେ କେହି କାନ୍ଦିବେ ନାହିଁ। ସୁତରାଂ ଭଲକାମଟିଏ କରି ଯଦି ତା'ର ମୃତ୍ୟୁହୁଏ, ସମସ୍ତେ ଝୁରିବେ। କଥା କାଳକାଳକୁ ରହିଯିବ। ଏହିକଥା ମନରେ ବିଚାରି ଭିକାରୀ ବୁଢ଼ା ଠିକ୍ କଲା, କଟକର ସମସ୍ୟା ନିଶ୍ଚୟ ରାଜାଙ୍କ କାନରେ ପକେଇଦେବ।

ଠିକ୍ ସେଇଦିନ ରାଜାଙ୍କ ନଗର ଭ୍ରମଣ ବେଳର କଥା –

"ରାଜା ବସିଥାନ୍ତି ହାତୀ ପିଠିରେ
ଥାଟବାଟ ଚାଲିଥାନ୍ତି ସାଥୀରେ
ବୁଢ଼ା ଠିଆହେଲା ଆଗେ
କିଏ ତୁହି ପଥ ଓଗାଳିଲୁ କିଆଁ
କହିଲେ ସଇନେ ରାଗେ।"

ସାଙ୍ଗେ ସାଙ୍ଗେ ବୀରବାଦ୍ୟ ବନ୍ଦ ହୋଇଗଲା। ଶୋଭାଯାତ୍ରା ଅଧାବାଟରେ ଅଟକିଗଲା। ମଳିମୁଣ୍ଡିଆ ଭିକାରୀର ଅପୂର୍ବ ସାହସ ଦେଖି ସମସ୍ତେ ଚକିତ ହୋଇଗଲେ। ଦେଖଣାହାରୀଏ ମନେମନେ ଭାବୁଥିଲେ ବିଚରା ଭିକାରୀ ବୁଢ଼ାଟା ମଲା। କି ଦରକାର ଥିଲା ରାଜାଙ୍କ ଆଗରେ ଠିଆ ହେବା?

ଏତିକିବେଳେ ସିପାହୀମାନେ ବୁଢ଼ାକୁ ବାନ୍ଧି ନେବାକୁ ଚାହୁଁଥିଲେ। ମାତ୍ର ରାଜାଙ୍କ ବାରଣ ଯୋଗୁଁ ଛାଡ଼ିଦେଲେ। ଓଲଟି କହିଲେ, "ବୁଢ଼ା କ'ଣ କହିବାକୁ ଚାହୁଁଛି କହିବାକୁ ଦିଅ। ଏରାଜ୍ୟରେ ସକଳ ପ୍ରଜାଙ୍କର କହିବାର ଅଧିକାର ଅଛି। ସୁତରାଂ ତା' ଅଧିକାର ସେ ସାବ୍ୟସ୍ତ କରୁ।"

ରାଜାଙ୍କ ଆଦେଶ ସମସ୍ତଙ୍କୁ ସ୍ତମ୍ଭିତ କରିଦେଲା। କାରଣ ଏଡ଼େ ନିଷ୍ଠୁର ଜଣାପଡୁଥିବା ରାଜା ଏତେ ଦୟାଳୁ ହେଲେ କିପରି? ଏଥର ଭିକାରୀର ଦୁଃଖ ଶୁଣିବା ପାଇଁ ସମସ୍ତେ ବ୍ୟଗ୍ର ହୋଇଉଠିଲେ।

କିନ୍ତୁ, ଭିକାରୀ ବୁଢ଼ାର ଦୁଃଖ ନିଜପାଇଁ ନଥିଲା, ଥିଲା କଟକ ବାସୀଙ୍କ ପାଇଁ। ସୁତରାଂ ରାଜାଙ୍କୁ କରଯୋଡ଼ି ସେ ଦୁଃଖ ଜଣାଇଲା –

"ହଜୁର ନାମ "ବାଇମୁଣ୍ଡି" ମୋର
ଗୁହାରି କରନ୍ତୁ ଘେନା
କଟକବାସୀଙ୍କ ଦୁଃଖ ବଢ଼ିଯାଏ
ନଦୀରେ ଆସିଲେ ବନ୍ୟା।
ସହରକୁ ଘେନି ପଥର ବନ୍ଧଟେ
ନିର୍ମାଣ କରାଇଦେଲେ,
ଘୁଞ୍ଚିଯିବ ନିଶ୍ଚେ ବିପତ୍ତି କହୁଛି
ମୋର ଏ କ୍ଷୁଦ୍ର ବୁଦ୍ଧିରେ।
ନିଅନ୍ତୁ ମୋର ଭିକ୍ଷାବୃତ୍ତି ଅର୍ଥ
କିଞ୍ଚିତ ଏହି ସଞ୍ଚୟ
ବନ୍ଧବନ୍ଧା କାମେ ଲାଗିଗଲେ ଏହା
ମଣିବି ଜୀବନ ଶ୍ରେୟ।"

ବାଇମୁଣ୍ଡି ତୁଣ୍ଡରୁ ଏଭଳି କଥାଶୁଣି ରାଜା ମର୍କତ କେଶରୀ ତୁରନ୍ତ ହାତୀ ପିଠିରୁ ଓହ୍ଲାଇ ପଡ଼ିଲେ। ବୃଦ୍ଧଙ୍କୁ କୋଳାଗ୍ରତ କରି କହିଲେ, "ଧନ୍ୟ ତୁମେ ବାଇମୁଣ୍ଡି। ତୁମର ବୁଦ୍ଧିକୁ ମୁଁ ଶତ ପ୍ରଣାମ ଜଣାଉଛି। ଆଜି ତୁମେ

ମୋର ଆଖି ଖୋଲିଦେଇଛ।" ଏହାପରେ ରାଜାଙ୍କ ଆଦେଶରେ କଟକ ସହରକୁ ଘେରି ପଥର ବନ୍ଧ ନିର୍ମାଣ ହେଲା। କଟକବାସୀ ସବୁଦିନ ଲାଗି ବନ୍ୟା ବିପତ୍ତିରୁ ରକ୍ଷା ପାଇଲେ। ସେଦିନର ସେଇ ପଥର ବନ୍ଧକୁ ଆଜି ଦେଖିଲେ ମନେପଡ଼େ - "କଟକର ଚିନ୍ତା ବାଇମୁଣ୍ଡିକୁ, କଥା ରହିଗଲା କାଳକାଳକୁ।"

ବାସ୍ତବିକ୍ ଏକଥା ସତ୍ୟ ଯେ -

"କଟକ ସହର ଚିନ୍ତାଥିଲା ଦିନେ
ବାଇମୁଣ୍ଡି ବୁଢ଼ା ଭିକାରୀ ପାଇଁ
ମର୍କତ କେଶରୀ ରାଜାଙ୍କର ଯିଏ
ଖୋଲି ଦେଇଥିଲା ଆଖିରେ ଭାଇ।
ସେଇଦିନୁ ରାଜା ଛାଡ଼ି ସ୍ୱାର୍ଥ ଚିନ୍ତା
କଟକ ଉନ୍ନତି କାମନା କଲେ
ଆଜି ଆମେ ଭାଇ ସ୍ୱାର୍ଥପର ସାଜି
ବାଇମୁଣ୍ଡି ଠାରୁ କ'ଣ ଶିଖିଲେ ?"

**ଖମାରସାହି, ବାଣପୁର , ଖୋରଧା**
**ପିନ୍- ୭୫୨୦୩୧**
**ମୋ- ୯୬୬୮୫୬୦୬୪୫**

# ଟିକି ଫଉଜ

ଯଜ୍ଞଦତ୍ତ ସାମନ୍ତରାୟ

ଆମେ ଏଯୁଗର ଟିକି ଫଉଜ,
ଗଢ଼ିବୁ ଆମେଟି ରାମ ରାଇଜ।
ସାକ୍ଷର ମଶାଲ ଜଳାଇ ଦେବୁ,
ନିରକ୍ଷର ଆମେ ଦୂର କରିବୁ।
ଗାଆଁ ଗାଆଁ ବୁଲି କରୁ ପ୍ରଚାର,
ଟିପ ଛାଡ଼ି ଭାଇ କଲମ ଧର।
ବୁଦ୍ଧି ଥାଇ ଆଉ ନହୁଅ ବଣା,
ପାଠୁଆ ଭିତରେ ହୁଅ ହେ ଗଣା।
ନିରକ୍ଷର ହୋଇ ନରହୁ କେହି,
ଏକଥା ସଭିଏଁ ହେଜରେ ଭାଇ।
କହି କହି ଆମେ ଯାଉଛୁ ଚାଲି,
ଆମରି କଥାକୁ ନଯିବ ଭୁଲି।

ସମ୍ପାଦକ 'ଗୁଞ୍ଜନ'କବିସୂର୍ଯ୍ୟନଗର, ଗଞ୍ଜାମ
ଭ୍ରାମ୍ୟଭାଷା- ୯୦୪୦୩୧୧୩୩୭

# ବାଟ ଆମ ନାହିଁ ନାହିଁ

ଧ୍ରୁବ ରଣା



ରଣର ଆଘାତେ ପ୍ରତିଭା ମୋ' ମରେ
ସାହୁକାରେ ଡରି ଡରି
ହାତରୁ କଲମ ଖସିତ ପଡୁଛି
ନିଦ ନାହିଁ ବିଭାବରୀ ।

କିଣିତ ପାରୁନି କାଗଜ ଫର୍ଦ୍ଦେ ମୁଁ
ଲେଖିବି ବା କେଉଁ ପରି
ସୃଷ୍ଟି ସକଳ ଅସହାୟ ମୋର
ଆଖିରୁ ଲୋତକ ଢ଼ାଳି ।

ଆଖିର ଆଲୋକ କମି କମି ଯାଏ
ଚଷମା ପାରୁନି କିଣି
ଫଟାଜୋତା, ଛିଣ୍ଡାଚପଲର ସହ
ଚିରାପାଇଜାମା କାନି ।

ରଫୁକରା କଣା ପଞ୍ଜାବୀ ପିନ୍ଧି
ଚଳିଛି ମୁଁ ଗୀତିକାର
ଏଠି କେଉଁ ପରି ଭୋଗ ବିଳାସର
ହେବି ମୁହିଁ ଚଟୁକାର ।

ଯେଉଁ ଏ ସମାଜ ବ୍ୟବସ୍ଥା ଦେଇନି
ବଂଚିବା ପାଇଁ ରାହା
ସେହି ସମାଜର ହେବି ମୁଁ କିପରି
ନିର୍ଲ୍ଲଜ ଭଡାଟିଆ ।

ଜରାସଂଧି ଏ ସମାଜ, ଶାସନ
ଧ୍ୱଂସ ନହେବା ଯାଏ
ମୋ' ଭଳି ଅନେକ ଦୁର୍ଦ୍ଦିନଭାରେ
ଦିନ ତ କାଟନ୍ତି ହାଏ ।

ବିସମବାଦର ଧନବାଦୀ ଏଇ
ବ୍ୟବସ୍ଥାର ବେକ ହାଣି
ତୋଳିବାକୁ ହେବ ମଣିଷ ବାଦର
ସୃଷ୍ଟିର ଆବାହନୀ ।

ତେଣୁ ଜାଗ ଜାଗ ଦଳିତ, ଗରିବ
ମୂଲିଆ ସର୍ବହରା
ଅବାନ୍ଛିତ ଏ ବର୍ବରବାଦୀ
ବ୍ୟବସ୍ଥାକୁ ହରାହରା ।

ତେବେ ଯାଇ ତୁମେ, ମୁଁ ଓ ଆମେ
ବଂଚିବା ସିନା ଭାଇ
ମାରିବା-ବଂଚିବା ଏଇ ଦୁଇ ଛଡା
ବାଟ ଆମ ନାହିଁ ନାହିଁ ।

**ଭଗତ ସିଂ ବିହାର**
**ବଡ଼ମ୍ବା, କଟକ**

# ନୈତିକ ଶିକ୍ଷା ଆଜିର ଅନୁଚିନ୍ତା



ସତ୍ୟବାଦୀ ବଳିଆରସିଂହ

ବିଦ୍ୟାଳୟ ପାଠ୍ୟକ୍ରମରେ ନୈତିକ ଶିକ୍ଷା ପ୍ରଚଳନ ଅଭାବରୁ ମାନବୀୟ ମୂଲ୍ୟବୋଧ ହଜି ହଜି ଯାଉଛି। ସମାଜ ଆଧ୍ୟାତ୍ମିକ କ୍ଷେତ୍ରରୁ ଅପସରିଯାଇ ଭୌତିକ ବିକାଶ ପ୍ରତି ଅଧିକ ଧ୍ୟାନ ଦେଉଛି। ଧନ ଆଜି ଜ୍ଞାନକୁ କବଳିତ କରିଛି। ଏକଦା ଗ୍ରୀସ ଦାର୍ଶନିକ ଦାଓଦିନ୍‌ଙ୍କୁ ଜଣେ ଜିଜ୍ଞାସୁ ପଚାରିଲେ , "ଧନ ବଡ଼ ନା ଜ୍ଞାନ ବଡ଼ ?" ତା'ର ଉତ୍ତରରେ ଦାର୍ଶନିକ କହିଥିଲେ 'ଜ୍ଞାନ ବଡ଼'। ପୁଣି ଜିଜ୍ଞାସୁ ପଚାରିଲେ ଯଦି ଜ୍ଞାନ ବଡ଼ ତେବେ ଜ୍ଞାନୀମାନେ ଧନୀମାନଙ୍କ ପାଖକୁ ଯାଇଛନ୍ତି କାହିଁକି ? ଏହାର ଉତ୍ତରରେ ଦାର୍ଶନିକ କହିଥିଲେ , ଜ୍ଞାନୀମାନେ ଧନର ମହତ୍ତ୍ୱ ବୁଝନ୍ତି କିନ୍ତୁ ଧନୀମାନେ ଜ୍ଞାନର ମହତ୍ତ୍ୱ ବୁଝନ୍ତି ନାହିଁ।

ଏକଦା ଆମ ଭାରତବର୍ଷ ଶିକ୍ଷା, ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ବିଶ୍ୱରେ ଶୀର୍ଷସ୍ଥାନରେ ଥିଲା। ବିଶ୍ୱର ପାଞ୍ଚଟି ପ୍ରାଚୀନ ସଭ୍ୟତା ମଧ୍ୟରୁ ଗ୍ରୀକ, ରୋମାନ, ଆରବ ଓ ମିଶର ସଭ୍ୟତା ବିଲୁପ୍ତ ହୋଇଥିବାବେଳେ ଭାରତର ଆର୍ଯ୍ୟ ସଭ୍ୟତା ଅଦ୍ୟାବଧି ଉଜ୍ଜୀବିତ ରହିଛି। ବିଶ୍ୱର କୌଣସି ଦେଶ ନାମରେ ମହାସାଗର ନାମିତ ହୋଇଥିବାବେଳେ ଏକମାତ୍ର ଭାରତ ନାମରେ ମହାସାଗର ନାମିତ ହେବା ଆମର ଗୌରବ ନୁହେଁ କି ? ଅଶୋକ କଳିଙ୍ଗ ଜୟକରି ଯେପରି ଲୋକଙ୍କ ହୃଦୟକୁ ଜୟକରି ପାରିନଥିଲେ ଠିକ୍ ସେପରି ଇଂରେଜମାନେ ଭାରତୀୟଙ୍କ ହୃଦୟକୁ ଜୟକରି ପାରିନଥିଲେ। ସେଥିପାଇଁ ଇଂରେଜମାନେ ଲର୍ଡ଼ ମାକ୍‌ଲେ ନାମକ ଜଣେ ଗୋରା ହାକିମ୍‌ଙ୍କୁ ଏହାର କାରଣ ଅନୁସନ୍ଧାନ କରିବାକୁ ପଠାଇଲେ। ସେ ଭାରତର ଉତ୍ତରରୁ ଦକ୍ଷିଣ , ପୂର୍ବରୁ ପଶ୍ଚିମ ପ୍ରତ୍ୟେକ ଅଞ୍ଚଳ ବୁଲି ଯେଉଁ ତଥ୍ୟ ସଂଗ୍ରହ କଲେ ତାହା ସେ ବ୍ରିଟିଶ ପାର୍ଲାମେଣ୍ଟକୁ ଖ୍ରୀ ୧୮୩୫ ଫେବୃଆରୀ ୨ତାରିଖ ଦିନ ଦାଖଲ କରିଥିଲେ। ଏହି ରିପୋର୍ଟରେ କିଛି ଅଂଶ ପଢ଼ି ଆମେ ତାହା ହୃଦୟଙ୍ଗମ କରିବା। ସେ ଲେଖିଥିଲେ ,

"I have travelled across the length and breadth of India and I have not seen one person, who is beggar, who is a thief, such wealth I have seen in this country, such high moral values, people of such calibre, that I do not think we would ever conquer this country. Unless we break the very backbone of this nation, which is her spiritual and cultural heritage, and therefore. I propose that we replace her old and ancient education system, her culture, for the Indians think that all that foreign and English is good and greater than their own , they will become what we want them, a truely dominated nation."

ମାକ୍‌ଲେ ସୁଚିନ୍ତିତ ଭାବେ ସଭ୍ୟ ସଂସ୍କୃତି ସମ୍ପନ୍ନ ଭାରତୀୟମାନଙ୍କୁ ଇଂରାଜୀ ଶିକ୍ଷା ମାଧ୍ୟମରେ ଦାସତ୍ୱ ଆଡ଼କୁ ଯେଭଳି ଠେଲି ଦେଇଥିଲେ ସେଥିରୁ ଆମେ ସ୍ୱାଧିନତା ପରେ ମୁକ୍ତି ପାଇନାହୁଁ। ମହାତ୍ମାଗାନ୍ଧୀ ମୌଳିକ ଶିକ୍ଷା ନାମରେ ଏକ କର୍ମାଭିମୁଖୀ ଶିକ୍ଷାର ପ୍ରଚଳନ କରିଥିଲେ। ପରବର୍ତ୍ତୀ ସମୟରେ ତାହା ବନ୍ଦ ହୋଇଗଲା। ସ୍ୱାଧିନତା ପରେ କୋଠାରୀ କମିଶନ, ମୁଦାଲିୟର କମିଶନ ଆଦି ଯେତେ କମିଶନ ଗଠନ ହୋଇଛି ପ୍ରତ୍ୟେକ କମିଶନ ମୂଲ୍ୟବୋଧ ଶିକ୍ଷାକୁ ପାଠ୍ୟକ୍ରମରେ ଏକ ବିଷୟ ରୂପେ ସ୍ଥାନିତ କରିବାପାଇଁ ସୁପାରିଶ କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ କେନ୍ଦ୍ର କିମ୍ବା ରାଜ୍ୟ କୌଣସି ସରକାର ଏହା କାର୍ଯ୍ୟକାରୀ କରିନାହାନ୍ତି। ଫଳରେ ଭାରତୀୟ ଶିକ୍ଷାରେ ନୈତିକ ଅବକ୍ଷୟ ହେବାରେ ଲାଗିଛି। ପ୍ରଚୀନ ଶିକ୍ଷାରେ ଜ୍ଞାନବିଜ୍ଞାନ ଓ ପ୍ରଜ୍ଞାନ ଶିକ୍ଷା ଦିଆଯାଉଥିଲା। ଏବେ ତାହା ଜ୍ଞାନ ବିଜ୍ଞାନ ମଧ୍ୟରେ ସିମୀତ ରହିଛି। ପ୍ରଜ୍ଞାନ ଥିଲା ନୀତିଶିକ୍ଷା ବା ଆଧ୍ୟାତ୍ମିକ ଶିକ୍ଷା। ଏବେ ପ୍ରଜ୍ଞାନ ବିନା ଆମେ ଦିଗ୍‌ହରା ହୋଇପଡ଼ିଛୁ। ପୁରାଣ ଗଳ୍ପର ଶିକ୍ଷା ନାହିଁ କି ମହାପୁରୁଷମାନଙ୍କ ଶିକ୍ଷାନାହିଁ। ସେମାନଙ୍କ ଜୀବନ ଆଦର୍ଶ ପଢ଼ିଲେ ସିନା ଶିକ୍ଷାର୍ଥୀ ପ୍ରଭାବିତ ହୁଅନ୍ତା। ମଣିଷପଣିଆ ଉଜ୍ଜୀବିତ ରୁହନ୍ତା। ଏଣୁ ମନେପଡ଼େ : -

କିଁଉ ବଦଲ୍ ଗୟେ ଇନ୍‌ସାନ୍,
ୟେ କ୍ୟାୟା ହୁଆ ଭଗବାନ୍,
ଚାନ୍ଦ୍ ନା ବଦ୍‌ଲା, ନା ସୂରଯ ବଦ୍‌ଲା
ନା ବଦ୍‌ଲା ଆସ୍‌ମାନ୍
କିତ୍‌ନା ବଦଲ ଗୟା ଇନ୍‌ସାନ୍।

ଆଧ୍ୟାତ୍ମିକ ଚିନ୍ତାଚେତନା ଜାଗ୍ରତ ନହେବା ପର୍ଯ୍ୟନ୍ତ ଶିକ୍ଷା ଠିକ୍ ଭାବରେ ଚାଲିପାରିବ ନାହିଁ। ଏହା ଆମେ ବୁଝିବା ଉଚିତ୍। ଶିକ୍ଷା ସମ୍ବନ୍ଧରେ ଶ୍ରୀ ସତ୍ୟସାଇ ବାବା କହିଛନ୍ତି -

"Education without Character
Science without humanity
Commerce without morality
And politics without religion
is not only useless but also Dangerous."

ସମ୍ପ୍ରତି ଶିକ୍ଷାରେ ଗୁଣାତ୍ମକମାନର ଅଧୋଗତି ଘଟିଛି। ପୂର୍ବେ ଶିକ୍ଷକଙ୍କୁ ଦେଖିଲେ ଛାତ୍ରଛାତ୍ରୀମାନଙ୍କ ମୁଣ୍ଡ ଆପେ ଆପେ ନଇଁ ଆସୁଥିଲା। ପ୍ରଧାନ ଶିକ୍ଷକଙ୍କୁ ଦେଖିଲେ ଶିକ୍ଷକମାନଙ୍କର ହୃତକମ୍ପ ହେଉଥିଲା। ଏବେ ସେ ଅବସ୍ଥା ନାହିଁ। ଶିକ୍ଷକମାନଙ୍କ ମନରୁ ମାନବୀୟ ମୂଲ୍ୟବୋଧ ହଜି ହଜି

ଯାଉଛି । ଏବେ ପ୍ରାଥମିକ ବିଦ୍ୟାଳୟ ଦଣ୍ଡମୁକ୍ତ ଓ ଅଣ୍ଡାଯୁକ୍ତ ହେବା ସହିତ ନିରନ୍ତର ପ୍ରଶିକ୍ଷଣ ଓ କାଗଜପତ୍ରର ଚାଷ ଶିକ୍ଷକମାନେ ଛନ୍ଦି ହୋଇପଡୁଛନ୍ତି ଅଥଚ ଗ୍ରାମାଞ୍ଚଳ ବିଦ୍ୟାଳୟମାନଙ୍କୁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୋଜନରେ ଅବହେଳା ପ୍ରଦର୍ଶନ କରାଯାଉଛି । ଉଚ୍ଚ ବିଦ୍ୟାଳୟ ସ୍ତରରେ ମଧ୍ୟ ବିଭିନ୍ନ ସମସ୍ୟା ଲାଗି ରହୁଛି । ଫଳରେ ସରକାରୀ ବିଦ୍ୟାଳୟମାନଙ୍କରୁ ଛାତ୍ରଛାତ୍ରୀ ସଂଖ୍ୟା କମିବାରେ ଲାଗିଛି । ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ କରିବା ପାଇଁ ନିଷ୍ଠା ରଖିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ମଧ୍ୟ କମିକମି ଯାଉଛି । ଥରେ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ଭାଇସ୍ ଚାନସଲେର Prof B.N. Ganguli ଜଣେ ଛାତ୍ରକୁ ପାଠପଢ଼ା ପରେ ସେ କ'ଣ କରିବ ବୋଲି ପଚାରିଥିଲେ । ତା'ର ଉତ୍ତରରେ ଛାତ୍ରଟି କହିଥିଲା, "Sir , I have decieded to take teaching as my profession." ତା'ର ଉତ୍ତରରେ ସାର୍ କହିଥିଲେ, "No , no teaching is not a profession , but it is a mission." ଅର୍ଥାତ୍ ଏଥିରୁ ଆମେ ବୁଝିବା ଶିକ୍ଷକତା ବୃତ୍ତି ନୁହେଁ ବରଂ ବ୍ରତ । ଏହା ପ୍ରତ୍ୟେକ ଶିକ୍ଷକ ଶିକ୍ଷୟତ୍ରୀ ଉପଲବ୍ଧି କରିବା ଉଚିତ୍ । ଭଲ ଶିକ୍ଷା ଓ ଭଲ ମଣିଷ ଗଢ଼ିବାର ଦାୟିତ୍ୱ ଶିକ୍ଷକମାନଙ୍କ ଉପରେ । ସେମାନେ ପ୍ରତ୍ୟେକ କ୍ଷେତ୍ରରେ ଆଦର୍ଶ ସ୍ଥାନୀୟ ହେବା ଆବଶ୍ୟକ ।

ପୂର୍ବକାଳରେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକମାନେ ନିଷ୍ଠାପର ଶିକ୍ଷାଦାନ ସହିତ ଭଲ ମଣିଷ ଗଢ଼ିବା ପାଇଁ ଚେଷ୍ଟିତ ଥିଲେ । ସେଥିପାଇଁ ପିଲାମାନେ ଯେତେ ଉଚ୍ଚଶିକ୍ଷା ଲାଭ କଲେ ମଧ୍ୟ ନିଜ ପ୍ରାଥମିକ ବିଦ୍ୟାଳୟକୁ ଭୁଲି ପାରୁନଥିଲେ । ସେଥିପାଇଁ କୁହାଯାଇଛି -

"ମନ୍ଦିର ସମାନ ଗ୍ରାମ ଚାଟଶାଳୀ
ସବୁ ସ୍ମୃତିପରେ ଟେକିଛି ମଥା
ପଢ଼ିଥିଲି ଯହିଁ ପ୍ରଥମ ଅକ୍ଷର
ଶିଖିଥିଲି ଯହିଁ ପ୍ରଥମ କଥା ।"

ସେତେବେଳେ ଜଣେ ଗୁରୁଜୀ କହିଥିଲେ ଜଣେ ଯଦି ଠିକ୍ ଭାବରେ ଅ , ଆ , ପଢ଼ିଛି ତେବେ ସେ ଜୀବନରେ ହାରିବ ନାହିଁ । ଏକଥାକୁ ସେ ବିଶ୍ଳେଷଣ କରି ବୁଝାଇଥିଲେ ଅ - ଅର୍ଥ ଅଧ୍ୟବସାୟ ଏବଂ ଆ - ଅର୍ଥ ଆଶୀର୍ବାଦ । ଅର୍ଥାତ୍ ଜଣେ ନିରନ୍ତର କଠୋର ପରିଶ୍ରମ କରି ପ୍ରତ୍ୟେକ ବିଦ୍ୟା ହାସଲ କରିବା ସହିତ ପ୍ରତ୍ୟେକ ଗୁରୁଜନ ତଥା ପିତାମାତାଙ୍କଠାରୁ ନିଜ କର୍ମ ସ୍ୱଭାବ ସୁଲଭ ଆଚରଣ ପାଇଁ ଆଶୀର୍ବାଦ ଲାଭ କରିବ ତେବେ ସେ ଜୀବନରେ ସଫଳ ହେବ ।

ଛାତ୍ରଛାତ୍ରୀଙ୍କର ଏହି ସଫଳତା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଆଚରଣ ଓ ଉଚ୍ଚାରଣରେ ସମାନତା ରଖିବା ଆବଶ୍ୟକ । ସେଥିପାଇଁ ଶ୍ରୀମଦ୍ ଭାଗବତରେ ଲେଖାଯାଇଛି :-

"ସାଧୁ ସଙ୍ଗମ ସେବାକରି, ଧନ ସାଧିବ ଶିକ୍ଷାଧରି ।
ଜ୍ଞାନ ଅଭ୍ୟାସି ଅବିରତ, ଚଞ୍ଚଳ ନକରିବ ଚିତ୍ତ ।
ବୁଦ୍ଧି ବିବେକ ଜ୍ଞାନବଳେ, ମରଣ ଜିଣିପାରେ ହେଳେ ।"

ଶିକ୍ଷାର ଲକ୍ଷ୍ୟ ମୁକ୍ତିର ବାଟ ଦେଖାଇବା । ଅର୍ଥାତ୍ ସା ବିଦ୍ୟା ଯା ବିମୁକ୍ତୟେ । ଏବେ କିନ୍ତୁ ଦେଖିବାକୁ ମିଳୁଛି କେହି ଏହି ଶିକ୍ଷା ପାଇ ପାରୁନାହାନ୍ତି । ପୂର୍ବକାଳର କର୍ମ ସଂସ୍କୃତି ମଧ୍ୟନାହିଁ । କେବଳ ପୁସ୍ତକରତ ଜ୍ଞାନ ଆହରଣ କରି ବଡ଼ ଚାକିରି କରିବାର ପ୍ରଲୋଭନ ସର୍ବବ୍ୟାପୀ ହୋଇଛି । ଏ ସଂସାରରେ ନିଜ କର୍ତ୍ତବ୍ୟ କ'ଣ ମନୁଷ୍ୟ ବୁଝିପାରୁନାହିଁ । ଶିକ୍ଷା ସହିତ କର୍ମର ଗୁରୁତ୍ୱ ହଜି ହଜି ଯାଉଥିବାରୁ ମହାତ୍ମାଗାନ୍ଧୀ କହିଥିଲେ -

"The life of a carpenter or a blacksmith is more worthliving than that of white collared baboo who is a social parasite." ଶ୍ରୀମଦ୍ ଭାଗବତରେ ମଧ୍ୟ ଲେଖାଅଛି - "କର୍ମ ମୋହର ନିଜଗୁରୁ, ଉଦ୍ଧବ କେତେହୁଁ ପଚାରୁ ।"

ସମାଜରେ ଚରିତ୍ରବାନ ମଣିଷ ଗଢ଼ିବା ଆଜିର ଶିକ୍ଷାର ଲକ୍ଷ୍ୟ ହେଉ । କୁହାଯାଇଛି - "ସୁଖସ୍ୟ ମୂଳଂ ଅର୍ଥଃ , ଅର୍ଥସ୍ୟ ମୂଳଂ ବାଣିଜ୍ୟଂ , ବାଣିଜ୍ୟସ୍ୟ ମୂଳଂ ସ୍ୱରାଜ୍ୟଂ , ସ୍ୱରାଜ୍ୟସ୍ୟ ମୂଳଂ ଚରିତ୍ରୟଂ ।"

ଭଲ ଚରିତ୍ରର ଛାତ୍ରଛାତ୍ରୀ ଗଠନ କରିବା ଆଜିର ଆଭିମୁଖ୍ୟ ହେଉ । ସେ ନେଇ ଆମର ଦୃଷ୍ଟିଭଙ୍ଗୀ ବଦଳିବା ଦରକାର । କଥାରେ ଅଛି - ଯେ ପକ୍ଷୀ ଯାଏ ଯେତେ ଦୂର , ସେ ଜାଣେ ତାହାର ବେଭାର । ପୂର୍ବେ ଆମ ଦେଶ ବିଭିନ୍ନ କ୍ଷେତ୍ରରେ ସମଗ୍ର ବିଶ୍ୱକୁ ଦିଗଦର୍ଶନ ଦେଉଥିଲା । ଫ୍ରାନ୍ସର ଜଣେ ଦାର୍ଶନିକ ମାର୍କ ଟାଏନ୍ (Mark Twain) ଲେଖିଛନ୍ତି - "India is the cradle of the human race , the birth place of human speech, the mother of history, the grand mother of legends and the great grand mother of traditions."

**ସହଯୋଗୀ ସଂପାଦକ, ଆମରିସତ୍ୟ**
**୯୨୩୭୦୮୯୫୦୯**

ଭାରତର ପ୍ରାଚୀନ ଗୌରବ ତଥା ଦର୍ଶନକୁ ଅନୁଭବ କରି ଛାତ୍ରଛାତ୍ରୀମାନଙ୍କୁ ବୌଦ୍ଧିକ କ୍ଷେତ୍ରରେ ପ୍ରଜ୍ଞାଶୀଳ ତଥା ସମାଜରେ ଆଦର୍ଶ ନାଗରିକ ଭାବେ ଗଢ଼ିତୋଳିବା ପାଇଁ ଖୋର୍ଦ୍ଧାରୁ 'ଆମରିସତ୍ୟ' ନାମରେ ଏକ ମାସିକ ପତ୍ରିକା ଦୀର୍ଘ ସାତବର୍ଷ ଧରି ପ୍ରକାଶ ପାଉଛି । ଏହି ଅନୁଷ୍ଠାନ ପକ୍ଷରୁ ଶିକ୍ଷାନୁଷ୍ଠାନମାନଙ୍କରେ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଆଲୋଚନାଚକ୍ର କରାଯାଇ ସେମାନଙ୍କୁ ଭଲମଣିଷ ହେବା ଦିଗରେ ପ୍ରେରଣା ଦିଆଯାଉଛି । ଏହାର ସଫଳତା ପାଇଁ ପାଠକମାନଙ୍କ ସଦିଚ୍ଛା କାମନା କରୁ ।

# ଜାତୀୟ ସଂହତି

ନାମଯଜ୍ଞ ମିଶ୍ର

ଜାତୀୟ ସଂହତି କହିଲେ ସାଧାରଣତଃ 'ରାଷ୍ଟ୍ରୀୟ ଏକତା'କୁ ବୁଝାଇଥାଏ। ମାତ୍ର 'ସଂହତି'ର ଅର୍ଥ କେବଳ 'ଏକତା' ହିଁ ନୁହେଁ ଏହା ଅଧିକ ଆଉକିଛି। ଇଟା, ବାଲି, ସିମେଣ୍ଟ, ପାଣି ଅଲଗା ଅଲଗା ପଦାର୍ଥକୁ ପାଗକରି ବିଶାଳ ଭବନ ନିର୍ମାଣ ହୁଏ। ସେଗୁଡ଼ିକର ସଂଶକ୍ତି ଫଳରେ ତାହା ଏତେ ଦୃଢ଼ ଥାଏ ଯେ ପୁଣି ଉକ୍ତ ବସ୍ତୁକୁ ଅଲଗା କରିବାକୁ ଗଲେ ଭବନ ତ ଧ୍ୱଂସପାଏ ତହିଁରେ ମିଳିତ ସେଇ ପଦାର୍ଥଗୁଡ଼ିକ ମଧ ତା'ର ପୂର୍ବ ମୂଲ୍ୟ ହରାଇ ଅକାମୀ ହୋଇଯାଏ। ଏଇ ରାଷ୍ଟ୍ରରୂପୀ ଭବନରେ ମଧ ସେଇ ଏକାକଥା ଘଟେ। ବିଭିନ୍ନ ଜାତି, ଧର୍ମ ସମୁଦାୟକୁ ନେଇ ଗଠିତ ଏକ ଜାତୀୟ ସଂହତିରେ ଯେକୌଣସି ବିଭେଦତାର ବର୍ଗୀକରଣ ହେଲେ ଜାତୀୟ ସଂହତି ନଷ୍ଟପ୍ରାପ୍ତ ହୋଇଥାଏ, ଏଥିରେ ସନ୍ଦେହ ନାହିଁ।

ପ୍ରଚୀନ ଭାରତବର୍ଷ ମଧ ବିଭିନ୍ନ ରାଜଶାସନରେ ଅଲଗା ଅଲଗା ରାଜ୍ୟ ଭାବରେ ଶାସିତ ହୋଇ ସୁଦ୍ଧା ଏକ ସାଂସ୍କୃତିକତାକୁ ନେଇ ସୁସଂହତ ଥିଲା। ଏହାର ଉତ୍ତରରେ ଉତ୍ତୁଙ୍ଗ ହିମାଳୟ ଓ ଅନ୍ୟ ତିନିପାଖରେ ସାଗରର ଅବସ୍ଥିତି ହେତୁ ଏହାର ଭୌଗୋଳିକ ପରିସୀମିତ ଅତ୍ରତ୍ୟ ଅଧିବାସୀଙ୍କୁ ଏକାତ୍ମିକତା ପ୍ରଦାନ କରିଥିଲା, ମାନବବାଦୀ ବୈଦିକ ସଂସ୍କୃତି ପିତୁଳା ପୂଜାଠାରୁ ଅଦ୍ୱୈତ ଅଣାକାର ଉପାସନା ଲିଙ୍ଗ, ସର୍ପ, ଗଛ, ବୃକ୍ଷ ପୂଜାଠାରୁ ନିରାକାର ଅର୍ଚ୍ଚନା ପର୍ଯ୍ୟନ୍ତ ସବୁକୁ ନିଜର କରିନେଇଥିଲା। କାଳକ୍ରମେ ଏଥିରୁ ଉଦ୍ଭୂତ ଜୈନ, ବୌଦ୍ଧ, ଶିଖ୍, ଶୈବ, ସୌର, ଶାକ୍ତ ଗାଣପତ୍ୟ ବୈଷ୍ଣବବାଦୀ ସକଳ ବିଚାର ଧାରା ବା ସାଂପ୍ରଦାୟକୁ ନିଜର ପରିବାର ମନେ କରିନେଇଥିଲା। ଆଜିର ଅର୍ଥରେ 'ହିନ୍ଦୁ' ବୋଲି କୌଣସି ଧର୍ମଟିଏ ନଥିଲା। ପରବର୍ତ୍ତୀ ସମୟରେ ବିଦେଶାଗତ ମୁସଲମାନ୍ , ଖ୍ରୀଷ୍ଟିୟାନ୍ ଧର୍ମାଦି ଆସିଥିଲେ ହେଁ ଏ ଦେଶରେ ନାନକ, କବୀର, ରାମାନନ୍ଦ, ମୁସ୍‌ଲିମ୍, ସୁଫୀସନ୍ଥ ଓ ଶ୍ରୀଚୈତନ୍ୟାଦି ଭଗବତ୍ ପୁରୁଷଗଣଙ୍କ ଧର୍ମ ସହିଷ୍ଣୁତା ଓ ଏକତା ପ୍ରଚାରରେ ଭାରତର ଜାତୀୟ ସଂହତି ପରିପୁଷ୍ଟ କରିଥିଲା। ତେଣୁ ତ ସମସ୍ତେ ଅଲଗା ଅଲଗା ଭାଷା, ଚଳଣି, ପୋଷାକ, ଉପାସନା ସତ୍ତ୍ୱେ ନିଜକୁ ହିମାଳୟ ସମାରଭ୍ୟଂ ଯାବତ୍ ବିନ୍ଦୁ ସରୋବରଂ। ଆଦ୍ୟାନ୍ତ ପ୍ରତିଯୋଗେଣ ହିନ୍ଦୁ ନାମ ପ୍ରକୀର୍ତ୍ତିତଃ।" କହି ସମଗ୍ର ଭାରତ ବର୍ଷକୁ ନିଜର କହି ଆପଣାକୁ "ହିନ୍ଦୁସ୍ଥାନ" ବାସୀ ବୋଲି ଗର୍ବ ଅନୁଭବ କରୁଥିଲେ। ଏକ ଉଦାର ମାନବବାହୀ ସଂସ୍କୃତି ସେମାନଙ୍କୁ ଏକାତ୍ମିକିତାପ୍ରଦାନକରି ବାନ୍ଧି ରଖିଥିଲା। ରାଜନ୍ୟ ବର୍ଗଙ୍କର ଶୀର୍ଷତ୍ୱ ପାଇଁ ପାରସ୍ପରିକ ରାଜନୈତିକ ସତ୍ତ୍ୱେ ଇଂରେଜମାନେ ଆସି ସେମାନଙ୍କୁ ବିଜିତ କରି ସମଗ୍ର ଭାରତବର୍ଷକୁ ଏକଶାସନାଧୀନ କରିବାର ଶ୍ରେୟ ନେଲେ ଓ ନିଜ ଶାସନ ସୁବିଧାକୁ ନେଇ ଶ୍ରୀଲଙ୍କା, ବ୍ରହ୍ମଦେଶ, ନେପାଳକୁ ଅଲଗା ରଖି ଶାସନ କଲେ। ପରେ ସ୍ୱାଧିନତା ପାଇଁ ସଂଗ୍ରାମ ସମୟରେ ମହାତ୍ମାଗାନ୍ଧୀଙ୍କର ଯାଦୁଗରୀ ସ୍ପର୍ଶରେ ମୂଳ ଭାରତ ଏକତାବଦ୍ଧ ହୋଇ ଏକ ରାଷ୍ଟ୍ରୀୟ ସଂହତି ପ୍ରଦର୍ଶନ କଲା। ମାତ୍ର ହାୟ ! ଇଂରେଜଙ୍କ ବିଭେଦ ନୀତି ଓ ଜିନ୍ନାଙ୍କ ବ୍ୟକ୍ତିଗତ ଉଚ୍ଚାକାଂକ୍ଷୀ ଧର୍ମବାଦୀଙ୍କ ଯୋଗୁଁ ଭାରତ ଦ୍ୱିଖଣ୍ଡିତ ହେଲା : ଭାରତ ଓ ପାକିସ୍ଥାନ। ଯାହେଉ, ଯେଉଁ ଭାରତ ରହିଲା, ଧର୍ମନିରପେକ୍ଷତା ଓ ସମାନତା ମନ୍ତ୍ରୋଚାରଣ କରି "Unity in Diversity" ବା ବିଭିନ୍ନତାରେ ଏକତା। ସଂସ୍କୃତିକୁ ନିଜସ୍ୱ କରି ଗଣତନ୍ତ୍ର ଶାସନ ପ୍ରତିଷ୍ଠା କଲା। ସମସ୍ତେ ଆଜି ଅନୁଭବ କରନ୍ତି "United we stand, Divided we fall".

ଏହି ପରିପ୍ରେକ୍ଷୀରେ 'ବିଭିନ୍ନତାକୁ ଏକତା' ଆଡ଼କୁ ପଦଚାଳନା ନକରି ଏକତାକୁ ବିଭିନ୍ନତା ଆଡ଼କୁ ମୁହାଇ ନେଲେ 'ଜାତୀୟ ସଂହତି' ରହିବ କି ? ଜଣେ ମଣିଷଙ୍କ ଉକ୍ତି ହେଲା : – 'ଧର୍ମ ସଂଶ୍ଳିଷ୍ଟତା ଧର୍ମନିରପେକ୍ଷତା ନୁହେଁ।' ଜାତି, ଧର୍ମ ନାମରେ ସଂରକ୍ଷଣ, ଦଳର ଗଠନ, ଧର୍ମନାମରେ ମନ୍ଦିର, ମସଜିଦ୍ , ଗୀର୍ଜା ଗୁରୁଦ୍ୱାର ପାଇଁ ସରକାରୀ ଜମିଦେବା, ହଜ ବା ତୀର୍ଥନାମରେ ଅଥବା ଅନ୍ୟ କିଛି ଧର୍ମକାର୍ଯ୍ୟ ପାଇଁ ରାଷ୍ଟ୍ରପକ୍ଷରୁ ଅର୍ଥ ପ୍ରଦାନ କରିବା କଦାପି ଧର୍ମନିରପେକ୍ଷତା ହୋଇନପାରେ। ସେଇଭଳି ଭୋଟବ୍ୟାଙ୍କ ସକୋଟ ଭାରତୀୟ ଜନସମୁଦାୟକୁ ଏସ୍‌ଟି, ଏସ୍‌ସି, ଓବିସି, ଇସିବିସି, ସଂଖ୍ୟାଲଘୁ, ସଂଖ୍ୟାଗୁରୁ, ପିଏଲ୍‌ଓ, ଦଳିତ, ଉନ୍ନତ ଆଦି ନାମରେ ବର୍ଗୀକରଣ କରି ବିଭେଦକୁ ଉସ୍କାଇବାକୁ ଯିବା ଠିକ୍ ନୁହେଁ। ଜାତୀୟ ସଂହତିର ପ୍ରଧାନ ଅନ୍ତରାୟ ହେଉଛି ଜାତି, ଧର୍ମ, ଅଞ୍ଚଳ, ଭାଷା ଓ ଆର୍ଥିକ ବସମତା।ଏଣୁ କୌଣସି ଜାତି, ଧର୍ମ ବା ସଂପ୍ରଦାୟ ନାମରେ ର୍‌ୟାଲି କରିବା, ରଜନୀତିକରଣ କରିବାକୁ ଯିବା ଇତ୍ୟାଦିକୁ ନିଷେଧ କରି ନିକଟରେ ହାଇକୋର୍ଟ ରାୟ ଦେଇଛନ୍ତି। ଯାହାକି ଅନୁପାଳନ ହେଉନାହିଁ ସ୍ୱାର୍ଥୀ ରାଜନେତାଙ୍କର ଚକ୍ରାନ୍ତ ଯୋଗୁଁ ଜାତିର ଜନକ ମହାତ୍ମାଗାନ୍ଧୀ କହିଥିଲେ, "ରାଷ୍ଟ୍ରୀୟ ଜନଜୀବନକୁ ଧାର୍ମିକ, ସାମାଜିକ, ଅର୍ଥନୈତିକ, ରାଜନୈତିକ କୋଠରୀରେ ନବାଣ୍ଟି ହୋଲିଷ୍ଟିକ୍ ବା ସାମଗ୍ରୀକ ଭାବରେ ଦେଖ।" ଏ ମର୍ମବାଣୀକୁ ଆମେ ଭୁଲିଯାଇ ଅବାଟରେ ଧାଇଁ ଚାଲିଛୁଁ। ସ୍ୱତନ୍ତ୍ର ସୁବିଧା ସୁଯୋଗ ବାଣ୍ଟିବା ନାଆଁରେ ଜାତି, ଧର୍ମ, ସମାଜ, ସଂପ୍ରଦାୟର ବର୍ଗିକରଣ ବଢ଼ିବଢ଼ି ଚାଲିଛି। ଚାଲିଥିବ ବି। ଏହା ସର୍ବ ବିଦିତ ଯେ ଜୈନ, ବୌଦ୍ଧ, ଶିଖ୍, ଶୈବ, ସୌର ଗାଣପତ୍ୟାଦି ବା ଆଜିର ତଥା କଥିତ ହିନ୍ଦୁ ଆଦି ସେଇ ଏକ ମହାଭାରତୀୟ ସନାତନ ଧର୍ମରୁ ଏକ ଏକଶାଖା ମାତ୍ର।ଏବେ ସରକାର ଜୈନମାନଙ୍କୁ 'ସଂଖ୍ୟାଲଘୁ' ଆଖ୍ୟାଦେଲେଣି। ମୁସଲମାନ୍ ଓ ଖ୍ରୀଷ୍ଟିୟାନ୍‌ମାନଙ୍କୁ 'ସଂଖ୍ୟାଲଘୁ' କହି ଆର୍ଥିକ ସୁବିଧା ଦେଉଛନ୍ତି। ଏହାପରେ ମୁସଲମାନ୍ ମଧ୍ୟରେ ବି ସିହା, ସୁନି, ଖ୍ରୀଷ୍ଟିୟାନ୍ ମଧ୍ୟରେ ରୋମାନ୍ କାଥିଲିକ୍,

ପ୍ରୋଟେଷ୍ଟାଣ୍ଟ, ଲୁଥେରାନ୍ ଆଦି ବିଭାଜନ ନଆସିବ କାହିଁକି ? ସଂବିଧାନରେ ସଂଖ୍ୟାଲଘୁ (Minority) ଆଖ୍ୟା କେବଳ କୌଣସି ଏକ ପ୍ରଦେଶରେ ବାସ କରୁଥିବା ଭିନ୍ନଭାଷୀ ଲୋକଙ୍କୁ କୁହାଯାଇଛି ଓ ସେମାନଙ୍କୁ କେବଳ ଭାଷାଗତ ଶିକ୍ଷା ଓ ସୁରକ୍ଷାଭାର ରାଷ୍ଟ୍ର ନେବ ବୋଲି କୁହାଯାଇଛି ତାକୁ ଟାଣିଓଟାରି ଆର୍ଥିକ ସୁବିଧା ସଂରକ୍ଷଣ ଆଡ଼କୁ ନେଇଯିବା ଗର୍ହିତ ନୁହେଁ କି ?

ଆଜି ଜାତୀୟ ସଂହତିର ପ୍ରଧାନ ବାଧକ ସାଜିଛି 'ବହୁଦଳୀୟ ଗଣତନ୍ତ୍ର'। ମନେରଖିବାକୁ ହେବ ଯେ, ବିଶ୍ୱର କୌଣସି ଦେଶକୁ ବହୁଦଳୀୟ ଗଣତନ୍ତ୍ର ସଶକ୍ତ କରିନାହିଁ। ଇଂଲଣ୍ଡ ଓ ଆମେରିକାରେ ବି ଆମ ଦେଶ ଭଳି ବହୁ ସମସ୍ୟା ଥିବା ସତ୍ତ୍ୱେ ଦ୍ୱିଦଳୀୟ ଗଣତନ୍ତ୍ର ହେତୁ ସଶକ୍ତ ରହିଛି। ବ୍ୟକ୍ତିଗତ ଉଚ୍ଚକାଂକ୍ଷୀ, ଧାର୍ମିକ, ଆଞ୍ଚଳିକ ସ୍ୱାର୍ଥକୁ ସମ୍ବଳ କରି ଏଦେଶରେ ନିତ୍ୟପ୍ରତି ବହୁଦଳଗଣ ହେଉଛନ୍ତି। ସଂଖ୍ୟା ଗରିଷ୍ଠ ଦଳକୁ ଅଳ୍ପ ସଦସ୍ୟ ବିଶିଷ୍ଟ ଦଳ ସମର୍ଥନ ଦେଇ ସରକାର ଗଢ଼ା ହେଉଛି ଏହି କିଙ୍ଗମେକର୍ ଦଳ ମୂଳଚାଲ୍ କରି ନିଜ ସ୍ୱାର୍ଥପାଇଁ ସରକାରକୁ ଟଳମଳ କରିପକାଉଛନ୍ତି। ଫଳରେ ଆଜି ଆମ ଭାରତରେ ରାଷ୍ଟ୍ରୀୟ ସ୍ୱାର୍ଥଜନିତ କୌଣସି ନିଷ୍ପତ୍ତି ଟଳଟଳ ସରକାର ନେଇପାରୁନାହାନ୍ତି। ଅପରପକ୍ଷରେ ବହୁଦଳର ବହୁବିଚ୍ଛିନ୍ନ ସ୍ୱାର୍ଥ ଜାତୀୟ ସଂହତିକୁ ଛିନ୍ନ ବିଚ୍ଛିନ୍ନ କରୁଛି। ସେଇଭଳି ସମ୍ବିଧାନର 'ସମାଜବାଦୀ ଗଣତନ୍ତ୍ର' ଭାବକୁ ଉପେକ୍ଷା କରି ଏଦେଶରେ ପୁଞ୍ଜିବାଦୀ ଅର୍ଥନୀତିର ପ୍ରଚଳନ ବହୁଦେଶୀୟ କମ୍ପାନୀର ପ୍ରବେଶ, କୃଷିପ୍ରଧାନ ଭାରତରେ କୃଷିପ୍ରତି ଓ ହସ୍ତଶିଳ୍ପପ୍ରତି ଅବହେଳା ବିକଟ ଆର୍ଥିକ ବୈଷମ୍ୟ ସୃଷ୍ଟିକରିଛି। ଜଳ, ଜମି, ଜୀବିକା ହରାଇ କୃଷକ ଆତ୍ମହତ୍ୟା କରୁଛି। ଦାଦନ ଖଟୁଛି। ପିଲା ବିକୁଛି। ରାଷ୍ଟ୍ରର ୧୦% ଭାଗ ଲୋକଙ୍କ ହାତରେ ୯୦% ଭାଗ ସଂପତ୍ତି ଓ ୪୦% ଭାଗ ଲୋକଙ୍କ ହାତରେ ମାତ୍ର ୧୦%। ସମଗ୍ର ବିଶ୍ୱର ମାତ୍ର ୮୫ଜଣଙ୍କ ହାତରେ ଯଦି ୫୦ଭାଗରୁ ଅଧିକ ସଂପତ୍ତି ଠୁଳ ହୋଇଥାଏ ଭାରତର ଦୁଇଚାରିଜଣଙ୍କ ହାତରେ ଯେ ୬୦% ରାଷ୍ଟ୍ରୀୟ ଆୟ ଯାଉନଥିବ ଏକଥା କିଏ କହିବ? ଯା ଫଳରେ ଭାରତର ବର୍ଦ୍ଧିଷ୍ଣୁ ବେକାରୀ ସମସ୍ୟା ନାନା ଅଶାନ୍ତି ଓ ହିଂସାକୁ ବୃଦ୍ଧି କରୁଛି ଏଥିରେ ସନ୍ଦେହ ନାହିଁ। ଏଇତ ନକ୍ସଲ ସମସ୍ୟା ଆଦି ଉଗ୍ରବାଦକୁ ଜନ୍ମ ଦେଇଛି ଓ ସର୍ବତ୍ର ଅଶାନ୍ତି ଓ ଅସୋନ୍ତଷ ପରିବ୍ୟାପ୍ତ ହୋଇପଡ଼ିଛି। ନିତ୍ୟପ୍ରତି ଆନ୍ଦୋଳନ ଏହାର ପ୍ରମାଣ। ଗାନ୍ଧିଜୀ କହିଥିଲେ , "We need not mass production but production by the masses" ପୁଞ୍ଜିବାଦୀ ଅର୍ଥନୀତି ନୁହେଁ ସମସ୍ତଙ୍କୁ ଜୀବିକା ଯୋଗାଇବା ଅର୍ଥନୀତି ଆବଶ୍ୟକ।

ଜାତୀୟ ସଂହତି ପାଇଁ ବହୁଧର୍ମକୁ ଏକ ମହାଭାରତୀୟ ମାନବଧର୍ମ, ବହୁଜାତିକୁ ଏକ 'ଭାରତୀୟ ଜାତି' ବହୁକୋଟି ଅର୍ଥନୀତିକୁ ଏକକ ଏକକୋଟି ଆୟନୀତି; ବହୁ ବିଭିନ୍ନତାକୁ ବହୁ ଆଞ୍ଚଳିକତାକୁ ଅଖଣ୍ଡ ଐକିକତାକୁ ଧାବିତ କରିବା ଆଜିର ଆବଶ୍ୟକତା ରହିଛି। ବିଭେଦୀକରଣ ନୁହେଁ ଏକୀକରଣ ଆମ ରାଷ୍ଟ୍ରଧର୍ମ ହେବା ଉଚିତ୍।

**ବରପାଲିପଡ଼ା, ବଲାଙ୍ଗିର**

# ବରିଷ୍ଠଙ୍କ ସୁରକ୍ଷା ଓ ସମୃଦ୍ଧି ଏକାନ୍ତ ଅପରିହାର୍ଯ୍ୟ



ଶ୍ରୀ ଜବାହରଲାଲ ସୁବୁଦ୍ଧି

ଯେ କୌଣସି ଭାରତୀୟ ନାଗରିକ ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସର ହୋଇଗଲେ ସେ ଜଣେ "ବରିଷ୍ଠ ନାଗରିକ" ହୋଇଯାଆନ୍ତି। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମୃଦ୍ଧି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସାମ୍ବିଧାନିକ ଦାୟୀତ୍ୱ ଓ ବରିଷ୍ଠ ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଏଥିପାଇଁ ନିଜ ପରିବାର, ଆମ ସମାଜ, ସ୍ୱୟଂ ସେବକ ଅନୁଷ୍ଠାନ, ଗଣମାଧ୍ୟମ ଓ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସମ୍ମିଳିତ ପ୍ରଚେଷ୍ଟା ଏକାନ୍ତ ଅପରିହାର୍ଯ୍ୟ। ବରିଷ୍ଠ ମାନଙ୍କ ବିକାଶ ପ୍ରତି ସମ୍ମିଳିତ ପ୍ରଚେଷ୍ଟା ଏକାନ୍ତ ଅପରିହାର୍ଯ୍ୟ। ବରିଷ୍ଠ ମାନଙ୍କ ପ୍ରତି ସମସ୍ତଙ୍କର ସମ୍ମିଳିତ ସପକ୍ଷ ଆଭିମୁଖ୍ୟ ରହିବା ଆବଶ୍ୟକ। ସାମ୍ପ୍ରତିକ ସମାଜରେ ବୟସ୍କମାନଙ୍କୁ କିଛି ବ୍ୟକ୍ତି ହତାଦର କରୁଛନ୍ତି। ପେନସନ୍ ଭୋଗୀ ହୁଅନ୍ତୁ ବା ଟଙ୍କା ରୋଜଗାରକ୍ଷମ ହୁଅନ୍ତୁ ବା ନ ହୁଅନ୍ତୁ ଯଦି ଜଣେ ବୃଦ୍ଧ ଅକର୍ମଣ୍ୟ ହୋଇଗଲା ବା ରୋଗାକ୍ରାନ୍ତ ହୋଇ ଶେଜରେ ଅଧିକ ଦିନ ପଡ଼ି ରହନ୍ତି ତେବେ ପରିବାରରେ ସେ ଅଲୋଡ଼ା ଓ ଅଣଦେଖା ହୋଇଯା'ନ୍ତି।

ବରିଷ୍ଠ ମାନଙ୍କ ପ୍ରତି ସମ୍ବେଦନଶୀଳ ଭାବ ପ୍ରଦର୍ଶନ କରିବା ସହିତ ଆଦର୍ଶ ଆଚରଣ ପ୍ରଦର୍ଶନ କରିବା ଉଚିତ୍ । ଏ ସମ୍ପର୍କରେ ଇତିହାସ ପୃଷ୍ଠା ଦେଖିଲେ ଶିଖ୍ ସାମ୍ରାଜ୍ୟର ପ୍ରତିଷ୍ଠାତା ମହାରାଜା ରଣଜିତ୍ ସିଂହ ଗରିବ ବୁଢ଼ି ଢ଼େଲାମାଡ଼ରେ ଆହତ ହେଲେ ମଧ୍ୟ ଦରିଦ୍ର ବୁଢ଼ିର ଦୁଃଖ ଶୁଣି ତାର ଅବଶିଷ୍ଟ ଜୀବନ ପାଇଁ ଖାଦ୍ୟ ପେୟର ବ୍ୟବସ୍ଥା କରିବା ସ୍ୱାଗତ ଯୋଗ୍ୟ□। ବୃଦ୍ଧ ବ୍ୟକ୍ତିଙ୍କ ଦୁଃସ୍ଥ ସ୍ଥିତି ସକାଶେ କରୁଣା ଓ ସମ୍ବେଦନଶୀଳତା ପ୍ରଦର୍ଶନ ପୂର୍ବକ ୨୦୧୩ ମସିହାରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ମହାରାଷ୍ଟ୍ରର ବିଡ୍ ଜିଲ୍ଲାର ଭୁଲ ତଥ୍ୟ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ବୃଦ୍ଧମାନଙ୍କ ପ୍ରାପ୍ୟ ପେନସନକୁ ବମ୍ବେ ହାଇକୋର୍ଟ ଖାରଜକୁ ଉଚ୍ଚତମ ନ୍ୟାୟାଳୟ ପୂର୍ବସ୍ଥିତି କାଏମ୍ ରଖି ପୁନର୍ବାର ପେନସନ୍ ପ୍ରଦାନରେ ମାନବିକ କାର୍ଯ୍ୟ କଲେ। ବୃଦ୍ଧ ଓ ବୃଦ୍ଧାଙ୍କ ପ୍ରତି ଆମ୍ଭେମାନେ ଉତ୍ତମ ବ୍ୟବହାର, ସହାନୁଭୁତି, ସମ୍ମାନ ଦେବା ଭାବ ପୋଷଣ କରିବା ଦରକାର। ଫକୀର ମୋହନଙ୍କ "ଡାକମୁନସୀ" ଗପରେ ବାପ ହରି ସିଂହକୁ ଇଂରେଜୀ ଭୂଷି ମାରି ଇଂରେଜୀ ପଢୁଆ ପୁତ୍ର ଡାକମୁନସୀ ବାବୁ ଘରୁ ବାପକୁ ବାହାର କରିଦେଲା। ଏପରି ଘଟଣା ଶହେ ବର୍ଷ ତଳେ ଘଟୁଥିଲା□। ତା'ର ବହୁ ପୂର୍ବରୁ ମଧ୍ୟ ଘଟୁଥିଲା ଓ ଏବେବି ଘଟୁଛି। ବୃଦ୍ଧ ବୟସରେ ଗାଈ ଓ ବଳଦକୁ ଆମେ ଘରୁ ବାହାର କରି କଂସେଇ ଖାନାକୁ ବିକି ପେଲିଦେବା ଅମାନୁଷିକ କାର୍ଯ୍ୟ ନୁହେଁକି ?

ଏକବିଂଶ ଶତାବ୍ଦୀରେ ସ୍ୱାସ୍ଥ୍ୟ ସଚେତନତା ଓ ଚିକିତ୍ସାଶାସ୍ତ୍ରର ଉନ୍ନତି ଫଳରେ ଜନସାଧାରଣଙ୍କ ହାରାହାରି ଆୟୁରେ ବୃଦ୍ଧି ଘଟିଛି□। ଆମ ରାଜ୍ୟ ଓ ଦେଶରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୯.୫ ପ୍ରତିଶତରେ ପହଞ୍ଚିଛି। ଆଉ ଦଶ ବର୍ଷପରେ ଅର୍ଥାତ୍ ୨୦୨୬ ମସିହା ବେଳକୁ ବରିଷ୍ଠ ନାଗରିକଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୧୩.୬ ଶତାଂଶକୁ ଛୁଇଁବ ବୋଲି ଏକ ଆକଳନ କରାଯାଇଛି□। ପ୍ରତିବର୍ଷ ଅକ୍ଟୋବର ଏକ ଦିନଟି ବରିଷ୍ଠ ନାଗରିକ ମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିବସ। କ୍ରମବର୍ଦ୍ଧିଷ୍ଣୁ ବରିଷ୍ଠ ନାଗରିକ ମାନଙ୍କ ସଂଖ୍ୟା ବୃଦ୍ଧି ଓ ଚିକିତ୍ସା ବିଜ୍ଞାନ ସଫଳତା ପାଇଁ ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତି ଶତାୟୁ ଆୟୁ ଆଡ଼କୁ ମୁହାଁଉଁଛନ୍ତି । ତେଣୁ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମୃଦ୍ଧି ପାଇଁ ବିଧି ବ୍ୟବସ୍ଥା, ଆର୍ଯ୍ୟ ସଂସ୍କୃତି ସମ୍ପନ୍ନ ହୋଇ ପିତୃମାତୃଦେବୋଭବଃ ନ୍ୟାୟରେ ସେମାନଙ୍କ ପୁତ୍ର କନ୍ୟା ମାନେ ସରକାରୀ ତଥା ବେସରକାରୀ ଭାଗିଦାରି ସଂସ୍ଥାମାନଙ୍କ ଗୁରୁଦାୟୀତ୍ୱ ରହିଛି□।

ବର୍ତ୍ତମାନ ଦେଖାଯାଉଛି ପାଶ୍ଚାତ୍ ଚିନ୍ତାଧାରା ଆମ ଦେଶ ଭାରତ ବର୍ଷକୁ ଧସେଇ ପଶିଲାଣି । ଯାହା ଫଳରେ ବରିଷ୍ଠ ମାନେ ବେଳେ ବେଳେ ସହର ତଥା ପଞ୍ଚାୟତ ଅଞ୍ଚଳରେ ନିଜର ସନ୍ତାନ ସନ୍ତତି ଓ ପ୍ରିୟ ପରିଜନ ମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ଭାବରେ କାଳତିପାତ କରିବା ଜୀବନର ସାୟାହ୍ନରେ ସେମାନଙ୍କର ଏକ ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହେବାକୁ ବାଧ କରିଥାଏ। ଏହାର ନିରାକରଣ ପାଇଁ ସାମାଜିକ ଜନସଚେତନତା ଜାଗ୍ରତ କରାଇ ସେମାନଙ୍କୁ ନିଃଶୁଳ୍କ ସେବା ଯୋଗାଇ ଦେବାକୁ ପଡ଼ିବ□। ପିତାମାତାଙ୍କ ଭରଣ ପୋଷଣ ଠିକ୍ ଭାବରେ ନକଲେ ସନ୍ତାନସନ୍ତତିଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ କରାଯାଇପାରିବ। ଏଥିପାଇଁ CRPC.ର ପ୍ରାବଧାନ ରଖାଯାଇଛି। କେନ୍ଦ୍ର ସରକାର ୨୦୦୭ରେ "Maintenance and welfare of parents & Citizen Act." ପ୍ରବର୍ତ୍ତନ କରିଛନ୍ତି। ଏଥିରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଅନେକ ଗୁଡ଼ିଏ ପ୍ରଗତିଶୀଳ ବ୍ୟବସ୍ଥା ରଖାଯାଇଅଛି। କେନ୍ଦ୍ର ସରକାର ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ପାଇଁ ଏକ "ଜାତୀୟ ନୀତି" ମଧ୍ୟ ପ୍ରବର୍ତ୍ତନ କରିଛନ୍ତି□। ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ପାଇଁ ଓଡ଼ିଶା ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ବିଭାଗ ଗଠନ କରିଛନ୍ତି ଏବଂ ଚଳିତ ୨୦୧୬ ମସିହାରେ "Odisha Senior Citizens' Policy 2016" ନାମରେ ଏକ ପ୍ରଗତିଶୀଳ ନୀତି ପ୍ରଣୟନ କରିଛନ୍ତି□। ବରିଷ୍ଠ ନାଗରିକଙ୍କ ପାଇଁ ମଧୁବାବୁ ପେନସନ୍ ଯୋଜନା, ବରିଷ୍ଠ କଳାକାରଙ୍କ ଭତ୍ତାକୁ ଏକହଜାରରୁ ବାରଶହ ଟଙ୍କାକୁ ବୃଦ୍ଧି, ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ବିଭିନ୍ନ ଯୋଜନା ପ୍ରଣୟନ କରିବା ସ୍ୱାଗତଯୋଗ୍ୟ। ଏତଦ୍ ଭିନ୍ନ ରାଜ୍ୟ ସରକାର ସମସ୍ତ ବରିଷ୍ଠ ନାଗରିକଙ୍କ ଚିକିତ୍ସା ଭତ୍ତା ପ୍ରଦାନ, ପ୍ରତ୍ୟେକ ଜିଲ୍ଲାରେ ଅଧିକ ସଂଖ୍ୟକ ଆଦର୍ଶ ଜରାନିବାସର ପ୍ରତିଷ୍ଠା, ପ୍ରତ୍ୟେକ ପଞ୍ଜିକରଣ ବରିଷ୍ଠ ନାଗରିକକ କାର୍ଯ୍ୟାଳୟ, ପାଠାଗାର ଓ ବଗିଚା ପାଇଁ ସରକାରୀ ଜମି ପ୍ରଦାନ, ଗୃହ ନିର୍ମାଣ ପାଇଁ ବିଧାୟକ ଓ ସାଂସଦଙ୍କ ପାଣ୍ଠିରୁ ଅର୍ଥ ମଞ୍ଜୁର କରିବା ଓ ଅନ୍ୟାନ୍ୟ ସାମାଜିକ ଅର୍ଥନୈତିକ ଉନ୍ନତି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଏକ ପ୍ରଗତିଶୀଳ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କଲେ ଓଡ଼ିଶା ରାଜ୍ୟ ସାରା ଦେଶରେ ଆଦର୍ଶ ସ୍ଥାନ ପାଇପାରିବ□। ଓଡ଼ିଶାର ବରିଷ୍ଠ ନାଗରିକ ମାନଙ୍କ ଉନ୍ନତି ଓ ସୁରକ୍ଷା _ÚAñe ÚRý ù` ùWùe i ^ (FOSCAO) ଅଙ୍ଗୀକାରବଦ୍ଧ। ରାଜ୍ୟର ପ୍ରତ୍ୟେକ ସହର ଓ ପ୍ରତି ପଞ୍ଚାୟତରେ ବରିଷ୍ଠ ନାଗରିକ ମଞ୍ଚ ଗଠନ କରାଯାଇ ବରିଷ୍ଠଙ୍କୁ ସୁରକ୍ଷା ଓ ସମୃଦ୍ଧି ପ୍ରଦାନ କରାଯାଇ ଏହି ଆନ୍ଦୋଳନକୁ ସଶକ୍ତ, ସକ୍ରୀୟ ଓ ପ୍ରଗତିଶୀଳ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି□।

**ବଡ଼ତୋଟା, ଜଟଣୀ, ଖୋରଧା**
**ମୋ-୯୪୩୮୩୫୨୩୭୬**

# ପ୍ରତିଶ୍ରୁତି



ସତ୍ୟଭାମା ଆଚାର୍ଯ୍ୟ

ହଜି ଯାଉଥିବା ସମୟ ଗୁଡାକୁ
ମୁଁ ପାରନ୍ତି କି ଅଟକାଇ ଦେଇ ??
ପୃଥ୍ୱୀଟା ଯାକର ଦୁଃଖ ଯାତନାକୁ,
ମୁଁ ବାନ୍ଧି ପରନ୍ତି ମୋର ପଣତ କାନିରେ -
ସବୁ ଦୁର୍ନୀତିର ଅଳିଆ ଗଦାକୁ
ମୁଁ ଚାପି ରଖନ୍ତି ଯେବେ ହାତ ପାପୁଲିରେ,
ସଂସାର ଯାକର ଲୁହ ପିଇଯାନ୍ତି ପାଣିଭଳି -
ଅଭିଶପ୍ତ ଏ ମଣିଷ ଦେହେ,
ଦିଅନ୍ତି ମୁଁ ଦିବ୍ୟାଂଜନ ବୋଲି
ଦିବ୍ୟଦ୍ରଷ୍ଟା ହୋଇ -
ଅନାଗତ ଯୁଗ-ଯନ୍ତ୍ରଣାରୁ
ପାରନ୍ତା ସେ ନିଜେ ମୁକ୍ତ ହୋଇ -
ଅବା ସେ ଯାଆନ୍ତା ରହି ପ୍ରତି ହୃଦେ,
ନୂଆ ଏକ ପ୍ରତିଶ୍ରୁତି ହୋଇ।

ଶ୍ରୀବିହାର, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର-୩୧


# କଲିକତରା



ଅଧ୍ୟାପକ ମନୋଜ କୁମାର ମହାପାତ୍ର

"କଲିକତରା କୀଟ ପଙ୍କେ
ନିର୍ମଳ ରହେ ଅକଳଙ୍କେ"

ଅର୍ଥାତ୍ କଲିକତରା ଏକ କୀଟ ହେଲେ ମଧ୍ୟ ଏହା ପଙ୍କ କାଦୁଅରେ ରୁହେ ଓ ଏହାର ଦେହ ସର୍ବଦା ନିର୍ମଳ ଅଟେ । ସକାଳୁ ଉଠି ଯଦି କଲିକତରା ପୋକକୁ ଦେଖିବେ, ତେବେ ସେଦିନ କାହା ସଙ୍ଗେ କଳି ଲାଗିବ । ଏହି ପ୍ରବାଦ ଆମ ସଂସ୍କୃତିରେ ରହିଛି । ତେଣୁ ଏହି ପୋକକୁ ଦେଖିବାକୁ ଡରଲାଗେ । ଆଉମଧ୍ୟ ଏହି ପୋକଟିକୁ ଯେତେବେଳେ ଦେଖିଲେ କିମ୍ବା ଶୁଭକାର୍ଯ୍ୟରେ ଯିବା ସମୟରେ ଦେଖିଲେ ଅଶୁଭ ହେବବୋଲି ଲୋକମାନଙ୍କର ଧାରଣା ରହିଛି । କିନ୍ତୁ ଏହି କଥାର କିଛି ସତ୍ୟତା ନାହିଁ ।



ଏହା ଏକ ଅମେରୁଦଣ୍ଡୀ ଓ ସନ୍ଧିପଦ ପ୍ରାଣୀରେ ଗଣାଯାଏ । ଇଂରାଜୀରେ କଲିକତରା ପୋକଟିର ନାମ ମୋଲ (Mole Cricket) କ୍ରିକେଟ୍ ଏବଂ ବୈଜ୍ଞାନିକ ନାମ ହେଉଛି । ଏମାନେ ପୋଖରୀ କୂଳରେ ବା ସନ୍ତସନ୍ତିଆ ମାଟି ଉପରେ ଦେଖାଯାନ୍ତି । ବିଶେଷ କଥାହେଲା ପୋଖରୀ କୂଳରେ ଥିବା କାଦୁଅ ମାଟି ବା ସନ୍ତସନ୍ତିଆ ସ୍ଥାନରେ ମାଟି ଭିତରେ ଗାତଖୋଳି ବାସକରନ୍ତି । ଏପରିକି ଏମାନେ ପ୍ରାୟ ୨୦ ଫୁଟ ପର୍ଯ୍ୟନ୍ତ ଗାତ ଖୋଳିପାରନ୍ତି ଓ ଏହି ଗାତ ଭିତରେ ଲୁଚିରହନ୍ତି । ଏମାନେ ଭାରତ, ହିମାଳୟର ପାଦଦେଶ, ଆମେରିକା, ଏସିଆ ମହାଦେଶର ବିଭିନ୍ନ ସ୍ଥାନ, ଇଉରୋପ, ଇଜିପ୍ଟ ଆଦି ଦେଶରେ ଦେଖାଯାଆନ୍ତି ।

ଏମାନଙ୍କର ଦେହ ସାରା ଛୋଟ ଛୋଟ ଲୋମ ଦ୍ୱାରା ଆବୃତ । ଦେହଟି ତିନିଭାଗରେ ବିଭକ୍ତ ଯଥା ମୁଣ୍ଡ, ବକ୍ଷଦେଶ ଓ ତଳିପେଟ । ମୁଣ୍ଡ ଭାଗରେ ଦୁଇଟି ଜଟିଳ ଆଖି ରହିଛି । ଏହା ବ୍ୟତିତ ଛୋଟ ଛୋଟ ଦୁଇଟି ଶୃଙ୍ଗିକା ରହିଛି । ମୁଣ୍ଡ ଭାଗରେ ଏମାନଙ୍କର ପାଟି ଅବସ୍ଥିତ ଓ ଏହି ପାଟି ସାହାଯ୍ୟରେ କୀଟପତଙ୍ଗକୁ ଧରି ଚୋବେଇ ଚୋବେଇ ଖାଇଥାଏ । ଏହି ଭାଗରେ ଦୁଇଟି ଆଗଗୋଡ଼ ରହିଛି ଓ ଗୋଡ ଦୁଇଟି ମୁନିଆ ଅଟେ । ଏହା ସାହାଯ୍ୟରେ ମାଟି ଖୋଳିଥାଏ । ତେଣୁ ଏହି ଗୋଡ଼ ଦୁଇଟିକୁ ଖନକ ଗୋଡ଼ କୁହାଯାଏ । ଏହି ଗୋଡ଼ ଦୁଇଟି ଓସାରିଆ ଓ ଛୁଞ୍ଚ ଭଳି ମୁନିଆ ଥିବାରୁ ଏହା ସାହାଯ୍ୟରେ ମାଟି ଖୋଳିଥାଏ । ଆଉ ମଧ୍ୟ ମାଟି ଖୋଳିବା ସମୟରେ ଏମାନେ ମୁଣ୍ଡ ଓ ବକ୍ଷଦେଶକୁ ମାଟି ଭିତରକୁ ଭର୍ତ୍ତି କରିଥାନ୍ତି । ଏହାପରେ ତଳିପେଟ ସହିତ ସଂପୂର୍ଣ୍ଣ ଦେହ ମାଟି ଭିତରକୁ ଯାଇଥାଏ । ମୁଣ୍ଡର ତଳ ଭାଗ ଓ ବକ୍ଷଦେଶ ଉପରେ ଆଉ ଦୁଇଟି ମଧ୍ୟମ ଗୋଡ଼ ରହିଛି ଓ ଏହି ଗୋଡ଼ ଦୁଇଟି ଆଗଗୋଡ଼ଠାରୁ ବହୁତ ଲମ୍ବା ଅଟେ । ବକ୍ଷଦେଶରେ ପୁଣି ଆଉ ଦୁଇଟି ପଛଗୋଡ଼ ରହିଛି ଓ ଏହି ଦୁଇଟି ମଧ୍ୟ ଲମ୍ବା ଅଟେ । ଏମାନଙ୍କ ଦେହରେ ଦୁଇଯୋଡା ପର ରହିଥାଏ । ଆଗପର ଦୁଇଟି ଛୋଟ ଓ ପଛ ଦୁଇଟି ବଡ଼ ଅଟେ । ଏମାନଙ୍କର ଦେହର ଆବରଣ ଖୁବ୍ ଶକ୍ତ । ପଛପର ଦୁଇଟି ପଛକୁ ରହିଥାଏ ଓ ଏହା ଖୁବ୍ ଶକ୍ତ । ଏହାକୁ ପକ୍ଷବର୍ମ କୁହାଯାଏ । କାରଣ ଅବସର ସମୟରେ ଏହି ପଛପର ଦୁଇଟି ସିଧା ହୋଇ ରହିଥାଏ । ତଳିପେଟରେ ଦୁଇଟି ପୁଚ୍ଛିକା ରହିଛି । ଏହାଛଡ଼ା ଏମାନଙ୍କର ଶୁଣିବାପାଇଁ ଏକ ସ୍ୱତନ୍ତ୍ର ଅଙ୍ଗ ଓ ଶିଘ୍ର ଯିବା ଆସିବା ପାଇଁ ମଧ୍ୟ ଅଙ୍ଗ ରହିଛି ।

ଏମାନେ ମାସାଂଶୀ ପ୍ରାଣୀ । ଏମାନଙ୍କର ମୁଖ୍ୟ ଖାଦ୍ୟ ହେଉଛି ଛୋଟ ଛୋଟ କୀଟପତଙ୍ଗ । ଚାଷଜମିରେ ଥିବା କୀଟପତଙ୍ଗ ମାନଙ୍କୁ ଖାଇଥାନ୍ତି । କିନ୍ତୁ ବେଳେ ବେଳେ ଏମାନେ କୃଷିକ୍ଷେତ୍ରରେ ପୋକ ଜୋକ ପାଉନଥିବାରୁ ମାଟିକୁ ଖୋଳି ଖୋଳି ତଳକୁ ଯାଇଥାନ୍ତି । ସେହି ସମୟରେ କୃଷିକ୍ଷେତ୍ରର ଗଛର ଚେର ସବୁ ନଷ୍ଟ କରିଥାନ୍ତି । ଯତ୍ଦ୍ୱାରା ଏମାନଙ୍କର ଦ୍ୱରା ଫସଲ ନଷ୍ଟ ହେବାର ଦେଖାଯାଏ ।

ତଳପେଟଠାରେ ଅଣ୍ଡ ନିକ୍ଷେପକଅଙ୍ଗ ରହିଛି । ଏହା ଉନ୍ନତ ମାନର ଅଟେ । ଏମାନେ ଅଣ୍ଡା ଦେଇଥାନ୍ତି ଓ ଅଣ୍ଡାଗୁଡିକ ମାଟି ଭିତରେ ରହେ । ଏହି ଅଣ୍ଡାରୁ ଛୋଟ ଛୋଟ ଛୁଆ ବାହାରିଥାଏ । କଲିକତରା ଛୋଟ ଜୀବ ହେଲେମଧ୍ୟ ଏହାର ବିଶେଷତ୍ୱ ରହିଛି । ତେଣୁ ଏମାନଙ୍କୁ ଆମ୍ଭେ ଅଶୁଭ ନଭାବି ସୁରକ୍ଷା ଦେବା ଆବଶ୍ୟକ । ପକୃତି କୋଳରେ ଏହି ଜୀବଟି ରହିଲେ ଅମ୍ଭେ ଭବିଷ୍ୟତରେ ଗବେଷଣା କରିବାକୁ ସୁଯୋଗ ପାଇବା ।

**ପ୍ରାଣୀ ବିଜ୍ଞାନ ବିଭାଗ**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ**
**ମୋ ନଂ- ୯୪୩୭୩୧୭୬୫୯**

# ଜୁନିଅର ବିଶ୍ୱକପ୍ ହକିରେ ଭାରତ ବିଜୟୀ



ଆଶିଷ କୁମାର ରାୟ

ଗତ ମାସରେ ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମଠାରେ ଆୟୋଜିତ ଏକାଦଶତମ ଜୁନିଅର ହକି ବିଶ୍ୱକପ୍‌ରେ ଭାରତ ଚାମ୍ପିଆନ ହେବାର ଗୌରବ ହାସଲ କରିଛି । ହରଜସତ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ତଥା ଫାଇନାଲରେ ବେଲଜିୟମକୁ ହରାଇ ଜୁନିଅର ହକିରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିବା ସହିତ ସ୍ୱର୍ଣ୍ଣପଦକ ଓ ଆକର୍ଷଣୀୟ ଟ୍ରଫି ମଧ୍ୟ ହାତେଇ ନେଇଛି । ଜୁନିଅର ହକି ବିଶ୍ୱକପ୍‌ରେ ଏହା ହେଉଛି ଆମଦେଶର ଦ୍ୱିତୀୟ ସଫଳତା । ଏହା ପୂର୍ବରୁ ୨୦୦୧ରେ ଅଷ୍ଟ୍ରେଲିଆର ହୋବାର୍ଟ ନଗରୀରେ ଅନୁଷ୍ଠିତ ଜୁନିଅର ହକି ବିଶ୍ୱକପ୍‌ରେ ମଧ୍ୟ ଭାରତୀୟ ଦଳକୁ ମିଳିଥିଲା ଅବିସ୍ମରଣୀୟ ସଫଳତା । ସେତେବେଳେ ଗଗନ ଅଜିତ ସିଂହଙ୍କ ନେତୃତ୍ୱରେ ଭାରତ ସେମିଫାଇନାଲରେ ଜର୍ମାନୀକୁ ଏବଂ ଫାଇନାଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ପ୍ରଥମ ଥର ସକାଶେ ଜୁନିଅର ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା ।

ଗଗନ ଅଜିତ ସିଂହଙ୍କ ନେତୃତ୍ୱରେ ପ୍ରାୟ ପନ୍ଦର ବର୍ଷ ତଳେ ମିଳିଥିବା ସେହି ସଫଳତାରେ ଦୀପକ ଠାକୁର, ଜୁଗରାଜ ସିଂହ, ପ୍ରଭଜୋତ ସିଂହ, ବିକ୍ରମ ପିଲ୍ଲେ, ତେଜବୀର୍ ସିଂହ, କଓ୍ୱଁଲପ୍ରୀତ ସିଂହ, ଅର୍ଜୁନ ହଲପ୍ପା, ଦେବେଶ ଚୌହାନ ଆଦିଙ୍କ ସହିତ ଆମ ଓଡ଼ିଶାର ଦୁଇଭାଇ ଇଗ୍ନେସ୍ ତିର୍କୀ ଓ ପ୍ରବୋଧ ତିର୍କୀଙ୍କ ଅବଦାନ ଥିଲା ଅତୁଳନୀୟ । ସେହି ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ଗ୍ରୁପ୍ ପର୍ଯ୍ୟାୟରେ ଭାରତୀୟ ଦଳ କାନାଡ଼ାକୁ ୫-୦ରେ, ସ୍କଟଲାଣ୍ଡକୁ ୭-୧ରେ ଓ ସ୍ପେନକୁ ୩-୦ରେ ପରାସ୍ତ କରି ଅକ୍ଲେଶରେ କ୍ୱାର୍ଟର ପର୍ଯ୍ୟାୟରେ ପହଞ୍ଚିଗଲା । ଏହି ପର୍ଯ୍ୟାୟର କିନ୍ତୁ ତିନିଟିଯାକ ମ୍ୟାଚ ଆମ ଖେଳାଳିମାନଙ୍କ ପାଇଁ ଥିଲା କଠିନ ପରୀକ୍ଷା ସଦୃଶ । ବିଶେଷ କରି ଆର୍ଜେଣ୍ଟିନା ସହିତ ମୁକାବିଲା ୨-୨ ଗୋଲରେ ଅମୀମାଂସିତ ରହିବା



ପରେ ଯେତେବେଳେ ଆୟୋଜକ ଅଷ୍ଟ୍ରେଲିଆ ହାତରୁ ଭାରତ ୧-୨ରେ ପରାଜିତ ହୋଇଗଲା, ସେତେବେଳେ ପ୍ରତିଯୋଗିତାରୁ ବିଦାୟ ନେବା ଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା । ତେବେ କ୍ୱାର୍ଟର ଫାଇନାଲ ଲିଗ୍‌ର ଅନ୍ତିମ ମୁକାବିଲାରେ ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ କରି ଆମ ଖେଳାଳିମାନେ ନେଦରଲାଣ୍ଡସ୍ ବିପକ୍ଷରେ ୪-୩ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଗଲେ ।

ଏହାପରେ ଭାରତୀୟ ଦଳକୁ ଅଟକାଇବାର ସାଧ୍ୟ ଆଉ କାହାର ନଥିଲା । ସେମିଫାଇନାଲରେ ଶକ୍ତିଶାଳୀ ଜର୍ମାନୀ ବିପକ୍ଷରେ ୩-୨ରେ ବିଜୟୀ ହେବା ପରେ ଫାଇନାଲରେ ଆର୍ଜେଣ୍ଟିନାକୁ ଭାରତ ହରାଇଲା ୬-୧ ଗୋଲର ବଡ଼ ବ୍ୟବଧାନରେ । ଫାଇନାଲରେ ପ୍ରଭଜୋତ ସିଂହ ଗୋଟିଏ, ଜୁଗରାଜ ସିଂହ ଦୁଇଟି ଓ ଟୁର୍ଣ୍ଣାମେଣ୍ଟର ଟପ୍ ସ୍କୋରର୍ ଦୀପକ ଠାକୁର ତିନିଟି ଗୋଲ ସ୍କୋର କରି ଆର୍ଜେଣ୍ଟିନାର ଚାମ୍ପିଆନ ହେବାର ଆଶାକୁ ଧୂଳିସାତ କରିଦେଇଥିଲେ । ୧୯୯୭ରେ ଇଂଲାଣ୍ଡର ମିଲ୍‌ଟନ୍ କେନ୍‌ସଠାରେ ଖେଳାଯାଇଥିବା ପୂର୍ବବର୍ତ୍ତୀ ଜୁନିଅର ହକି ବିଶ୍ୱକପ୍‌ରେ ମଧ୍ୟ ଭାରତ ପାଇଁ ଚାମ୍ପିଆନ ହେବାର ସୁଯୋଗ ଥିଲା । ବଲଜିତ୍ ସିଂହ ସୈନୀଙ୍କ ନେତୃତ୍ୱରେ ଖେଳିଥିବା ଭାରତୀୟ ଦଳ ସେହି ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଥିଲା । ରାଜୀବ ମିଶ୍ରାଙ୍କ ନିର୍ଣ୍ଣାୟକ ଗୋଲ ବଳରେ ସେଥର ସେମି ଫାଇନାଲରେ ମଧ୍ୟ ଜର୍ମାନୀ ବିପକ୍ଷରେ ବିଜୟ ମିଳିଥିଲା; କିନ୍ତୁ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଅଷ୍ଟ୍ରେଲିଆ ହାତରୁ ୩-୨ରେ ପରାଜିତ ହୋଇଗଲା ଭାରତ । ସେହି ଦଳରେ ଓଡ଼ିଶାର ଦିଲିପ ତିର୍କୀ ଓ ଲାଜରୁସ୍ ବାର୍ଲା ମଧ୍ୟ ସାମିଲ ଥିଲେ । ତେବେ ଚାମ୍ପିଆନ ହେବା ସେମାନଙ୍କ ଭାଗ୍ୟରେ ନଥିଲା ।

୨୦୦୧ରେ ହୋବାର୍ଟଠାରେ ସଫଳତା ମିଳିବାର ୧୫ବର୍ଷ ପରେ ୨୦୧୬ର ଜୁନିଅର ବିଶ୍ୱକପ୍‌ରେ ଭାରତକୁ ମିଳିଲା ଆଉ ଏକ ଅବିସ୍ମରଣୀୟ ସଫଳତା । ସମୁଦାୟ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ଅପରାଜିତ ରହିବା ସହିତ ଏହି ଅନନ୍ୟ ସଫଳତା ହାସଲ କରିବା ଦିଗରେ ସମର୍ଥ ହେଲା । ଏଥିପାଇଁ ଅଧିନାୟକ ହରଜୀତ୍ ସିଂହଙ୍କ ସହିତ ହରମନ୍ ପ୍ରୀତ ସିଂହ, ବରୁଣ କୁମାର, ମନଜୀତ ସିଂହ, ମନପ୍ରୀତ ସିଂହ, ସିମରନ୍‌ଜୀତ ସିଂହ, ଅରମାନ୍ କୁରେଶୀ, ପରୱିନ୍ଦର ସିଂହ, ଶାନ୍ତା ସିଂହ, ଗୁରୁକାନ୍ତ ସିଂହ, ଗୋଲରକ୍ଷକ ବିକାଶ ଦହିୟା ଏବଂ ଆମ ଓଡ଼ିଶାର ଖେଳାଳି ତଥା ଉପ ଅଧିନାୟକ ଦୀପସାନ୍ ତିର୍କୀଙ୍କ ଅବଦାନ ନିଶ୍ଚିତ ଭାବେ ଉଲ୍ଲେଖଯୋଗ୍ୟ । ପ୍ରାରମ୍ଭିକ ଲିଗ୍ ପର୍ଯ୍ୟାୟରେ କାନାଡ଼ାକୁ ୪-୦ରେ, ଇଂଲାଣ୍ଡକୁ ୫-୩ରେ

ଓ ଦକ୍ଷିଣ ଆଫ୍ରିକାକୁ ୨-୧ରେ ପରାସ୍ତ କରି ଭାରତ ଆସିଲା କ୍ୱାର୍ଟର ଫାଇନାଲକୁ। ଏହାପରଠାରୁ ହିଁ ଆରମ୍ଭ ହେଲା ପ୍ରକୃତ ସଂଘର୍ଷ।

କ୍ୱାର୍ଟର ଫାଇନାଲରେ ଭାରତ ମୁହାଁମୁହିଁ ହୋଇଥିଲା ସ୍ପେନ୍ ସହିତ। ଏହି ମ୍ୟାଚକୁ ଭାରତ ଜିତିଥିଲା ୨-୧ଗୋଲର ବ୍ୟବଧାନରେ। ପ୍ରଥମରୁ ପଛୁଆ ରହିବା ପରେ ଭାରତ ପକ୍ଷରୁ ସିମରନ୍‌ଜୀତ ଓ ହରମନ୍‌ପ୍ରୀତ ଗୋଲ ଦେଇ ଭାରତକୁ ବିଜୟୀ କରାଇଥିଲେ। ସ୍ପେନ୍‌ର ଖେଳାଳିମାନେ ଅନ୍ତିମ ସମୟରେ ଗୋଲ ଦେବାକୁ ବହୁତ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇନଥିଲେ ଏବଂ ଭାରତ ପହଁଞ୍ଚିଲା ସେମିଫାଇନାଲରେ। ଅଷ୍ଟ୍ରେଲିଆ ବିରୁଦ୍ଧରେ ସେମିଫାଇନାଲରେ ମଧ୍ୟ ଭାରତ ପାଇଁ ସମାନ ପରିସ୍ଥିତି ସୃଷ୍ଟି ହେଲା। ଅଷ୍ଟ୍ରେଲିଆ ପ୍ରଥମେ ଗୋଲ ଦେଇ ଆଗୁଆ ହେବା ପରେ ଭାରତ ପକ୍ଷରୁ ଗୁରୁକାନ୍ତ ସିଂହ ଓ ମନଦୀପ୍ ସିଂହ ଗୋଲ ସ୍କୋର କଲେ। ତେବେ ଅନ୍ତିମ ସମୟରେ ଗୋଟିଏ ଗୋଲ ବରଣ କରିବା ଫଳରେ ମ୍ୟାଚ ୨-୨ରେ ସମାନ ସ୍ତରକୁ ଚାଲିଆସିଲା। ତେବେ ଯାହାହେଉ ଟାଇବ୍ରେକର୍ ପେନାଲ୍‌ଟୀରେ ଭାରତର ଗୋଲରକ୍ଷକ ବିକାଶ ଦହିୟା ଚମତ୍କାର ଢଙ୍ଗରେ ଦୁଇଟି ଗୋଲ ଅଟକାଇ ଦେବାରୁ ଭାରତ ୪-୨ରେ ବିଜୟୀ ହୋଇ ଫାଇନାଲକୁ ଆସିଲା। ଅନ୍ୟ ସେମିଫାଇନାଲରେ ମଧ୍ୟ ବେଲଜିୟମ୍ ଦଳ ଟାଇବ୍ରେକର୍‌ରେ ଜର୍ମାନୀକୁ ପରାସ୍ତ କରି ଫାଇନାଲରେ ପହଁଞ୍ଚିଲା।

ପରିଶେଷରେ ଏକ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଚୂଡ଼ାନ୍ତ ମୁକାବିଲାରେ ଭାରତୀୟ ଦଳ ୨-୧ରେ ବେଲଜିୟମ୍‌କୁ ପରାସ୍ତ କରି ବିଜୟଶ୍ରୀ ମଣ୍ଡିତ ହେଲା। ଗୁରୁକାନ୍ତ ଓ ସିମରନ୍‌ଜିତ ଗୋଲ ଦେଇ ଅନେକ ସମୟ ପର୍ଯ୍ୟନ୍ତ ଦଳକୁ ଆଗୁଆ ରଖିବା ପରେ ମ୍ୟାଚର ଶେଷ ମୁହୂର୍ତ୍ତରେ ବେଲଜିୟମ୍ ପକ୍ଷରୁ ଗୋଲଟିଏ ସ୍କୋର ହୋଇଥିଲା, ଯାହାକି ଆମ ଖେଳାଳିମାନଙ୍କୁ ଚାମ୍ପିଆନ ବନିବା ରାସ୍ତାରୁ ବିଚ୍ୟୁତ କରିବା ନିମନ୍ତେ ଯଥେଷ୍ଟ ନଥିଲା। ଭାରତ ଦ୍ୱିତୀୟ ଥର ସକାଶେ ହେଲା ଜୁନିଅର ବିଶ୍ୱକପ୍‌ର ଚାମ୍ପିଆନ୍। ହକିକୁ ଭଲ ପାଉଥିବା ଭାରତର ଅଗଣିତ କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହା ନିଶ୍ଚିତ ଭାବେ ଥିଲା ଅତ୍ୟନ୍ତ ଆନନ୍ଦଦାୟକ।

ଦେଖିବାକୁ ଗଲେ ଏହି କିଛି ଦିନ ମଧ୍ୟରେ ଭାରତୀୟ ହକି ସକାଶେ ଆସିଛି ବେଶ୍ କେତୋଟି ଆନନ୍ଦଦାୟକ ଖବର। ଗତ ନଭେମ୍ବର ମାସରେ ପି.ଆର. ଶ୍ରୀଜେଶଙ୍କ ନେତୃତ୍ୱରେ ଭାରତର ସିନିଅର ପୁରୁଷ ଦଳ ଓ ବନ୍ଦନା କଟାରିଆଙ୍କ ନେତୃତ୍ୱରେ ସିନିଅର ମହିଳା ଦଳ ଏସିଆନ୍ ଚାମ୍ପିଆନସ୍ ଟ୍ରଫିରେ ବିଜୟୀ ହୋଇ ଦେଶର ହକିପ୍ରେମୀଙ୍କ ପାଇଁ ଦୁଇଟି ଭଲ ଖବର ଆଣିଦେଇଥିଲେ। ଏହାପରେ ଆମ ପାଇଁ ଅନ୍ୟ ଏକ ଭଲ ଖବର ଥିଲା ହକି ଇଣ୍ଡିଆର ଅଧ୍ୟକ୍ଷ ନରିନ୍ଦର୍ ଧ୍ରୁବ ବାତ୍ରା ଆନ୍ତର୍ଜାତିକ ହକି ମହାସଂଘର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା। ସୁତରାଂ ଭାରତୀୟ ହକି ଯେ ଏବେ ଉତ୍‌ଥାନ ପଥରେ ରହିଛି ଏହା ନିଶ୍ଚିତ।

**ମୋ : ୯୯୩୭୭୬୧୭୭୮**



# ଅଲିଭା ବତି

ପୂର୍ଣ୍ଣଚନ୍ଦ୍ର ସେଠୀ

ସେହି ପରି ଜଣେ ମଣିଷ ଖୋଜୁଛି ନିଇତି ନିତି,
ପାଉ ନାହିଁ ମୁହିଁ କେତେ ଯେ ବରଷ ଗଲାଣି ବିତି।୦।


ପର ଦୁଃଖ ଦେଖି ନୟନ ଯୁଗଲୁ
ଝରି ପଡୁଥିବ ଲୋତକ ଯା'ର,
ବନ୍ୟା, ମରୁଡି ସମୟରେ ଯା'ର
କାନ୍ଦି ଉଠୁଥିବ ହୃଦୟ ତା'ର।
ମୁମୂର୍ଷୁ ପୁତ୍ରକୁ ଶଯ୍ୟାରେ ଛାଡି
ବାଣ୍ଟୁଥିବ ଯିଏ ରିଲିଫ୍ ଧରି
କହୁଥିବ ଯିଏ ଯାଉ ଗୋଟେ ପୁତ୍ର
କୋଟିଏ ପୁତ୍ର ଲୋଡା ମୋହରି।
ଚାହେଁ ନାହିଁ ଧନୀ ଚାହେଁ ନାହିଁ ମାନୀ
ଚାହେଁ ନାହିଁ କେବେ ସମାଜପତି।୧।

ବନ୍ୟା ଅଞ୍ଚଳ କଥା ଭାବିଯିଏ
ଝରାଉଣ ଥିବ ଲୋକତ ଧାର,
ରାତି ଅଧକରେ କଇଁ କଇଁ ରାବ
ଶୁଭୁଥିବ ଯା'ର କଣ୍ଠ ସ୍ୱର।
ଦାମିକା ବସନ ଫେରାଇଣ ଦେଇ
କହୁଥିବ ଯିଏ ଏ ଲୋଡା ନୁହେଁ
କମ୍ ଦାମୀ ଲୁଗା ଦେଖିଣ କହିବ
'ଆମଲାଖି ଲୁଗା' ଇଏ ତ ସିଏ।
ସ୍ୱାର୍ଥକୁ ଯିଏ ପାଦେ ଦଳି ଦେଇ
ହୋଇପାରୁଥିବ ଅଲିଭା ବତି।୨।

**ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**
**ସାହାଦା, ବାଲେଶ୍ୱର-୨**
**ମୋ : ୯୭୭୮୧୮୪୪୯୪**

# ସାଧାରଣ ଜ୍ଞାନ





## (1) ABBREVIATION

1. AIFF - All India Football Federation
2. IAMAI - Internet and Mobile Association of India
3. BHIM - Bharat Interface for Money
4. GTI - Global Terrorism Index
5. NCSC - National Children Science Congress
6. NTFD - National Trust Foundation Day
7. IHC - Indian History Congress
8. IIT - Indian Institute of Technology
9. OCMC - Online Consumer Mediation Center
10. ICFA - Indian Council of Food and Agriculture

## (୨) ପୁସ୍ତକ ଓ ଲେଖକ

1. Watership Sown - Richard Adams
2. I am a troll - Swati Chaturbedi
3. The Secret Chord - Geraldine Brooks
4. Scattered Souls - Shahnas Bashir
5. That thing called love - Tuhin A. Sinha
6. ପାରିଜାତ - ନାଶୀରା ଶର୍ମା
7. ପ୍ରାପ୍ତି - ପାରମିତା ଶତପଥି (କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର)
8. ନାହ୍ଲ - ଗୋବିନ୍ଦଚନ୍ଦ୍ର ମାଝି (କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର)
9. ଅରଣ୍ୟ ଫସଲ - ମନୋରଞ୍ଜନ ଦାସ
10. ଆରଣ୍ୟକ - ମନୋଜ ଦାସ

## (୩) ବିହାର

୧. ଗଠନ - ୨୬.୦୧.୧୯୫୦
୨. ରାଜ୍ୟପାଳ - ରାମ ନାଥ କୋଭିନ୍ଦ
୩. ମୁଖ୍ୟମନ୍ତ୍ରୀ - ନିତିଶ୍ କୁମାର
୪. ଲୋକସଭା ଆସନ - ୪୦
୫. ବିଧାନସଭା ଆସନ - ୨୪୩
୬. ରାଜ୍ୟସଭା - ୧୬
୭. ରାଜଧାନୀ - ପାଟନା
୮. କ୍ଷେତ୍ରଫଳ - ୯୪,୧୬୩ ବର୍ଗ କି.ମି.
୯. ଜନସଂଖ୍ୟା - ୧୦୩, ୮୦୪,୬୩୭ (୨୦୧୧)
ପୁରୁଷ - ୫୪,୧୮୫,୩୪୭
ସ୍ତ୍ରୀ - ୪୯, ୬୧୯ ,୨୯୦
୧୦. ଲିଙ୍ଗ ଅନୁପାତ - ୯୧୬
୧୧. ସାକ୍ଷରତା ହାର - ୬୩.୮୨%
୧୨. ଜିଲ୍ଲା - ୩୮
୧୩. ଗ୍ରାମ - ୩୯୦୧୫

## (୪) ନିଯୁକ୍ତି

୧. ସେନାମୁଖ୍ୟ - ଜେନେରାଲ୍ ବିପିନ୍ ରାୱତ୍
୨. ଇଣ୍ଟେଲିଜେନ୍ସ ବ୍ୟୁରୋର ମୁଖ୍ୟ - ରାଜୀବ ଜୈନ
୩. ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି - ଜଗଦୀଶ ସିଂହ ଖେର୍
4. e Raw ର ମୁଖ୍ୟ - ଅନୀଲ୍ ଧାସ୍ମମାନ୍
୫. ଲେଫ୍ଟଲାଣ୍ଟ ଗଭର୍ନର୍ଣ ର ଦିଲ୍ଲୀ - ଅନୀଲ ବୈଜଲ

## (୫) ଦେହାନ୍ତ

୧. ସୁନ୍ଦରଲାଲ ପଟୱା (୯୨) - ପୂର୍ବତନ ମୁଖ୍ୟମନ୍ତ୍ରୀ (ମଧ୍ୟପ୍ରଦେଶ)
୨. ଏକ ନାଥରାଓ ଭିଖେ ପାଟିଲ (୮୪) - ପୂର୍ବତନ କେନ୍ଦ୍ରମନ୍ତ୍ରୀ
୩. ଅନୁପମା ମିଶ୍ର (୬୮) - ପରିବେଶବିତ୍
୪. ଡ଼ . ସୈମିତ୍ର ଚୌଧୁରୀ (୬୨) - ଅର୍ଥନୀତିଜ୍ଞ

## (୬) ପୁରସ୍କାର

୧. ଜ୍ଞାନପୀଠ ପୁରସ୍କାର ୨୦୧୬ - ଶଙ୍ଖ ଘୋଷ
୨. ଲିଜେଣ୍ଡ ଆୱାର୍ଡ଼ - ମେରୀକମ୍
୩. ସ୍କ୍ରୋଲ ଅଫ୍ ଅନର୍ - ଗୌରବ ଗୋୟଲ

## (୭) ନୂଆ ଯୋଜନା

| ଯୋଜନାର ନାମ | ପ୍ରଚଳନକାରୀ | ଉଦ୍ଦେଶ୍ୟ |
|---|---|---|
| ୧. ବ୍ୟାଙ୍କ ସାକ୍ଷୀ | କର୍ଣ୍ଣାଟକ ବିକାଶ ଗ୍ରାମୀଣ ବ୍ୟାଙ୍କ | ଗ୍ରାମାଞ୍ଚଳରେ ମହିଳା ନିଯୁକ୍ତି |
| ୨. ଆଧାର ପେ | ଆଇ.ଡ଼ି.ଏଫ୍.ସି ବ୍ୟାଙ୍କ | ଡ଼ିଜିଟାଲ୍ ପେମେଣ୍ଟ |
| ୩. ଦାମନ୍ (Daman) | ଓଡ଼ିଶା ସରକାର | ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ |
| ୪. ବିକାଶ (Vikash) | କେନ୍ଦ୍ର ମାନବ ସମ୍ବଳ ବିଭାଗ | ନଗଦ ବିହୀନ ନେଣ ଦେଣ ପାଇଁ ସଚେତନତା |
| ୫. ଅର୍ଣ୍ଣପୂର୍ଣ୍ଣା ରୋଷେଇ | ରାଜସ୍ଥାନ ସରକାର | ଜଳଖିଆ ୫ଟଙ୍କା ମିଲ୍ସ ୮ଟଙ୍କା |

## (୮) ଭାରତର କେତକ ଜାତୀୟ ପୁରସ୍କାର

୧. କେନ୍ଦ୍ର ସାହିତ୍ୟ ଏକାଡେମୀ - ଉଚ୍ଚ ମାନର ସାହିତ୍ୟ ସୃଷ୍ଟି ନିମିତ୍ତ
୨. କେନ୍ଦ୍ର ଲଳିତ କଳା ଏକାଡେମୀ - କଳା ଓ ଭାସ୍କର୍ଯ୍ୟ ସୃଷ୍ଟି ନିମିତ୍ତ
୩. କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ - ନୃତ୍ୟ, ସଙ୍ଗୀତ ଓ ବାଦ୍ୟ ଯନ୍ତ୍ରରେ ବିଶେଷ ଅବଦାନ ନିମିତ୍ତ
୪. ଜ୍ଞାନ ପୀଠ - ଭାରତୀୟ ଭାଷାରେ ଉଚ୍ଚ ମାନର ସାହିତ୍ୟ ସୃଷ୍ଟି
୫. ଦାଦା ସାହେବ ଫାଲକେ - ଭାତରୀୟ ଚଳଚିତ୍ର ଜଗତ ଓ ସଙ୍ଗୀତ ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ

## (୯) ଓଡ଼ିଶା

୧. ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ କେବେ ଦେଖାଦେଇଥିଲା ?
(କ) ୧୯୮୫ (ଖ) ୧୯୮୬
(ଗ) ୧୮୬୬ (ଘ) ୧୮୯୨

୨. ଇଂରେଜମାନେ ବାରବାଟୀ ଦୁର୍ଗ କେବେ ଅଧିକାର କରିଥିଲେ ?
(କ) ୧୮୦୩ (ଖ) ୧୭୯୮
(ଗ) ୧୮୦୫ (ଘ) ୧୮୦୭

୩. ଆୟତନ ଦୃଷ୍ଟିକୋଣରୁ କ୍ଷୁଦ୍ରତମ ଜିଲ୍ଲା କିଏ ?
(କ)କେନ୍ଦ୍ରାପଡ଼ା (ଖ) ପୁରୀ
(ଗ) ଯାଜପୁର (ଘ) ଜଗତ୍‌ସିଂହପୁର

୪. ଶ୍ରୀଜଗନ୍ନାଥଙ୍କର ପ୍ରସିଦ୍ଧ ଗୁଣ୍ଡିଚା ଯାତ୍ରା କେଉଁ ଓଡ଼ିଆ ମାସରେ ପଡ଼ିଥାଏ ?
(କ) ଶ୍ରାବଣ ମାସ (ଖ) ଜ୍ୟେଷ୍ଠ ମାସ
(ଗ) ଆଷାଢ଼ ମାସ (ଘ) ମାର୍ଗଶୀର ମାସ

୫.ଓଡ଼ିଆ ନକ୍ଷତ୍ର ସଂଖ୍ୟା କେତେ ?
(କ) ୨୫ (ଖ) ୨୪
(ଗ) ୨୦ (ଘ) ୨୧

୬. ଓଡ଼ିଶାର କେଉଁ ଜିଲ୍ଲାର ଲୋକପ୍ରିୟ ନୃତ୍ୟ ହେଉଛି "ଦଣ୍ଡନୃତ୍ୟ" ?
(କ) ଅନୁଗୁଳ (ଖ) ଢ଼େଙ୍କାନାଳ
(ଗ) ଗଞ୍ଜାମ (ଘ) ନୂଆପଡ଼ା

୭. ଓଡ଼ିଆ ଭାଷାର ବର୍ଣ୍ଣସଂଖ୍ୟା କେତେ ?
(କ)୩୫ ଗୋଟି (ଖ)୪୯ ଗୋଟି
(ଗ)୪୨ ଗୋଟି (ଘ)୪୫ ଗୋଟି

୮. 'ବନ୍ଦେ ଉତ୍କଳ ଜନନୀର' ରଚୟତା କିଏ ? ?
(କ) ଗୋପବନ୍ଧୁ ଦାସ (ଖ) ମଧୁସୂଦନ ଦାସ
(ଗ) ରାଧାନାଥ ରାୟ (ଘ)ଲକ୍ଷ୍ମୀକାନ୍ତ ମହାପାତ୍ର

୯. 'ଉତ୍କଳ ସାହିତ୍ୟ ସମାଜ' କେବେ ପ୍ରତିଷ୍ଠା କରାଯାଇଥିଲା ?
(କ)୧୯୦୩ (ଖ)୧୯୦୫
(ଗ)୧୯୦୬ (ଘ) ୧୯୦୭

୧୦.ଓଡ଼ିଶାର ଦ୍ୱିତୀୟ ରଙ୍ଗୀନ ଚଳଚ୍ଚିତ୍ରର ନାମ କ'ଣ ?
(କ) ସୁନା ଚଢ଼େଇ (ଖ) ଶେଷ ଶ୍ରାବଣ
(ଗ) ସ୍ୱପ୍ନ ସାଗର (ଘ) ଘର ସଂସାର

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ଯଦି ମିଶାଣ ହରଣ ହୁଏ, ଫେଡ଼ାଣ ଗୁଣନ ହୁଏ, ଗୁଣନ ଫେଡ଼ାଣ ହୁଏ , ହରଣ ମିଶାଣ ହୁଏ ତେବେ (୭୫ x ୨୫ )୨ + ୫୦ - ୧୦ = ?
(କ)୧୬.୬୭ (ଖ)୧୨ (ଗ) ୯୭୭.୫ (ଘ)୨୦

୨. ଗୋଟିଏ ଚିଡ଼ିଆଖାନାରେ ହରିଣ ଏବଂ ମୟୂର ମିଶି ରୁହନ୍ତି । ସେମାନଙ୍କର ମୁଣ୍ଡ ଗଣତି ୮୦ଟି । ସେମାନଙ୍କର ଗୋଡ଼ ସଂଖ୍ୟା ୨୦୦ । ତେବେ ସେଠାରେ କେତୋଟି ମୟୂର ଥିଲେ ?
(କ) ୬୦ (ଖ) ୨୦ (ଗ) ୫୦ (ଘ) ୩୦

୩. '?' ଚିହ୍ନଟିର ସଂଖ୍ୟା କେତେ ଅଟେ ?

| | | |
|---|---|---|
| ୮ | ୧୭ | ୩୩ |
| ୧୨ | ୫ | ୨୯ |
| ୧୦ | ୧୩ | ? |

(କ)୨୩ (ଖ) ୩୩ (ଗ)୯ (ଘ)୪

୪. ସରିତା ଉତ୍ତର ଦିଗକୁ ଚାହିଁ ଠିଆ ହୋଇଛି । ସେଠାରୁ ସେ ସିଧା ୧୦କି.ମି ଗଲା , ପୁଣି ବାମକୁ ବୁଲି ୧୦ କି.ମି. ଯାଇ ଦକ୍ଷିଣକୁ ବୁଲି ୫କି.ମି ଗଲା । ପୁନଶ୍ଚ ବାମ ଦିଗକୁ ବୁଲି ୧୫କି.ମି ଯାଇ ଏକ ପାର୍କରେ ପହଞ୍ଚିଲା । ସେ ଏବେ କେଉଁ ଦିଗକୁ ମୁହଁ କରିଅଛି ?
(କ) ପୂର୍ବ (ଖ) ପଶ୍ଚିମ (ଗ)ଉତ୍ତର (ଘ) ଦକ୍ଷିଣ

୫. ଏକ ନିର୍ଦ୍ଦିଷ୍ଟ କୋଡ଼ରେ MISTAKE କୁ ୪୩୫୬୧୨୭ ବୋଲି ଲେଖିଲେ STEAM କୁ କିପରି ଲେଖାଯାଇପାରିବ ?
(କ) ୫୦୭୧୩(ଖ) ୫୬୭୧୪(ଗ) ୫୬୭୪୧(ଘ) ୫୬୭୧୪

୬. ଗୋଟିଏ ଦୋକାନୀ ୧୨ଟି ବେଲୁନକୁ ୧୦ଟଙ୍କାରେ କ୍ରୟ କଲା । ଏହାକୁ ସେ ୧୦ଟାକୁ ୧୨ଟଙ୍କାରେ ବିକିଲେ, କେତେ ଶତକଡା ଲାଭ ହେବ ?
(କ) ୩୫% (ଖ)୩୬% (ଗ)୪୪% (ଘ)୫୦%

୭. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଅର୍ଥପୂର୍ଣ୍ଣ ଭାବରେ ସଜାଡ଼ି ଲେଖ ।
(a) ବର୍ଷା (b) ମୌସୁମୀ (c) ଉଦ୍ଧାର (d) ବନ୍ୟା (e) ଆଶ୍ରୟ(f) ରିଲିଫ୍
(କ) a b d e c f (ଖ) a b d e f
(ଗ) b a d c e f (ଘ) dabcfe

୮. କେଉଁଟି ଅଲଗା ଅଟେ ?
ମହାନଦୀ , କାବେରୀ , ନର୍ମଦା , କ୍ରିଷ୍ଣା
(କ)ମହାନଦୀ (ଖ) କାବେରୀ (ଗ) ନର୍ମଦା (ଘ) କ୍ରିଷ୍ଣା

୯. ଗୋଟିଏ ଧାଡ଼ିରେ କିଛି ଝିଅମାନେ ଠିଆ ହୋଇଥିଲେ । ବାମରୁ ୮ମ ସ୍ଥାନରେ ଶିଳ୍ପା ଏବଂ ଡ଼ାହାଣକୁ ୧୧ତମ ସ୍ଥାନରେ ରୀନା ଠିଆ ହୋଇଥିଲା । ଯଦି ଉଭୟଙ୍କର ସ୍ଥାନ ପରସ୍ପର ମଧ୍ୟରେ ପରିବର୍ତ୍ତନ କରାଯାଏ ତେବେ ଶିଳ୍ପାର ସ୍ଥାନ ବାମରୁ ୧୪ତମ ହେବ । ତେବେ ଧାଡ଼ିଟିରେ କେତୋଟି ପିଲା ଥିଲେ ?
(କ)୨୫ (ଖ)୨୭ (ଗ)୨୯ (ଘ) କୌଣସିଟି ନୁହେଁ

୧୦.କୈଳାସ ମନେପକାଇ କୁହେ ତା'ଭାଇ ଦୀପକର ଜନ୍ମଦିନ ୨୦ମଇରୁ ୨୮ ମଇ ଭିତରେ , କିନ୍ତୁ ଗୀତା କୁହେ ଦୀପକର ଜନ୍ମଦିନ ୨୨ମେ ପୂର୍ବରୁ ଏବଂ ୧୨ ମେ ପରେ । ତେବେ ଦୀପକର ଜନ୍ମଦିନ କେବେ ପଡ଼ିବ ?
(କ)୨୦ମେ (ଖ)୨୧ ମେ (ଗ)୨୨ ମେ(ଘ) କୌଣସିଟି ନୁହେଁ

**ଉତ୍ତର**

୧.(ଗ) ୧୮୬୬ ,୨.(କ) ୧୮୦୩ , ୩.(ଘ) ଜଗତ୍‌ସିଂହପୁର, ୪.(ଗ) ଆଷାଢ଼ ମାସ, ୫.(ଖ) ୨୪, ୬.(ଗ)ଗଞ୍ଜାମ ,୭.(ଖ)୪୯ ଗୋଟି, ୮.(ଘ)ଲକ୍ଷ୍ମୀକାନ୍ତ ମହାପାତ୍ର, ୯.(କ)୧୯୦୩,୧୦. (ଖ) ଶେଷ ଶ୍ରାବଣ

୧.(ଘ)୨୦, ୨.(କ)୬୦, ୩.(ଖ)୩୩, ୪.(କ) ପୂର୍ବ, ୫.(ଘ)୫୬୭୧୪, ୬.(ଗ)୪୪%, ୭.(ଗ) b a d c e f, ୮.(ଗ)ନର୍ମଦା, ୯.(ଘ) କୌଣସିଟି ନୁହେଁ, ୧୦.(ଖ)୨୧ ମେ

## (୧୧) ଇତିହାସ

୧. ଇତିହାସର ଜନକ କିଏ ?

(କ) ହେରୋଡ଼ୋଟସ୍ (ଖ) ଥୋସିଡ଼ାଇଡ଼େସ୍

(ଗ) ଆରିଷ୍ଟୋଟଲ୍ (ଘ) ପୋଲିବିୟସ୍

୨. ସମଗ୍ର ଇତିହାସକୁ ଚିନ୍ତନର ଇତିହାସ ବୋଲି କିଏ କହିଥିଲେ ?

(କ) ଆର ଜି କ୍ଲିଙ୍ଗଉଡ୍ (ଖ) କାର୍ଲମାକ୍ସ

(ଗ) ହିଗେଲ୍ (ଘ) ପୋଲିବିୟସ୍

୩. କେଉଁ ମଣିଷ (ମାନବ) କୁ ପ୍ରଥମ ମାନବ ରୂପେ ଧରାଯାଇଥାଏ ?

(କ) ଅଷ୍ଟ୍ରାଲୋପୀଥେକସ୍ (ଖ) ବାନର୍

(ଗ) ହୋମୋଇରେକ୍ଟସ୍ (ଘ) ହୋମୋସାପିଏନ୍ସ୍

୪. ମଙ୍ଗୋଲୀୟ ମାନେ କେଉଁ ବର୍ଣ୍ଣର ?

(କ) କୃଷ୍ଣ (ଖ) ହଳଦିଆ (ଗ) ଶ୍ୱେତ (ଘ) ଲୋହିତ

୫. କେନିଆର କେଉଁ ଅର୍ଥଳରୁ ପ୍ରଚୁର ପରିମାଣରେ କପୁରୀ ମିଳୁଛି ?

(କ) ଟାଙ୍ଗାନୀକା (ଖ) ସ୍କୋନିଙ୍ଗେନ୍

(ଗ) କିଲୋମ୍ବେ (ଘ) ଉପୋରକ୍ତ ସମସ୍ତ

୬. କାହାକୁ ପିରାମିଡ୍‌ର ଦେଶ କୁହାଯାଏ ?

(କ) ଚୀନ୍ (ଖ) ମିଶର୍

(ଗ) ସୁମେରୁ (ଘ) ବାବିଲୋନ୍

୭. କେଉଁମାନେ ପ୍ରଥମେ ଚା' ଉଦ୍ଭାବନ କରିଥିଲେ ?

(କ) ଚୀନମାନେ (ଖ) ମିଶରୀୟମାନେ

(ଗ) ଗ୍ରୀକ୍ ମାନେ (ଘ) ରୋମୀୟମାନେ

୮. ମହମ୍ମଦ କେଉଁ ଧର୍ମ ପ୍ରଚାର କରିଥିଲେ ?

(କ) ଖ୍ରୀଷ୍ଟଧର୍ମ (ଖ) ଇହୁଦୀ ଧର୍ମ

(ଗ) ଇସ୍‌ଲାମ୍‌ଧର୍ମ (ଘ) ଜୋରାଷ୍ଟ୍ରିୟ ଧର୍ମ

୯. 'ମରଚେଣ୍ଟ ଅଫ୍ ଭେନିସ୍' ର ରଚୟିତା କିଏ ?

(କ) ସେକ୍ସପିଅର୍ (ଖ) ମାକିଆଭେଲି

(ଗ) ଦାନ୍ତେ (ଘ) ମିଲ୍‌ଟନ୍

୧୦. କଲମ୍ବସ୍ କେବେ ଆମେରିକା ଆବିଷ୍କାର କରିଥିଲେ ?

(କ)୧୪୯୧ (ଖ) ୧୪୯୨

(ଗ)୧୫୧୬ (ଘ) ୧୫୮୪

## (୧୧) ଭୂଗୋଳ

୧. ପୂର୍ବଘାଟ ପର୍ବତମାଳାର ଉଚ୍ଚତମ ଶୃଙ୍ଗର ନାମ କ'ଣ ?

(କ) ଦୋଦାବେଟ୍ଟା (ଖ) ଆନ୍ନାଇମୁଡି (ଗ) ଦେଓମାଳୀ (ଘ) ମେଘାସନ

୨. ଯୁକ୍ତରାଷ୍ଟ୍ର ଆମେରିକାର ବିଶ୍ୱ ପ୍ରସିଦ୍ଧ ହୁଭର୍ ଡ୍ୟାମ୍ କେଉଁ ନଦୀ ଉପରେ ନିର୍ମିତ ହୋଇଛି ?

(କ) କଲୋରାଡୋ (ଖ) ମିସିସିପି (ଗ) ରିଓ ଗ୍ରାଣ୍ଡ (ଘ) ପେକୋସ୍

୩. ମଧ୍ୟପ୍ରଦେଶରୁ ଉତ୍ପତ୍ତି ଲାଭ କରିଥିବା ସୋଣ୍ ନଦୀ କେଉଁ ନଦୀର ଉପନଦୀ ଅଟେ ?

(କ) ଗୋଦାବରୀ (ଖ) ନର୍ମଦା (ଗ) ଗଙ୍ଗା (ଘ) ତାପ୍ତୀ

୪. ୟୁରୋପ ମହାଦେଶର ଉଚ୍ଚତମ ପର୍ବତ ଶୃଙ୍ଗର ନାମ କ'ଣ ?

(କ) ରଷ୍ଟିଭେଲି (ଖ) ଡାଇଖ୍-ତାଉ (ଗ) ଏଲ୍‌ବ୍ରୁସ୍ (ଘ) ମଁ ବ୍ଲାଁ

୫. କେରଳ ଓ ପଶ୍ଚିମଘାଟ ପର୍ବତମାଳାର ଦକ୍ଷିଣ ଭାଗରେ ହେଉଥିବା ସ୍ଥାନାନ୍ତରିତ କୃଷିକୁ କଣ କୁହାଯାଏ ?

(କ) ରୋକା (ଖ) ଝୁମ୍ (ଗ) କୁମୁରୀ (ଘ) ରେହ୍

୬. ଅଷ୍ଟ୍ରେଲିଆର ରାଜଧାନୀର ନାମ କ'ଣ ?

(କ) ମେଲ୍‌ବୋର୍ଣ୍ଣ (ଖ) ସିଡ୍‌ନୀ (ଗ) ବ୍ରିସ୍‌ବେନ୍ (ଘ) କାନ୍‌ବେରା

୭. ସାରାୟେଭୋ ନଗରୀଟି କେଉଁ ଦେଶର ରାଜଧାନୀ ଅଟେ ?

(କ) ଚେକ୍ ରିପବ୍ଲିକ୍ (ଖ) ବୋସନିଆ-ହେର୍ଜଗୋଭିନା

(ଗ) ସ୍ଲୋଭେନିୟା (ଘ) କ୍ରୋଏସିଆ

୮. ବିଶ୍ୱର ବୃହତ୍ତମ ହ୍ରଦର ନାମ କ'ଣ ?

(କ) କାସ୍ପିଆନ୍ ସାଗର (ଖ) ଆରାଲ୍ ସାଗର

(ଗ) ବୈକାଲ୍ ହ୍ରଦ (ଘ) ସୁପେରିୟର ହ୍ରଦ

୯. ଏବେ ଯୁକ୍ତରାଷ୍ଟ୍ର ଆମେରିକାର ମୋଟ ରାଜ୍ୟ ସଂଖ୍ୟା କେତେ ଅଛି ?

(କ) ୪୮ (ଖ) ୪୯ (ଗ) ୫୦ (ଘ) ୫୧

୧୦. ପୃଥିବୀର ବୃହତ୍ତମ ସାଗରର ନାମ କ'ଣ ?

(କ) ଭୂମଧ୍ୟ ସାଗର (ଖ) ଦକ୍ଷିଣ ଚୀନ୍ ସାଗର

(ଗ) ଆରବ ସାଗର (ଘ) ଓଖଟସ୍କ ସାଗର

**ଉତ୍ତର**

୧.(କ)ହେରୋଡ଼ୋଟସ୍, ୨.(କ)ଆର ଜିକଲିଙ୍ଗଉଡ, ୩.(କ)ଅଷ୍ଟ୍ରାଲୋପୀଥେକସ୍, ୪.(ଖ)ହଳଦିଆ, ୫.(ଗ)କିଲୋମ୍ବେ, ୬.(ଖ) ମିଶର୍ ୭.(କ)ଚୀନମାନେ, ୮.(ଗ)ଇସ୍‌ଲାମ୍‌ଧର୍ମ, ୯.ମିଲ୍‌ଟନ୍, ୧୦.(ଖ)୧୪୯୨

୧.(ଗ) ଦେଓମାଳୀ, ୨.(କ) କଲୋରାଡୋ, ୩.(ଗ) ଗଙ୍ଗା, ୪.(ଗ) ଏଲ୍‌ବ୍ରୁସ୍ , ୫.(ଗ) କୁମୁରୀ, ୬.(ଘ) କାନ୍‌ବେରା, ୭.(ଖ) ବୋସନିଆ-ହେର୍ଜଗୋଭିନା, ୮. (କ) କାସ୍ପିଆନ୍ ସାଗର, ୯.(ଗ) ୫୦, ୧୦. (ଖ) ଦକ୍ଷିଣ ଚୀନ୍ ସାଗର ।

## (୧୩) ଅର୍ଥନୀତି

୧. କେଉଁଟି ଜାତୀୟ ଆୟର ଅନ୍ତର୍ଭୁକ୍ତ ନୁହେଁ ?

(କ) କର୍ମଚାରୀଙ୍କ କ୍ଷତିପୂରଣ (ଖ) କର୍ମଚାରୀଙ୍କ ଉଦ୍‌ବୃତ୍ତ

(ଗ) ଅନ୍ତରୀଣ ଆୟ (ଘ) ମିଶ୍ରିତ ଆୟ

୨. ଓଡ଼ିଶା ସରକାରଙ୍କ କୋଇଲାରୁ ମିଳୁଥିବା ରାଜଭାଗ ହେଲା -

(K) _ĝû ^K eûRÊ (L) aûYòRýK eûRÊ

(M) Ke (N) i cêÁ Ke

3. ùKCúbò Ke @U?

(K) @aKûeú gêÊ (L) f ûAùi i ¨` ò¨

(M) ùRêeòû û (N) ÊZª ^òpêeY

4. ^òÜbZ c¤eêùKCúbò@YPêò_ûCYû?

(K) @û gh (L) cRêò

(M) i ]ê (N) f ûb

5. C_ùbûMg±e @ðK'Y?

(K) C_ù~ûMZûgqò (L) C_ù~ûMZû] ß

(M) C_KêeZûf ûb (N) C_ùeûq i cÉ

6. Wûeu PKòûùKCñ_Kêe C_ù~ûMZûe C\ ûeY?

(K) @ûK (L)ùi aûMZ

(M) i ÚûMZ (N)C_ùeûq i cÉ

7. @ðgûÈùe Pûbòê @ðK'Y?

(K) C_ùbûqû@ûg¥K Keêâû_eòY

(L) aRêùe C_f ² _eòY

(M) \ e _âû Keàû_ûAñ ¹ZòZ[ ûi ûc[ ¥~ê Azû

(N) _ZÂû \ êûC_ûZ _eòY

8. ùKCúbò µ\ e ùagÁ¥^êj ?

(K) C_ù~ûMZû (L) C_KêeZû

(M) ÊzZû (N) aKâ ù~ûM¥Zû

9. ùKCúbò@¥cû u Vêê_[K?

(K) @ûgh (L) cRêò

(M)i ]ê (N) \ e

10.ùKCúbò_êàZûK Pêà¡ ^êj ?

(K) f ûb (L) cRêò

(M) i ]ê (N) @ûgh

## (୧୪) କ୍ରୀଡା

୧. ଭାରତର ଉଦୀୟମାନ କ୍ରିକେଟ ତାରକା କରୁଣ ନାୟାର ଇଂଲାଣ୍ଡ ବିପକ୍ଷରେ କେଉଁଠାରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚରେ ତ୍ରିଶତକ ହାସଲ କରିଛନ୍ତି ?

(କ) ମୁମ୍ବାଇ (ଖ) ଚେନ୍ନାଇ (ଗ) ରାଜକୋଟ୍ (ଘ) ବାଙ୍ଗାଲୁରୁ

୨. ଟେଷ୍ଟ କ୍ରିକେଟରେ ଭାରତ ପାଇଁ ପ୍ରଥମ ତ୍ରିଶତକ ସ୍କୋର କରିଥିବା ବୀରେନ୍ଦ୍ର ସେହ୍‌ୱାଗ୍ ଏହି କୃତିତ୍ୱ କେଉଁଠାରେ ହାସଲ କରିଥିଲେ ?

(କ) ଲାହୋର୍ (ଖ) କଲୋମ୍ବୋ (ଗ) ଚେନ୍ନାଇ (ଘ) ମୁଲ୍‌ତାନ୍

୩. ନିକଟରେ ଲକ୍ଷ୍ନୌଠାରେ ଖେଳାଯାଇଥିବା ଜୁନିଅର ହକି ବିଶ୍ୱକପ- ୨୦୧୬ରେ ବିଜୟୀ ହୋଇଥିବା ଭାରତୀୟ ଦଳର ଅଧିନାୟକ କିଏ ଥିଲେ ?

(କ) ହରଜୀତ୍ ସିଂହ (ଖ) ହରମନପ୍ରୀତ୍ ସିଂହ

(ଗ) ମନଜୀତ୍ ସିଂହ (ଘ) ଦୀପସାନ୍ ତିର୍କୀ

୪. ୨୦୧୬ର ଜୁନିଅର ବିଶ୍ୱକପ୍ ହକିର ଫାଇନାଲରେ ଭାରତ କାହାକୁ ହରାଇ ଚାମ୍ପିଆନ ହୋଇଛି ?

(କ) ଜର୍ମାନୀ (ଖ) ଅଷ୍ଟ୍ରେଲିଆ (ଗ) ବେଲଜିୟମ୍ (ଘ) ସ୍ପେନ୍

୫. ୨୦୧୬ ପୂର୍ବରୁ ଭାରତ ୨୦୦୧ର ଜୁନିଅର ବିଶ୍ୱକପ୍ ହକି ପ୍ରତିଯୋଗିତାରେ ଚାମ୍ପିଆନ ହୋଇଥିଲା । ଏହି ପ୍ରତିଯୋଗିତା କେଉଁଠାରେ ଖେଳାଯାଇଥିଲା ?

(କ) ସିଡ୍‌ନୀ (ଖ) ପର୍ଥ (ଗ) ମେଲବୋର୍ଣ୍ଣ (ଘ) ୱେଲିଙ୍ଗଟନ୍

୬. ୨୦୧୬ ମସିହା ସୁଦ୍ଧା ପ୍ରଫେସନାଲ୍ ବକ୍ସିଂରେ କ୍ରମାଗତ ଭାବେ ଆଠଟି ମୁକାବିଲା ଜିଣିଥିବା ଭାରତୀୟ ବକ୍ସରଙ୍କ ନାମ କ'ଣ ?

(କ) ଏମ. ସି. ମେରୀକମ୍ (ଖ) ବିକାଶକ୍ରିଷ୍ଣ ଯାଦବ

(ଗ) ବିଜେନ୍ଦର୍ ସିଂହ(ଘ) ଅଖିଳ କୁମାର

୭. ୨୦୧୬ର ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟବଲରେ ଚାମ୍ପିଆନ ହୋଇଥିବା ଦଳର ନାମ କ'ଣ ?

(କ) କେରଲା ବ୍ଲାଷ୍ଟର୍ସ (ଖ) ଆଥଲେଟିକୋ ଡି କୋଲକାତା

(ଗ) ଦିଲ୍ଲୀ ଡାଇନେମୋଜ୍ (ଘ) ଚେନ୍ନାଇୟାନ ଏଫ. ସି.

୮. ବର୍ଷ-୨୦୧୬ର ସର୍ବଶ୍ରେଷ୍ଠ ଫୁଟବଲ ତାରକା ଭାବେ ବେଲୁନ୍ ଡି'ଓର୍ ପୁରସ୍କାର କାହାକୁ ମିଳିଛି ?

(କ) ଲିଓନେଲ୍ ମେସି (ଖ) କ୍ରିଷ୍ଟିଆନୋ ରୋନାଲ୍‌ଡୋ

(ଗ) ଗାରେଥ୍ ବେଲ୍ (ଘ) ନେୟମାର୍ ଜୁନିଅର୍

୯. ବର୍ଷ-୨୦୧୬ ପାଇଁ ଭାରତର ସର୍ବଶ୍ରେଷ୍ଠ ଫୁଟବଲର୍ ବିବେଚିତ ହୋଇଥିବା ତାରକାଙ୍କ ନାମ କ'ଣ ?

(କ) ଜେଜେ ଲାଲ୍‌ପେଖ୍‌ଲୁଆ (ଖ) ସୁନୀଲ ଛେତ୍ରୀ

(ଗ) ଲାଲ୍‌ରିନ୍ଦ୍ରିକା ରାଲ୍‌ତେ (ଘ) ଅର୍ଣ୍ଣବ ମଣ୍ଡଲ୍

୧୦. ବର୍ଷ- ୨୦୧୬ ପାଇଁ ଭାରତର ସର୍ବଶ୍ରେଷ୍ଠ ମହିଳା ଫୁଟବଲର ପୁରସ୍କାର ଲାଭ କରିଥିବା ଓଡ଼ିଆ ତାରକାଙ୍କ ନାମ କ'ଣ ?

(କ) ପିଙ୍କି ବୋମ୍‌ପାଲ୍ (ଖ) ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

(ଗ) ଲୋଚନା ମୁଣ୍ଡା (ଘ) ସସ୍ମିତା ମଲିକ

### ଉତ୍ତର

୧.(ଗ) ଅନ୍ତରଣ ଆୟ, ୨.(ଖ) ବାଣିଜ୍ୟିକ ରାଜସ୍ୱ, ୩.(କ)ଅବକାରୀ ଶୁଳ୍କ, ୪.(ଘ) ଲାଭ, ୫.(ଖ) ଉପଯୋଗିତା ଧ୍ୱସ, ୬.(ଖ)ସେବାଗତ, ୭.(ଗ)ଦର ପ୍ରଦାନ କରିବା ପାଇଁ ସମ୍ମତି ତଥା ସାମର୍ଥ୍ୟ ଯୁକ୍ତ ଇଚ୍ଛା,୮.(କ)ଉପଯୋଗିତା,୯.(ଘ) ଦର,୧୦.(କ) ଲାଭ

୧.(ଖ) ଚେନ୍ନାଇ, ୨.(ଘ) ମୁଲ୍‌ତାନ୍ ,୩.(କ) ହରଜୀତ୍ ସିଂହ,୪.(ଗ) ବେଲଜିୟମ୍, ୫.(ଖ)ପର୍ଥ,୬.(ଗ) ବିଜେନ୍ଦର୍ ସିଂହ, ୭.(ଖ) ଆଥଲେଟିକୋ ଡି କୋଲକାତା, ୮.(ଖ) କ୍ରିଷ୍ଟିଆନୋ ରୋନାଲ୍‌ଡୋ, ୯.(କ)ଜେଜେ ଲାଲ୍‌ପେଖ୍‌ଲୁଆ, ୧୦(ଘ)ସସ୍ମିତା ମଲିକ୍

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. ବର୍ଷ-୨୦୧୬ ପାଇଁ ଭାରତର ସର୍ବୋଚ୍ଚ ସାହିତ୍ୟିକ ସମ୍ମାନ ଜ୍ଞାନପୀଠ ପୁରସ୍କାର ଲାଭ କରିଥିବା ବଙ୍ଗଳା ଭାଷାର କବିଙ୍କ ନାମ କ'ଣ ?
(କ) ନୀରେନ୍ଦ୍ରନାଥ ଚକ୍ରବର୍ତ୍ତୀ (ଖ) ଶଙ୍ଖ ଘୋଷ
(ଗ) ପଙ୍କଜ ସାହା (ଘ) ସୁନୀଲ ଗଙ୍ଗୋପାଧ୍ୟାୟ

୨. ବର୍ଷ ୨୦୧୬ ପାଇଁ ସମ୍ମାନଜନକ ମୂର୍ତ୍ତିଦେବୀ ପୁରସ୍କାର ଲାଭ କରିଥିବା ବୀରେନ୍ଦ୍ର କୁମାର କେଉଁ ଭାଷାର ଜଣେ ପ୍ରସିଦ୍ଧ ଲେଖକ ?
(କ) ଅହମୀୟା (ଖ) ମରାଠୀ (ଗ) କନ୍ନଡ଼ (ଘ) ମାଲୟାଲମ

୩. ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର କେଉଁ ମସିହାଠାରୁ ଦିଆଯାଇ ଆସୁଅଛି ?
(କ) ୧୯୬୨ (ଖ) ୧୯୬୩ (ଗ) ୧୯୬୪ (ଘ) ୧୯୬୫

୪. ଜ୍ଞାନପୀଠ ପୁରସ୍କାର ଲାଭ କରିଥିବା ପ୍ରଥମ ଓଡ଼ିଆ ସାହିତ୍ୟିକଙ୍କ ନାମ କ'ଣ ?
(କ) ଗୋପୀନାଥ ମହାନ୍ତି (ଖ) ନିତ୍ୟାନନ୍ଦ ମହାପାତ୍ର
(ଗ) ସଚ୍ଚି ରାଉତରାୟ (ଘ) ସୁରେନ୍ଦ୍ର ମହାନ୍ତି

୫. ଗୁରୁ ଗୋବିନ୍ଦ ସିଂହ ଶିଖ୍ ଧର୍ମର କେତେତମ ଧର୍ମଗୁରୁ ଥିଲେ ?
(କ) ସପ୍ତମ (ଖ) ଅଷ୍ଟମ (ଗ) ନବମ (ଘ) ଦଶମ

୬. ୨୨ ଡିସେମ୍ବର ୧୬୬୬ରେ ଗୁରୁ ଗୋବିନ୍ଦ ସିଂହଙ୍କ ଜନ୍ମ କେଉଁଠାରେ ହୋଇଥିଲା ?
(କ) ଅମୃତସର (ଖ) କୋଲକାତା (ଗ) ପାଟନା (ଘ) ଲାହୋର

୭. ବୌଦ୍ଧ ଧର୍ମର ପ୍ରବର୍ତ୍ତକ ଗୌତମ ବୁଦ୍ଧ ସର୍ବପ୍ରଥମେ କେଉଁଠାରେ ନିଜର ବାଣୀ ପ୍ରଚାର କରିଥିଲେ ?
(କ) ସାରନାଥ (ଖ) ବୋଧଗୟା (ଗ) ସାଞ୍ଚି (ଘ) ବାରାଣସୀ

୮. ଭାରତର ଜାତୀୟ ପ୍ରତୀକ 'ଅଶୋକ ସ୍ତମ୍ଭ'ର ଡିଜାଇନ୍ ପ୍ରସ୍ତୁତ କରିଥିବା ଚିତ୍ରକରଙ୍କ ନାମ କ'ଣ ?
(କ) ନନ୍ଦଲାଲ ଘୋଷ (ଖ) ଦୀନନାଥ ଭାର୍ଗବ
(ଗ) ଅମୃତା ଶେର ଗିଲ୍ (ଘ) ରବୀନ୍ଦ୍ରନାଥ ଟାଗୋର

୯. କେଉଁ ଦିନ କଟକଠାରେ 'ଅଲ୍ ଇଣ୍ଡିଆ ରେଡିଓ'ର କେନ୍ଦ୍ର ସ୍ଥାପିତ ହୋଇଥିଲା ?
(କ) ୨୮ ଡିସେମ୍ବର ୧୯୪୭ (ଖ) ୮ ଜାନୁଆରୀ ୧୯୪୮
(ଗ) ୨୮ ଜାନୁଆରୀ ୧୯୪୮ (ଘ) ୧୮ଫେବ୍ରୁଆରୀ ୧୯୪୮

୧୦. ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରଦାନ କରାଯାଉଥିବା ଆମ ରାଜ୍ୟର ସର୍ବୋଚ୍ଚ ପୁରସ୍କାରର ନାମ କ'ଣ ?
(କ) ଜୟଦେବ ପୁରସ୍କାର (ଖ) ମୋହନସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର
(ଗ) ରାଜ୍ୟପାଳ ପୁରସ୍କାର (ଘ) ସାରଳା ପୁରସ୍କାର

## (୧୬) ବାଣିଜ୍ୟ

୧. କେଉଁ ବ୍ୟାଙ୍କ 'ଆଧାର ପେ' ଆରମ୍ଭ କରିଛି ?
(କ) ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଖ) ଆଇ.ଡ଼ି.ଏଫ୍.ସି
(ଗ) ଆଇ.ସି.ଆଇ.ସି.ଆଇ (ଘ) ଏଚ୍.ଡ଼ି.ଏଫ୍.ସି

୨. 'ଡ଼ିଜିଟାଲ୍ ସେଫ୍ କନ୍‌ଜୁମର୍' କ୍ୟାମ୍ପେନ୍ କେଉଁ ନେଟ୍ ସଂସ୍ଥା ଆରମ୍ଭ ହୋଇଛି ?
(କ) ଫେସ୍‌ବୁକ୍ (ଖ) ଟ୍ୱିଟର୍
(ଗ) ମାଇକ୍ରୋସଫ୍ଟ (ଘ) ଗୁଗୁଲ୍

୩. କାହା ମାଧ୍ୟମରେ 'ଡ଼ିଜିଧନ ବ୍ୟାପାର ଯୋଜନା' ବେପାରୀମାନେ କରି ପାରିବେ ?
(କ) ଅନ୍‌ଷ୍ଟ୍ରକ୍‌ଚରଡ଼୍ ସପ୍ଲିମେଣ୍ଟାରୀ ସରଭିସ୍ ଡ଼ାଟା
(ଖ) ଅଧାରଏନ୍ନାବଲଡ଼୍ ପେମେଣ୍ଟ ସିଷ୍ଟମ୍
(ଗ) ୟୁନିଫାଏଡ଼୍ ପେମେଣ୍ଟ ଇଣ୍ଟରଫେସ୍
(ଘ) ଉପୋରକ୍ତ ସମସ୍ତ

୪. 'ଇଜି ପେ' ମୋବାଇଲ୍ ବେସ୍‌ଡ଼୍ ଆପ୍‌ଲିକେସନ୍ କେଉଁ ବ୍ୟାଙ୍କ ଆରମ୍ଭ କରିଛି ?
(କ) ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଖ) ଆଇସିଆଇସି ବ୍ୟାଙ୍କ
(ଗ) ଏଚ୍.ଡ଼ି.ଏଫ୍.ସି ବ୍ୟାଙ୍କ (ଘ) ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ

୫. ଭାରତରେ ପ୍ରଥମ କ୍ୟାସ୍‌ଲେସ୍ ବଜାର କେଉଁ ରାଜ୍ୟରେ ଆରମ୍ଭ ହୋଇଛି
(କ) ଛତିଶଗଡ଼ (ଖ) ମଧ୍ୟପ୍ରଦେଶ
(ଗ) ଗୁଜୁରାଟ (ଘ) ଉତ୍ତରପ୍ରଦେଶ

୬. କେତେ ଟଙ୍କାର ଡ଼ିଜିଟାଲ୍ ଟ୍ରାନ୍‌ଜାକ୍‌ସନ୍ ପାଇଁ ସରଭିସ୍ ଟ୍ୟାକ୍ସ ଲାଗିବନି ?
(କ) ୧୦୦୦ (ଖ)୨୦୦୦
(ଗ) ୩୦୦୦ (ଘ)୪୦୦୦

୭. ଜାତୀୟ ରାଜପଥରେ ଟୋଲ୍‌ଟ୍ୟାକ୍ସ ପେମେଣ୍ଟରେ କେତେ ଶତକଡ଼ା ରିହାତି ମିଳିବ ?
(କ)୫% (ଖ)୧୦%
(ଗ)୧୫% (ଘ)୨୦%

୮. ଯେଉଁମାନେ ଅନ୍‌ଲାଇନ୍ ରେଳ ଟିକେଟ୍ କରିବେ ସେମାନେ କେତେ ଟଙ୍କା ପର୍ଯ୍ୟନ୍ତ ମୁକ୍ତ ଜୀବନବୀମା ସୁବିଧା ପାଇବେ ?
(କ)୫ଲକ୍ଷ (ଖ) ୧୦ଲକ୍ଷ
(ଗ)୧୫ଲକ୍ଷ (ଘ) ୨୦ଲକ୍ଷ

୯. ରାଜ୍ୟ ସରକାରଙ୍କ ନିୟନ୍ତ୍ରିତ ପେଟ୍ରୋଲ ପମ୍ପରେ ଡ଼ିଜିଟାଲ୍ ପେମେଣ୍ଟରେ କେତେ ଶତକଡ଼ା ରିହାତି ପେଟ୍ରୋଲ ଏବଂ ଡ଼ିଜେଲ୍ ମିଳିବ ?
(କ)୦.୫% (ଖ)୦.୬%
(ଗ)୦.୭୫% (ଘ) ୦.୮୫%

୧୦.ଏସିଆନ୍ ଡ଼େଭଲପମେଣ୍ଟ ଆଉଟ୍‌ଲୁକ୍ ୨୦୧୬ ଅନୁସାରେ ଆଗାମୀ ୨୦୧୭ ପାଇଁ ଅର୍ଥନୈତିକ ଅଭିବୃଦ୍ଧି ହାର କେତେ ହେବ ?
(କ) ୭.୪% (ଖ) ୭.୨% (ଗ) ୬.୯% (ଘ) ୭.୦%

**ଉତ୍ତର**

୧.(ଖ) ଶଙ୍ଖ ଘୋଷ, ୨.(ଘ) ମାଲୟାଲମ, ୩.(ଘ) ୧୯୬୫, ୪.(କ) ଗୋପୀନାଥ ମହାନ୍ତି, ୫.(ଘ) ଦଶମ, ୬.(ଗ) ପାଟନା , ୭. (କ) ସାରନାଥ, ୮.(ଖ) ଦୀନନାଥ ଭାର୍ଗବ, ୯.(ଗ) ୨୮ ଜାନୁଆରୀ ୧୯୪୮, ୧୦.(କ) ଜୟଦେବ ପୁରସ୍କାର

୧.(ଖ)ଆଇ.ଡ଼ି.ଏଫ୍.ସି ,୨.(ଘ) ଗୁଗୁଲ୍, ୩.(ଘ)ଉପୋରକ୍ତ ସମସ୍ତ, ୪.(ଖ) ଆଇସିଆଇସି ବ୍ୟାଙ୍କ, ୫.(କ)ଛତିଶଗଡ଼, ୬.(ଖ)୨୦୦୦, ୭.(ଖ)୧୦%,୮.(ଖ)୧୦ଲକ୍ଷ,୯.(ଗ)୦.୭୫%,୧୦. (ଘ) ୭.୦%

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ସଂସଦର ଅଧିବେସନ ବସି ନଥିଲାବେଳେ କିଏ ଅଧାଦେଶ ବଳରେ ଅସ୍ଥାୟୀ ଆଇନ ସୃଷ୍ଟି କରନ୍ତି ?
(କ) ରାଷ୍ଟ୍ରପତି (ଖ) ଉପ-ରାଷ୍ଟ୍ରପତି
(ଗ) ପ୍ରଧାନମନ୍ତ୍ରୀ (ଘ) ବାଚସ୍ପତି

୨. ଭାରତ ସଂସଦ ଭବନର କ୍ଷେତ୍ରଫଳ ପ୍ରାୟ କେତେ ବର୍ଗ.ମି ?
(କ) ୨୩.୨୮୨ ବ.ମି (ଖ) ୨୪.୨୮୨ ବ.ମି
(ଗ) ୨୫.୨୮୨ ବ.ମି (ଘ) ୨୬.୨୮୨ ବ.ମି.

୩. ଲୋକସଭାର ପ୍ରତ୍ୟେକ ସଦସ୍ୟ କିଲୋମିଟର ପ୍ରତ କେତେ ଟଙ୍କା ଭ୍ରମଣ ଖର୍ଚ୍ଚ ପାଆନ୍ତି ?
(କ)୧୦ଟ. (ଖ)୧୨ଟ.
(ଗ)୧୬ଟ. (ଘ)୨୦ଟ.

୪. ରାଜ୍ୟସଭାର ପ୍ରତ୍ୟେକ ସଦସ୍ୟ ବାର୍ଷିକ କେତେ ଟଙ୍କାର ମାଗଣା ଟେଲିଫୋନ୍ କଲ୍ ସୁବିଧା ପାଆନ୍ତି ?
(କ) ୧ଲକ୍ଷ (ଖ) ୧ଲକ୍ଷ ୫୦ହଜାର
(ଘ) ୨ଲକ୍ଷ (ଘ) ୨ଲକ୍ଷ ୫୦ହଜାର

୫. ଭାରତରେ ଆଇନ ପ୍ରଣୟନ କରିବା କାହାର ମୌଳିକ କାର୍ଯ୍ୟ ?
(କ)ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ)ସଂସଦ (ଘ) ଉପରାଷ୍ଟ୍ରପତି

୬. କାହା ଅନୁମୋଦନ ବିନା ସରକାରୀ ରାଜକୋଷରୁ କୌଣସି ଅର୍ଥ ବ୍ୟୟ ହୋଇପାରିବ ନାହିଁ ?
(କ)ରାଷ୍ଟ୍ରପତି (ଖ) ଉପ-ରାଷ୍ଟ୍ରପତି
(ଗ)ପ୍ରଧାନମନ୍ତ୍ରୀ (ଘ) ସଂସଦ

୭. ସରକାରୀ ବିଧେୟକ ଆଗତ କରିବାକୁ ଗୃହର ଅନୁମତି ପାଇଁ କେତେ ଦିନ ପୂର୍ବରୁ ବିଜ୍ଞପ୍ତି ଦେବାକୁ ହୁଏ ?
(କ) ୫ଦିନ (ଖ) ୭ଦିନ
(ଗ)୧୫ଦିନ (ଘ) ୧ମାସ

୮. କେଉଁ ମସିହାରେ ପଶ୍ଚିମବଙ୍ଗ ରାଜ୍ୟରୁ ବିଧାନ ପରିଷଦ ଉଚ୍ଛେଦ କରାଯାଇଥିଲା ?
(କ)୧୯୬୮ (ଖ)୧୯୬୯
(ଗ)୧୯୭୦ (ଘ)୧୯୭୧

୯. ବର୍ତ୍ତମାନ ଓଡ଼ିଶା ବିଧାନସଭାରେ କେତୋଟି ଆସନ ରହିଛି ?
(କ)୧୪୦ (ଖ)୧୪୫ (ଗ)୧୪୭ (ଘ) ୧୫୦

୧୦. ନିମ୍ନଲିଖିତ କେଉଁ ରାଜ୍ୟରେ ବିଧାନପରିଷଦ ଅଛି ?
(କ) ଆନ୍ଧ୍ରପ୍ରଦେଶ (ଖ) ଆସାମ (ଗ) ଓଡ଼ିଶା (ଘ) ଝାଡ଼ଖଣ୍ଡ

## (୧୮) କମ୍ପ୍ୟୁଟର୍ ଶିକ୍ଷା

୧.କମ୍ପ୍ୟୁଟରର ବ୍ରେନ ବୋଲି କାହାକୁ କୁହାଯାଏ ?
(କ) ଏ.ଲ୍. ୟୁ (ଖ) ମେମୋରୀ
(ଗ) ସି.ପି.ୟୁ (ଘ) କଣ୍ଟ୍ରୋଲ୍ ୟୁନିଟ୍

୨.କମ୍ପ୍ୟୁଟରର କେଉଁ ଦୁଇଟି ମୁଖ୍ୟ ମେମୋରୀ ଅଟେ ?
(କ) ପ୍ରାଇମେରୀ ଓ ସେକେଣ୍ଡାରୀ (ଖ) ରାନ୍‌ଡ଼ସ୍ ଏବଂ ସିକ୍ୱେନ୍‌ସିଆଲ୍
(ଗ)ରମ ଏବଂ ର୍‍ୟାମ (ଘ) ଉପରୋକ୍ତ ସମସ୍ତ

୩. ସି.ଡ଼ି.ଏମ୍ ଏକ କ'ଣ ଅଟେ ?
(କ) ସେମି କଣ୍ଡକ୍ଟର (ଖ) ମେମୋରୀ ରେଜିଷ୍ଟର୍
(ଗ) ର୍ମ୍ୟାଗ୍ନେଟିକ୍ ମେମୋରୀ (ଘ) ଉପୋରକ୍ତ କୌଣସିଟି ନୁହେଁ

୪. ଏକ ହାଇବ୍ରିଡ୍ କମ୍ପ୍ୟୁଟର୍ କାହା ପରି ?
(କ) ଡ଼ିଜିଟାଲ୍ କମ୍ପ୍ୟୁଟର୍ ପରି (ଖ) ଆନାଲଗ୍ କମ୍ପ୍ୟୁଟର୍ ପରି
(ଗ) ଡ଼ିଜିଟାଲ୍ ଏବଂ ଆଲାଲଗ୍ ପରି (ଘ) କୌଣସିଟି ନୁହେଁ

୫.ପ୍ରଥମ ଜେନେରେସନ୍ କମ୍ପ୍ୟୁଟରର୍ ମୂଖ୍ୟ ଉପାଦାନ କ'ଣ ?
(କ) ଟ୍ରାଜିଷ୍ଟର୍ (ଖ) ଭାକ୍ୟୁମ୍ ଟିୟୁବ୍‌ସ ଓ ଭଲ୍‌ବସ୍
(ଗ) ଇଣ୍ଟିଗ୍ରେଟେଡ୍ ସର୍କଟ (ଘ) ଉପୋରକ୍ତ ସମସ୍ତ

୬. ଦ୍ୱିତୀୟ ଜେନେରେସନ୍‌ର କମ୍ପ୍ୟୁଟର୍‌ର କେଉଁ ଆଇସି ବ୍ୟବହାର ହୁଏ ?
(କ) ଏସ୍.ଏସ୍.ଏସ୍. (ଖ)ଏମ୍ .ଏସ୍ .ଆଇ
(ଗ)ଏଲ୍.ଏସ୍.ଆଇ (ଘ)ଉଭୟ କ ଏବଂ ଖ

୭. ଏମାନଙ୍କ ମଧ୍ୟରୁ କେଉଁଟି ଇନ୍‌ପୁଟ୍ ଡ଼ିଭାଇସ୍ ଅଟେ ?
(କ) ଓସିଆର୍ (ଖ) ଅପଟିକାଲ ସ୍କାନର
(ଗ) ଭଏସ୍ ରିକଗନିସନ୍ ଡ଼ିଭାଇସ୍(ଘ) କମ୍ପ୍ୟୁଟର ଆଉଟପୁଟ ଟୁ ମାଇକ୍ରୋଫିଲ୍ମ

୮.ଭାକ୍ୟୁମ୍ ଟିୟୁବ୍ କେବେ ଉଦ୍‌ଭାବନ ହୋଇଥିଲା ?
(କ)୧୯୯୦ (ଖ) ୧୯୦୬
(ଗ)୧୯୧୦ (ଘ)୧୯୮୦

୯.୮୦୨୮୬ ମାଇକ୍ରୋପ୍ରୋସେସର୍ କମ୍ପ୍ୟୁଟର୍ ଗୁଡ଼ିକ କ'ଣ ଅଟେ ?
(କ)ଏକ୍‌ସଟି କମ୍ପ୍ୟୁଟର (ଖ)ଏ.ଟି କମ୍ପ୍ୟୁଟର୍
(ଗ)ର୍ପି.ଏସ୍.୨ କମ୍ପ୍ୟୁଟର (ଘ)କୌଣସିଟି ନୁହେଁ

୧୦.ଆଧୁନିକ କମ୍ପ୍ୟୁଟର ଅତ୍ୟନ୍ତ ବିଶ୍ୱସ୍ତ ମାତ୍ର ସେଗୁଡ଼ିକ ------ ?
(କ) ଫାଷ୍ଟ (ଖ) ପାୱାରଫୁଲ୍
(ଗ) ଇନ୍‌ଫାଲିବୁଲ୍ (ଘ) ଚିପ୍

**ଉତ୍ତର**

୧.(କ)ରାଷ୍ଟ୍ରପତି, ୨.(ଖ)୨୪.୨୮୨ ବ.ମି, ୩.(ଗ)୧୬ଟ., ୪.(ଖ) ୧ଲକ୍ଷ ୫୦ହଜାର, ୫.(ଗ)ସଂସଦ, ୬.(ଘ)ସଂସଦ, ୭.(ଖ)୭ଦିନ ,୮.(ଖ)୧୯୬୯,୯.(ଗ)୧୪୭,୧୦.(କ)ଆନ୍ଧ୍ରପ୍ରଦେଶ

୧. (ଗ)ସି.ପି.ୟୁ ,୨.(ଗ)ରମ ଏବଂ ର୍‍ୟାମ, ୩.(ଘ)ଉପୋରକ୍ତ କୌଣସିଟି ନୁହେଁ, ୪.(ଗ) ଡ଼ିଜିଟାଲ୍ ଏବଂ ଆଲାଲଗ୍ ପରି, ୫.ଭାକ୍ୟୁମ୍ ଟିୟୁବ୍‌ସ ଓ ଭଲ୍‌ବସ୍, ୬.(ଘ)ଉଭୟ କ ଏବଂ ଖ, ୭. (ଘ)କମ୍ପ୍ୟୁଟର ଆଉଟପୁଟ ଟୁ ମାଇକ୍ରୋଫିଲ୍ମ,୮.(ଖ)୧୯୦୬,୯.(ଖ)ଏ.ଟି କମ୍ପ୍ୟୁଟର୍,୧୦.(ଗ) ଇନ୍‌ଫାଲିବୁଲ୍

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. ସମସ୍ତ ଦୁଇଅଙ୍କ ବିଶିଷ୍ଟ ଧନାତ୍ମକ ପୂର୍ଣ୍ଣ ସଂଖ୍ୟାର ଯୋଗଫଳ କେତେ ?
(କ) ୪୯୫୦ (ଖ)୫୦୫୦
(ଗ) ୪୯୦୫ (ଘ) ୪୯୯୫

୨. ୧୦ଠାରୁ ଆରମ୍ଭ କରି ୧୦୦ ପର୍ଯ୍ୟନ୍ତ ସମସ୍ତ ଗଣନ ସଂଖ୍ୟାର ସମଷ୍ଟି କେତେ
(କ) ୫୦୫୦ (ଖ) ୫୦୬୦
(ଗ) ୫୦୪୦ (ଘ) ୫୦୫୫

୩. ପ୍ରଦତ୍ତ ସଂଖ୍ୟା ୩,୫,୫,୭,୭,୭,୯,୯,୯, ମାନଙ୍କ ମଧ୍ୟରୁ ସେମାନଙ୍କର ହାରାହାରି ସଂଖ୍ୟା ପାଇବାର ସମ୍ଭାବ୍ୟତା କେତେ ?
(କ) ୧/୧୦ (ଖ) ୭/୧୦
(ଗ) ୩/୧୦ (ଘ) ୯/୧୦

୪. ଯଦି ଏକ ତଥ୍ୟାବଳୀର ଗରିଷ୍ଠକ ୪୫ ଓ ମାଧ୍ୟମାନ ୨୭ ହୁଏ ତେବେ ମଧ୍ୟମା କେତେ ?
(କ) ୩୩ (ଖ) ୩୦ (ଗ) ୩୧ (ଘ) ୨୮

୫. ପ୍ରଥମ ୩୦ଟି ଗଣନ ସଂଖ୍ୟାର ମଧ୍ୟମା କେତେ ?
(କ) ୧୫ (ଖ) ୧୬
(ଗ) ୧୫.୫ (ଘ) ୧୬.୫

୬. ଦୁଇଟି ସମବାହୁ ତ୍ରିଭୁଜର କ୍ଷେତ୍ରଫଳର ଅନୁପାତ ୧୬:୨୫, ସେହି ତ୍ରିଭୁଜଦ୍ୱୟର ଅନୁରୂପ ବାହୁଦ୍ୱୟର ଦୈର୍ଘ୍ୟର ଅନୁପାତ କେତେ ?
(କ) ୩:୪ (ଖ) ୪:୫
(ଗ) ୫:୪ (ଘ) ୪:୩

୭. ଗୋଟିଏ ସମକୋଣୀ ତ୍ରିଭୁଜର କର୍ଣ୍ଣର ମଧ୍ୟବିନ୍ଦୁରୁ ଅନ୍ୟବାହୁପ୍ରତି ଅଙ୍କିତ ଲମ୍ବ ଉକ୍ତ ବାହୁକୁ କ'ଣ କରେ ?
(କ) ସମଦ୍ୱିଖଣ୍ଡ (ଖ)୧:୨ଅନୁପାତରେ ଛେଦ
(ଗ) ୨:୩ ଅନୁପାତରେ ଛେଦ (ଘ)କୌଣସି ନୁହେଁ

୮. ଦୁଇଟି ଅସମାନ୍ତର ଜ୍ୟା ର ଛେଦବିନ୍ଦୁ କ'ଣ କୁହାଯାଏ ?
(କ) ବୃତ୍ତର ଅନ୍ତଃସ୍ଥ ଏକ ବିନ୍ଦୁ (ଖ) ବୃତ୍ତର ଏକ ବହିଃସ୍ଥ ବିନ୍ଦୁ
(ଗ) ବୃତ୍ତ ଉପରିସ୍ଥ ଏକବିନ୍ଦୁ (ଘ)ବୃତ୍ତର ଅନ୍ତଃସ୍ଥ କିମ୍ବା ଉପରିସ୍ଥ ବିନ୍ଦୁ

୯. ଏକ ବୃହତ ଚାପର ଡ଼ିଗ୍ରୀ ପରିମାପ କେତେ ରୁ ବେଶୀ ?
(କ)୯୦ ଡ଼ିଗ୍ରୀ (ଖ)୦ ଡ଼ିଗ୍ରୀ
(ଗ)୧୮୦ ଡ଼ିଗ୍ରୀ (ଘ) ୧୩୫ଡ଼ିଗ୍ରୀ

୧୦. ଗୋଟିଏ ସିଲିଣ୍ଡରର ବ୍ୟାସର ଦୈର୍ଘ୍ୟ ୧୬ ସେ.ମି ଓ ଉଚ୍ଚତା୧୧ସେ.ମି. ହେଲେ ବକ୍ର ପୃଷ୍ଠତଳ କେତେ ବର୍ଗ ସେ.ମି ?
(କ)୧୦୨୪ (ଖ)୧୦୪୮
(ଗ)୧୦୫୬ (ଘ)୧୦୬୪

## (୨୦) ସାଧାରଣ ବିଜ୍ଞାନ

୧. ତମ୍ବାର ସଂକ୍ଷାରଣ ହେତୁ ତାହା ଉପରେ କେଉଁ ରଙ୍ଗର ଆସ୍ତରଣ ସୃଷ୍ଟିହୁଏ ?
(କ) ଧଳା (ଖ) କଳା
(ଗ) ନୀଳ (ଘ) ସବୁଜ

୨. ଫେରସ୍ ସଲ୍‌ଫେଟ୍ ସ୍ଫଟିକରେ କେତୋଟି ଜଳଅଣୁ ଥାଏ ?
(କ) ୫ (ଖ) ୬
(ଗ) ୭ (ଘ) ୮

୩. ବିଘଟନ ପ୍ରକ୍ରିୟାରେ କେଉଁଟି ଆବଶ୍ୟକ ନୁହେଁ ?
(କ) ବାୟୁ (ଖ) ତାପ
(ଗ) ଆଲୋକ (ଘ) ବିଦ୍ୟୁତ୍ ଶକ୍ତି

୪. ଦାନ୍ତ ଉପରେ ଥିବା କ୍ୟାଲସିୟମ୍ ଫସ୍‌ଫେଟ୍ ଏକ ___ ?
(କ) ଅମ୍ଳୀୟ (ଖ) କ୍ଷାରୀୟ
(ଗ) ପଶମିତ (ଘ)ଏମ୍ଫୋଟେରିକ୍

୫. କେଉଁଟି କ୍ୟାଲସିୟମ୍ କର୍ବୋନେଟ୍ ରୂପ ନୁହେଁ ?
(କ) ଚୁନାପଥର (ଖ) ଲୁହାପଥର
(ଗ) ଚକ୍ (ଘ) ମାର୍ବଲ୍

୬. କେଉଁ ଅକ୍ସାଇଡ୍ ଅନ୍ୟଠାରୁ ପୃଥକ୍ ?
(କ) $SO_2$ (ଖ) $SO_3$
(ଗ) $CO_2$ (ଘ) CaO

୭. କେଉଁଟି କାଗଜ ଶିଳ୍ପରେ ବ୍ୟବହାର କରାଯାଏ ?
(କ) ସୋଡ଼ିୟମ୍ କାର୍ବୋନେଟ୍
(ଖ) ସୋଡ଼ିୟମ୍ ହାଇଡ୍ରୋଜେନ୍ କାର୍ବୋନେଟ୍
(ଗ) ସୋଡ଼ିୟମ କ୍ଲୋରାଇଡ୍
(ଘ) ବେକିଂ ପାଉଡ଼ର୍

୮. ଅଗ୍ନି ନିର୍ବାପକ ଯନ୍ତ୍ରରେ କେଉଁଟି ବ୍ୟବହାର ହୁଏ ?
(କ) $NaHCO_3$ (ଖ) $Na_2SO_4$
(ଗ) $CH_3COONa$ (ଘ) $NH_4Cl$

୯. ଦହିରେ କେଉଁ ଅମ୍ଳ ରହିଛି ?
(କ)ଲାକ୍‌ଟିକ୍ ଏସିଡ୍ (ଖ) ସାଇଟ୍ରିକ୍ ଏସିଡ୍
(ଗ)ଏସିଟିକ୍ ଏସିଡ୍ (ଘ) ଅକ୍‌ଜାଲିକ୍ ଏସିଡ୍

୧୦. କଳ ପାଣିରେ ହାରାହାରି କେତେ pH ଥାଏ ?
(କ)୧୪.୦ (ଖ) ୭.୦
(ଗ) ୭.୧ (ଘ) ୭.୨

**ଉତ୍ତର**

୧.(ଗ) ୪୯୦୫, ୨.(କ) ୫୦୫୦, ୩.(ଗ) ୩/୧୦, ୪.(କ) ୩୩, ୫.(ଗ) ୧୫.୫ , ୬.(ଖ)୪:୫, ୭.(କ)ସମଦ୍ୱିଖଣ୍ଡ ,୮.(ଘ)ବୃତ୍ତର ଅନ୍ତଃସ୍ଥ କିମ୍ବା ଉପରିସ୍ଥ ବିନ୍ଦୁ, ୯.(ଗ)୧୮୦ ଡ଼ିଗ୍ରୀ, ୧୦.(ଗ)୧୦୫୬

୧.(ଘ)ସବୁଜ , ୨.(ଗ) ୭, ୩.(କ)ବାୟୁ , ୪.(ଖ)କ୍ଷାରୀୟ, ୫.(ଖ) ଲୁହାପଥର, ୬.(ଘ) CaO, ୭.(କ)ସୋଡ଼ିୟମ୍ କାର୍ବୋନେଟ୍ ,୮.(କ) $NaHCO_3$, ୯.(ଗ)ଏସିଟିକ୍ ଏସିଡ୍ ,୧୦. (ଗ)୭.୧

# ବିବିଧ ପ୍ରଶ୍ନାବଳୀ

୧. ଦିଲ୍ଲୀର ଉପରାଜ୍ୟପାଳ ରୂପେ କିଏ ନିଯୁକ୍ତି ପାଇଛନ୍ତି - ଅନିଲ୍ ବୈଜଲ୍
୨. ନୂଆ ଆର ବି ଆଇ ର ଡେ଼ପୁଟି ଗଭର୍ଣ୍ଣର ରୂପେ କିଏ ନିଯୁକ୍ତି ପାଇଛନ୍ତି - ଭିରାଲ ଆଚାର୍ଯ୍ୟ
୩. ଡ଼ିଜିଟାଲ ପେମେଣ୍ଟ ପାଇଁ ହେଲ୍ପଲାଇନ୍ ନମ୍ବର କେତେ ? - ୧୪୪୪୪
୪. ଟାଟା ମୋଟର୍ସର ବ୍ରାଣ୍ଡ ଆମ୍ବାସଡ଼ର ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଅକ୍ଷୟ କୁମାର
୫. ୨୦୨୨ ଜାତୀୟ କ୍ରୀଡ଼ା କେଉଁ ରାଜ୍ୟରେ ଅନୁଷ୍ଠିତ ହେବ ? - ମେଘାଳୟ
୬. ୨୦୧୬ ନ୍ୟାସନାଲ୍ ଚିଲ୍ଡ୍ରେନ୍ ସାଇନ୍ସ୍ କଂଗ୍ରେସ କାର୍ଯ୍ୟକ୍ରମ କେଉଁ ସହରରେ ଅନୁଷ୍ଠିତ ହେବ ? - ପୁନେ
୭. ୨୦୧୭ ଭାଇବ୍ରାଣ୍ଟ ଗୁଜୁରାଟ ଗ୍ଲୋବାଲ୍ ସମ୍ମିଟ୍ କେଉଁଠାରେ ଅନୁଷ୍ଠିତ ହେବ ? - ଗାନ୍ଧୀନଗର
୮. କେଉଁ ରାଜ୍ୟ ସରକାର ନିକଟରେ 'ଅଟଳ ଅମ୍ରିତ ଅଭିଯାନ' ଏକ ସ୍ୱାସ୍ଥ୍ୟ ବୀମା ଯୋଜନା ଆରମ୍ଭ କରିଛନ୍ତି ? - ଆସାମ
୯. ଗ୍ରାମାଞ୍ଚଳରେ ନଗଦ ବିହୀନ ନେଣଦେଣ କରିବା ପାଇଁ ଭାରତର କେଉଁ ଗ୍ରାମୀଣ ବ୍ୟାଙ୍କ 'ବ୍ୟାଙ୍କ ସାକ୍ଷୀ' ଯୋଜନା ଆରମ୍ଭ କରିଛି ? - କର୍ଣ୍ଣାଟକ ବିକାଶ ଗ୍ରାମୀଣ ବ୍ୟାଙ୍କ
୧୦.'ଚାରିଧାମ ହାଇୱେ ପ୍ରୋଜେକ୍ଟ' କେଉଁ ରାଜ୍ୟରେ ଆରମ୍ଭ କରାଯିବ ? - ଉତ୍ତରାଖଣ୍ଡ
୧୧.ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ନୂତନ ଡ଼ି.ଜି ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଲେଫ୍ଟନାଣ୍ଟ ଜେନେରାଲ ବିନୋଦ ବୈଶିଷ୍ଟ୍ୟ
୧୨.୨୦୧୮ ୱିମେନ୍ ହକି ୱର୍ଲ୍ଡ କପ୍ କେଉଁ ଦେଶରେ ଖେଳାଯିବ ? - ଇଂଲଣ୍ଡ
୧୩.୨୦୧୬ ଏସିସି ଅଣ୍ଡର -୧୯ ଏସିଆ କ୍ରିକେଟ ଟୁର୍ନାମେଣ୍ଟ କିଏ ଜିତିଛନ୍ତି ? - ଭାରତ
୧୪.'ନିୟୁଡ଼େନ୍ମାର୍କ' ରୂପେ କେଉଁ ଦ୍ୱିପପୁଞ୍ଜର ପୂର୍ବ ନାମ ଥିଲା ? - ଆଣ୍ଡାମାନ୍ ନିକୋବର୍ ଆଇଲାଣ୍ଡ
୧୫.'ବିତ୍ତିୟ ସାକ୍ଷରତା ଅଭିଯାନ' କେଉଁ କେନ୍ଦ୍ର ମନ୍ତ୍ରାଳୟ ଆରମ୍ଭ କରିଛି ? - ମାନବ ସମ୍ବଳ ବିକାଶ ବିଭାଗ
୧୬.ଦେଶର ସର୍ବବୃହିତ ସରକାରୀ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କର ଅଧକ୍ଷା ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟଙ୍କର କାର୍ଯ୍ୟକାଳ କେତେ ବର୍ଷ ବୃଦ୍ଧି କରାଯାଇଛି ? - ୧ବର୍ଷ
୧୭.ମଣିପୁରରେ ଜିଲ୍ଲାସଂଖ୍ୟା ୯ଟି ଜିଲ୍ଲାରୁ କେତୋଟିରେ ପହଞ୍ଚିଲା ? -୧୬ଟି
୧୮.ମଣିପୁରର ମୁଖ୍ୟମନ୍ତ୍ରୀଙ୍କ ନାମ କ'ଣ ? - ଇବୋବି ସିଂହ
୧୯.ଫୋର୍ବସ୍ ପକ୍ଷରୁ ବିଶ୍ୱର ୧୦ ବ୍ୟକ୍ତିଙ୍କ ମଧ୍ୟରେ ନରେନ୍ଦ୍ର ମୋଦି କେତେ ତମ ସ୍ଥାନରେ ଅଛନ୍ତି ? -ନବମ
୨୦.ଆର୍.ବି.ଆଇର କେତୋଟି ନୋଟ୍ ଛାପାଖାନା ଅଛି ? -୪ଟି (ଦେବାସ , ନାସିକ, ସାଲବୋନି , ଓ ମହୀଶୂର)
୨୧.ଭାରତୀୟ ଜୀବନବୀମାର ଅଧକ୍ଷ ରୂପେ କିଏ ନିଯୁକ୍ତି ପାଇଛନ୍ତି ? -ବିଜୟ କୁମାର ଶର୍ମା
୨୨.ସ୍ଥଳସେନାର ମୁଖ୍ୟ ରୂପେ କିଏ ନିଯୁକ୍ତି ପାଇଛନ୍ତି ? -ଲେଫ୍ଟନାଣ୍ଟ ଜେନେରାଲ୍ ବିପିନ୍ ରାୱତ୍
୨୩.ବାୟୁସେନାର ନୂଆ ମୁଖ୍ୟ କିଏ ? - ଏୟାର୍ ମାର୍ଶଲ୍ ବି. ଏସ୍ . ଧନୋଆ
୨୪.ଗୋଇନ୍ଦା ସଂସ୍ଥା (ଆଇ.ବି)ର ମୁଖ୍ୟ କିଏ ? - ରାଜୀବ୍ ଜୈନ୍
୨୫.'ଖ'(RAW) ର ମୁଖ୍ୟ କିଏ ? - ଅନିଲ୍ ଧାସମାନା
୨୬.ମୂର୍ତ୍ତିଦେବୀ ପୁରସ୍କାର କିଏ ପାଇଛନ୍ତି ? - ରାଜ୍ୟସଭା ସଂସଦ ବୀରେନ୍ଦ୍ର କୁମାର।
୨୭.ବିଶ୍ୱର ସର୍ବାଧିକ ଲୋକଙ୍କର ବସିବା ସୁବିଧା ପାଇଁ କେଉଁ କ୍ରିକେଟ୍ ଷ୍ଟାଡ଼ିୟମ୍ ପ୍ରସ୍ତୁତ ହେଉଛି ? - ସର୍ଦ୍ଦାର୍ ପଟେଲ କ୍ରିକେଟ୍ ଷ୍ଟାଡ଼ିୟମ୍, ଅହମଦାବାଦ୍
୨୮.'ଗ୍ଲୋବାଲ ଟେରରିଜିମ୍ ଇଣ୍ଡେକ୍ସ', ୨୦୧୬ ରେ ଭାରତର ସ୍ଥାନ କେତେ ? - ୭ମ (୧୬୩ ରାଷ୍ଟ୍ର ମଧ୍ୟରେ)
୨୯.ଡ଼ିଜିଟାଲ୍ ପେମେଣ୍ଟ ପାଇଁ ଗଠିତ କେଉଁ କମିଟି ତା'ର ଏବେ ରିପୋର୍ଟ ଉପସ୍ଥାପନ କରିଅଛି ? - ରତନ୍ ୱାଟାଲ୍ କମିଟି
୩୦.'୧୦୦ ମିଲିୟନ୍ ଫର ୧୦୦ ମିଲିୟନ୍' କ୍ୟାମ୍ପେନ କିଏ ଆରମ୍ଭ କରିଛନ୍ତି ? - ପ୍ରଣବ ମୁଖାର୍ଜୀ
୩୧.କେଉଁ ମୁଖ୍ୟମନ୍ତ୍ରୀ 'ନର୍ମଦା ସେବାଯାତ୍ରା'ର ଶୁଭାରମ୍ଭ କରିଛନ୍ତି ? -ଶିରୋଜ୍ ସିଂହ ଚୌହାନ୍
୩୨.ଇଟାଲୀର ନୂତନ ପ୍ରଧାନମନ୍ତ୍ରୀଙ୍କର ନାମ କ'ଣ ? - ପାଓଲ ଜେନ୍ଟିଲୋନୀ
୩୩.ଭାରତ ଏବଂ ଚୀନ୍ ମଧ୍ୟରେ ପ୍ରଥମ 'ଥିଙ୍କ୍ ଟ୍ୟାଙ୍କ୍ ଫୋରମ୍' କେଉଁ ସହରରେ ଅନୁଷ୍ଠିତ ହୋଇଯାଇଛି ? - ନୂଆଦିଲ୍ଲୀ
୩୪.କେଉଁ ରାଜ୍ୟ ପ୍ରଥମକରି ମହିଳା ପୋଲିସ୍ ଭଲେଣ୍ଟିଅର୍ ଯୋଜନା ଆରମ୍ଭ କରିଛି ? - ହରିୟାନା
୩୫.ଭାରତର ପ୍ରଥମ ଟ୍ରାନ୍ସ୍ ଜେଣ୍ଡର ସ୍କୁଲ କେଉଁ ସହରରେ ଆରମ୍ଭ ହେବାକୁ ଯାଉଛି ? - କୋଚି
୩୬.କେଉଁ ସରକାର 'ଅର୍ଣ୍ଣପୂର୍ଣ୍ଣା ରୋଷେଇ' ଯୋଜନା ଅନୁନ୍ନତ ଲୋକଙ୍କ ପାଇଁ ଆରମ୍ଭ କରିଛନ୍ତି ? -ରାଜସ୍ଥାନ
୩୭.'ସ୍ୱାସ୍ଥ୍ୟ ରକ୍ଷା କାର୍ଯ୍ୟକ୍ରମ' କେନ୍ଦ୍ର ସରକାରଙ୍କର କେଉଁ ମନ୍ତ୍ରାଣାଳୟ ଆରମ୍ଭ କରିଛି ? -'ଆୟୁଷ ମନ୍ତ୍ରାଳୟ'
୩୮.କେଉଁ କମ୍ପାନୀ ସହଯୋଗରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ 'ଷ୍ଟେଟ୍ ବ୍ୟାଙ୍କ୍ ମୋବି କ୍ୟାସ୍' ମୋବାଇଲ୍ ୱାଲେଟ୍ ଆରମ୍ଭ କରିଛି ? -ବିଏସଏନଏଲ୍
୩୯.ଭାରତରେ ପୁଲିସ୍ ହାଜତରେ ପ୍ରତିବର୍ଷ ହାରାହାରି କେତେଲୋକ ମରୁଛନ୍ତି ? -୬୦୦ ଜଣ
୪୦.୨୦୧୬ ଗ୍ଲୋବାଲ୍ ଉଇଣ୍ଡ୍ ପାୱାର ଇନ୍ଷ୍ଟାଲେସନ୍ କାପାସିଟି ଇଣ୍ଡେକ୍ସରେ ଭାରତର ସ୍ଥାନ କେତେ ? -୪ର୍ଥ
୪୧.ତାମିଲନାଡୁର ନୂଆ ଚିଫ୍ ସେକ୍ରେଟାରୀଙ୍କ ନାମ କ'ଣ ? - ଗିରିଜା ବୈଦ୍ୟନାଥନ୍
୪୨.୨୦୧୬ ଜ୍ଞାନପୀଠ ପୁରସ୍କାର ପାଇବା ପାଇଁ କିଏ ମନୋନୀତ ହୋଇଛନ୍ତି ? - ବଙ୍ଗଳା କବି ଶଙ୍ଖ ଘୋଷ
୪୩.ଭାରତର ଉଚ୍ଚତମ ନ୍ୟାୟାଳୟର ମୁଖ୍ୟବିଚାରପତିଙ୍କ ନାମ କ'ଣ ? - ଜଗଦୀଶ ସିଂହ ଖୋହେର
୪୪.୨୦୧୬ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଓଡ଼ିଆ ଭାଷାରେ ପାରମିତା ଶତପଥିଙ୍କୁ ତାଙ୍କର କେଉଁ ଲେଖାପାଇଁ ପୁରସ୍କାର ଦିଆଯାଇଛି ? - ଗଳ୍ପ ସଂକଳନ 'ପ୍ରାପ୍ତି'
୪୫.ନ୍ୟାସନାଲ୍ ଏଲ୍ଜିବିଲିଟି କମ୍ ଏଣ୍ଟ୍ରାସ୍ ଟେଷ୍ଟ୍ (ନିଟ୍) କେତୋଟି ଭାଷାରେ ପରୀକ୍ଷା କରାଯିବ ?
- ୮ଟି (ହିନ୍ଦୀ, ଇଂରାଜୀ, ବଙ୍ଗଳା, ଗୁଜୁରାଟୀ, ଅହମିୟା, ମରାଠୀ, ତାମିଲ୍, ତେଲୁଗୁ)

# ଖୋରଧା ଜିଲ୍ଲା




୧. ଜିଲ୍ଲାର ନାମ - ଖୋରଧା
୨. କ୍ଷେତ୍ରଫଳ - ୨୮୧୩ ବର୍ଗ.କି.ମି
୩. ଜନସଂଖ୍ୟା - ୨୨୪୬୩୪୧
(କ) ପୁରୁଷ - ୧୧୬୬୯୪୯
(ଖ) ସ୍ତ୍ରୀ - ୧୦୭୯୩୯୨
୪. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୯୨୫
୫. ସାକ୍ଷରତା ହାର - ୮୭.୫୧%
୬. ଉପଖଣ୍ଡ - ୦୩
୭. ତହସିଲ - ୧୦
୮. ବ୍ଲକ୍ - ୧୦
୯. ନିଗମ - ୦୧
୧୦. ମ୍ୟୁନିସିପାଲିଟି - ୦୨
୧୧. ଏନ.ଏ.ସି. - ୦୨
୧୨. ଗ୍ରାମ ପଞ୍ଚାୟତ - ୧୬୮
୧୩. ଗ୍ରାମ - ୧୫୩୪
୧୪. ଥାନା - ୩୨
୧୫. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୦୨ ଓ.ଡି.- ୩୩
୧୬. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୮
୧୧୧-ଜୟଦେବ୍,୧୧୨-ଭୁବନେଶ୍ୱର ମଧ,୧୧୩-ଭୁବନେଶ୍ୱର ଉତ୍ତର,୧୧୪- ଏକାମ୍ର ଭୁବନେଶ୍ୱର ,୧୧୫-ଜଟଣୀ,୧୧୬-ବେଗୁନିଆ,୧୧୭-ଖୋରଧା,୧୧୮-ଚିଲିକା
୧୭. ସାଧାରଣ ବୃଷ୍ଟିପାତ - ୧୪୦୮.୪ ମି.ମି.
୧୮. ପର୍ଯ୍ୟଟନ ସ୍ଥଳୀ - ଅତ୍ରି, ବାଣପୁର, ବରୁଣେଇ, ଭୁବନେଶ୍ୱର, ଭୁଷଣ୍ଡପୁର, ଚିଲିକା, ଧଉଳି, ଗଡ଼ମାଣତ୍ରୀ, ହୀରାପୁର, ଜୟଦେବ କେନ୍ଦୁଲି, ଖଣ୍ଡଗିରି, ଉଦୟଗିରି, କୋଷଲାଶୁଣୀ ଠାକୁରାଣୀ ପୀଠ, ନନ୍ଦନ କାନନ, ରାମେଶ୍ୱର,ସାଲିଆ ଡ୍ୟାମ

## ପର୍ବପର୍ବାଣୀ

### ଜାନୁଆରୀ,୨୦୧୭

ତା୧. ଇଂରାଜୀ ନବବର୍ଷ ୨୦୧୭ ଆରମ୍ଭ
ତା୪. ବରଗଡରେ ଧନୁଯାତ୍ରା
ତା୮. ଶାମ୍ବ ଦଶମୀ, ସୂର୍ଯ୍ୟପୂଜା ସର୍ବସମ୍ମତ ପତ୍ରଦା ଏକାଦଶୀ।
ତା୯. ବୈଷ୍ଣବସମ୍ମତ ଏକାଦଶୀ ଉପବାସ।
ତା୧୧. ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପୂର୍ଣ୍ଣିମାର ଚନ୍ଦ୍ରୋପବାସ
ତା ୧୨. ଦେବାଭିଷେକ ପୂର୍ଣ୍ଣିମା, ତୀର୍ଥରାଜ ମହୋଦଧିଙ୍କ ଆରତୀ, ପୁଷପୂନେଇ, ଛେର୍ଚ୍ଛେରା ପର୍ବ ।
ତା ୧୩. ମାଘବ୍ରତାରମ୍ଭ, ମାସାନ୍ତ
ତା୧୪. ମକର ସଂକ୍ରାନ୍ତି, ପୋଙ୍ଗଲ,
ତା୧୫. ସଙ୍କଟ ଚତୁର୍ଥୀ ବ୍ରତ।
ତା୨୭. ତ୍ରିବେଣୀଅମାବାସ୍ୟା, ଶ୍ରୀବିରଜାଦେବୀଙ୍କ ଜନ୍ମୋତ୍ସବ,
ତା୨୮. ଶ୍ରୀ ଜଗନ୍ନାଥଙ୍କ ପଦ୍ମମୁଖ ବେଶ, ପାତାଳୀ ମହୋତ୍ସବ ଆରମ୍ଭ।

### ଫେବ୍ରୁଆରୀ,୨୦୧୭

ତା୧. ଶ୍ରୀ ପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀ ମନ୍ଦିରରେ ବସନ୍ତୋତ୍ସବ ଓ ସ୍ୱାମୀ ଭାରତୀ କୃଷ୍ଣଙ୍କ ବ୍ରହ୍ମ ଲୀନ ଦିବସ
ତା୩. ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ତୀର୍ଥେ ସ୍ନାନ
ତା୪. ଭୀଷ୍ମାଷ୍ଟମୀ
ତା୭. ଭୈମୀ ଏକାଦଶୀ ଓ ବରାହ ଦ୍ୱାଦଶୀ ଓ ହଳ ନିଷେଧ
ତା୯. ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ, ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା
ତା୧୦. ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ଓ ଯୋଉରନ୍ଦା ମେଳା, ଚନ୍ଦ୍ରପୂଜା
ତା୧୧. ମାସାନ୍ତ
ତା୧୨. କୁମ୍ଭ ସଂକ୍ରାନ୍ତି ଓ ହଳ ନିଷେଧ
ତା୨୨. ପଙ୍କୋଦ୍ଧାର ଏକାଦଶୀ, ଉପବାସ, ବ୍ରତ ଓ ହଳ ନିଷେଧ
ତା୨୩. ଶରଣ ଆରମ୍ଭ
ତା୨୪. ଶିବରାତ୍ରି (ଜାଗର), ଶିବ ଚତୁର୍ଦ୍ଦଶୀ ଉପବାସ, ବ୍ରତ ଓ ବେଢ଼ା ପରିକ୍ରମା
ତା୨୬. ଅମାବାସ୍ୟା, ସୂର୍ଯ୍ୟମହତୀ ସ୍ନାନ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି
ତା୨୭. ଶରଣ ଶେଷ
ତା୨୮. ଚନ୍ଦ୍ରଦର୍ଶନ, ଉପବାସ ଓ ପୂଜା

## ବିଭିନ୍ନ ଦିବସ ପାଳନ

### ଜାନୁଆରୀ,୨୦୧୭

ତା ୧ - ବିଶ୍ୱ ପରିବାର ଦିବସ,ବିଶ୍ୱ ଶାନ୍ତି ଦିବସ,
ତା ୨ - ପଠାଣି ସାମନ୍ତଙ୍କ ଜୟନ୍ତୀ
ତା ୩ - ନିରବତା ଦିବସ
ତା ୯ - ପ୍ରବାସୀ ଭାରତୀୟ ଦିବସ
ତା ୧୦ - ବିଶ୍ୱ ହସ ଦିବସ
ତା ୧୨ - ବିବେକାନନ୍ଦ ଜୟନ୍ତୀ, ଜାତୀୟ ଯୁବ ଦିବସ
ତା୧୪ - ବ୍ୟାସକବି ଫକୀରମୋହନ ଜୟନ୍ତୀ।
ତା ୧୫ - ଆର୍ମି ଦିବସ
ତା ୨୩ - ନେତାଜୀ ସୁଭାଷ ଚନ୍ଦ୍ର ଜୟନ୍ତୀ
ତା ୨୫ - ଜାତୀୟ ଭୋଟର ଦିବସ, ପର୍ଯ୍ୟଟନ ଦିବସ
ତା ୨୬ - ସାଧାରଣତନ୍ତ୍ର ଦିବସ
ତା୨୭ - ଅଭିରାମ ପରମହଂସ ଜୟନ୍ତୀ।
ତା୨୮ - ଲାଲା ଲାଜପତ୍ ରାୟ ଜୟନ୍ତୀ
ତା ୩୦ - ସହିଦ ଦିବସ, ମହାତ୍ମାଗାନ୍ଧୀ ତିରୋଧାନ ଦିବସ।

### ଫେବ୍ରୁଆରୀ,୨୦୧୭

ତା ୦୨ - ବିଶ୍ୱ ଆର୍ଦ୍ରତା ଦିବସ,
ତା ୦୪ - ବିଶ୍ୱ କ୍ୟାନସର ଦିବସ,
ତା ୧୩ - ବିଶ୍ୱ ରେଡ଼ିଓ ଦିବସ, ସରୋଜିନୀ ନାଇଡୁ ଜନ୍ମ ଦିବସ
ତା ୧୪ - ଭାଲେଣ୍ଟାଇନ୍ ଦିବସ,
ତା ୨୦ - ବିଶ୍ୱ ସାମାଜିକ ନ୍ୟାୟ ଦିବସ,
ତା ୨୧ - ଆନ୍ତର୍ଜାତିକ ମାତୃଭାଷା ଦିବସ,
ତା ୨୨ - ଆନ୍ତର୍ଜାତିକ ସ୍କାଉଟ ଦିବସ,
ତା ୨୪ - ସେଣ୍ଟ୍ରାଲ ଏକସାଇଜ୍ ଦିବସ,
ତା ୨୮ - ଜାତୀୟ ବିଜ୍ଞାନ ଦିବସ,

# ଚିତ୍ରରେ ଆମ କଥା




ପାର୍ଥସାରଥୀ ସାହୁ, ବସନ୍ତ ପ୍ରତିଶୀଳ ସ୍କୁଲ, ଖୋରଧା



ଗରିମା ମୁଦୁଲି, ବିଣାପାଣି ଶିଶୁ ବିଦ୍ୟାମନ୍ଦିର, ଖୋରଧା




ପ୍ରିୟଶ୍ରୀ ପ୍ରିୟଦର୍ଶିନୀ ସାହୁ, ଡିଏଭି ପବ୍ଲିକ ସ୍କୁଲ, ଖୋରଧା



ସୋମନା ପ୍ରିୟଦର୍ଶିନୀ ବେହେରା, ବିଣାପାଣି ଶିଶୁ ବିଦ୍ୟାମନ୍ଦିର, ଖୋରଧା

ଚିତ୍ରରେ ଆମ କଥା ପାଇଁ : ଯୋଗାଯୋଗ : ବିଷ୍ଣୁପ୍ରସାଦ ହରିଚନ୍ଦନ, ମୋ : ୭୦୭୭୯୮୩୮୪୦



Postal Regd. No. : PRI-33/2016-18
Volume-7 ★ Issue No-07★ Monthly ★ Jan-2017 ★ RNI Regn. No. 107608/2010★Pages-52

# ମୂଲ୍ୟବୋଧ ଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ



ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଇଟଣୀ



ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖୋରଧା

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post- P.N. College, Dist-Khurda, Printed at: NISWASS-CEDEC Press, Chandrasekharpur,BBSR-23, Published From - "AMARISATYA", M-1/5, Mukunda Prasad Housing Board Colony, Post- P.N. College, Dist-Khurda, Pin-752057
Editor : Dr Prasanna Kumar Jena
Founder : Dr. Pramod Chandra Dash